ଧରିତ୍ରୀ
DHARITRI
ରବିବାର, ମେ ୨୪/୨୦୨୦ (୧୯ ପୃଷ୍ଠା) | Sunday, May 24/2020
୪୬ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ଧୈର୍ଯ୍ୟହରା ନ ହେବାକୁ ନୁସ୍‌ରତଙ୍କ ପରାମର୍ଶ

କରୋନା ମହାମାରୀ ସହ ବାତ୍ୟା ଅମ୍ଫାନ୍ ପଶ୍ଚିମବଙ୍ଗର ମେରୁଦଣ୍ଡ ଭାଙ୍ଗିଦେଇଥିବା ବେଳେ ଟିଏମ୍‌ସି ଏମ୍‌ପି ତଥା ବଙ୍ଗଳା ଫିଲ୍ମ ନାୟିକା ନୁସ୍‌ରତ ଜାହାନ ଲୋକଙ୍କୁ ଧୈର୍ଯ୍ୟ ନ ହରାଇବାକୁ ପରାମର୍ଶ ଦେଇଛନ୍ତି। ୧୦

୧୯

## ଓସାକା ସବୁଠାରୁ ବେଶି ଆୟକାରୀ ମହିଳା ଆଥଲେଟ୍

ଜାପାନର ମହିଳା ଟେନିସ ତାରକା ନାଓମି ଓସାକା ବିଶ୍ୱର ସବୁଠାରୁ ଅଧିକ ଆୟକାରୀ ମହିଳା ଆଥଲେଟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।



# କରୋନା ଯୋଗୁ ନିୟମିତ ଟିକାକରଣ ବାଧାପ୍ରାପ୍ତ | ବିପଦରେ ୮ କୋଟି ପିଲା

- ୨୭ ଦେଶରେ ମିଳିମିଳା ନିରୋଧୀ ଅଭିଯାନ ସ୍ଥଗିତ
- ୩୮ ଦେଶରେ ବନ୍ଦ ହୋଇଯାଇଛି ପୋଲିଓ ନିରାକରଣ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୩।୫**

ମହାମାରୀ କରୋନା ଯୋଗୁ ବିଶ୍ୱରେ ଜୀବନ ରକ୍ଷାକାରୀ ପ୍ରତିଷେଧକ ସେବା ବା ଟିକାକରଣ ବ୍ୟାହତ ହୋଇଛି। ଫଳରେ ଏକ ବର୍ଷରୁ କମ୍ ପ୍ରାୟ ୮ କୋଟି ପିଲାଙ୍କୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଟିକାକରଣରେ ପ୍ରତିବନ୍ଧକ ଯୋଗୁ ଉଭୟ ଧନୀ ଏବଂ ଗରିବ ଦେଶର ଲକ୍ଷ ଲକ୍ଷ ପିଲା ମାରାତ୍ମକ କଣ୍ଠରୋଗ (ଡିପ୍‌ଥେରିଆ), ମିଳିମିଳା ଏବଂ ପୋଲିଓ ଭଳି ରୋଗରେ ପୀଡ଼ିତ ହୋଇପାରନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ), ୟୁନିସେଫ୍, ଗୋବାଲ ଆଲାଏନ୍ସ ଫର୍ ଭ୍ୟାକ୍ସିନ୍ସ ଆଣ୍ଡ ଇମ୍ୟୁନାଇଜେଶନ (ଗାଭି) ଏବଂ ସାବିନ ଭ୍ୟାକ୍ସିନ ଇନଷ୍ଟିଚ୍ୟୁଟ୍ ଦ୍ୱାରା ସଂଗୃହୀତ ତଥ୍ୟରେ ଏଭଳି ଚେତାବନୀ ଦିଆଯାଇଛି।

ମହାମାରୀ କରୋନା ଯୋଗୁ ପ୍ରତିଷେଧକ କାର୍ଯ୍ୟକ୍ରମ ବ୍ୟାହତ ହେବା ଫଳରେ ମିଳିମିଳା ଭଳି ଟିକା ନିବାରକ ରୋଗଗୁଡ଼ିକ ବିରୋଧରେ କିଛି ଦଶନ୍ଧି ଧରି ମିଳୁଥିବା ସଫଳତା ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଡ. ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି। ସେବା ବ୍ୟାହତ ହେବାର ବିଭିନ୍ନ କାରଣ ରହିଛି। ଯାତାୟାତରେ କଟକଣା, ସୂଚନା ଅଭାବ କିମ୍ବା କରୋନା ସଂକ୍ରମଣ ଭୟରେ ବହୁ ଅଭିଭାବକ ଘର ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହାସହିତ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଅନ୍ୟତମ କାରଣ। ଯାତ୍ରା କଟକଣା, କରୋନା ଚିକିତ୍ସାରେ ନିୟୋଜନ ଏବଂ ସୁରକ୍ଷା ଉପକରଣର ଅଭାବ ଯୋଗୁ ସ୍ୱାସ୍ଥ୍ୟକର୍ମୀ ଉପଲବ୍ଧ ହୋଇପାରୁନାହାନ୍ତି।

କରୋନା ମହାମାରୀର ପ୍ରାରମ୍ଭିକ ପର୍ଯ୍ୟାୟରେ ଶାରୀରିକ ଦୂରତ୍ୱ ବଜାୟ ରଖିବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଏବଂ ସଂକ୍ରମଣ ଭୟ ଥିବାରୁ ଅନେକ ଦେଶ ସାମୟିକ ଭାବେ କଲେରା, ମିଳିମିଳା, ମେନିଞ୍ଜାଇଟିସ୍, ପୋଲିଓ, ଧନୁଷ୍ଟଙ୍କାର, ଟାଇଫଏଡ ଏବଂ ୟେଲୋ ଫିଭର ଭଳି ରୋଗ ବିରୋଧରେ ଗଣ ଟିକାକରଣ ଅଭିଯାନକୁ ସ୍ଥଗିତ ରଖିଛନ୍ତି। ବିଶେଷକରି ମିଳିମିଳା ଏବଂ ପୋଲିଓ ଟିକାକରଣ ଅଭିଯାନ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ୨୭ ଦେଶରେ ମିଳିମିଳା ନିରୋଧୀ ଅଭିଯାନ ଏବଂ ୩୮ ଦେଶରେ ପୋଲିଓ ନିରାକରଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଫଳରେ 'ଗାଭି' ସମର୍ଥିତ ଗରିବ ଦେଶଗୁଡ଼ିକରେ ଅତିକମ୍‌ରେ ୨ କୋଟି ୪୦ ଲକ୍ଷ ଶିଶୁ ଓ ଲୋକ ପୋଲିଓ, ମିଳିମିଳା, ଟାଇଫଏଡ, ୟେଲୋ ଫିଭର, କଲେରା, ରୋଟାଭାଇରସ୍, ଏଚ୍‌ପିଭି, ମେନିଞ୍ଜାଇଟିସ୍ ଏବଂ ରୁବେଲା ବିରୋଧରେ ଟିକାକରଣରୁ ବଞ୍ଚିତ ହେବା ଆଶଙ୍କା ରହିଛି। ☞ପୃଷ୍ଠା-୪



# ସହମତିରେ ସମ୍ପର୍କ ବଳାତ୍କାର ନୁହେଁ

**କଟକ ଅଫିସ,୨୩।୫**

ବିବାହ ପ୍ରଲୋଭନ ଦେଖାଇ ସହମତିରେ ଶାରୀରିକ ସମ୍ପର୍କ ରଖିବା ବଳାତ୍କାର ନୁହେଁ। ଏକ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଶନିବାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅଞ୍ଚଳରୁ ଆସିଥିବା ଏହି ମାମଲାର ଶୁଣାଣି ବେଳେ ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ନିଜ ରାୟରେ କହିଛନ୍ତି ଯେ, ବଳାତ୍କାର ପାଇଁ

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**



ଆଇପିସିର ଦଫା ୩୭୬ରେ ଯେଉଁ ସବୁ ଦଣ୍ଡ ବ୍ୟବସ୍ଥା ରହିଛି, ସେଗୁଡ଼ିକ ଏଭଳି ମାମଲାରେ ଲାଗୁ ହେବନାହିଁ। ଏଥିସହ ଉପରୋକ୍ତ ମାମଲାରେ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେବା ପାଇଁ ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲା ଅନୁଯାୟୀ, ପଟ୍ଟାଙ୍ଗୀ ଥାନା ଅଞ୍ଚଳର ୧୯ ବର୍ଷୀୟା ଯୁବତୀଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ୪ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବକ ଜଣକ ବିବାହ ପାଇଁ ମନା କରିବାରୁ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଏତଲା କ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏନେଇ ଆଇପିସି ୪୯୩, ୩୧୩, ୩୭୬ ଓ ଏସ୍‌ସି ଏସ୍‌ଟି ଆକ୍ଟର ଧାରା ୩(୨)(ଭି) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଗତ ଡିସେମ୍ବର ୧୧ରେ ଏହି ମାମଲାରେ ତାଙ୍କ ଜାମିନ ଆବେଦନକୁ କୋରାପୁଟ ଦୌରାଜଜ୍ ଖାରଜ କରିଦେଇଥିଲେ। ଉକ୍ତ ଆଦେଶକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପକ୍ଷରୁ ଆଇନଜୀବୀ ଡି.ପି. ଧଳ ଦର୍ଶାଇଥିଲେ ଯେ ଅଭିଯୋଗକାରିଣୀ ଜଣେ ସାବାଳିକା। ଅଭିଯୁକ୍ତ ତାଙ୍କ ସହମତିରେ ଶାରୀରିକ ସମ୍ପର୍କ ରଖିଥିଲେ। ଆଇପିସିର ଦଫା ୩୭୬ ଅନୁଯାୟୀ ଏହା ବଳାତ୍କାର ନୁହେଁ। ମିଥ୍ୟା ବଳାତ୍କାର ଅଭିଯୋଗ ଆଣି କାହାକୁ ଦଣ୍ଡ ଦିଆଯାଇ ପାରିବନାହିଁ। ଗର୍ଭପାତ ହୋଇଥିବା ନେଇ ପୀଡ଼ିତା ଯେଉଁ ଅଭିଯୋଗ କରିଛନ୍ତି, ସେଥିରେ ମଧ୍ୟ ସତ୍ୟତା ନାହିଁ। ତେଣୁ ଅଭିଯୁକ୍ତଙ୍କୁ ଜାମିନ ଦେବା ପାଇଁ ସେ ଯୁକ୍ତି ରଖିଥିଲେ। ସରକାରଙ୍କ ପକ୍ଷରୁ ଆଡିସନାଲ୍ ଷ୍ଟାଣ୍ଡିଂ କାଉନସେଲ ସଂଗ୍ରାମ କେଶରୀ ମିଶ୍ର ଯୁକ୍ତି ବାଢ଼ିଥିଲେ ଯେ, ସେମାନେ ଦୀର୍ଘ ଦିନ ହେଲା ଶାରୀରିକ ସମ୍ପର୍କରେ ରହିଥିଲେ। ପୀଡ଼ିତାଙ୍କୁ ଦୁଇଥର ☞ପୃଷ୍ଠା-୪

# ଲକ୍ଷେ ହେକ୍ଟର ଜମି ଫସଲ ନଷ୍ଟ

**କେନ୍ଦ୍ରକୁ ପ୍ରାଥମିକ ରିପୋର୍ଟ ଦେଲେ ରାଜ୍ୟ ସରକାର**

- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷତି
- ୫୦୦ ଘର ସମ୍ପୂର୍ଣ୍ଣ, ୧୫ ହଜାର ଆଂଶିକ କ୍ଷତିଗ୍ରସ୍ତ
- ୪୪.୪୪ ଲକ୍ଷ ଲୋକ ପ୍ରଭାବିତ
- ୬୪୬ ଅଙ୍ଗନୱାଡ଼ି କେନ୍ଦ୍ର, ୧୫୫୨ ପ୍ରାଥମିକ ସ୍କୁଲ କୋଠା ଧ୍ୱସ୍ତ
- ୪ ହଜାର ବୃକ୍ଷ ଭୂଲୁଣ୍ଠିତ



**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଅମ୍ଫାନ୍ ମାଡ଼ରେ ରାଜ୍ୟର ଉପକୂଳବର୍ତ୍ତୀ ୧୦ଟି ଜିଲା ଦୋହଲି ଯାଇଛି। ସେହି ଜିଲାଗୁଡିକ ହେଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଏବଂ ପୁରୀ। ସେଥିରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ଏହି ସବୁ ଜିଲାରେ ୧ ଲକ୍ଷ ହେକ୍ଟର ଜମିରେ ଫସଲ ବରବାଦ ହୋଇଯାଇଛି। ବାତ୍ୟା ମାଡ଼ରେ ୫୦୦ ଘର ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୧୫ ହଜାର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଜିଲାପାଳମାନଙ୍କଠାରୁ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଏହି ପ୍ରାଥମିକ ରିପୋର୍ଟକୁ ଶନିବାର ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୨୬ ତାରିଖରେ ଚୂଡ଼ାନ୍ତ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।

ରିପୋର୍ଟରେ କୁହାଯାଇଛି ଯେ ୧୦ଟି ଜିଲାର ୧୨ଟି ବ୍ଲକ, ୧୫୫୮ଟି ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ଟି ପୌରାଞ୍ଚଳର ୨୭୨ଟି ୱାର୍ଡର ୪୪,୪୪,୮୯୬ ଲୋକ ପ୍ରଭାବିତ ହୋଇଛନ୍ତି । ଏଥିସହିତ ୮,୭୨,୦୪୯ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଛି। ବାତ୍ୟା ମାଡ଼ରେ ୨୮ ବଡ଼ ଗୃହପାଳିତ ପ୍ରାଣୀ, ୯ ଛୋଟ ପ୍ରାଣୀ ଏବଂ ୩୬୮୦ କୁକୁଡ଼ା ମରିଛନ୍ତି । ପ୍ରାଥମିକ ରିପୋର୍ଟ ଅନୁଯାୟୀ ୧୪ଟି ଡଙ୍ଗା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୪୧ଟି ଆଂଶିକ କ୍ଷତି ଏବଂ ୪୧ଟି ଜାଲ ନଷ୍ଟ ହୋଇଛି। ବାତ୍ୟା ଯୋଗୁ କଟକ ଓ ବାଲେଶ୍ୱର ଡିଭିଜନର ୪ ହଜାର ଗଛ ଉପୁଡି ଯାଇଥିବା ବେଳେ ଅସ୍ତରଙ୍ଗରେ ୩ ହଜାର କାଜୁଗଛ ଉପୁଡି ଯାଇଛି। ବାତ୍ୟା ପ୍ରଭାବରେ ୧୫୧.୦୫ କି.ମି. ରାସ୍ତା ଓ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪୨ଟି ପୋଲ କ୍ଷତିଗ୍ରସ୍ତ ହୋଇଛି। ୬୪୬ଟି ଅଙ୍ଗନୱାଡି କେନ୍ଦ୍ର, ୧୫୫୨ପ୍ରାଥମିକ ସ୍କୁଲ କୋଠା ଏବଂ ୨୧୮ ପଞ୍ଚାୟତ କୋଠା ଏବଂ କମ୍ୟୁନିଟି ହଲ୍ ନଷ୍ଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିପରି ବାତ୍ୟା ଯୋଗୁ ୩୪ କି.ମି. ୩୩ କେ.ଭି., ୪୫୩ କି.ମି. ୧୧ କେ.ଭି. ଲାଇନ, ୬୮୦ କି.ମି. ଏଲ୍‌ଟି ଲାଇନ ଏବଂ ୨୪୩୯ଟି ଟ୍ରାନ୍ସଫର୍ମର ନଷ୍ଟ ହୋଇଛି। ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ☞ପୃଷ୍ଠା-୪

## ୨୪ ଘଣ୍ଟାରେ ମିଳିଲା ୫୦୦ କୋଟି

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଅମ୍ଫାନ୍ କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ଶନିବାର ଆଗୁଆ ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ଘୋଷଣା କରିବାର ୨୪ ଘଣ୍ଟା ମଧ୍ୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଏମ୍‌ଏଫ୍)ରୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି। ମେ ୨୦ ତାରିଖରେ ବାତ୍ୟା ଅମ୍ଫାନ୍ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଥିଲା। ଏହାର ପ୍ରଭାବରେ ରାଜ୍ୟର ୪ଟି ଉପକୂଳ ଜିଲାରେ ଅଧିକ କ୍ଷୟକ୍ଷତି ହୋଇଥିବା ବେଳେ ମୋଟ ୧୦ଟି ଜିଲା ପ୍ରଭାବିତ ହୋଇଛି। ପ୍ରଧାନମନ୍ତ୍ରୀ ଶୁକ୍ରବାର ବାତ୍ୟା ପ୍ରଭାବିତ ଅଞ୍ଚଳ ଆକାଶ ମାର୍ଗରୁ ପରିଦର୍ଶନ କରିଥିଲେ। ବାତ୍ୟା କ୍ଷତିଗ୍ରସ୍ତଙ୍କ ପୁନରୁଦ୍ଧାର ଓ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କାର ଅଗ୍ରିମ ସହାୟତା ଦେବାକୁ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଘୋଷଣା କରିବାର ୨୪ ଘଣ୍ଟା ମଧ୍ୟରେ ଆଗୁଆ ସହାୟତା ଓଡ଼ିଶାକୁ ମିଳିଯାଇଛି। ଅଗ୍ରିମ ସହାୟତା ରାଶି ଆସିଥିବାରୁ ଏସ୍‌ଆର୍‌ସି ପ୍ରଧାନମନ୍ତ୍ରୀ, ତାଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି।

## ୟୁରୋପୀୟ ସଂଘର ୫ ଲକ୍ଷ ୟୁରୋ ସହାୟତା

**ନୂଆଦିଲ୍ଲୀ,୨୩।୫**

ବାତ୍ୟା ପ୍ରଭାବିତ ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କ ପୁନର୍ବାସ ଏବଂ ଥଇଥାନ ଲାଗି ୟୁରୋପୀୟ ସଂଘ(ଇୟୁ) ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫ ଲକ୍ଷ ୟୁରୋ ସହାୟତା ଘୋଷଣା କରାଯାଇଛି। ୟୁରୋପିଆନ ୟୁନିୟନ କମିଶନ ଫର୍ କ୍ରାଇସିସ୍ ମ୍ୟାନେଜମେଣ୍ଟ ଏଭଳି ସହାୟତା ଦେବାକୁ ଆଗେଇ ଆସିଛି। ୟୁରୋପିଆନ ୟୁନିୟନ କମିଶନର ଫର୍ କ୍ରାଇସିସ୍ ମ୍ୟାନେଜମେଣ୍ଟ ଜେ.ଲେନାରକିକ୍ କହିଛନ୍ତି ଯେ, କ୍ଷୟକ୍ଷତି ପରିମାଣ ବହୁ ଅଧିକ ରହିଥିବାରୁ ତ୍ୱରିତ ଭିତ୍ତିରେ ଲୋକଙ୍କ ସହାୟତା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ସେହିଭଳି ବାଂଲାଦେଶ ପାଇଁ ୧ ଲକ୍ଷ ୟୁରୋ ରାଶି ସହାୟତା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।

ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ




www.dharitriepaper.in
www.dharitri.com

**ଆଜିର ସମ୍ପାଦକୀୟ**

କେରଳ ରୋଲ ମଡେଲ

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କୁ କର୍ତ୍ତବ୍ୟ ପାଳନ ପାଇଁ ଆର୍‌ବିଆଇ ସ୍ପଷ୍ଟଭାବେ କହିବା ଜରୁରୀ।
-ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ

# ଆଖିରେ ପଟିବାନ୍ଧି ଚୁପ୍ ରହିପାରିବେନି ବିଚାରପତି



ଏହା ଜରୁରିକାଳୀନ ପରିସ୍ଥିତି ନୁହେଁ। ମୌଳିକ ଅଧିକାର ବାତିଲ କରାଯାଇନାହିଁ। ତଥାପି ନ୍ୟାୟପାଳିକା ନାଗରିକଙ୍କ ମୌଳିକ ଅଧିକାର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ବନ୍ଦ କରିଦେଇଛି: ଦୁଷ୍ୟନ୍ତ ଡାଭେ

**ପ୍ରବାସୀ ଶ୍ରମିକ ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ଉପରେ ବର୍ଷିଲେ ବରିଷ୍ଠ ଆଇନଜୀବୀ**

**ନୂଆଦିଲ୍ଲୀ,୨୩।୫**

ଭାରତ କୋଭିଡ୍-୧୯ର ଶିକାର ହୋଇଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ନେଇ ନିଜର ସାମ୍ବିଧାନିକ ଅଧିକାର ପାଳନ କରିବାରେ ବିଫଳ ହୋଇଛନ୍ତି ବୋଲି ସୁପ୍ରିମକୋର୍ଟ ବାର୍ ଆସୋସିଏଶନର ସଭାପତି ତଥା ବରିଷ୍ଠ ଓକିଲ ଦୁଷ୍ୟନ୍ତ ଡାଭେ ଶନିବାର ପ୍ରକାଶ କରିଛନ୍ତି। ବିଶେଷକରି ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରତିକ୍ରିୟା ଉପରେ ଡାଭେ ☞ପୃଷ୍ଠା-୪

# ଆରୋଗ୍ୟ ସେତୁର ରେଟିଂ ହ୍ରାସ

- ଆବଶ୍ୟକଠାରୁ ଅଧିକ ତଥ୍ୟ ସଂଗ୍ରହ କରିଛି ଏହି ଆପ୍
- କରୋନା ସଂକ୍ରମଣ ରୋକିବା ପାଇଁ ଏନ୍‌ଆଇସି ବିକଶିତ କରିଥିଲା

**ନୂଆଦିଲ୍ଲୀ,୨୩।୫**

କୋଭିଡ୍-୧୯ ମୁକାବିଲା ସ୍ୱରୂପ ଦେଶରେ ଲକ୍‌ଡାଉନ ୫୯ଦିନରେ ପହଞ୍ଚିଛି। ଇତିମଧ୍ୟରେ କରୋନା ଆକାନ୍ତଙ୍କ ସଂଖ୍ୟା ୧ଲକ୍ଷ ଟପିଥିବାବେଳେ ମୃତକଙ୍କ ସଂଖ୍ୟା ୩,୭୦୦ରୁ ଅଧିକ ହେଲାଣି। କେନ୍ଦ୍ର ସରକାର କରୋନା ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଆରୋଗ୍ୟ ଆପ୍ ସେତୁ ଆରମ୍ଭ କରିଥିଲେ। ପ୍ରଥମେ ଏହାର ଇନ୍‌ଷ୍ଟଲେଶନ ଇଚ୍ଛାଧୀନ ଥିବାବେଳେ ପରବର୍ତ୍ତୀ ସମୟରେ କେତେକ କ୍ଷେତ୍ର ପାଇଁ ବାଧ୍ୟତାମୂଳକ କରାଯାଇଥିଲା। ବିଶେଷକରି ଟ୍ରେନ୍ ଓ ବିମାନ ଯାତ୍ରା, ସରକାରୀ, ଘରୋଇ ଏବଂ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହୁଥିବା ଲୋକଙ୍କ ପାଇଁ ଏହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଏହି ଆରୋଗ୍ୟ ସେତୁ ଆପ୍ ଏବେ ବିବାଦ ମଧ୍ୟକୁ ଠେଲି ହୋଇଯାଇଛି। ବିଶ୍ୱର ଅନ୍ୟ ଆପ୍ଲିକେଶନଗୁଡ଼ିକ ତୁଳନାରେ ଆରୋଗ୍ୟ ସେତୁ ଆପ୍‌ର କାର୍ଯ୍ୟକାରିତା ଅତି ଦୁର୍ବଳ ବୋଲି ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏମ୍‌ଆଇଟି) କହିଛି। ଏପରି କି ଏହି ଆପ୍‌ର ୫ଷ୍ଟାର ରେଟିଂ ଖସି ୧ ଷ୍ଟାରକୁ ଚାଲିଆସିଛି। ଗବେଷକମାନେ ପୂର୍ବରୁ ଆରୋଗ୍ୟ ସେତୁ ଆପ୍‌କୁ ୫ନମ୍ବରରୁ ୨ନମ୍ବର ଦେଉଥିଲେ। ହେଲେ ଡାଟା ମିନିମାଇଜେଶନ ବା ସର୍ବନିମ୍ନ ତଥ୍ୟ କ୍ଷେତ୍ରରେ ଏହି ସେତୁର ରେଟିଂ ତଳକୁ ଖସିଛି। ଏଥିରୁ ବୁଝାପଡ଼ିଯାଉଛି ଯେ, ଏହି ଆରୋଗ୍ୟ ସେତୁ ମାଧ୍ୟମରେ ବ୍ୟବହାରକାରୀଙ୍କଠାରୁ ଆବଶ୍ୟକତାଠାରୁ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିଲା। ଆରୋଗ୍ୟ ସେତୁର ବ୍ୟକ୍ତିଗତ ନୀତି ଅନୁସାରେ ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର(ଏନ୍‌ଆଇସି) କେବଳ ବ୍ୟବହାରକାରୀଙ୍କ ତଥ୍ୟ, ତାଙ୍କର ଲୋକେଶନ ଏବଂ ଆତ୍ମ ମୂଲ୍ୟାଙ୍କନ ତଥ୍ୟ ସଂଗ୍ରହ କରିବ। ଏପରି କି ଏହି ତଥ୍ୟକୁ ନିର୍ଦ୍ଦିଷ୍ଟ କିଛି ଦିନ ପରେ ଡିଲିଟ ମଧ୍ୟ କରାଯିବ। ହେଲେ ଅନ୍ୟ ଆପ୍ଲିକେଶନ ତୁଳନାରେ ଏହା ଅଧିକ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିବା ପରେ ଏହାର ରେଟିଂ ହ୍ରାସ ପାଇଛି।

ପ୍ରକାଶ ଯେ, କରୋନା ସଂକ୍ରମିତଙ୍କଠାରୁ ଲୋକଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଗତ ଏପ୍ରିଲ୍ ୨ତାରିଖରେ କେନ୍ଦ୍ର ସରକାର ଆରୋଗ୍ୟ ସେତୁ ଆପ୍ ଆରମ୍ଭ କରିଥିଲେ। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ଆଇସି ଏହାକୁ ବିକଶିତ କରିଥିଲା। ଏହାକୁ ଅଧିକରୁ ଅଧିକ ଲୋକ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅନୁରୋଧ କରିଥିଲେ। ଏପରି କି ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଆରୋଗ୍ୟ ସେତୁର ଇନ୍‌ଷ୍ଟଲେଶନ ୧୦୦ପ୍ରତିଶତ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ଯେଉଁମାନେ ଏହାକୁ ଡାଉନ୍‌ଲୋଡ ନ କରିବେ ସେମାନଙ୍କ ବିରୋଧରେ ଆଇପିସିର ଦଫା ୧୮୮(ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ) ଏବଂ ବିପର୍ଯ୍ୟୟ ପରିଚାଳନା ଆଇନ୍‌ର ଦଫା ୫୧(ବିପର୍ଯ୍ୟୟ ସମ୍ପର୍କିତ କୌଣସି ନିର୍ଦ୍ଦେଶର ଉଲ୍ଲଂଘନ)ରେ ମାମଲା ରୁଜୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଥିଲା।

## କୋଭିଡ୍ ହସ୍ପିଟାଲରେ ନିଆଁ

ଦିଲ୍ଲୀର ଏକ କୋଭିଡ୍ ହସ୍ପିଟାଲରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ସିଗ୍ନସ ଅର୍ଥୋକେୟାର ହସ୍ପିଟାଲର ତୃତୀୟ ମହଲାରେ ଥିବା ଅସ୍ତ୍ରୋପଚାର ଗୃହ ଓ ରିକଭରି ରୁମ୍‌ରେ ନିଆଁ ଲାଗିଥିବାବେଳେ ଦିଲ୍ଲୀ ଅଗ୍ନିଶମ ବିଭାଗର ୮ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହସ୍ପିଟାଲରେ ଥିବା ୮ ଜଣ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।



କରୋନା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ମହୀଶୂର ରେଳଷ୍ଟେଶନରେ ମୂର୍ତ୍ତିଗୁଡ଼ିକୁ ମାସ୍କ ପିନ୍ଧାଯାଇଛି।

# ଟ୍ରେନ୍‌ରେ ଫେରିଲେଣି ୩୨ ଲକ୍ଷ ଶ୍ରମିକ

## ୧୦ ଦିନରେ ଚାଲିବ ୨୬୦୦ ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ,୨୩।୫(ପି.ଟି.)

ଭାରତୀୟ ରେଲୱେ ସ୍ୱତନ୍ତ୍ର ଟ୍ରେନ୍‌ରେ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇନେଲାଣି। ଆଗାମୀ ୧୦ ଦିନ ମଧ୍ୟରେ ଆଉ ୨୬୦୦ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳ ଯୋଜନା ରହିଛି। ଏଥିରେ ପାଖାପାଖି ୩୬ ଲକ୍ଷ ପ୍ରବାସୀ ଶ୍ରମିକ ଫେରିବେ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ ଶନିବାର କହିଛନ୍ତି। ମେ' ୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୨,୫୭୦ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳ କରିଛି। ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହେଉଥିବା ଶ୍ରମିକମାନଙ୍କୁ ଫେରାଇନେବାରେ ସହାୟତା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ରେଲୱେକୁ ଅନୁରୋଧ କରାଯାଇଥିଲା। ଯାତ୍ରୀ ଭଡ଼ାର ୮୫ ପ୍ରତିଶତ ରେଲୱେ ବହନ କରୁଥିବାବେଳେ ଅବଶିଷ୍ଟ ୧୫ ପ୍ରତିଶତ ସମ୍ପୃକ୍ତ ରାଜ୍ୟ ସରକାର ଭରଣା କରୁଛନ୍ତି। ୨,୦୬୫ ଟ୍ରେନ୍ ଶ୍ରମିକଙ୍କୁ ନେଇ ଗନ୍ତବ୍ୟସ୍ଥଳରେ ପହଞ୍ଚି ସାରିଥିବାବେଳେ ୫୦୫ ଟ୍ରେନ୍ ବାଟରେ ଅଛନ୍ତି। ଉତ୍ତରପ୍ରଦେଶକୁ ସର୍ବାଧିକ ୧୨୪୬ ଶ୍ରମିକ ସ୍ପେଶିଆଲ ଟ୍ରେନ ଚଳାଚଳ କରିଥିବାବେଳେ ବିହାରକୁ ୮୦୪ ଓ ଝାଡ଼ଖଣ୍ଡକୁ ୧୨୪ଟି ଟ୍ରେନ୍ ଯାଇଛି। ସେହିପରି ଗୁଜରାଟରୁ ସର୍ବାଧିକ ୭୫୯ଟି ଟ୍ରେନ୍ ଶ୍ରମିକଙ୍କୁ ନେଇ ଛାଡ଼ିଥିବାବେଳେ ମହାରାଷ୍ଟ୍ରରୁ ୪୮୩ ଓ ପଞ୍ଜାବରୁ ୨୯୧ଟି ଟ୍ରେନ୍ ଛାଡ଼ିଛି। ଏହା ବାଦ୍ ଅନେକ ଶ୍ରମିକ ବସ୍, ଟ୍ରକ୍ ଓ ଅନ୍ୟ ମାଲବାହୀ ଗାଡ଼ିରେ ସେମାନଙ୍କ ରାଜ୍ୟକୁ ଫେରିଛନ୍ତି। ବହୁସଂଖ୍ୟାରେ ଶ୍ରମିକ ଗାଡ଼ି ନ ପାଇ ଚାଲିଚାଲି ଫେରୁଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୧୦ ଦିନରେ ଆଉ ୨,୬୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୦୦୦ଟି ଟିକେଟ କାଉଣ୍ଟର ଖୋଲିଥିବାବେଳେ ଖୁବ୍‌ଶୀଘ୍ର ଅଧିକ କାଉଣ୍ଟର ଖୋଲିବାକୁ ଯୋଜନା ରହିଛି। ଗତ ୪ ଦିନ ହେଲା ଦୈନିକ ୨୬୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି।



ଜବଲପୁର ଷ୍ଟେଶନରେ ସାମାଜିକ ଦୂରତ୍ୱ ରକ୍ଷାକରି ଯାତ୍ରୀଙ୍କୁ ପାଣି ଯୋଗାଉଛନ୍ତି ଜଣେ କର୍ମଚାରୀ।

# ପଶ୍ଚିମବଙ୍ଗକୁ ସେନା ପଠାଗଲା

- ବାତ୍ୟାଞ୍ଚଳରେ ଜରୁରୀ ସେବା ଓ ଭିତ୍ତିଭୂମି ବିପର୍ଯ୍ୟସ୍ତ
- ସେନା ସହାୟତା ମାଗିଥିବାରୁ ମମତାଙ୍କୁ ରାଜ୍ୟପାଳଙ୍କ ପ୍ରଶଂସା
- ବିଦ୍ୟୁତ୍, ପାଣି ସଙ୍କଟକୁ ନେଇ କୋଲକାତାରେ ବିକ୍ଷୋଭ



କୋଲକାତା,୨୩।୫(ପି.ଟି.)

ବାତ୍ୟା ଅମ୍ଫନ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅତ୍ୟାବଶ୍ୟକ ଭିତ୍ତିଭୂମି ଓ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ସ୍ୱାଭାବିକ କରିବା ଲାଗି ରାଜ୍ୟ ସରକାର ଭାରତୀୟ ସେନାର ସହାୟତା ଲୋଡ଼ିଥିଲେ। ପଶ୍ଚିମବଙ୍ଗ ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ତୁରନ୍ତ ୫ କଲମ୍ ସେନା ପଠାଇଛି। କୋଲକାତା ମହାନଗର କର୍ତ୍ତୃପକ୍ଷଙ୍କୁ ବାତ୍ୟା ପରବର୍ତ୍ତୀ କାର୍ଯ୍ୟରେ ସହାୟତା କରିବା ଲାଗି ୩ କଲମ୍ ଯବାନଙ୍କୁ ନିୟୋଜିତ କରାଯିବା ସହ ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ଜିଲାକୁ ୨ କଲମ୍ ସେନା ପଠାଯିବ। କେନ୍ଦ୍ରରୁ ସେନା ସହାୟତା ମାଗିଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ରାଜ୍ୟପାଳ ଜଗଦୀପ୍ ଧନଖର ପ୍ରଶଂସା କରିଛନ୍ତି। ଉଭୟ ପରସ୍ପର ବିରୋଧୀ ଭାବେ ଜଣାଶୁଣା ଥିବାବେଳେ ରାଜ୍ୟପାଳ ମମତାଙ୍କୁ ପ୍ରଶଂସା କରିବା ଏକ ବିରଳ ଘଟଣା। ବିପତ୍ତି ସମୟରେ ଜନସାଧାରଣ ଶାନ୍ତ ରହିବା ଲାଗି ରାଜ୍ୟପାଳ ଅନୁରୋଧ କରିଛନ୍ତି।

ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସେବାକୁ ସ୍ୱାଭାବିକ କରିବା ଲାଗି ରାଜ୍ୟ ସରକାର ସବୁ କଳବଳ ଲଗାଇଛନ୍ତି। ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରେଲୱେ, ବନ୍ଦର ଓ ଘରୋଇ ସଂସ୍ଥାକୁ ଲୋକବଳ ଓ ଉପକରଣ ସହାୟତା କରିବା ଲାଗି ଅନୁରୋଧ କରାଯାଇଥିବା ରାଜ୍ୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପାନୀୟ ଜଳ ଓ ଡ୍ରେନେଜ୍ ଭିତ୍ତିଭୂମିର ପୁନରୁଦ୍ଧାରକୁ ପ୍ରାଥମିକତା ଦିଆଯାଉଛି। ରାସ୍ତାରେ ପଡ଼ି ରହିଥିବା ଗଛଗୁଡ଼ିକୁ କାଟି ହଟାଇବା କାର୍ଯ୍ୟରେ ବିଭିନ୍ନ ବିଭାଗର ଶତାଧିକ ଟିମ୍ ନିୟୋଜିତ ହୋଇଛନ୍ତି।

ଅନ୍ୟପକ୍ଷରେ ବାତ୍ୟାର ୩ ଦିନ ପରେ ମଧ୍ୟ କ୍ଷତିଗ୍ରସ୍ତ କୋଲକାତା ମହାନଗରୀରେ ବିଦ୍ୟୁତ ଓ ପାନୀୟ ଜଳ ମିଳୁ ନ ଥିବାରୁ ଶନିବାର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଦକ୍ଷିଣରେ ବେହଲାଠାରୁ ଆରମ୍ଭ କରି ଉତ୍ତରରେ ଥିବା ବେଲଘରିଆ ପର୍ଯ୍ୟନ୍ତ ଲୋକମାନେ ଗରା ବାଲ୍‌ତି ଧରି ରାସ୍ତା ଅବରୋଧ କରିଥିଲେ। ସପୁଇପଡା, ଯାଦବପୁରର ପଲ୍ଲିଶ୍ରୀ ଅଞ୍ଚଳ, ଗରଫା, ନର୍କେଲଦଙ୍ଗା ଓ ତେଲଙ୍ଗାବାଗାନରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୋଲକାତା ମ୍ୟୁନିସିପାଲ କର୍ପୋରେଶନର ପ୍ରସ୍ତୁତି ଅଭାବକୁ ଅନେକ ଦାୟୀ କରିଛନ୍ତି। ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ପ୍ରଶାସନ ଦିନରାତି କାମରେ ଲାଗିଛି। ଜନସାଧାରଣ ଧୈର୍ଯ୍ୟ ରଖିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଛନ୍ତି। ଅମ୍ଫନ ବାତ୍ୟା ପଶ୍ଚିମବଙ୍ଗରେ ୮୬ ଲୋକଙ୍କ ଜୀବନ ନେଇଥିବାବେଳେ ୧୪ଟି ଜିଲା ପ୍ରଭାବିତ ହୋଇଛି। ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା, ପୂର୍ବ ମିଦନାପୁର ଏବଂ କୋଲକାତା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

## ଜୁମ୍ ଆପ୍ ନିଷିଦ୍ଧ କରିବାକୁ ଆବେଦନ

ନୂଆଦିଲ୍ଲୀ,୨୩।୫

ଭିଡିଓ ଯୋଗାଯୋଗ ଆପ୍ 'ଜୁମ୍'ର ବ୍ୟବହାର ନିଷିଦ୍ଧ କରିବା ଲାଗି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ନୋଟିସର ଜବାବ ଦେବାକୁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ବାସିନ୍ଦା ହର୍ଷ ଚୁଗ୍ ସୁପ୍ରିମକୋର୍ଟରେ ଦାଖଲ କରିଥିବା ପିଟିଶନରେ ଜୁମ୍ ଆପ୍ ବିପଜ୍ଜନକ ଓ ଏଥିରେ ସାଇବର ଭୟ ରହିଛି ବୋଲି ଉଲ୍ଲେଖ କରିଥିଲେ। ଏଥିରେ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଡାଟା,କ୍ଲାଉଡ୍ ରେକର୍ଡିଂ, ବାର୍ତ୍ତା ଓ ଫାଇଲ୍‌କୁ ଗଚ୍ଛିତ ରଖାଯାଉଥିବା ସେ ଅଭିଯୋଗ କରିଥିଲେ। ଏହି ଆପ୍‌ରେ ଥିବା ବଗ୍ ବ୍ୟବହାରକାରୀଙ୍କ ତଥ୍ୟକୁ ତୃତୀୟ ପକ୍ଷକୁ ଦେଇପାରେ। ଏହା ଆଦୌ ସୁରକ୍ଷିତ ଆପ୍ ନୁହେଁ ବୋଲି ପିଟିଶନରେ ଦର୍ଶାଯାଇଥିଲା। ଜୁମ୍ ବ୍ୟବହାରକାରୀଙ୍କ ପ୍ରତି ସାଇବର ବିପଦ ରହିଥିବା ନେଇ ନୋଡାଲ ସାଇବର ସୁରକ୍ଷା ସଂସ୍ଥା ଇଣ୍ଡିଆନ କମ୍ପ୍ୟୁଟର ଇମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି-ଆଇଏନ୍) ପକ୍ଷରୁ ସତର୍କ କରିଦିଆଯାଇଥିଲା।

# ୬୦% ପରିବାରର ଆୟ ପ୍ରଭାବିତ

ନୂଆଦିଲ୍ଲୀ,୨୩।୫

କୋଭିଡ୍-୧୯ ମହାମାରୀ ଯୋଗୁ ଭାରତର ପାଖାପାଖି ୬୦ ପ୍ରତିଶତ ପରିବାରର ଆୟ ବାଧାପ୍ରାପ୍ତ ହୋଇଛି। ନିଏଲସେନ୍ ପକ୍ଷରୁ ୧୨ଟି ସହର ଉପରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ପ୍ରତି ୧୦ ଜଣରୁ ୮ ଜଣ କହିଛନ୍ତି, ମାର୍ଚ୍ଚରୁ ଜୁନ୍ ମଧ୍ୟରେ ସେମାନଙ୍କର ଦେଶ ଭିତରେ ଭ୍ରମଣ, ଘର ପାଇଁ ଦାମୀ ଉପକରଣ ଆଦି କିଣିବା ଯୋଜନା ଥିଲା। ଲକ୍‌ଡାଉନ କଟକଣା ହଟିବା ପରେ ସେମାନଙ୍କ ମଧ୍ୟରୁ ମାତ୍ର ୨୮ ପ୍ରତିଶତ ଯୋଜନାରେ ଆଗେଇବାକୁ ଚାହୁଁଥିବାବେଳେ ଅନ୍ୟମାନେ ଯୋଜନାକୁ ସ୍ଥଗିତ କିମ୍ବା ବାତିଲ କରିଦେଇଛନ୍ତି। ମହାମାରୀ ଅନ୍ୟ କ୍ଷେତ୍ରକୁ ମଧ୍ୟ ଅନୁରୂପ ଭାବେ ପ୍ରଭାବିତ କରିଛି। ଦେଶରେ ଦ୍ରୁତ ବ୍ୟବହୃତ ଉପଭୋକ୍ତା ସାମଗ୍ରୀ (ଏଫ୍‌ଏମ୍‌ସିଜି) ବିକ୍ରି ଏପ୍ରିଲ ମାସରେ ୩୪ ପ୍ରତିଶତ ହ୍ରାସ ପାଇଛି। ତେଜରାତି ଦୋକାନ ସମେତ ପାରମ୍ପରିକ ଚ୍ୟାନେଲ ଦେଇ ବ୍ୟବସାୟ ମଧ୍ୟ ଯଥେଷ୍ଟ କମିଛି। ଅନ୍ୟପକ୍ଷରେ ଡିପାର୍ଟମେଣ୍ଟାଲ ଷ୍ଟୋର, କ୍ୟାଶ୍ ଆଣ୍ଡ କ୍ୟାରି ଷ୍ଟୋରରେ ଭଲ କାରବାର ହୋଇଛି।

# କରୋନାରେ ଏମ୍ସ ଡାକ୍ତରଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୩।୫:** ଦିଲ୍ଲୀ ଏମ୍ସର ବରିଷ୍ଠ ଡାକ୍ତର ଜିତେନ୍ଦ୍ର ନାଥ ପାଣ୍ଡେ (୭୮)ଙ୍କର ଶନିବାର କରୋନାରେ ମୃତ୍ୟୁ ଘଟିଛି। ସେ ଏମ୍ସର ପୁଲମୋନୋଲୋଜି ବିଭାଗର ନିର୍ଦ୍ଦେଶକ ଓ ପ୍ରଫେସର ଥିଲେ। ଅନ୍ୟମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବା ଲାଗି ଚିକିତ୍ସା ଜଗତର ଏହି ଉତ୍ତୁଙ୍ଗ ବ୍ୟକ୍ତି ଯେଉଁ କାର୍ଯ୍ୟ ହାତକୁ ନେଇଥିଲେ ତାହା ଜାରି ରହିବ ବୋଲି ହସ୍ପିଟାଲର ବରିଷ୍ଠ ଡାକ୍ତର ସଙ୍ଗୀତା ରେଡ୍ଡୀ କହିଛନ୍ତି।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୪୭,୧୯୦ | ୩୨,୨୦୯ | ୧୩,୪୦୪ | ୧,୫୭୭ |
| ତାମିଲନାଡୁ | ୧୫,୫୧୨ | ୭,୯୧୭ | ୭,୪୯୧ | ୧୦୪ |
| ଦିଲ୍ଲୀ | ୧୨,୯୧୦ | ୬,୪୧୨ | ୬,୨୬୭ | ୨୩୧ |
| ତେଲଙ୍ଗାନା | ୧,୭୬୧ | ୬୭୦ | ୧,୦୪୩ | ୪୮ |
| କେରଳ | ୭୯୫ | ୨୭୫ | ୫୧୫ | ୫ |
| ଉତ୍ତରପ୍ରଦେଶ | ୫,୭୩୫ | ୨,୨୫୯ | ୩,୩୨୪ | ୧୫୨ |
| ଆନ୍ଧ୍ରପ୍ରଦେଶ | ୨,୭୧୪ | ୮୭୯ | ୧,୭୭୯ | ୫୬ |
| ରାଜସ୍ଥାନ | ୬,୬୫୭ | ୨,୮୦୬ | ୩,୬୯୫ | ୧୫୬ |
| ମଧ୍ୟପ୍ରଦେଶ | ୬,୧୭୦ | ୨,୮୦୯ | ୩,୦୮୯ | ୨୭୨ |
| କର୍ଣ୍ଣାଟକ | ୧,୯୫୯ | ୧,୩୦୭ | ୬୦୮ | ୪୨ |
| ଗୁଜରାଟ | ୧୩,୬୬୯ | ୬,୬୭୧ | ୬,୧୬୯ | ୮୨୯ |
| ହରିୟାଣା | ୧,୧୩୧ | ୩୬୫ | ୭୫୦ | ୧୬ |
| ଜମ୍ମୁ-କଶ୍ମୀର | ୧,୫୬୯ | ୭୭୪ | ୭୭୪ | ୨୧ |
| ପଶ୍ଚିମବଙ୍ଗ | ୩,୪୫୯ | ୧,୯୦୯ | ୧,୨୮୧ | ୨୬୯ |
| ପଞ୍ଜାବ | ୨,୦୨୯ | ୧୪୩ | ୧,୮୪୭ | ୩୯ |
| ଓଡ଼ିଶା | ୧,୨୬୯ | ୭୬୫ | ୪୯୭ | ୭ |
| ବିହାର | ୨,୩୪୫ | ୧,୭୦୫ | ୬୨୯ | ୧୧ |
| ଉତ୍ତରାଖଣ୍ଡ | ୧୭୨ | ୧୧୬ | ୫୫ | ୧ |
| ଆସାମ | ୩୩୦ | ୨୬୮ | ୫୫ | ୪ |
| ଚଣ୍ଡିଗଡ଼ | ୨୧୯ | ୩୮ | ୧୭୮ | ୩ |
| ଲଦାଖ | ୪୯ | ୬ | ୪୩ | - |
| ହିମାଚଳ ପ୍ରଦେଶ | ୧୮୫ | ୧୨୧ | ୫୭ | ୪ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୧୭୨ | ୧୧୦ | ୬୨ | - |
| ଗୋଆ | ୫୪ | ୩୮ | ୧୬ | - |
| ପୁଡୁଚେରୀ | ୨୬ | ୧୬ | ୧୦ | - |
| ଝାଡ଼ଖଣ୍ଡ | ୩୩୦ | ୧୯୧ | ୧୩୬ | ୩ |
| ମଣିପୁର | ୨୭ | ୨୫ | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୭୫ | ୨୩ | ୧୫୨ | - |
| ମୋଟ | ୧,୩୦,୬୫୮ | ୭୨,୭୯୮ | ୫୪,୦୦୧ | ୩,୮୫୧ |

https://www.covid19india.org ତଥ୍ୟ ଅନୁଯାୟୀ(ଶନିବାର ରାତି ୧୦ଟା ସୁଦ୍ଧା)

# ମହାମାରୀ ଲଢ଼େଇରେ ସହାୟକ ହେବନି ଲକ୍‌ଡାଉନ

- ଭୂତାଣୁ ବିଜ୍ଞାନୀଙ୍କ ମତ
- ଭାରତରେ କୋଭିଡ୍ ପରୀକ୍ଷା ହାର ସର୍ବନିମ୍ନ

ନୂଆଦିଲ୍ଲୀ,୨୩।୫(ପି.ଟି.)

ଦେଶବ୍ୟାପୀ ଲକ୍‌ଡାଉନ କୋଭିଡ୍-୧୯ ଲଢ଼େଇରେ ଆଉ ସହାୟକ ହେବନାହିଁ ବୋଲି ଦେଶର ପ୍ରମୁଖ ଭୂତାଣୁ ବିଜ୍ଞାନୀ ଶହିଦ ଜମିଲ୍ କହିଛନ୍ତି। ଏହା ବଦଳରେ ଗୋଷ୍ଠୀ ପରିଚାଳିତ ନିଷିଦ୍ଧାଞ୍ଚଳ, ଆଇସୋଲେଶନ ଓ କ୍ୱାରାଣ୍ଟାଇନ୍ ନୀତିକୁ ଅଧିକ ଗୁରୁତ୍ୱ ଦେବାକୁ ହେବ ବୋଲି ସେ ମତ ଦେଇଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ଲାଗି ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ଜମିଲ କୋଭିଡ୍ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। କରୋନା ଭୂତାଣୁ ହଟ୍‌ସ୍ପଟ ଚିହ୍ନଟ ଲାଗି ପରୀକ୍ଷାକୁ ଜୋର୍‌ଦାର କରାଯିବା ସହ ଉକ୍ତ ଅଞ୍ଚଳକୁ ପୃଥକ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏବେ ଭାରତରେ ପ୍ରତି ୧୦ ଲକ୍ଷ ଲୋକରେ ୧,୭୪୪ ପରୀକ୍ଷା କରାଯାଉଛି, ଯାହା କି ବିଶ୍ୱରେ ସର୍ବନିମ୍ନ ପରୀକ୍ଷା ହାର। ଉଭୟ ଆଣ୍ଟିବଡି ଏବଂ ପିସିଆର୍ ପରୀକ୍ଷା କରାଇବାକୁ ସେ ପରାମର୍ଶ ଦେଇଛନ୍ତି।

# ସୋମବାର ଇଦ୍

ନୂଆଦିଲ୍ଲୀ,୨୩।୫

ଭାରତରେ ଇଦ୍ ଉଲ୍-ଫିତର ସୋମବାର ପାଳିତ ହେବ। ଶନିବାର ଆକାଶରେ ଚନ୍ଦ୍ର ଦେଖା ନ ଦେବାରୁ ୨୫ରେ ଇଦ୍ ପାଳନ ଲାଗି ଦିଲ୍ଲୀ ଜାମା ମସ୍‌ଜିଦର ଶାହି ଇମାମ ଅହମଦ ଶାହ ବୁଖାରୀ ଘୋଷଣା କରିଛନ୍ତି। ତେବେ କରୋନା ମହାମାରୀ ଏବଂ ଲକ୍‌ଡାଉନ ଯୋଗୁ ଘରେ ରହି ଇଦ୍ ନମାଜ ପାଠ କରିବାକୁ ବୁଖାରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଧର୍ମୀୟ ସମାବେଶକୁ ନିଷଦ୍ଧ କରାଯାଇଥିବାରୁ ପ୍ରଥମ ଥର ମସ୍‌ଜିଦରେ ସମୂହ ଇଦ୍ ନମାଜ ପାଠ ହେବନାହିଁ। ଇଦ୍ ପାଳନ ସମୟ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ହୋଇଥାଏ।

# ଅଭିନେତା ମୋହିତ୍‌ଙ୍କ ଦେହାନ୍ତ



**ମୁମ୍ବାଇ,୨୩।୫:** ବଲିଉଡ୍‌ର ଜଣାଶୁଣା ଅଭିନେତା ମୋହିତ୍ ବାଘେଲଙ୍କ କ୍ୟାନ୍‌ସରରେ ଶନିବାର ସକାଳେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୨୬ ବର୍ଷ ହୋଇଥିଲା। ନିଜ ହୋମ୍‌ଟାଉନ୍ ଉତ୍ତରପ୍ରଦେଶର ମଥୁରାରେ ତାଙ୍କର ପରଲୋକ ଘଟିଛି। କିଛିଦିନ ପୂର୍ବେ ଦିଲ୍ଲୀ ଏମ୍ସରେ କର୍କଟ ରୋଗରେ ସେ ଚିକିତ୍ସାଧୀନ ଥିଲେ। ମୋହିତ ୨୦୧୧ରେ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ 'ରେଡି' ଫିଲ୍ମରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ୨୦୧୯ରେ ରିଲିଜ୍ ହୋଇଥିବା ଫିଲ୍ମ 'ଜବରିଆ ଯୋଡ଼ି'ରେ ମୋହିତ୍ କାମ କରିଥିଲେ। ମୋହିତ ରିଆଲିଟି ଶୋ 'ଛୋଟେ ମିଆଁ'ରୁ କ୍ୟାରିୟର ଆରମ୍ଭ କରିଥିଲେ।

# ଦିଲ୍ଲୀର ଅଧା ନିଷିଦ୍ଧାଞ୍ଚଳ ହେଲା ଅରେଞ୍ଜ ଜୋନ୍

ନୂଆଦିଲ୍ଲୀ,୨୩।୫: ଦିଲ୍ଲୀର ୯୨ଟି ନିଷିଦ୍ଧାଞ୍ଚଳ ମଧ୍ୟରୁ ୪୫ଟିରେ ଗତ ୧୪ ଦିନ ମଧ୍ୟରେ ଜଣେ ହେଲେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବାରୁ ସେଗୁଡ଼ିକ ଅରେଞ୍ଜ ଜୋନ୍‌ରେ ପରିଣତ ହୋଇଛି। ଆଗାମୀ ଦୁଇ ସପ୍ତାହରେ ଯଦି ନୂଆ ସଂକ୍ରମିତ ନ ବାହାରନ୍ତି ତେବେ ସେଗୁଡ଼ିକ ଗ୍ରୀନ୍ ଜୋନ୍‌ରେ ପରିଣତ ହୋଇପାରିବ ବୋଲି ଶନିବାର ଜଣେ ସରକାରୀ ଅଧିକାରୀ କହିଛନ୍ତି। ଦିଲ୍ଲୀରେ ୧୨୬ଟି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ବା ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ଗତ କିଛି ସପ୍ତାହ ମଧ୍ୟରେ ୩୪ଟି ଅଞ୍ଚଳକୁ ବାଦ୍ ଦିଆଯାଇଥିବାବେଳେ ୯୨ଟି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିଲେ। ୪୫ଟି ଜୋନ୍‌ରେ ଗତ ୧୪ ଦିନରେ ନୂଆ ସଂକ୍ରମିତ ବାହାରି ନ ଥିବାରୁ ସେଠାରେ ରହୁଥିବା ୨.୫ ଲକ୍ଷ ଲୋକ ଖୁବ୍‌ଶୀଘ୍ର ସ୍ୱାଭାବିକ୍ ଜୀବନଶୈଳୀକୁ ଫେରିବେ ବୋଲି କୁହାଯାଉଛି।

# ଦୁର୍ଘଟଣା ପୂର୍ବରୁ ୩ ଥର ଝଟକା ଦେଇଥିଲା ବିମାନ

- କରାଚୀ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୯୭କୁ ବୃଦ୍ଧି
- ୨ ମାସ ପୂର୍ବରୁ ଯାଞ୍ଚ୍ ହୋଇଥିଲା ବିମାନ



ଦୁର୍ଘଟଣାସ୍ଥଳରେ ଭାଙ୍ଗିଯାଇଥିବା ଘର।

କରାଚୀ/ଇସ୍‌ଲାମାବାଦ, ୨୩।୫(ପି.ଟି.)

ପାକିସ୍ତାନର କରାଚୀଠାରେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନର ୯୯ ଯାତ୍ରୀଙ୍କ ମଧ୍ୟରୁ ୯୭ ଜଣ ପ୍ରାଣ ହରାଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ୨ ଜଣ ବଞ୍ଚିଯାଇଛନ୍ତି। ଜିନ୍ନା ଅନ୍ତର୍ଜାତୀୟ ବିମାନବନ୍ଦର ନିକଟବର୍ତ୍ତୀ ଏକ ଘନ ଜନବସତି ଅଞ୍ଚଳରେ ବିମାନଟି ଖସିପଡ଼ିବା ସହ ଜଳିଯାଇଥିଲା। ଏହି ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ୧୧ ଜଣ ଆହତ ହୋଇଛନ୍ତି। ୯୭ଟି ମୃତଦେହ ମିଳିବା ସହ ୨ ଜଣଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ପାକ୍ ସେନା ପକ୍ଷରୁ କୁହାଯାଇଛି। ୨୫ଟି ଘର କ୍ଷତିଗ୍ରସ୍ତ ହୋଇଛି।

ତିନିଥର ଝଟକା ଦେବାରୁ ପାଇଲଟ ଦକ୍ଷତାର ସହିତ ବିମାନକୁ ଉପରକୁ ଉଠାଇଥିଲେ। ଉପରେ ୧୦ରୁ ୧୫ ମିନିଟ ଉଡ଼ିବା ପରେ ପାଇଲଟ ଅବତରଣ ସମ୍ପର୍କରେ ପୁଣିଥରେ ଘୋଷଣା କରିଥିଲେ। ଏହାର ମୁହୂର୍ତ୍ତକ ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଯାତ୍ରୀ ମୁହମ୍ମଦ ଜୁବୈର କହିଛନ୍ତି। ଦୁର୍ଘଟଣାରେ ପୋଡ଼ିଯାଇଥିବା ଜୁବୈର କରାଚୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଦୁର୍ଘଟଣାରୁ ବର୍ତ୍ତିଥିବା ଅନ୍ୟ ଯାତ୍ରୀ ଜଣକ ହେଲେ ବ୍ୟାଙ୍କ ଅଫ୍ ପଞ୍ଜାବର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଫର ମାସୁଦ। ତାଙ୍କର ଅଣ୍ଟା ଓ କଲାର ହାଡ଼ ଭାଙ୍ଗିଯାଇଛି। ସେ ଦାରୁଲ ସେହାତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ ଦୁର୍ଘଟଣାଗ୍ରସ୍ତ ଏୟାରବସ୍ ଏ-୩୨୦ ୨ ମାସ ପୂର୍ବରୁ ଯାଞ୍ଚ ହୋଇଥିଲା। ଦୁର୍ଘଟଣାର ଦିନକ ପୂର୍ବରୁ ଏହା ମୁସ୍କାଟରୁ ଲାହୋର ଫେରିଥିଲା। ବିମାନ ଇଞ୍ଜିନ, ଲ୍ୟାଣ୍ଡିଂ ଗିଅର ଓ ପ୍ରମୁଖ ସିଷ୍ଟମରେ କୌଣସି ତ୍ରୁଟି ନ ଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୨୧ରେ ବିମାନକୁ ଯାଞ୍ଚ କରାଯାଇ ଏହା ନଭେମ୍ବର ୫ ପର୍ଯ୍ୟନ୍ତ ଉଡ଼ାଣ ଲାଗି ଉପଯୁକ୍ତ ବୋଲି ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ) ପକ୍ଷରୁ ଘୋଷଣା କରାଯାଇଥିଲା। ବିମାନର ବ୍ଲାକ୍‌ବକ୍ସ ଉଦ୍ଧାର ହେବା ସହ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଚାଲିଛି।

**ଅନ୍‌ଲାଇନ ମଦ ଉପରେ ୫୦% କୋଭିଡ୍ ଟିକସ**




# ଆଜିଠୁ ମଦ ହୋମ୍ ଡେଲିଭରି

ଭୁବନେଶ୍ୱର,୨୩।୫(ବ୍ୟୁରୋ)

■ ସକାଳ ୭ରୁ ସନ୍ଧ୍ୟା ୬
■ ଲାଗିଲା ୫୦% କୋଭିଡ ଫି'

ମଦ ବିକ୍ରିକୁ ନେଇ ଲାଗିରହିଥିବା ବାଦ ବିବାଦ ମଧ୍ୟରେ ରାଜ୍ୟ ସରକାର ଶନିବାର ମଦ ହୋମ୍ ଡେଲିଭରିକୁ ଅନୁମତି ଦେଇଛନ୍ତି। ରବିବାର ଠାରୁ ଗ୍ରାହକମାନେ ଅନ୍‌ଲାଇନରେ ଘରକୁ ମଦ ମଗାଇ ପାରିବେ। ଅନ୍ ଏବଂ ଅଫ୍ ଦୋକାନୀ ଗ୍ରାହକମାନଙ୍କୁ ହୋମ୍ ଡେଲିଭରି ଦେବେ। କୋଭିଡ-୧୯ ସଂକ୍ରମିତ(କଣ୍ଟେନମେଣ୍ଟ) ଅଞ୍ଚଳ ଏବଂ ଶପିଂ ମଲ୍ ଛାଡି ଅନ୍ୟ ସମସ୍ତ ଅଞ୍ଚଳରେ ମଦ ହୋମ୍ ଡେଲିଭରି ହୋଇପାରିବ। ୧ ହଜାର ଟଙ୍କାର ଅର୍ଡର ପାଇଁ ୧୦୦ ଟଙ୍କା ଡେଲିଭରି ଚାର୍ଜ ଦେବାକୁ ପଡ଼ିବ। ଏହା ପରେ ଅତିରିକ୍ତ ୫୦୦ ଟଙ୍କା ଅର୍ଡର ପାଇଁ ୨୫ ଟଙ୍କା ଲେଖାଏ ହୋମ୍ ଡେଲିଭରି ଚାର୍ଜ ଦେବାକୁ ହେବ। ତେବେ ହୋମ୍ ଡେଲିଭରି ଚାର୍ଜ ୩୦୦ ଟଙ୍କାରୁ ଅଧିକ ହେବ ନାହିଁ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ହୋମ୍ ଡେଲିଭରି କରାଯିବ। ଅର୍ଡର ପାଇବାର ୬ ଘଣ୍ଟା ମଧ୍ୟରେ ଗ୍ରାହକମାନଙ୍କୁ ହୋମ୍ ଡେଲିଭରି ଦେବାକୁ ହେବ। ଏ ନେଇ ଶନିବାର ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମଦ ଉପରେ ସରକାର ୫୦ ପ୍ରତିଶତ ସ୍ୱତନ୍ତ୍ର କୋଭିଡ ଫି' ମଧ୍ୟ ଲଗାଇଛନ୍ତି। ସେହି ଅର୍ଥ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଥିବାରୁ ସାମାଜିକ ଦୂରତ୍ୱ ରକ୍ଷା କରିବା ସକାଶେ ଗାଇଡ୍‌ଲାଇନ ଜାରି କରାଯାଇଛି। ଅନ୍ୟ ରାଜ୍ୟରେ ଖୋଲାଯାଇଥିବା ମଦ ଦୋକାନ ସମ୍ମୁଖରେ ଲୋକମାନେ ଏହି ନିୟମର ଉଲ୍ଲଂଘନ କରିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଦକୁ ହୋମ୍ ଡେଲିଭରି ଅଥବା ଅନ୍‌ଲାଇନରେ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦ୍ୱାରା ମଦ ଦୋକାନ ଆଗରେ ଆଉ ଗହଳି ହେବ ନାହିଁ। ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ନିଜର କାଉଣ୍ଟରରେ ଯେପରି ଗହଳି ହେବ ନାହିଁ ସେ ନେଇ ସର୍ତ୍ତ ରଖାଯାଇଛି। ଦୋକାନୀମାନେ ମଧ୍ୟ ହୋମ୍ ଡେଲିଭରି ଜରିଆରେ ମଦ ପାଇବେ। ମଦ ଦୋକାନୀମାନେ ନିଜେ ହୋମ୍ ଡେଲିଭରି ଦେବେ। ନଚେତ ସେମାନଙ୍କର ଅଥରାଇଜ ଏଜେଣ୍ଟ ଜରିଆରେ ଯୋଗାଇ ପାରିବେ। ସେଥିପାଇଁ ଅବକାରୀ ବିଭାଗ ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି) ଆଣିବାକୁ ହେବ। ଉତ୍ତମ ହୋମ୍ ଡେଲିଭରି ଦେବା ପାଇଁ ରିଟେଲରମାନେ ଅତିକମ୍‌ରେ ଗୋଟିଏ ଖାଦ୍ୟ ଯୋଗାଣକାରୀ ସଂସ୍ଥା ସହ ଚୁକ୍ତି କରିବା ଆବଶ୍ୟକ। ସେହି ସଂସ୍ଥା ଜରିଆରେ ଅର୍ଡର ଆଣିବା, ପେମେଣ୍ଟ ଗ୍ରହଣ କରିବା ମଧ୍ୟ ସହଜ ହୋଇପାରିବ। ଅନ୍‌ଲାଇନରେ ମଦ ଯୋଗାଇବା ପାଇଁ ଓଡ଼ିଶା ପାନୀୟ ନିଗମ (ଓଏସ୍‌ବିସି) ଏକ ଅନ୍‌ଲାଇନ ପ୍ଲାଟଫର୍ମର ବିକାଶ କରିବ। ଯେଉଁ ଏଜେନ୍ସିମାନଙ୍କୁ ହୋମ୍ ଡେଲିଭରି ପାଇଁ ଅବକାରୀ କମିଶନର ଏନ୍‌ଓସି ଦେବେ ସେମାନଙ୍କ ତାଲିକା ଓଏସ୍‌ବିସି ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ। ୱେବ୍‌ସାଇଟରେ ଅପଡେଟ ତାଲିକା ସହିତ ରିଟେଲରମାନଙ୍କର ଅଞ୍ଚଳ ଏବଂ ସମ୍ପୂର୍ଣ୍ଣ ଯୋଗାଯୋଗ ରହିବ। ମଦର ଏମ୍‌ଆର୍‌ପି ବିଷୟରେ ମଧ୍ୟ ୱେବ୍‌ସାଇଟରେ ଉଲ୍ଲେଖ କରାଯିବ। ଜଣେ ଗ୍ରାହକଙ୍କୁ କେତେ ପରିମାଣ ମଦ ଯୋଗାଇ ଦିଆଯିବ ଓଡ଼ିଶା ଅବକାରୀ ନିୟମ-୨୦୧୭ରେ ଉଲ୍ଲେଖ କରାଯାଇଛି। ଏଥି ସହିତ କେଉଁ ବୟସର ଗ୍ରାହକମାନଙ୍କ ପାଇଁ ମଦ କଟକଣା ରହିଛି ତାହା ମଧ୍ୟ ଉକ୍ତ ନିୟମରେ ଉଲ୍ଲେଖ କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ହେବ। ହୋମ୍ ଡେଲିଭରି ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ପରେ ସମ୍ପୃକ୍ତ ଦୋକାନୀଙ୍କୁ ମଦ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଡେଲିଭରି ଦେଉଥିବା ବ୍ୟକ୍ତିଙ୍କୁ ସମ୍ପୃକ୍ତ ରିଟେଲର ପରିଚୟ ପତ୍ର ପ୍ରଦାନ କରିବେ। ଡେଲିଭରି ଦେବା ବେଳେ ସାମାଜିକ ଦୂରତ୍ୱ, ମୁହଁରେ ମାସ୍କ ଲଗାଇବା ଏବଂ ସାନିଟାଇଜର ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି।

### ଘରେ ପହଞ୍ଚାଇବେ ସ୍ୱିଗି, ଜମାଟୋ

ମଦ ହୋମ ଡେଲିଭରୀ କରିବାକୁ ଅନ୍‌ଲାଇନ ଖାଦ୍ୟ ବିତରକ ସଂସ୍ଥା ଜମାଟୋ ଓ ସ୍ୱିଗୀକୁ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ମଦ ହୋମ ଡେଲିଭରୀ କରିବାକୁ ଉଭୟ ସଂସ୍ଥା ପକ୍ଷରୁ ଅବକାରୀ ବିଭାଗ ନିକଟରେ ଆବେଦନ କରାଯାଇଥିଲା। କଟକ, ଭୁବନେଶ୍ୱର, ପୁରୀ, ରାଉରକେଲା, ବ୍ରହ୍ମପୁର ଅଞ୍ଚଳରେ ଏହି ସୁବିଧା ଉପଲବ୍ଧ ହେବ।

# କରୋନା କବଳରେ ୨୬ ଜିଲା

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

■ ନୂଆ ୮୦ ପଜିଟିଭ୍ ଚିହ୍ନଟ
■ ଗଜପତି, ନବରଙ୍ଗପୁରକୁ ବ୍ୟାପିଲା
■ ସୁସ୍ଥ ହେଲେ ଆଉ ୬୨

ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହ ଗୋଟିକ ପରେ ଗୋଟିଏ ଜିଲାକୁ କରୋନା ଭୂତାଣୁ ବ୍ୟାପିବାରେ ଲାଗିଛି। ପ୍ରଥମ କରି ୨ ଜିଲା ଗଜପତି ଓ ନବରଙ୍ଗପୁରକୁ କରୋନା ଛୁଇଁଛି। ଫଳରେ କରୋନା କବଳକୁ ଏବେ ୨୬ଟି ଜିଲା ଆସିଛି। ୨୪ ଘଣ୍ଟାରେ ଆଉ ୮୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଜପତି ଜିଲାରେ ୪ ଓ ନବରଙ୍ଗପୁରରେ ଜଣେ ରହିଥିବାବେଳେ ଗଞ୍ଜାମରେ ସର୍ବାଧିକ ୧୯ଜଣ ରହିଛନ୍ତି। ସେହିପରି ପୁରୀରେ ୧୭, ଯାଜପୁରରେ ୧୪, ସୁନ୍ଦରଗଡ଼, ନୟାଗଡ଼ ଓ ମାଲକାନଗିରିରେ ୫ଜଣ ଲେଖାଏ, ଝାରସୁଗୁଡ଼ା ଓ ବାଲେଶ୍ୱରରେ ୩ଜଣ ଲେଖାଏ, କନ୍ଧମାଳରେ ୨, ବଲାଙ୍ଗୀର ଓ କଟକରେ ଜଣେ ଲେଖାଏ ରହିଛନ୍ତି। ଏହି ୮୦ଜଣଙ୍କ ମଧ୍ୟରେ ୭୧ଜଣ କ୍ୱାରାଣ୍ଟାଇନ୍ ସେଣ୍ଟର, ୨ଜଣ ହୋମ୍ କ୍ୱାରାଣ୍ଟାଇନ୍ ଏବଂ ୭ଜଣ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏବେ ମୋଟ ପଜିଟିଭ୍ ସଂଖ୍ୟା ୧୨୬୯ରେ ପହଞ୍ଚିଛି।

ଗଞ୍ଜାମ ଜିଲାରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୫ଜଣ ସୁରଟ ଫେରନ୍ତା, ଜଣେ ମହାରାଷ୍ଟ୍ର ଫେରନ୍ତା ଓ ଅନ୍ୟ ୩ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ପୁରୀରେ ଚିହ୍ନଟ ନୂଆ ୧୭ ଆକ୍ରାନ୍ତଙ୍କ ମଧ୍ୟରେ ୧୧ଜଣ ଗୁଜରାଟ ଫେରନ୍ତା ହୋଇଥିବାବେଳେ ପଶ୍ଚିମବଙ୍ଗରୁ ୪ ଏବଂ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରୁ ଜଣେ ଲେଖାଏ ରହିଛନ୍ତି। ଯାଜପୁରରେ ନୂଆ ୧୪ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ପଶ୍ଚିମବଙ୍ଗ ଫେରନ୍ତା, ୫ ଆନ୍ଧ୍ରପ୍ରଦେଶ ଓ ଜଣେ ଗୁଜରାଟ ଫେରନ୍ତା। ସୁନ୍ଦରଗଡ଼ରେ ୫ଜଣ ଯାକ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ନୟାଗଡ଼ର ୫ଜଣଙ୍କ ମଧ୍ୟରୁ ୨ଜଣ ସୁରଟ ଓ ତେଲେଙ୍ଗାନା ଫେରନ୍ତା ଏବଂ ଜଣେ ଗୁଜରାଟ ଫେରନ୍ତା ରହିଛନ୍ତି। ସେହିପରି ମାଲକାନଗିରିରେ ଚିହ୍ନଟ ନୂଆ ୫ ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ତାମିଲନାଡୁ ଓ ଜଣେ ତେଲେଙ୍ଗାନା ଫେରନ୍ତା ହୋଇଥିବାବେଳେ ଅନ୍ୟ ଜଣେ ସ୍ଥାନୀୟ ଅଞ୍ଚଳର ବୋଲି ସୂଚନା ମିଳିଛି। ଗଜପତି ଜିଲାର ୪ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ମହାରାଷ୍ଟ୍ର ଫେରନ୍ତା ଥିବା ବେଳେ ୩ଜଣ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି।

ବାଲେଶ୍ୱରର ୩ ନୂଆ ଆକ୍ରାନ୍ତ ସୁରଟ ଫେରନ୍ତା, ଝାରସୁଗୁଡ଼ାର ୩ଜଣଙ୍କ ମଧ୍ୟରୁ ଜଣେ ଲେଖାଏ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଫେରନ୍ତା ଏବଂ ଜଣେ ସ୍ଥାନୀୟ ଅଞ୍ଚଳର। ଏମାନଙ୍କ ମଧ୍ୟରୁ ୨ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। କନ୍ଧମାଳର ୨ ନୂଆ ଆକ୍ରାନ୍ତ ତେଲେଙ୍ଗାନା ଫେରନ୍ତା। ନବରଙ୍ଗପୁର, କଟକ ଓ ବଲାଙ୍ଗୀରରେ ଚିହ୍ନଟ ଆକ୍ରାନ୍ତ ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ତେଲେଙ୍ଗାନା ଫେରନ୍ତା ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

ସେପଟେ ଶନିବାର ରାଜ୍ୟରେ ସୁସ୍ଥ ହୋଇଛନ୍ତି ଆଉ ୬୨ ରୋଗୀ। ଏମାନଙ୍କ ମଧ୍ୟରେ ଗଞ୍ଜାମର ୪୧ଜଣ ଥିବାବେଳେ ବାଲେଶ୍ୱର ୧୫, ରାଉରକେଲା ୨, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁର ଫେରନ୍ତା ଜଣେ ଲେଖାଏ ରହିଛନ୍ତି।

# ୪୫ ଡିଗ୍ରୀ ଟପିଲା ପାରଦ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

ବାତ୍ୟା ପରେ ପ୍ରଚଣ୍ଡ ଗ୍ରୀଷ୍ମ ସମଗ୍ର ରାଜ୍ୟକୁ ଛଟପଟ କରିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ତାତିରେ ଆଉଟ ପାଉଟ ହେଉଛି। ପାରଦ ୪୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚାଲିଯାଇଛି। ଏପରି କି ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୪.୨, ତାଳଚେର ୪୩.୮, ବଲାଙ୍ଗୀର ୪୩.୫, ମାଲକାନଗିରି ୪୩, ସମ୍ବଲପୁର ୪୨.୬, ବୌଦ୍ଧ ୪୨.୫, ଝାରସୁଗୁଡା ୪୨.୨, ହୀରାକୁଦ ୪୨.୨, ସୋନପୁର ୪୨.୨, ଫୁଲବାଣୀ ୪୧.୪, ଅନୁଗୋଳ ୪୧.୩ ଏବଂ ପାରଳାଖେମୁଣ୍ଡିର ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଆହୁରି ପ୍ରବଳ ଗ୍ରୀଷ୍ମପ୍ରବାହ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

# ଅଣ୍ଡରଗ୍ରାଉଣ୍ଡ ରୁମ୍‌ରେ ଶ୍ୱାସରୁଦ୍ଧ ହୋଇ ୩ ଭାଇ ମୃତ

ପାରଳାଖେମୁଣ୍ଡି/ମୋହନା/ଆର.ଉଦୟଗିରି,୨୩।୫(ଡି.ଏନ.ଏ.)


ଅଣ୍ଡରଗ୍ରାଉଣ୍ଡକୁ ଯିବା ରାସ୍ତା।

ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ବିରିକୋଟ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ମଧ୍ୟରେ ଥିବା ଏକ ଅଣ୍ଡରଗ୍ରାଉଣ୍ଡ ରୁମ୍‌ରେ ଶ୍ୱାସରୁଦ୍ଧ ହୋଇ ୩ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିକ୍ରମ ମାଝି (୩୦), ସଞ୍ଜୀବ ମାଝି (୨୭) ଓ ଜିତୁ ମାଝି (୨୪)।

ବାପା ଜୁଆନ ମାଝି ରାତି ପ୍ରାୟ ୯ଟାରେ ଅଣ୍ଡରଗ୍ରାଉଣ୍ଡ ରୁମ୍‌ରେ ଥିବା ଏଟିଏମ୍ କାର୍ଡ ଆଣିବାକୁ ମଝିଆ ପୁଅ ସଞ୍ଜୀବଙ୍କୁ ପଠାଇଥିଲେ। ସେ କାର୍ଡ ଆଣିବାକୁ ଯାଇ ଆଉ ଫେରି ନ ଥିଲେ। ବଡଭାଇ ବିକ୍ରମ ଡାକିବାକୁ ଯାଇ ସେ ମଧ୍ୟ ଅଚେତ୍ ହୋଇ ପଡିଥିଲେ। କିଛି ସମୟ ପରେ ସାନଭାଇ ଜିତୁ ମଧ୍ୟ ଯାଇ ଆଉ ଫେରି ନ ଥିଲେ। ୩ ଭାଇ ନ ଫେରିବାରୁ କିଛି ସମୟ ପରେ ବାପା ଜୁଆନ ଝିଅକୁ ପଠାଇଥିଲେ। ସେ ଅଣ୍ଡରଗ୍ରାଉଣ୍ଡ ରୁମ୍‌କୁ ଥିବା ଶିଡ଼ିରେ କିଛିବାଟ ତଳକୁ ଓହ୍ଲାଇ ୩ ଭାଇ ଚଟାଣରେ ପଡିଥିବା ଦେଖି ଫେରି ଜଣାଇଥିଲେ। ପରେ ପରିବାର ଲୋକେ ପଡୋଶୀଙ୍କ ସହାୟତାରେ ୩ ଭାଇଙ୍କୁ ଉଦ୍ଧାର କରି ବିରିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ୩ ଭାଇଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶନିବାର ସକାଳେ ମୃତଦେହ ଜବତ କରି ବ୍ରହ୍ମପୁର ବଡ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାପା ଜୁଆନ, ମା'ଙ୍କ ସହ ୫ ଭାଇ ଓ ୨ଭଉଣୀ ମୋଟ ୯ଜଣ ଉକ୍ତ ଘରେ ରହୁଥିଲେ। ମୃତକଙ୍କ ପିତା ଯୁଆନ କହିଛନ୍ତି, ଅନେକ ଥର ଉକ୍ତ ଷ୍ଟୋର୍‌ରୁମ୍‌କୁ ଘର ଉପକରଣ ଆଣିବା ପାଇଁ ଯାଇଛୁ। କେବେ ଏଭଳି ଅଘଟଣ ଘଟି ନଥିଲା।

ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ଆର୍.ଉଦୟଗିରି ଏସ୍‌ଡିପି ଅଶୋକ କୁମାର ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ଅଡବା ଥାନାରେ ନଂ.୫୬/୬୭/୨୦ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅଣ୍ଡରଗ୍ରାଉଣ୍ଡ ରୁମ୍‌ଟି ୮ଫୁଟ ଲମ୍ବ ଓ ୮ଫୁଟ ଚଉଡାର ହୋଇଥିବାବେଳେ ଉଚ୍ଚତା ୬ଫୁଟ। ବାୟୁ ଚଳପ୍ରଚଳ ପାଇଁ କୌଣସି ସୁବିଧା ନ ଥିବାରୁ ଶ୍ୱାସରୁଦ୍ଧ ହୋଇ ୩ ଭାଇଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଆଲୋକ ରଞ୍ଜନ ଜଗଦଲା କହିଛନ୍ତି।

# ଅମ୍ଫାନ୍ ପାଇଁ ଲକ୍ଷେ କୋଟି କ୍ଷତି

କୋଲକାତା,୨୩।୫

ମହାବାତ୍ୟା ଅମ୍ଫାନ୍ ଯୋଗୁ ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗରେ ବ୍ୟାପକ କ୍ଷତିକ୍ଷତି ଘଟିଥିଲେ ହେଁ ଓଡ଼ିଶା ସେତେଟା ପ୍ରଭାବିତ ହୋଇନାହିଁ। ଅମ୍ଫାନ୍ ଯୋଗୁ ଭିତ୍ତିଭୂମି, କୃଷି ସମେତ ଅନ୍ୟ କ୍ଷେତ୍ରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା (୧୩ ବିଲିୟନ ଡଲାର) କ୍ଷୟକ୍ଷତି ହୋଇଥିବା ପଶ୍ଚିମବଙ୍ଗ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ପଡ଼ୋଶୀ ବାଂଲାଦେଶରେ ସାମୁଦ୍ରିକ ଝଡ଼ ଯୋଗୁ ୧୧ ବିଲିୟନ ଟାକା(୧୩୦ ନିୟୁତ ଡଲାର) କ୍ଷତି ହୋଇଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଅମ୍ଫାନ୍‌କୁ ଦଶନ୍ଧିର ସବୁଠାରୁ ଭୟଙ୍କର ବାତ୍ୟା ବୋଲି କୁହାଯାଇଛି। ୨ଟି ଦେଶରେ ୧୦୨ଜଣ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। ଘର ଭାଙ୍ଗିବା କିମ୍ବା ବିଦ୍ୟୁତ୍ ଆଘାତ ଲାଗିବା ଦ୍ୱାରା ଅଧିକାଂଶ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା ସ୍ଥଳଭାଗ ଛୁଇଁବା ଆଗରୁ ୩ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ପାଟଣା ଆଇଆଇସି ନିଲମ୍ବିତ

କଟକ ଅଫିସ/କେନ୍ଦୁଝର,୨୩।୫(ସ୍ୱ.ପ୍ର.)


ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣାରେ ଡିଜିପିଙ୍କ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର ଜିଲା ପାଟଣା ଥାନା ଭିତରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାର ୪ ଦିନ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ପାଟଣା ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ତାଳସୁରୁଆ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ (୨୨)ଙ୍କୁ ଗୋଟିଏ ମାମଲାରେ ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ଥାନା ଭିତରେ ତାଙ୍କୁ ଆଇଆଇସି ଜେନା ଲାଠି ଓ ଗୋଇଠା ମାରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ଭାଇରାଲ ହେବାର ୫୫ ଦିନ ପୂର୍ବରୁ ଚିତ୍ତରଞ୍ଜନ ଜମିଜମା ମାମଲାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଏନେଇ ପାଟଣା ଥାନାରେ ଗତ ମାର୍ଚ୍ଚ ୨୫ରେ ନଂ ୫୧/୨୦ରେ ମାମଲା ରୁଜୁ ହୋଇଥିଲା। ଥାନାରେ ତାଙ୍କୁ ଥାର୍ଡ ଡିଗ୍ରୀ ଦିଆଯିବା ଘଟଣାରେ ସାମାଜିକ କର୍ମୀ ମନୋଜ ଜେନା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଙ୍କଠାରେ ଅଭିଯୋଗ କରିଥିଲେ। କମିଶନ ମାମଲାକୁ ଗ୍ରହଣ କରି ଆଇଆଇସି ଜେନା ଓ ପୋଲିସକୁ କଡ଼ା ସମାଲୋଚନା କରିଥିଲେ। ଆଇଆଇସିଙ୍କ ଦରମାରୁ ୧୦ ହଜାର ଟଙ୍କାର ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ପୀଡ଼ିତ ଚିତ୍ତରଞ୍ଜନଙ୍କୁ ଦେବା ପାଇଁ କମିଶନ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜୁନ୍ ୨୬ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ କେନ୍ଦୁଝର ଏସ୍‌ପିଙ୍କୁ ମଧ୍ୟ ନିର୍ଦ୍ଦେଶ ରହିଛି।

# ପିଏମ୍, ସିଏମ୍, ଡିଏମ୍: ଗୋଟେ ବିପର୍ଯ୍ୟୟରେ ମୁଖା ଖୋଲିଗଲା

ନୂଆଦିଲ୍ଲୀ, ୨୩।୫



ଜଣେ ବିଶିଷ୍ଟ ଅମଲାତନ୍ତ୍ରୀ ଭାରତୀୟ ଶାସନ ନୀତି ଉପରେ ଏକଦା ଏକ ଉତ୍ତମ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ଏଠାରେ ଶାସନ ଚଳାଉଥିବା ତିନୋଟି ଇଞ୍ଜିନ୍ ହେଲେ ପ୍ରଧାନମନ୍ତ୍ରୀ (ପିଏମ୍), ମୁଖ୍ୟମନ୍ତ୍ରୀ(ସିଏମ୍) ଏବଂ ଜିଲାପାଳ (ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ବା ଡିଏମ୍)। ଏହିସବୁ କ୍ଷମତାକେନ୍ଦ୍ର ବିଷୟରେ ସେ ଯେଉଁ ଟିପ୍ପଣୀ ଦେଇଥିଲେ, ତାହାର ପ୍ରାସଙ୍ଗିକତା ଏବେ ଯଥେଷ୍ଟ ରହିଛି। କରୋନା ଭାଇରସ୍ ବ୍ୟାପିବା ବେଳେ ଏହି ବ୍ୟାଖ୍ୟାନକୁ ଆବିଷ୍କାର କରାଯାଇଛି ବୋଲି ଧରା ନ ଯାଇ ଏହାର ଗୁରୁତ୍ୱକୁ ଉପଲବ୍ଧି କରାଯିବା ଦରକାର। କାରଣ ଏହି ମହାମାରୀ ସମୟରେ ଏପିଡେମିକ୍ ଡିଜିଜ୍ ଆକ୍ଟ ଏବଂ ଦି ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକ୍ଟ ଲାଗୁ ହେବା ଦ୍ୱାରା ସରକାର ସ୍ୱତନ୍ତ୍ର କ୍ଷମତା ବଳରେ ରୋଗ ନିୟନ୍ତ୍ରଣ କରିବା ଦିଗରେ କାର୍ଯ୍ୟ କରୁଛନ୍ତି।

ଏଠାରେ ପ୍ରଶ୍ନ ଉଠିବା ସହ ବିତର୍କ ସୃଷ୍ଟି କଲାଣି ଯେ, ଉପରଲିଖିତ ୩ କ୍ଷମତାକେନ୍ଦ୍ର କରୋନା ମାହାମାରୀ ଯୋଗୁ ସାଧାରଣ ସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି ବେଳେ ଉତ୍ତମ ସେବା ଯୋଗାଇବାରେ କେତେ ସକ୍ଷମ ହୋଇଛନ୍ତି। କିମ୍ବା ଅଣସଙ୍ଗଠିତ ଶ୍ରମ ଶ୍ରେଣୀର ଅବ୍ୟବସ୍ଥାକୁ ସୁଧାରିବାରେ ନିଆଯାଇଥିବା ପଦକ୍ଷେପ କେତେଦୂର ଫଳପ୍ରଦ ହୋଇପାରିଛି।

ଦେଖିବାକୁ ଗଲେ, ୧୯୯୬ରୁ ୨୦୧୪ ଯାଏ ମେଣ୍ଟ ସରକାର ତିଷ୍ଠି ଶେଷ ହେବା ପରେ ପିଏମ୍-ସିଏମ୍-ଡିଏମ୍ ଯୁଗ ୨୦୧୪ ଗ୍ରୀଷ୍ମ ପରେ ଅଧିକ ଶକ୍ତିଶାଳୀ ହୋଇଥିଲା। ଗତ ୬ ବର୍ଷ ମଧ୍ୟରେ କୌଣସି କେନ୍ଦ୍ରମନ୍ତ୍ରୀଙ୍କଠାରୁ କିଛି ଶୁଣିବାକୁ ମିଳି ନାହିଁ। ଏପରି କି ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଏସ୍)ର ସଦସ୍ୟ ଥିବା ବରିଷ୍ଠ ମନ୍ତ୍ରୀ ବିଭିନ୍ନ କଥାରେ ତୁଣ୍ଡ ଖୋଲିବାକୁ ଭୟ କରୁଛନ୍ତି। କେବଳ ବର୍ତ୍ତମାନ ଅମିତ ଶାହାଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ଗଣତିରେ ଆସିପାରୁ ନାହାନ୍ତି। କ୍ୟାବିନେଟ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସାମୂହିକ ଉତ୍ତରଦାୟିତ୍ୱ, ଆଭ୍ୟନ୍ତରୀଣ ବିତର୍କ ଓ ମତଭେଦ ଭଳି ଅବଧାରଣା ଏବେ ପ୍ରାସଙ୍ଗିକତା ହରାଇବସିଛନ୍ତି। ଉଦାହରଣ ସ୍ୱରୂପ ବିମୁଦ୍ରୀକରଣ। ଏଭଳି ଏକ ଆର୍ଥିକ ନିଷ୍ପତ୍ତି ନିଆଯିବା ବେଳେ କ୍ୟାବିନେଟ୍‌କୁ ବିଶ୍ୱାସକୁ ନିଆଯାଇ ନ ଥିଲା। ଏପରି ସ୍ଥିତି ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟ୍‌ରେ ଦେଖିବାକୁ ମିଳି ନ ଥିଲା। ଅର୍ଥାତ୍ ସେତେବେଳେ କୌଣସି ପ୍ରସଙ୍ଗରେ ମତଭେଦ ଥିଲେ ତାହାକୁ ଗୁରୁତ୍ୱ ଦିଆଯାଉଥିଲା।

ମେଣ୍ଟ ଶାସନ ସମୟକୁ ଦେଖିଲେ, ଆଞ୍ଚଳିକ ଏକଛତ୍ରବାଦ ମୁଣ୍ଡ ଟେକିଥିଲା। ସେତେବେଳେ ତାମିଲନାଡୁରେ ଜୟଲଳିଥା, ପଶ୍ଚିମବଙ୍ଗର ମମତା ବାନାର୍ଜୀ, ଆନ୍ଧ୍ରପ୍ରଦେଶର ୱାଇ.ଏସ୍. ରାଜଶେଖର ରେଡ୍ଡୀ, ଉତ୍ତରପ୍ରଦେଶର ମାୟାବତୀ ଏବଂ ଗୁଜରାଟରେ ନରେନ୍ଦ୍ର ମୋଦି ଆଦି ରାଜନେତା କ୍ଷମତାଶାଳୀ ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଆଜିର ପ୍ରଧାନମନ୍ତ୍ରୀ ଓ ସେମାନଙ୍କ ମଧ୍ୟରେ ଅତି ସାଧାରଣ ଭାବେ ଦେଖିଲେ କେତେ ଅପ୍ରାସଙ୍ଗିକ ତଥା ସେମାନଙ୍କ ମନ୍ତ୍ରୀମାନେ କିପରି କ୍ଷମତାବିହୀନ ଥିଲେ ବୁଝାପଡ଼ିଯାଉଛି। କେତେ ଜଣ ଅମଲାଙ୍କ ମଧ୍ୟରେ କିଭଳି କ୍ଷମତା ବଣ୍ଟନ କରାଯାଇ ଶାସନ କରାଯାଉଛି, ତାହା ସ୍ପଷ୍ଟ ଜଣାପଡ଼ିଯାଉଛି।

ମାହାମାରୀ ଯୋଗୁ ଏପିଡେମିକ୍ ଡିଜିଜ୍ ଆକ୍ଟ ଆସିଛି, ଯେଭଳି ୧୮୯୭ରେ ପ୍ଲେଗ୍ ଦେଖାଦେବା ପରେ ବ୍ରିଟିଶ ଏଭଳି ଚିଠା ପ୍ରସ୍ତୁତ କରିଥିଲା। ଏହାଦ୍ୱାରା କେନ୍ଦ୍ର ସରକାରକୁ ଅଧିକ କ୍ଷମତା ଦିଆଯିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଥିଲା। ବର୍ତ୍ତମାନର ବିପର୍ଯ୍ୟୟ ପରିଚାଳନା ଆଇନ ଭଳି ସବୁ କ୍ଷମତା ଗୋଟିଏ ଜାଗାରେ କେନ୍ଦ୍ରୀଭୂତ ହୋଇଥିଲା। ୨୦୦୪ ସୁନାମି ପରେ ୨୦୦୫ରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ଆଣିଥିବା ଆଇନ ଏଭଳି ସ୍ଥିତି ଦେଖି ନ ଥିଲା। ସେଥିପାଇଁ କୁହାଯାଇଛି, କୌଣସି ଖରାପ ସ୍ଥିତି ଆସିଲା ବେଳେ ଅଧିକ ସତର୍କତା ଅବଲମ୍ବନ କରାଯିବା ଉଚିତ।

ଆଇନ ପ୍ରଣେତାମାନେ ବିପର୍ଯ୍ୟୟ ଯୋଗୁ ପ୍ରଭାବିତ ହେଉଥିବା ଗୋଟିଏ, ଦୁଇଟି କିମ୍ବା ଅଧିକ ରାଜ୍ୟକୁ ସବୁଆଡୁ ବିଚାର କରିବା ଦରକାର। ମାତ୍ର ମହାମାରୀ ଦେଖା ଦେଇଥିବା ବେଳେ ନୂଆଦିଲ୍ଲୀରେ ସବୁ କ୍ଷମତା ଠୁଳ ହୋଇଛି। ଏପରିକି ପ୍ରଧାନମନ୍ତ୍ରୀ ସିଧାସଳଖ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି। ହେଲେ ଅନ୍ୟମାନଙ୍କୁ ଯେଭଳି ଶୁଣିବା କଥା ତାହା କରାଯାଉନାହିଁ। ସେହିଭଳି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସରପଞ୍ଚ ଏବଂ ଅମଲାତନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଅନେକ କାର୍ଯ୍ୟକୁ ସଫଳ ରୂପାୟନ କରାଯାଇପାରନ୍ତା।

ଅନୁରୂପ ଭାବେ କ୍ୟାବିନେଟ ସଚିବ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଭିନ୍ନ ଭିନ୍ନ ପ୍ରସଙ୍ଗ ନେଇ ବୈଠକ କରିବା ଅସାମ୍ବିଧାନିକ କିମ୍ବା ଅନୈତିକ ନୁହେଁ। କିନ୍ତୁ ଏହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସବୁ କଥାରେ ଅମଲାତନ୍ତ୍ରୀଙ୍କ ମଧ୍ୟରେ ହେଉଥିବା ଆଲୋଚନା ଯୋଗୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହେଉଥିବା ନେତାଙ୍କ ସ୍ଥାନ କେଉଁଠାରେ ରହୁନାହିଁ। ବର୍ତ୍ତମାନ ଶ୍ରମ ଶକ୍ତିକୁ ନେଇ ଦେଖାଯାଇଥିବା ବିପର୍ଯ୍ୟୟ ବେଳେ ନେତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବା କଥା। ଯଦି ସେମାନଙ୍କୁ ଆଲୋଚନା ପରିସରକୁ ଅଣା ନ ଯିବ ତେବେ କେଉଁମାନେ ଉତ୍ତରଦାୟୀ ରହିବେ ତାହା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଲାଣି। ଏଭଳି ସ୍ଥଳେ କାହାକୁ ଦୋଷ ଦେବା।

ମହାମାରୀ ସମୟରେ ପ୍ରବାସୀଙ୍କ ଦୁର୍ଦ୍ଦଶା ସର୍ବୋଚ୍ଚରେ ପହଞ୍ଚିଛି। ଶ୍ରମ ଆମଦାନୀ କରୁଥିବା ରାଜ୍ୟ ଯଥା ମହାରାଷ୍ଟ୍ର, ଗୁଜରାଟ, କର୍ନାଟକ, ପଞ୍ଜାବ, ଦିଲ୍ଲୀ ଏବଂ ଶ୍ରମ ରପ୍ତାନି କରୁଥିବା ରାଜ୍ୟ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶାକୁ ଦେଖିଲେ ଜଣାପଡୁଛି ଯେ, ମାନବୀୟ ପରିଚାଳନାରେ ଜିଲାପାଳ କିମ୍ବା ସେମାନଙ୍କ ସମତୁଲ ଅଧିକାରୀଙ୍କୁ ଅଧିକ ଦାୟିତ୍ୱ ଦିଆଗଲା। ଫଳରେ ରାଜନୈତିକ ବ୍ୟକ୍ତିମାନେ ପ୍ରବୃତ୍ତି ଭୁଲି ନୀରବ ହେଲା ଭଳି ପ୍ରତୀୟମାନ ହେଉଛି।

# ପୁଅ ବେକରେ ଜୁଆଳି

**ଛିନ୍ଦୱାଡା:** 'ଚାଷ କାର୍ଯ୍ୟ ଯାହାର, କି ଆନନ୍ଦ ତାହାର'। ଓଡ଼ିଶାରେ ବହୁ ପ୍ରଚଳିତ ଏହି ଢଗ ଚାଷ କାର୍ଯ୍ୟ ଏବଂ ଏଥିରୁ ମିଳୁଥିବା ସୁଖକୁ ବଖାଣେ। ହେଲେ କରୋନା ସଙ୍କଟ ସମୟରେ ମଧ୍ୟପ୍ରଦେଶର ଛିନ୍ଦୱାଡାର ଜାଷଜମିରୁ ଆସିଥିବା ହୃଦୟ ବିଦାରକ ଚିତ୍ର ଚାଷୀର ଯନ୍ତ୍ରଣାକୁ ପଦାକୁ ଆଣିଛି। ଆର୍ଥିକ ଅନଟନର ଶିକାର ଜଣେ ଚାଷୀ ନିଜର ଦୁଇପୁଅଙ୍କ ବେକରେ ପକାଇଛନ୍ତି ଜୁଆଳି। କେବଳ ଏତିକି ନୁହେଁ, ବାପାପୁଅ ମିଶି ଚାଷ କରିଛନ୍ତି ୨.୧୫ ଏକର ଜମି। ସୋସିଆଲ ମଡିଆରେ ଏହି ଚିତ୍ର ଭାଇରାଲ ହେବାପରେ ସମ୍ପୃକ୍ତ ଚାଷୀ ପରିବାରକୁ ସବୁଆଡୁ ଛୁଟିଛି ସମବେଦନାର ସୁଅ। ନିଜର ଦୁଇ ବଳଦ ସହାୟତାରେ ଚାଷୀ ଜୟଦେବ ଦାସ ଚାଷ କରି ଆସୁଥିଲେ। ହେଲେ କୌଣସି କାରଣରୁ ଗୋଟିଏ ବଳଦ ମରିଗଲା। ଅନ୍ୟଟି ରୋଗଣା ହୋଇଗଲା। ଭେଣ୍ଡି ଲଗାଇବା ସମୟରେ ବଳଦ ନ ଥିବାରୁ ଜୟଦେବଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା। ଫଳରେ ସେ ବାଧ୍ୟ ହୋଇ ଦୁଇ ପୁଅଙ୍କ ବେକରେ ଜୁଆଳି ଯୋଖି ନିଜେ ଲଙ୍ଗଳ କଣ୍ଢି ଧରିଥିଲେ। ଜୟଦେବଙ୍କ ଦୁଇପୁଅ ରାଜେଶ ଏବଂ ଦେବ ମୂଲମଜୁରି କରି ପେଟ ପୋଷୁଥିଲେ। ଏଥିସହିତ ବାପାଙ୍କୁ ଚାଷରେ ସହଯୋଗ ମଧ୍ୟ କରୁଥିଲେ। ହେଲେ କରୋନା ଲକ୍‌ଡାଉନ ଯୋଗୁ ଚାଷକାର୍ଯ୍ୟ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଥିଲା। ଚାଷ କରାଯାଇଥିବା କୋବି ଜମିରେ ଶଢ଼ିଗଲା। ଉତ୍ପାଦନ ସମୟରେ ଫସଲ ନଷ୍ଟ ଜୟଦେବଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ସଦୃଶ ଥିଲା। ବଳଦ ନ ଥିବା ଯୋଗୁ ଚାଷକାମ ଆଗକୁ ଯାଇ ପାରୁ ନ ଥିଲା। ଜୟଦେବ ବାଧ୍ୟ ହୋଇ ବଳଦ ସ୍ଥାନରେ ଦୁଇପୁଅଙ୍କୁ ରଖି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଖପଡ଼ୋଶୀଙ୍କ କହିବା କଥା, ଜୟଦେବ ଜଣେ ସ୍ୱାଭିମାନୀ ମଣିଷ। ସେ କେବେ କାହା ନିକଟରେ ହାତ ପତାନ୍ତି ନାହିଁ। କେବଳ ଏତିକି ନୁହେଁ, ଆର୍ଥିକ ଅନଟନ ଭିତରେ ମଧ୍ୟ ସେ ଟଙ୍କାଟିଏ ଋଣ କରିନାହାନ୍ତି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କୃଷି, ତହସିଲ ଏବଂ ରାଜସ୍ୱ ବିଭାଗ ଅଧିକାରୀ ପହଞ୍ଚି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ...................................


ପରୀ
ପରିବାରବର୍ଗ


ଜିନୁ
ପରିବାରବର୍ଗ


ନାରାୟଣ
ପରିବାରବର୍ଗ


ଅର୍ଚ୍ଚନା
ପରିବାରବର୍ଗ


ଅରିତାଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଘର ଗଢ଼ାଯାଏ କାଠେ
### ମନ ଗଢ଼ାଯାଏ ପାଠେ।

ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ର ଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡ଼ା ହୋଇଥାଏ। ସେହିପରି ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

### ଘର କାଠ ଉଇ ଖାଉଛି
### କାଉଁରିଆ କାଠି କଟା ହେଉଛି।

କାଠ ସହ କାଉଁରିଆ କାଠି କୌଣସି ଗୁଣରେ ସରି ହୋଇ ନ ଥାଏ। କିଛି ବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଭେଲ ମଧ୍ୟରେ କିଛି ତଫାତ୍ ବା ଫରକ ଜାଣିପାରି ନ ଥାନ୍ତି । ନିର୍ବୁଦ୍ଧିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :**

# ୩୨୩ ଏଏସ୍‌ଆଇଙ୍କୁ ପଦୋନ୍ନତି

**କଟକ ଅଫିସ,୨୩।୫**

ଓଡ଼ିଶା ପୋଲିସରେ କାର୍ଯ୍ୟ କରୁଥିବା ୩୨୩ ଜଣ ଏଏସ୍‌ଆଇଙ୍କୁ ପଦୋନ୍ନତି ସହ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଏହି ଏଏସ୍‌ଆଇମାନେ ରାଜ୍ୟର ବିଭିନ୍ନ ଥାନାରେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପରେ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ରାଜ୍ୟର ବିଭିନ୍ନ ଥାନାରେ ଏସ୍‌ଆଇ ଭାବେ ନୂତନ ନିଯୁକ୍ତି ପ୍ରଦାନ କରାଯାଇଥିବା ପୋଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଖିରେ ପଟିବାନ୍ଧି ଚୁପ୍ ...

ଏଭଳି ମନ୍ତବ୍ୟ ରଖିଛନ୍ତି। ସବୁକିଛି ପ୍ରଶାସନ ଉପରେ ଛାଡ଼ିଦେଇ ନ୍ୟାୟପାଳିକା ନୀରବ ହୋଇ ରହିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ମତ ଦେଇଛନ୍ତି। ଦେଶବାସୀ ସମସ୍ୟାରେ ପଡ଼ିଥିବା ବେଳେ ଆଖିରେ ପଟିବାନ୍ଧିବା ଭଳି ବିଚାରପତିମାନେ ଏକାନ୍ତରେ ବସି ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପରିବର୍ତ୍ତେ ସୁପ୍ରିମକୋର୍ଟଙ୍କ 'କେମିତି ସେମାନଙ୍କ ଚାଲିବାକୁ ରୋକିପାରିବା' ମନ୍ତବ୍ୟକୁ ନେଇ ଡାଭେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯଦି ବିଚାରପତିମାନେ ସେମାନଙ୍କ ପୁଅ ଅସୁବିଧାରେ ପଡ଼ି ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ରାସ୍ତାର ଅନ୍ୟ ପାର୍ଶ୍ୱରୁ ଏକ କାର୍ ଯାଉଥିବାର ଦେଖିବେ, ସେମାନେ କ'ଣ ତାକୁ ଉଦ୍ଧାର କରିବେନି ବୋଲି ଡାଭେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଦେଶର ପ୍ରତ୍ୟେକ ନାଗରିକ ସୁପ୍ରିମକୋର୍ଟଙ୍କ ଗୋଟିଏ ଗୋଟିଏ ପୁଅ। ସର୍ବଭାରତୀୟ ଆଇନଜୀବୀ ମହାସଂଘ ଦ୍ୱାରା ଆୟୋଜିତ ଏକ ୱେବ୍ ସେମିନାରରେ 'ମହାମାରୀ ସମୟରେ ବିଚାରପତିଙ୍କ ଭୂମିକା' ଶୀର୍ଷକ ବିଷୟ ଉପରେ ମତ ରଖି ଡାଭେ ଏଭଳି କଟୁ ମନ୍ତବ୍ୟ ବାଢ଼ିଛନ୍ତି।

ସମ୍ବିଧାନ ପ୍ରଣେତାମାନେ ଚାହିଁଥିଲେ, କାର୍ଯ୍ୟପାଳିକାର କାର୍ଯ୍ୟ ଓ ନିଷ୍କ୍ରିୟତାକୁ ନିୟନ୍ତ୍ରଣକୁ ଆଣିବା ନ୍ୟାୟପାଳିକାର କାମ ହେବା ଉଚିତ। ସମ୍ବିଧାନର ଧାରା ୩୨(ସାମ୍ବିଧାନିକ ପ୍ରତିକାର ଅଧିକାର)ରେ ଉଲ୍ଲେଖ ଅଛି ଯେ, ଜଣେ ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହେଲେ, ଏହାର ସୁରକ୍ଷା ଲାଗି ସେ ସିଧା ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଏହା ସମ୍ବିଧାନର ଆତ୍ମା ବୋଲି ଡଃ. ଆମ୍ବେଦକର ଦର୍ଶାଇଥିବା ଡାଭେ ମନେପକାଇ ଦେଇଥିଲେ। ନ୍ୟାୟପାଳିକା ଯେ ଦୈନନ୍ଦିନ କାର୍ଯ୍ୟପାଳିକା କାର୍ଯ୍ୟରେ ହସ୍ତକ୍ଷେପ କରିବ, ସେ କଥା ନୁହେଁ। ପ୍ରତିଟି କଥା ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ହେଲେ ଯେତେବେଳେ କାର୍ଯ୍ୟପାଳିକା ନିଜ କର୍ତ୍ତବ୍ୟରେ ବିଫଳ ହେଉଛି କିମ୍ବା ନାଗରିକଙ୍କ ଅଧିକାର ଛଡ଼ାଇ ନିଆଯାଉଛି, ସେ କ୍ଷେତ୍ରରେ ନ୍ୟାୟପାଳିକା ହସ୍ତକ୍ଷେପ କରି ନିଜର ରାୟ ଦେବା ଏକାନ୍ତ ପ୍ରୟୋଜନ ବୋଲି ଡାଭେ ପ୍ରକାଶ କରିଛନ୍ତି। ବିଚାରପତିମାନେ କାର୍ଯ୍ୟପାଳିକାର ଦୋଷ ଦୁର୍ବଳତା ଓ କାର୍ଯ୍ୟଶୈଳୀ ତର୍ଜମା କରି ନାଗରିକମାନେ କିପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଭଳି ପଦକ୍ଷେପ ଗ୍ରହଣ କରିବା ଉଚିତ।

ଏହା କେବଳ ଜଣେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ନ ଥିଲା। ଲକ୍ଷ ଲକ୍ଷ ଲୋକ ଏଭଳି ସମସ୍ୟାର ଶିକାର ହୋଇଥିଲେ। କାର୍ଯ୍ୟପାଳିକା ପ୍ରବାସୀ ଶ୍ରମିକଙ୍କ ଏଭଳି ଦୁର୍ଦ୍ଦଶା ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା। ନ ହେଲେ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରି ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ବାଟ ବାହାର କରିବା ଜରୁରୀ ଥିଲା। ଜନସ୍ୱାର୍ଥ ମାମଲାକୁ ଆଧାର କରି ସୁପ୍ରିମକୋର୍ଟ ଏହାର ସମାଧାନ ଓ ଶ୍ରମିକ କଲ୍ୟାଣ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିଥାନ୍ତେ। ଲକ୍‌ଡାଉନ ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକମାନେ ଦୁଃଖଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ନ୍ୟାୟପାଳିକା ଚୁପ୍‌ରହିବା ଠିକ୍ ନୁହେଁ ବୋଲି ଡାଭେ କହିଛନ୍ତି। କୌଣସି ପ୍ରତିକାର କରା ନ ଯାଇ ସମ୍ବିଧାନ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଗ୍ୟାରେଣ୍ଟି ଦେଇଛି କହିବା ନିରର୍ଥକ ବୋଲି ସେ ତାଚ୍ଛଲ୍ୟ କରି କହିଛନ୍ତି। ଦେଶବାସୀଙ୍କ ହୃଦୟ ଜିତିବା ଲାଗି ମହାମାରୀ ନ୍ୟାୟପାଳିକାକୁ ବିରାଟ ସୁଯୋଗ ଦେଇଥିଲା। ଏଭଳି ପରିସ୍ଥିତିରେ ଅଦାଲତଙ୍କ ରାୟକୁ ଲୋକମାନେ ଦୀର୍ଘଦିନ ମନେ ରଖିଥାଆନ୍ତେ, ସମ୍ମାନ ଦେଇଥାଆନ୍ତେ। ଏଭଳି ସୁଯୋଗ ନ୍ୟାୟପାଳିକା ହାତଛଡ଼ା କରିବା ଦୁର୍ଭାଗ୍ୟର ବିଷୟ ବୋଲି ଡାଭେ ପ୍ରକାଶ କରିଛନ୍ତି। ସ୍ୱାଧୀନ ଭାବେ ଜଣେ ବିଚାରପତି ଏହି ପ୍ରସଙ୍ଗ ଉଠାଇ ପାରିଥାଆନ୍ତେ। ପ୍ରଧାନ ବିଚାରପତି ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥାଆନ୍ତେ। ହେଲେ ସମସ୍ତେ ଏନେଇ ଚୁପ୍ ରହିବା ବିଡ଼ମ୍ବନାର ବିଷୟ। ଦେଶବାସୀ ବିମୁଦ୍ରୀକରଣର ସମ୍ମୁଖୀନ ହେଲାବେଳେ ନ୍ୟାୟପାଳିକା ଏଭଳି ନୀରବ ରହିଥିବା ସେ କହିଛନ୍ତି। ଏହାଦ୍ୱାରା ନା କଳାଧନ ଫେରିଲା ନା କିଛି ସୁଫଳ ମିଳିଲା ବୋଲି ସେ ସମାଲୋଚନା କରି କହିଛନ୍ତି। ସୋସିଆଲ ମିଡିଆରେ ଏ ସବୁ ଘଟଣାକୁ ନେଇ ତୀବ୍ର ସମାଲୋଚନା କରାଯାଉଛି। ଏହା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ନ୍ୟାୟପାଳିକାକୁ ଭଲ ପାଉଥିବା ଓ ଏହାର ସୁଦୃଢ଼ୀକରଣ ଚାହୁଁଥିବା ବ୍ୟକ୍ତି ଏଭଳି ମତରଖିବା ସ୍ୱାଭାବିକ ବୋଲି ଡାଭେ କହିଛନ୍ତି। ବାର୍ ଆସୋସିଏଶନଗୁଡ଼ିକ ନ୍ୟାୟପାଳିକାର ଭୂମିକା ଓ କ୍ଷମତା ସମ୍ପର୍କରେ ପୁଣି ଥରେ ଅବଗତ କରାଇବା ଠିକ୍ ହେବ ବୋଲି ସେ ମତ ଦେଇଛନ୍ତି। ଯଦି ନ୍ୟାୟପାଳିକା ବିବେକଶୂନ୍ୟ ହୋଇପଡ଼େ, ତେବେ ଆଇନଜୀବୀମାନେ ଆଗକୁ ଓହ୍ଲାଇ ଚାପ ପକାଇବା ଦରକାର। ନ ହେଲେ ଇତିହାସ ଆମକୁ କ୍ଷମା ଦେବନାହିଁ। ଦେଶର ଭଲ ମନ୍ଦ ବିଷୟରେ ବିଚାରପତିମାନେ ଚିନ୍ତାକରିବା ଓ ଉଚିତ ସମୟରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଡାଭେ ପ୍ରକାଶ କରିଛନ୍ତି।

# ବ୍ରହ୍ମପୁର ବଡ଼ ମେଡିକାଲରେ ଶିଶୁ ବିକ୍ରି ଅଭିଯୋଗ

**୭ଦିନ ଭିତରେ ରିପୋର୍ଟ ଦେବାକୁ ସିଡବ୍ଲ୍ୟୁସିର ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ,୨୩।୫**

ବ୍ରହ୍ମପୁର ବଡ଼ ମେଡିକାଲରେ ଶିଶୁ ବିକ୍ରି ନେଇ ଚାଇଲ୍ଡ ଲାଇନ୍ ପକ୍ଷରୁ ଶନିବାର ଅଭିଯୋଗ ହୋଇଛି। ଚାଇଲ୍ଡ ଲାଇନ ଏନେଇ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)କୁ ଜଣାଇବା ପରେ ୭ଦିନ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସିଡବ୍ଲୁସି ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ନିର୍ଦ୍ଦେଶ ପାଇବା ପରେ ଚାଇଲ୍ଡ ଲାଇନ ପକ୍ଷରୁ କୋଦଳା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଜଣେ ୩୨ ବର୍ଷୀୟା ଆସନ୍ନ ପ୍ରସବା ଗତ ୧୮ ତାରିଖରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ପ୍ରସୂତି ବିଭାଗର ଜଣେ ବ୍ୟକ୍ତି ଶିଶୁ ପୁତ୍ରଟିକୁ ବିକ୍ରି କରିବାକୁ ମହିଳାଙ୍କୁ ଲୋଭ ଦେଖାଇଥିଲେ। ସେଥିପାଇଁ ମୋଟା ଅଙ୍କର ଟଙ୍କା ଦେବାକୁ ମଧ୍ୟ କହିଥିଲେ। ଏହି ଖବର ଚାଇଲ୍ଡ ଲାଇନ ପାଖରେ ପହଞ୍ଚିଥିଲା। ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ସୁଧୀର ସାବତଙ୍କ ନିର୍ଦ୍ଦେଶ କ୍ରମେ ସଂଯୋଜକ ସାଇପ୍ରସାଦ ସାମଲ ଓ ସଦସ୍ୟା ପ୍ରଣତୀ କୌର ମେଡିକାଲକୁ ଯାଇ ଶିଶୁପୁତ୍ରଙ୍କ ମା'ଙ୍କୁ ପଚରାଉଚରା କରିଥିଲେ। ତେବେ ମହିଳା ଜଣକ ଶିଶୁପୁତ୍ର ବିକ୍ରି ଘଟଣାକୁ ଖଣ୍ଡନ କରିଥିଲେ। ମାତ୍ର ସନ୍ଦେହ ହେବାରୁ ଚାଇଲ୍ଡ ଲାଇନ ଏନେଇ ନଜର ରଖିବାକୁ ପ୍ରସୂତି ବିଭାଗ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଏନେଇ କୋଦଳା ଥାନା ଅଧିକାରୀ ଦେବାଶିଷ ମହାପାତ୍ରଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଘଟଣାଟି ଯଦିଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଘଟିଛି, ଚାଇଲ୍ଡ ଲାଇନ ପକ୍ଷରୁ ଅଭିଯୋଗ ପରେ ଆମେ ତଦନ୍ତ ଜାରି ରଖିଛୁ।

## ପ୍ରଥମ ପୃଷ୍ଠାରୁ...

### ଲକ୍ଷେ ହେକ୍ଟର ଜମି ...

କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଜିଲାରେ ୪୯୩୦ଟି ଟେଲି ଯୋଗାଯୋଗ ବ୍ୟବସ୍ଥାର ଆଂଶିକ କ୍ଷତି ହୋଇଛି । ଆସନ୍ତା ୨୬ ତାରିଖ ମଧ୍ୟରେ ଫସଲ କ୍ଷୟକ୍ଷତି ଆକଳନ ଶେଷ ହେବ। ୨୫୯୨ଗଛକୁ ରାସ୍ତାରୁ ହଟାଯାଇଥିବା ବେଳେ ୨୯୦ କି.ମି. ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଅବରୋଧ ମୁକ୍ତ କରାଯାଇଛି। ବାତ୍ୟା ପୂର୍ବରୁ ୨ ଲକ୍ଷ ୩୪୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳରେ ୨୧୦ଟି ମୋବାଇଲ ମେଡିକାଲ ଟିମ୍ ମୁତୟନ କରାଯାଇଥିବା ବେଳେ ୭୨ଟି ପ୍ରାଣୀ ଡାକ୍ତରୀ ଦଳ, ୭୯ ପ୍ରାଣୀ ଚିକିତ୍ସକ ନିୟୋଜିତ କରାଯାଇଥିଲା। ୩୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୧୨୪୨ ପ୍ରାଣୀଙ୍କୁ ଚିକିତ୍ସା କରାଯାଇଥିଲା । ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଅଧିକାରୀ ଓ କର୍ମଚାରୀମାନଙ୍କର ଛୁଟି ବାତିଲ କରାଯାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା କ୍ଷତି ହୋଇଥିବା ଘର ଗଣନା କାର୍ଯ୍ୟ ଶେଷ ହେବ । ୮୫ ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ମେ ୨୩ ସୁଦ୍ଧା ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବ ବୋଲି ରିପୋର୍ଟରେ କୁହାଯାଇଛି। ପାନୀୟ ଜଳ ପ୍ରକଳ୍ପର କୌଣସି କ୍ଷତି ହୋଇନାହିଁ। ୯୩ ପ୍ରତିଶତ ପାନୀୟଜଳ ପ୍ରକଳ୍ପକୁ ପୁନଃ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସହରାଞ୍ଚଳରେ ୪୦୧ ପମ୍ପ ହାଉସ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି। ବାତ୍ୟା ସମୟରେ ୧୯ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ ଓଡ୍ରାଫ୍ ଟିମ୍, ୧୫୬ ଅଗ୍ନିଶମ ବାହିନୀ ଟିମ୍ ଏବଂ ୨ ବନ ଉନ୍ନୟନ ନିଗମ ଟିମ୍‌କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ରିପୋର୍ଟରେ କୁହାଯାଇଛି।

### ବିପଦରେ ୮ କୋଟି ...

ଗାଭି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସେଥ୍ ବର୍କଲେ କହିଛନ୍ତି, କୋଭିଡ୍-୧୯ ଯୋଗୁ ବିଶାଳ ପ୍ରଗତି ପଥରେ ବର୍ତ୍ତମାନ ବିପଦ ସୃଷ୍ଟି ହୋଇଛି। ମିଳିମିଳା ଏବଂ ପୋଲିଓ ଭଳି ରୋଗ ପୁନରୁତ୍ଥାନ ହୋଇପାରେ। ଟିକାକରଣ କାର୍ଯ୍ୟକ୍ରମ ଜରିଆରେ ରୋଗ ପ୍ରକୋପକୁ ରୋକାଯାଇପାରିବ। ଏଥିପାଇଁ ସୁନିଶ୍ଚିତ କରିବାକୁ ହେବ ଯେ, କରୋନା ଟିକା ପ୍ରସ୍ତୁତି ପାଇଁ ଆମ ପାଖରେ ଭିତ୍ତିଭୂମି ରହିଛି ବୋଲି ବର୍କଲେ କହିଛନ୍ତି। ଅନ୍ୟପକ୍ଷରେ ଟିକା ପରିବହନରେ ବିଳମ୍ବ ପରିସ୍ଥିତିକୁ ଆହୁରି ବିଗାଡୁଛି। ଲକ୍‌ଡାଉନ୍ ଯୋଗୁ ବାଣିଜ୍ୟିକ ବିମାନସେବା ହ୍ରାସ ପାଇବା ଏବଂ ସୀମିତ ଚାର୍ଟର ଉପଲବ୍ଧ ହେବା ଯୋଗୁ ଯୋଜନାବଦ୍ଧ ଟିକା ବିତରଣରେ ଯଥେଷ୍ଟ ବିଳମ୍ବ ହେଉଥିବା ୟୁନିସେଫ୍‌ର ରିପୋର୍ଟରୁ ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଜୀବନ ରକ୍ଷାକାରୀ ଟିକା ବିତରଣ ନିମନ୍ତେ ବିଭିନ୍ନ ଦେଶର ସରକାର, ବେସରକାରୀ କ୍ଷେତ୍ର, ବିମାନ ଶିଳ୍ପ ଏବଂ ଅନ୍ୟମାନଙ୍କୁ ସୁଲଭ ମୂଲ୍ୟରେ ମାଲ ପରିବହନ ବ୍ୟବସ୍ଥା କରିବାକୁ ୟୁନିସେଫ୍ ନିବେଦନ କରିଛି। ଗୋଟିଏ ରୋଗ ବିରୋଧରେ ସଂଗ୍ରାମ ପାଇଁ କେତେକ ରୋଗ ବିରୋଧରେ ଆମେ ଲଢ଼ି ପାଇଥିବା ଦୀର୍ଘକାଳୀନ ଉନ୍ନତିର ମୂଲ୍ୟକୁ ବଳି ଦେଇହେବ ନାହିଁ ବୋଲି ୟୁନିସେଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେନରିଟା ଫୋର୍ କହିଛନ୍ତି। କୌଣସି ପରିସ୍ଥିତିକୁ ଦୃଷ୍ଟିରେ ରଖି ଟିକାକରଣକୁ ସାମୟିକ ଭାବେ ସ୍ଥଗିତ ରଖାଯାଇପାରେ, କିନ୍ତୁ ଯଥାଶୀଘ୍ର ତାହା ପୁଣି ଆରମ୍ଭ ହେବା ଜରୁରୀ। ନଚେତ୍ ଗୋଟିଏ ପାଇଁ ଅନ୍ୟ ଏକ ଘାତକ ରୋଗର ପ୍ରକୋପକୁ ସାମ୍ନା କରିବାକୁ ପଡ଼ିପାରେ ବୋଲି ଫୋର୍ କହିଛନ୍ତି।

### ସହମତିରେ ସମ୍ପର୍କ ...

ଗର୍ଭପାତ ପାଇଁ ଅଭିଯୁକ୍ତ ବାଧ କରିଛନ୍ତି। ଏହା ଆଇପିସିର ଧାରା ୩୭୬ ଅନୁଯାୟୀ ଦଣ୍ଡନୀୟ। ତେଣୁ ଅଭିଯୁକ୍ତଙ୍କୁ ଜାମିନ ନ ଦେବା ପାଇଁ ସେ ଅନୁରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ପାଣିଗ୍ରାହୀ ପ୍ରକାଶ କରିଥିଲେ ଯେ, ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ରଖିଥିବା ପ୍ରମାଣ ମିଳୁଛି। ତାଙ୍କୁ ଗର୍ଭପାତ ପାଇଁ ଅଭିଯୁକ୍ତ ବାଧ କରିଥିଲେ କି ନା, ତାହା ତଦନ୍ତସାପେକ୍ଷ। ମେଡିକାଲ୍ ରିପୋର୍ଟ ଅନୁଯାୟୀ ନିକଟ ଅତୀତରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କର କୌଣସି ପ୍ରମାଣ ନାହିଁ। ପୀଡ଼ିତାଙ୍କ ଶରୀରରେ କୌଣସି କ୍ଷତ ନାହିଁ କି ବଳପୂର୍ବକ ଶାରୀରିକ ସମ୍ପର୍କ ରଖାଯାଇଥିବା ନେଇ ପ୍ରମାଣ ମଧ୍ୟ ନାହିଁ। ଅଭିଯୋଗ ପଛର ସତ୍ୟତା ନେଇ ଅଧିକ ତଦନ୍ତ ଆବଶ୍ୟକ। ପୀଡ଼ିତା ଜଣେ ସାବାଳିକା ଓ ସୁସ୍ଥ ମସ୍ତିଷ୍କର ହୋଇଥିବା ଯୋଗୁ ତାଙ୍କୁ କେହି ପ୍ରଲୋଭିତ କରି ଶାରୀରିକ ସମ୍ପର୍କ ରଖିବାର ପ୍ରଶ୍ନ ଉଠୁନାହିଁ। ଆଇପିସିର ଦଫା ୩୭୫ରେ ବଳାତ୍କାର ଶବ୍ଦର ଯେଉଁ ବ୍ୟାଖ୍ୟା କରାଯାଇଛି, ସେହି ଅନୁଯାୟୀ ପ୍ରତିଶ୍ରୁତି ନ ଦେଇ ସହମତିରେ ଶାରୀରିକ ସମ୍ପର୍କ କିମ୍ବା ବିବାହ ପ୍ରଲୋଭନ ଦେଖାଇ ଯୌନ ସମ୍ପର୍କ ରଖିବା ଅପରାଧ ନୁହେଁ ବୋଲି ଜଷ୍ଟିସ୍ ପାଣିଗ୍ରାହୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଧିକ ଗ୍ରହ ଅବସ୍ଥାନ କରୁଥିବାରୁ ଅର୍ଥସମ୍ପର୍କୀୟ କଳହର ଆଶଙ୍କା ରହିଛି । ଗୃହ, ଭୂମି, ଗାଡ଼ିମୋଟର, ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ଦେବାନେବା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ । ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସଂପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ ।

**ବୃଷ** ଆଶ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ । ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ । ଅଫିସକୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ ।

**ମିଥୁନ** ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ । କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି । ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ । ପରିସ୍ଥିତିରେ ପଡି କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି ।

**କର୍କଟ** ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ । ଅର୍ଥଲାଭ ସଙ୍ଗକୁ ସାମାଜିକ ସ୍ତରରେ ମଧ୍ୟ ସମ୍ମାନିତ ହୋଇପାରନ୍ତି । ବନ୍ଧୁଙ୍କ ନିକଟରୁ ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବାର ସୂଚନା ମିଳିବ । ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବେ ।

**ସିଂହ** ଶୁଭ ଖବର ସଙ୍ଗକୁ ଅର୍ଥଲାଭରୁ ମନଟା ଖୁସୀ ହୋଇପାରେ । ନିକଟସ୍ଥ ଈର୍ଷାପରାୟଣ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷରୁ ତରବରିଆ ଯାତ୍ରା କରିବା ପୂର୍ବରୁ ଜିନିଷପତ୍ରକୁ ଆଉଥରେ ଦେଖିନେବା ଭଲ ହେବ। ଧାର ସୂତ୍ରରେ ଅର୍ଥ ପାଇବେ ଓ ନୂତନ ଜିନିଷ ଲାଭକରି ଖୁସୀ ହେବେ।

**କନ୍ୟା** ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରିପାରନ୍ତି। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ । କଠିନ ଶ୍ରମ ସଙ୍ଗକୁ ଅନିଦ୍ରା ହେତୁକ ସାଧାରଣ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ ।

**ତୁଳା** ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ,ବ୍ୟବସାୟରେ ସନ୍ତୋଷଜନକ ସୁଫଳଲାଭ କରିବେ। ଆକସ୍ମିକ ଭାବରେ ଆରକ୍ଷୀ କବଳିତ କଚେରି ମାମଲା ସକାଶେ ଚିନ୍ତା ବଢିପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି ।

**ବିଛା** ଆଜି ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ । ପାଖ,ପଡୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି । ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ । କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ ।

**ଧନୁ** ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ଆଶା କରାଯାଇପାରେ । ପରିବାରରେ ବିଳାସ ବ୍ୟସନ ମଧ୍ୟରେ ସମୟଗୁଡିକ ଅତିବାହିତ ହେବ । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି । ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ ।

**ମକର** ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡି ନେବେ । ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁର୍ଭାବନା ଉଦ୍ରେକ ହୋଇପାରେ। ବେଳ କାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେଲେ କୃତକାର୍ଯ୍ୟ ହୋଇପାରିବେ ।

**କୁମ୍ଭ** ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ । ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ । ଜମିଜମା କାରବାର, ଯାନ୍ତ୍ରିକ ଶିଳ୍ପ, ନିର୍ମାଣକ୍ଷେତ୍ର, ସମସ୍ୟାମୁକ୍ତ ରହିବାର ସମ୍ଭାବନା ରହିଛି ।

**ମୀନ** ନକାରାତ୍ମକ ଚିନ୍ତାଧାରା ମାନସିକ ସ୍ଥିତିକୁ ବିଡମ୍ବିତ କରି ରଖିବ । କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦିପାରନ୍ତି । ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ । ନିଜ ପରିସରରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି ।

ଆଜି ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ରବିବାର,ମେ ୨୪ ତାରିଖ, ରମଜାନ ମାସର ରୋଜାଶେଷ, ରାଶି ନକ୍ଷତ୍ର, ମୃଗଶିରା ବୃଷ, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬.୫୭ମି.ଗତେ ଘ.୦୯.୩୩ମି. ମଧ୍ୟେ, ଘ.୧୨.୧୦ମି. ଗତେ ଘ.୦୨.୪୬ମି. ମଧ୍ୟେ ଜଳାଶୟ ଖନନ ପାଇଁ ଶୁଭଦିନ । ସକାଳ ଘ.୦୬.୫୭ମି. ଗତେ ଘ.୦୯.୩୩ମି. ମଧ୍ୟେ, ଘ.୧୨ .୦୯ମି. ଗତେ ଘ.୦୨.୪୬ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୫ମି. ଗତେ ଘ.୦୭ .୪୨ମି. ମଧ୍ୟେ, ରାତ୍ରି ଘ.୧୦.୪୭ମି. ଗତେ ଘ.୧୨.୪୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୪.୩୦ମି. ଗତେ ଘ.୦୫.୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୩୭ମି. ଗତେ ଘ.୦୬.୧୫ମି. ମଧ୍ୟେ ରାହୁକାଳ।


# classified




**BRIDE WANTED**

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68236

**GROOM WANTED**

Wanted grooms from Brahmin Khandayat, Telli and other castes, 7978736177. D-68237

ବର ଆବଶ୍ୟକ। ବୟସ 49 ବର୍ଷ, 5'2", M.SC. ରେଲ୍‌ୱେରେ କାର୍ଯ୍ୟରତ କନ୍ୟା ପାଇଁ ଛାଡ଼ପତ୍ରପ୍ରାପ୍ତ, ପତ୍ନୀହରା, ଅବିବାହିତ ମାନ୍ୟ। ଯୋଗାଯୋଗ କରନ୍ତୁ। 9009491423. D-17343

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**SALE**

3900 SFT plot immediately sale Jharpada, Bhubaneswar, BDA Yellow zone buyers directly Contact DEEPAK-9937329999. D-68080

**Plotting at Pitapalli near National high way with 30' road fasility first possession then registration, Contact. 7978601422.** D-69117

Duplex 1741sqft. land, 2059sqft. builtup Area, Bramheswar, Bhubaneswar, Price-1.25cr. Contact-6371001523. D-69405

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

Gharabari plot for sale at Satya Vihar near Saptasati Mandir. 9437189270. D-56664

Completed 2BHK/ 3BHK flats for sale near V2Showroom, Patrapada, Bhubaneswar-9861037729, 9040337729. D-63979




**For Rent Office/ Consultancy, ground floor 1144sqft. at New Airport Square, Unit-6, Bhubaneswar. 9937327450.** D-69501




Newly open spa centre full body massage smart ladies: 8260347387. D-59948

Newly open ayurvedic/ herbal body massage with smart therapist, 9777167531. D-59947

Refreshment rejuvenate THAI body massage experienced therapist, 9853999966, 7436910708, homeservices 9853999966@gmail.com. D-17345

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Monalisa massage club : All types body massage with hiprofile smart lady rooms service available 9708545108. D-17341

**AFFIDAVIT**

ନୋଟାରୀ ପବ୍ଲିକ, ଭଦ୍ରକଙ୍କ ସମ୍ମୁଖରେ ସମ୍ପାଦିତ ତା ୨୧।୦୪।୨୦୨୦ରିଖର ସତ୍ୟପାଠ ଜରିଆରେ, ମୁଁ ନିକିତା ଚୌଧୁରୀ, ପିତା: ସଞ୍ଜୀବ ପି. ଚୌଧୁରୀ, ଗ୍ରାମ ୧/ଏ କନଭେଣ୍ଟ ରୋଡ୍, ମୌଲାଲୀ, କୋଲକାତା ଏତଦ୍ଦ୍ୱାରା ଦର୍ଶାଉଛି ଯେ ମୋର ଆଇସିଏସ୍‌ଇ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ଇଣ୍ଡେକ୍ସ ନଂ. ଟି/ ୪୪୯୦/ ୦୩୩ ଓ ଅନ୍ୟାନ୍ୟ ସମ୍ପର୍କିତ କାଗଜପତ୍ରକୁ ଉଇମାନେ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି। ମୁଁ ପ୍ରତିଜ୍ଞା କରୁଛି ଯେ ମୋର ଭବିଷ୍ୟତ ଆବଶ୍ୟକତା ଲାଗି କଥିତ ପ୍ରମାଣପତ୍ରର ନକଲ ଜାରି କରିବା ପାଇଁ ମୁଁ ଏହି ସତ୍ୟପାଠକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବି। ଧ-୧୭୩୪୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଇଦ୍‌ରେ ମସ୍‌ଜିଦ୍ ମନା, ୧୪୪ ଧାରା ଜାରି

**ଖୋର୍ଦ୍ଧା ଅଫିସ,୨୩।୫:** କରୋନା ଲାଗି ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ସାମାଜିକ ଦୂରତ୍ୱ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କରୋନା ଗୋଷ୍ଠୀ ସଂକ୍ରମଣଙ୍କୁ ଏଡାଇବା ଲାଗି ଖୋର୍ଦ୍ଧା ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଶାନ୍ତନୁ ମହାନ୍ତି ୨୪ ଓ ୨୫ ତାରିଖରେ ମସଜିଦ୍‌ରେ ନମାଜ ପାଠ ଉପରେ କଟକଣା ଜାରି କରିବା ସହ ସମସ୍ତ ମସଜିଦ୍‌ରେ ୧୪୪ଧାରା ଜାରି କରିଛନ୍ତି। ଏହା ଆସନ୍ତା ମେ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ନିର୍ଦ୍ଦେଶାନାମାରେ ଉଲ୍ଲେଖ ରହିଛି। ଏହି ଆଦେଶକୁ କାର୍ଯ୍ୟକାରୀ ଲାଗି ଉପଜିଲାପାଳ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ହଜିଗଲା ମାନବିକତା: କୁକୁର ଉପରେ ଚଢ଼ାଇ ଦେଲେ କାର୍ ଥାନାରେ ମାମଲା

**ଭୁବନେଶ୍ୱର,୨୩।୫(ବ୍ୟୁରୋ):** ରାଜଧାନୀରେ ଜଣେ ଡାକ୍ତରଙ୍କ ଅମାନବିକତା ଦେଖିବାକୁ ମିଳିଛି। ହର୍ନ ବଜାଇବା ସତ୍ତ୍ୱେ ରାସ୍ତାରୁ କୁକୁର ଛୁଆ ନ ଉଠିବାରୁ ତା' ଉପରେ ସମ୍ପୃକ୍ତ ଡାକ୍ତର କାର୍ ( ନଂ. ଓଡି ୦୨ ବିଜି୧୮୮୨) ଚଢାଇ ମାରିଦେଇଛନ୍ତି। ଶୁକ୍ରବାର ବଡଗଡ଼ ଥାନା ଅଧୀନ ତାରା ଆପାର୍ଟମେଣ୍ଟ ନିକଟରେ ଏହି ଘଟଣା ଘଟିଛି। କୁକୁରକୁ ମାରିଦେବା ପରେ ବି ସମ୍ପୃକ୍ତ ଡାକ୍ତରଙ୍କ ଅହଂକାର କମି ନ ଥିଲା। ମୋର କେହି କିଛି କରିପାରିବେ ନାହିଁ ବୋଲି ସେ କହୁଥିବା ଶୁଣିବାକୁ ମିଳିଥିଲା। ତେବେ ଶନିବାର ଏ ନେଇ ସ୍ନିକ୍ ଅଫ୍ ଆନିମଲ୍ ଅଧକ୍ଷ କୁଶଲ ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ବଡ଼ଗଡ଼ ଥାନାରେ ଆଇପିସି ଦଫା ୪୨୯, ଆନିମଲ ଆକ୍ଟ ୧୧ (୧) (ଏ)ରେ ଏକ ମାମଲା (ନଂ. ୧୩୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ପୋଲିସ ମୃତ କୁକୁର ଛୁଆକୁ ପୋଷ୍ଟମର୍ଟମ ପାଇଁ ପଠାଇଥିବା ଜଣାପଡ଼ିଛି।

# ସାଇବର ଠକେଇ ଜାଲରେ ପୂର୍ବତନ ପୋଲିସ ଡିଜି

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**



- ମେଲ୍ ଆଇଡିର ପାସ୍‌ୱାର୍ଡ ହ୍ୟାକ୍ କରି ବ୍ୟକ୍ତିଗତ ତଥ୍ୟ ଚୋରି
- ବିଟ୍ କଏନ୍ ମାଧ୍ୟମରେ ୧.୪୦ଲକ୍ଷ ଟଙ୍କା ଦାବି
- ସାଇବର ବିଶେଷଜ୍ଞଙ୍କ ସହାୟତା ଲୋଡ଼ିଲା ପୋଲିସ

ରାଜ୍ୟରେ ଏବେ ପୁଣି ସକ୍ରିୟ ହେଲେଣି ସାଇବର ଅପରାଧୀ। ସେମାନେ ଲୋକଙ୍କ ମେଲ୍ ଆଇଡି ପାସ୍‌ୱାଡ୍ ଏବଂ ଅନ୍ୟ ସାଇଟ୍‌କୁ ହ୍ୟାକ୍ କରି ଲକ୍ଷାଧିକ ଟଙ୍କା ଦାବି କରୁଛନ୍ତି। ଏପରିକି ଟଙ୍କା ନ ଦେଲେ ପର୍ସନାଲ ଡାଟାକୁ ଭାଇରାଲ କରିଦେବାକୁ ଧମକ୍ ମଧ୍ୟ ଦେଉଛନ୍ତି। ଯାହାଫଳରେ ଅନେକ ଲୋକେ ଭୟରେ ଟଙ୍କା ଦେଇଦେଉଥିବା ଜଣାପଡ଼ିଛି। ଏଭଳି ଏକ ସାଇବର ଠକେଇର ଶିକାର ହୋଇଛନ୍ତି ରାଜ୍ୟର ଜଣେ ପୂର୍ବତନ ପୋଲିସ ଡିଜି। ସାଇବର ଅପରାଧିମାନେ ତାଙ୍କର ମେଲ୍ ଆଇଡିକୁ ହ୍ୟାକ୍ କରି ନେଇ ୧.୪୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ତାଙ୍କର ପର୍ସନାଲ ଡାଟାକୁ ସୋସିଆଲ ମିଡିଆରେ ଭାଇରାଲ କରାଇ ଦେବାକୁ ଧମକ ଦେଇଥିଲେ। ଶେଷରେ ବାଧ୍ୟ ହୋଇ ପୂର୍ବତନ ପୋଲିସ ଡିଜି ନିଜ ମେଲ୍‌ର ପାସ୍‌ୱାର୍ଡ ବଦଳାଇବା ସହ ଏନେଇ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଆଇପିସି ଦଫା ୩୮୫, ଆଇଟି ଆକ୍ଟ ୬୬(ସି) ଦଫାରେ ଏକ ମାମଲା(ନଂ-୧୯୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ଏନେଇ ସାଇବର ବିଶେଷଜ୍ଞଙ୍କ ସହଯୋଗ ନେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଏକ ବର୍ଷରୁ ଅଧିକ ଦିନ ହେବ ସମ୍ପୃକ୍ତ ପୂର୍ବତନ ପୋଲିସ ଡିଜି ନିଜ ମେଲ୍ ଆଇଡିର ପାସ୍‌ୱାର୍ଡ ବଦଳାଇ ନଥିଲେ। ଯାହାଫଳରେ ହ୍ୟାକରମାନେ ତାଙ୍କ ମେଲ୍‌କୁ ଏକ ଲିଙ୍କ୍ ପଠାଇଥିଲେ। ପୂର୍ବତନ ଡିଜି ଏହି ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କର ମେଲ୍ ଆଇଡିର ପାସ୍‌ୱାର୍ଡ ହ୍ୟାକ୍ ହୋଇଯାଇଥିଲା। ହ୍ୟାକର ଜଣଙ୍କ ତାଙ୍କର ବ୍ୟକ୍ତିଗତ ଡାଟା ଚୋରି କରିଥିବା ଦାବି କରିଥିଲେ। ତେଣୁ ଏଥିପାଇଁ ୧.୪୦ଲକ୍ଷ ଟଙ୍କା ଦାବି କରିଥିଲା। ଟଙ୍କା ନଦେଲେ ତାଙ୍କର ବ୍ୟକ୍ତିଗତ ଡାଟାକୁ ଭାଇରାଲ କରି ଦେବାକୁ ଧମକ୍ ଦେଇଥିଲେ। ଏହି ଟଙ୍କାକୁ ବିଟ୍ କଏନ୍ ମାଧ୍ୟମରେ ଦେବାକୁ ହ୍ୟାକର କହିଥିଲେ। ଶେଷରେ ପୂର୍ବତନ ଡିଜି ନିଜର ଇମେଲ୍‌ର ପାସ୍‌ୱାଡ ବଦଳାଇବା ସହ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ଦେଇଥିଲେ। ଅଭିଯୋଗକାରୀ ଜଣେ ପୂର୍ବତନ ଡିଜି ହୋଇଥିବାରୁ ପୋଲିସ ତୁରନ୍ତ ଏହି ଅଭିଯୋଗକୁ ଆଧାରକରି ଏକ ମାମଲା ରୁଜୁ କରିଥିଲା।

ଏନେଇ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି ଯେ, ହ୍ୟାକରମାନେ ବାଙ୍ଗାଲୋରର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ତଦନ୍ତକୁ ଅଧିକ ଅଗ୍ରସର କରିବା ପାଇଁ ସାଇବର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ାଯାଇଛି। ସେମାନେ ଆମକୁ ବିଶେଷ ଉପଦେଶ ଦେବା ପରେ ତଦନ୍ତ ଆଗେଇବ ବୋଲି ସ୍ୱାଇଁ କହିଛନ୍ତି। ଏନେଇ ଆଇଆଇଆଇଟିର ପ୍ରଫେସର ଦେବାଶିଷ ଜେନା କହିଛନ୍ତି ଯେ, ଲୋକମାନେ ସୋସିଆଲ ମିଡିଆରେ ନିଜର ବ୍ୟକ୍ତିଗତ ତଥ୍ୟ ଦେଉଛନ୍ତି। ଯାହା ମାଧ୍ୟମରେ ସାଇବର ଅପରାଧୀ ପାସ୍‌ୱାର୍ଡ ପ୍ରସ୍ତୁତ କରି ମେଲ୍ ଆଇଡି ହ୍ୟାକ୍ କରୁଛନ୍ତି। ତେଣୁ ଲୋକେ ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରନ୍ତୁ ନାହିଁ। ହ୍ୟାକରମାନେ ମେଲ୍ ଆଇଡି ପାସ୍‌ୱାର୍ଡ ହ୍ୟାକ୍ କରିବାପରେ ବିଟ୍ କଏନ ମାଧ୍ୟମରେ ଟଙ୍କା ଦେବାକୁ ଦାବି କରନ୍ତି। ବିଟ୍ କଏନ ମାଧ୍ୟମରେ ଟଙ୍କା ଦେଲେ ହ୍ୟାକର ଟଙ୍କା ପାଇଯାଆନ୍ତି, ହେଲେ ଏହି ଟଙ୍କା କାହା ନିକଟକୁ ଗଲା ତାହା ଜଣାପଡ଼େ ନାହିଁ। ତେଣୁ ସେମାନେ ଏଭଳି ପନ୍ଥା ଆପଣାଇଥାନ୍ତି ବୋଲି ଜେନା କହିଛନ୍ତି।

### କରୋନା ସମ୍ପର୍କରେ ମିଥ୍ୟା ପ୍ରଚାର, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୩।୫**

ଜଣେ କରୋନା ଆକ୍ରାନ୍ତଙ୍କ ସମ୍ପର୍କରେ ମିଥ୍ୟା ଖବର ସୋସିଆଲ ମିଡିଆରେ ପ୍ରଚାର କରିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନବିନାବାଗ ଅଞ୍ଚଳର ଅଂଶୁମାନ ମହାନ୍ତି। ସୂଚନା ଅନୁଯାୟୀ, ନବିନାବାଗ ଅଞ୍ଚଳର ଜଣେ ଯୁବକଙ୍କ କରୋନା ପଜିଟିଭ୍ ବାହାରିଥିଲା। ପରେ ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଅବଧାଞ୍ଚଳ ଘୋଷଣା କରାଯାଇଥିଲା। ଅଭିଯୁକ୍ତ ଅଂଶୁମାନ ନବିନାବଗରେ ସେପରି କୌଣସି ପଜିଟିଭ୍ ବାହାରି ନ ଥିବା ଏବଂ ପୋଲିସ ଓ ପ୍ରଶାସନ ଭୁଲ ତଥ୍ୟ ଦେଉଛନ୍ତି ବୋଲି ସୋସିଆଲ ମିଡିଆରେ ଅପପ୍ରଚାର କରି ସାଧାରଣରେ ଭ୍ରାନ୍ତ ସୃଷ୍ଟି କରିଥିଲେ। ଏ ନେଇ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୬୭/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

# ୨ ରାଜ୍ୟକୁ ବସ୍‌ରେ ଫେରିଲେ ୩୬ ପ୍ରବାସୀ

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**




ଲକ୍‌ଡାଉନ୍ ଯୋଗୁ ନିଜ ରାଜ୍ୟକୁ ଫେରିପାରିନାହାନ୍ତି ଓଡ଼ିଶାରେ କାର୍ଯ୍ୟରତ ଅନେକ ପ୍ରବାସୀ। ତେଣୁ ସେମାନଙ୍କୁ ନିଜ ରାଜ୍ୟକୁ ପଠାଇବା ପାଇଁ ଓଡ଼ିଶା ସରକାର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ଓଡ଼ିଶାରୁ ୩୬ଜଣ ପ୍ରବାସୀଙ୍କୁ ଶନିବାର ନିଜ ରାଜ୍ୟକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ମିଜୋରାମକୁ ୨୩ ଏବଂ ମଣିପୁରକୁ ୧୩ ଜଣ ଯାଇଛନ୍ତି। ଓଡ଼ିଶା ସରକାରଙ୍କ ଶ୍ରମ ଆୟୁକ୍ତ ଡ. ଏନ୍. ତିରୁମାଲ୍ଲା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରବାସୀଙ୍କୁ ଭୁବନେଶ୍ୱରରୁ ବସ୍ ଯୋଗେ ପଠାଯାଇଛି। ରାଜ୍ୟ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ପରାମର୍ଶ କ୍ରମେ ଶ୍ରମ ଆୟୁକ୍ତ ଡ. ନାୟକ ପ୍ରବାସୀମାନଙ୍କ ସହିତ ଯୋଗାଯୋଗ କରି ଉକ୍ତ ବ୍ୟବସ୍ଥା କରିଥିଲେ। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ନିଜ ରାଜ୍ୟକୁ ଫେରିବା ବେଳେ ସମ୍ପୃକ୍ତ ପ୍ରବାସୀମାନେ ଓଡ଼ିଶା ସରକାର ତଥା ରାଜ୍ୟ ଶ୍ରମ ବିଭାଗକୁ ପ୍ରଶଂସା କରିଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କଠାରୁ ଆରମ୍ଭ କରି ଯୁଗ୍ମ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରବାସୀମାନଙ୍କ ଗସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

### ବିଳମ୍ବରେ ଯାତ୍ରା କରିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ)**

ଭୁବନେଶ୍ୱରରୁ ରବିବାର ନୂଆଦିଲ୍ଲୀ ଯିବାକୁ ଥିବା ଏସି ସ୍ପେଶାଲ ଟ୍ରେନ୍ (୦୨୮୨୩) ବିଳମ୍ବରେ ଯାତ୍ରା କରିବ। ପୂର୍ବାହ୍ନ ୧୦ଟା ବଦଳରେ ତାହା ଅପରାହ୍ନ ୩ଟାରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ। ବାତ୍ୟା ଅମ୍ଫନ ପାଇଁ ବହୁସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏହି ରୁଟରେ ଚଳାଚଳ କରୁଥିବା ସମସ୍ତ ସ୍ୱତନ୍ତ୍ର ଟ୍ରେନ୍ ବିଳମ୍ବରେ ଯାତ୍ରା କରୁଛି। ଫଳରେ ଭୁବନେଶ୍ୱରରୁ ବାହାରୁଥିବା ଟ୍ରେନ୍‌ଟି ବିଳମ୍ବରେ ଛାଡ଼ିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି। ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ମେ ୨୨ ସୁଦ୍ଧା ଅନ୍ୟ ରାଜ୍ୟରୁ ମୋଟ ୭୧ଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ଓଡ଼ିଶାରେ ପହଞ୍ଚିଛି। ଶନିବାର ଅର୍ଥାତ୍ ୨୩ ତାରିଖ ଦିନ ୫ ଟ୍ରେନ୍ ଓଡ଼ିଶା ପହଞ୍ଚିଛି ଏବଂ ୨୧ଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ଶନିବାର ଓଡ଼ିଶା ଅଭିମୁଖେ ବାହାରିଛି। ଯାହାକି ରବିବାର ସୁଦ୍ଧା ଓଡ଼ିଶାର ବିଭିନ୍ନ ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି।

### ବାର୍ ଉପରେ ଚଢ଼ାଉ, ୨ ଗିରଫ

**କଟକ ରୋଡ,୨୩।୫(ଡି.ଏନ୍.ଏ.)**

**ଲକ୍‌ଡାଉନ୍ ସତ୍ତ୍ୱେ ଚାଲିଥିଲା ଚୋରା ମଦ ବିକ୍ରି**

ମହାମାରୀ କରୋନା ପାଇଁ ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଲକ୍‌ଡାଉନ୍ ସମୟରେ ରାଜ୍ୟରେ ମଦ ବିକ୍ରି ବନ୍ଦ ରହିଛି। ମଦ ବାର ଓ ଦୋକାନ ବନ୍ଦ ଥିବା ବେଳେ କେତେକ ବ୍ୟବସାୟୀ ଚଢ଼ା ଦରରେ ଗଳାବାଟ ଦେଇ ମଦ ବିକ୍ରି କରୁଛନ୍ତି। ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ଆସିବା ପରେ କମିଶନରେଟ ପୋଲିସ ଓ ଅବକାରୀ ବିଭାଗ ହଠାତ୍ ତତ୍ପର ହୋଇଛି। ଶନିବାର କମିଶନରେଟ ପୋଲିସର କୁଇକ ଆକ୍ସନ ଟିମ୍(କ୍ୟୁଏଟି), ଭୁବନେଶ୍ୱର ଅବକାରୀ ବିଭାଗ ଓ ଲକ୍ଷ୍ମୀସାଗର ଥାନା ପୋଲିସ ମିଳିତଭାବେ ଏହି ଥାନା ଅଧୀନରେ ଥିବା ଏକ ବାରରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ବାର୍‌ର ୨ଜଣ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସନ୍ତୋଷ ରାଉତ ଓ ପପୁନି ସାହୁ। ଏ ସମ୍ପର୍କରେ ପୋଲିସ ଏପିଡେମିକ ଡିଜିଜ୍ ଆକ୍ଟ ଅନୁଯାୟୀ ଦଫା ୨୬୯, ୨୭୦ରେ ଏକ ମାମଲା (ନଂ.୧୨୨/୨୦ ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରି ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ଅଭିଯୁକ୍ତ ଦ୍ୱୟ ଉକ୍ତ ବାର୍ ପାର୍ଶ୍ୱରେ ଏକ ଅଖାବସ୍ତାରେ ମଦ ବିକ୍ରି କରୁଥିଲେ। ଖବରପାଇ କ୍ୟୁଏଟି ଓ ସ୍ଥାନୀୟ ପୋଲିସ ଅତର୍କିତଭାବେ ସେଠାରେ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ କାବୁ କରି ଅବକାରୀ ବିଭାଗକୁ ଖବର ଦେଇଥିଲେ। ପଚରାଉଚରା ପରେ ଉକ୍ତ ବାରରୁ ଅଭିଯୁକ୍ତଦ୍ୱୟ ମଦ ଆଣି ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏମାନଙ୍କ ନିକଟରୁ ୨୮ବୋତଲ ବିଦେଶୀ ମଦ ଜବତ କରାଯାଇଥିଲା। ପରେ ଉକ୍ତ ବାର୍‌ରେ ଦିନତମାମ ଚଢ଼ାଉ ସମୟରେ ବପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଭୁବନେଶ୍ୱର ଅବକାରୀ ଅଧିକାରୀ ଦେବାଶିଷ ପଟେଲ କୁହନ୍ତି, ପୋଲିସ ଚୋରାରେ ବିକ୍ରି ହେଉଥିବା ମଦ ଜବତ କରିବା ପରେ ବାର୍ ମଧ୍ୟରେ ଗଚ୍ଛିତ ଥିବା ମଦର ଷ୍ଟକ ଆମକୁ ହସ୍ତାନ୍ତର କରିଛି। ମିଳିଥିବା ମଦ ବାବଦରେ ପଚରାଉଚରା ଜାରି ରହିଛି ବୋଲି ପଟେଲ କହିଥିଲେ।

# ରାଜଧାନୀରେ ଆଜିଠୁ ଖୋଲିବ ପାର୍କ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

- ଦୈନିକ ୫ ଘଣ୍ଟା ଖୋଲା ରହିବ
- ଗହଳି ଏଡ଼ାଇବା, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ

ପାଖାପାଖି ୬୫ ଦିନ ବନ୍ଦ ରହିବା ପରେ ରବିବାରଠାରୁ ଭୁବନେଶ୍ୱରରେ ଥିବା ସବୁ ପାର୍କ ଖୋଲିବ। ପରୀକ୍ଷାମୂଳକ ଭାବେ ପାର୍କଗୁଡ଼ିକୁ ଖୋଲାଯିବା ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ନିଷ୍ପତ୍ତି ନେଇଛି। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ବିଡିଏ ମୁଖ୍ୟ ଉଦ୍ୟାନବିତ୍ ଏ.ଏନ୍. ଧର କହିଛନ୍ତି। ସକାଳ ୭ରୁ ୧୦ଟା ଓ ସନ୍ଧ୍ୟା ୪ଟାରୁ ୬ଟା ଯାଏ ପାର୍କ ଖୋଲିବ। ପାର୍କରେ ଥିବା ବିଭିନ୍ନ ଉପକରଣ, ମୁକ୍ତାକାଶ ବ୍ୟାୟାମଶାଳା, ଛୋଟ ପିଲାଙ୍କ ଖେଳ ଉପକରଣ ବ୍ୟବହାର ନ କରିବାକୁ କୁହାଯାଇଛି। ପାର୍କରେ ଗହଳି ଏଡ଼ାଇବା, ମାସ୍କ ଓ ସାନିଟାଇଜର ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ରଖି ବୁଲାବୁଲି କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।




ଚିଲିକା ରେଳ ଷ୍ଟେଶନରେ ଓହ୍ଲାଇଥିବା ଶ୍ରମିକ ଓ ତାଙ୍କ ପରିବାରମାନେ ବସ୍ ଯୋଗେ ଯିବା ପାଇଁ ଅପେକ୍ଷା କରିଛନ୍ତି।

# ଚେନ୍ ଟାଣି ଟ୍ରେନ୍‌ରୁ ଓହ୍ଲାଇପଡ଼ିଲେ ପ୍ରବାସୀ

**ବ୍ରହ୍ମଗିରି/ବାଲୁଗାଁ,୨୩।୫(ଡି.ଏନ.ଏ)**

ସାରା ଦେଶରେ ଲକ୍‌ଡାଉନ୍ କଟକଣା ଜାରି ରହିଥିବା ବେଳେ ପ୍ରବାସୀ ଶ୍ରମିକଙ୍କ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ତେବେ ଶନିବାର ଆନ୍ଧ୍ରପ୍ରଦେଶର ନମ୍ପୁରୁ ଅଞ୍ଚଳରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ନେଇ ଏକ ଟ୍ରେନ୍ ଭଦ୍ରକକୁ ଆସୁଥିବାବେଳେ ବାଲୁଗାଁ ନିକଟସ୍ଥ ଚିଲିକା ରେଳ ଷ୍ଟେଶନ୍‌ଠାରେ ପ୍ରାୟ ୪୫୦ଜଣ ଶ୍ରମିକ ଚେନ୍ ଟାଣି ଓହ୍ଲାଇ ପଡ଼ିଛନ୍ତି। ଉକ୍ତ ଟ୍ରେନ୍‌ରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଭଦ୍ରକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଫୁଲବାଣୀ ଓ ଗଞ୍ଜାମ ଅଞ୍ଚଳର ପ୍ରବାସୀ ଶ୍ରମିକ ଯାତ୍ରା କରୁଥିଲେ। ଶନିବାର ମଧ୍ୟାହ୍ନରେ ଟ୍ରେନ୍‌ଟି ହଠାତ୍ ଚିଲିକା ଷ୍ଟେଶନରେ ଅଟକିଯାଇଥିଲା। ପରେ ଚେନ୍ ପୁଲିଂ କରାଯାଇଥିବା ଜଣାପଡ଼ିଥିଲା। ହଠାତ୍ ଏତେ ସଂଖ୍ୟାରେ ପ୍ରବାସୀ ଓହ୍ଲାଇବା ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଯାଇଥିଲେ। ସ୍ଥାନୀୟ ରେଳ କର୍ମଚାରୀ ସେଠାରେ ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବରପାଇ ଖଲ୍ଲିକୋଟ ତହସିଲଦାର ଚକ୍ରଧର ପାଢ଼ୀ, ବାଲୁଗାଁ ଏସ୍‌ଡିପିଓ ସୁରେଶ ଚନ୍ଦ୍ର ଦାସ, ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଳିକ, ବାଲୁଗାଁ ରେଳ ସୁରକ୍ଷାବଳ ଅଧିକାରୀ (ଆର୍‌ପିଏଫ୍) ମହେଶ୍ୱର ଚଣ୍ଡରାୟ, ନାଭାଲ ଫାଣ୍ଡି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଗଉଡ଼ ପ୍ରମୁଖ ପହଞ୍ଚି ପ୍ରବାସୀ ଶ୍ରମିକମାନଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ଅଞ୍ଚଳର ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଓହ୍ଲାଇଥିବା ପ୍ରବାସୀଙ୍କ ମଧ୍ୟରୁ ଗଞ୍ଜାମ ଅଞ୍ଚଳର ପ୍ରାୟ ୩୭୦ଜଣଙ୍କୁ ୧୨ଟି ବସ୍‌ରେ, ୪୪ଜଣଙ୍କୁ ପୁରୀ ଓ ଅବଶିଷ୍ଟ ପ୍ରବାସୀଙ୍କୁ ନୟାଗଡ଼, ଫୁଲବାଣୀ, କଳାହାଣ୍ଡି ଅଞ୍ଚଳକୁ ମିନି ବସ୍ ଓ ଭ୍ୟାନ ଯୋଗେ ପଠାଇବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ବାଲୁଗାଁ ଆରପିଏଫ୍ ଅଧିକାରୀ ଚଣ୍ଡରାୟ କୁହନ୍ତି, ପୂର୍ବରୁ ଗଞ୍ଜାମ ପ୍ରବାସୀଙ୍କୁ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଯାଉଥିଲା। କିନ୍ତୁ ତାହା ମାଲ୍ ପରିବହନ ପାଇଁ ଷ୍ଟେଶନ ଥିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ସେଠାରେ ରଖା ନ ଯାଇ ଖୋର୍ଦ୍ଧା ଷ୍ଟେଶନ ଅଣାଯାଇ ପ୍ରବାସୀଙ୍କୁ ବସ୍ ଯୋଗେ ପଠାଯାଉଥିଲା। ଟ୍ରେନ୍‌ଟି ଗଞ୍ଜାମ ଷ୍ଟେଶନ ଅତିକ୍ରମ କରି ଆସିଯାଇଥିବାରୁ ପ୍ରବାସୀମାନଙ୍କ ମଧ୍ୟରୁ କେହି ଜଣେ ଚେନ ପୁଲିଂ କରିଦେଇଥିଲେ।

### ଅମ୍ଫନରେ ୨୪ ଲକ୍ଷ ଟଙ୍କାର କ୍ଷୟକ୍ଷତି

**ପୁରୀ ଅଫିସ,୨୩।୫**

**ସେସୁ ପୁରୀ ଡିଭିଜନ**

ସେସୁ ପୁରୀ ଡିଭିଜନରେ ବାତ୍ୟା ଅମ୍ଫନ ପ୍ରଭାବରେ ପ୍ରାୟ ୨୪ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ପୁରୀ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁଙ୍କ ସୂଚନା ମୁତାବକ, ଜିଲାର ବ୍ରହ୍ମଗିରି, ଡେଲାଙ୍ଗ, କଣାସ ବ୍ଲକରେ କିଛି କ୍ଷତି ଘଟିଥିଲା। ବ୍ରହ୍ମଗିରି ବ୍ଲକର ସମୁଦ୍ର କୂଳିଆ ଅଞ୍ଚଳରେ ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଉପଭୋକ୍ତାଙ୍କୁ ସେବା ଯୋଗାଇଦେବା ପାଇଁ କର୍ମଚାରୀମାନେ ଲାଗିପଡ଼ିଥିଲେ। ପ୍ରାୟତଃ ସବୁଆଡେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଗଲାଣି। ଅମ୍ଫନ ପ୍ରଭାବରେ ପୁରୀ ଡିଭିଜନରେ ପ୍ରାୟ ୨୪ ଲକ୍ଷ ଟଙ୍କାର କ୍ଷତି ଘଟିଥିବା ନେଇ ପ୍ରାଥମିକ ରିପୋର୍ଟ ଦିଆଯାଇଛି।

# ସୂର୍ଯ୍ୟମନ୍ଦିର ସ୍ଥିତି ପରଖିଲେ ବରିଷ୍ଠ ଅଧିକାରୀ

**କୋଣାର୍କ,୨୩।୫(ଡି.ଏନ.ଏ)**

**ସୌର ଶକ୍ତିରେ ଝଲସିବ ମନ୍ଦିର**

ସୌରଚାଳିତ ହେବାକୁ ଯାଉଛି କୋଣାର୍କର ସୂର୍ଯ୍ୟମନ୍ଦିର। ଏ ନେଇ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଓରେଡାର ସହ ନିର୍ଦ୍ଦେଶକ ଅଶୋକ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ସ୍ଥିତି ଅନୁଧ୍ୟାନ ପାଇଁ ଶନିବାର କୋଣାର୍କ ପହଞ୍ଚିଛନ୍ତି। ଗ୍ରୀଡ୍ ନିର୍ମାଣ କରାଯିବା ଲାଗି ୫ ଏକର ଜମି ଆବଶ୍ୟକ ଥିବାବେଳେ କୋଣାର୍କସ୍ଥିତ ରାଉଳପାଟଣା ସ୍କୁଲ ନିକଟ, ନାୟକସାହି ପଡ଼ିଆ, ହେଲିପ୍ୟାଡ୍ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିକଟ, କୋଣାର୍କ ବସ୍‌ଷ୍ଟାଣ୍ଡସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପଛପାର୍ଶ୍ୱ ଆଦି ସ୍ଥାନ ଅଧିକାରୀମାନେ ବୁଲି ସ୍ଥିତି ପରଖିଛନ୍ତି। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ, ସୂର୍ଯ୍ୟମନ୍ଦିର ଓ ସହରକୁ ସମ୍ପୂର୍ଣ୍ଣ ଭାବେ ସୌରଚାଳିତ କରିବା ଲାଗି ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଫଳରେ କୋଣାର୍କରେ ୧୦ ମେଗାୱାଟ୍ ଗ୍ରୀଡ୍ ସୌର ପ୍ରକଳ୍ପ ଯୋଜନା କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଣାର୍କ ସହର ସମେତ ସୂର୍ଯ୍ୟମନ୍ଦିର ସୌର ଶକ୍ତିରେ ଝଲସିବ। ତେବେ ଏ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରାଥମିକ ଭାବେ ଓରେଡା ପକ୍ଷରୁ ସୂଚନା ମିଳିଛି। ପରେ ଅଧିକାରୀମାନେ ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱ, ବ୍ୟାଖ୍ୟାନ କେନ୍ଦ୍ର ପରିସର ଆଦି ସ୍ଥାନ ବୁଲି ଦେଖିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଣାର୍କରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ହେବ ଏବଂ ସୌର ଶକ୍ତିରେ ସମୁଦ୍ର ଉପକୂଳ ନୂଆ ରୂପ ନେବ। ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ କରାଯାଉଥିବା ପାନୀୟ ଜଳ ୨୪ ଘଣ୍ଟିଆ ଯୋଗାଣ କରାଯାଇପାରିବ ବୋଲି ସୂଚନା ମିଳିଛି। ଓରେଡାର ୭ ଜଣିଆ ଟିମ୍ ପରିଦର୍ଶନ ସମୟରେ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ + ମାସିକ ୨୦ ହଜାରର
ଭଡ଼ା: 45 ହଜାର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
073105-68553

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତହସିଲଦାରଙ୍କ କାର୍ଯ୍ୟାଳୟ, ସଇଁନ୍ତଳା**
ବିଜ୍ଞାପନ ପତ୍ର ସଂଖ୍ୟା: ୫୪୩ — ତା ୨୦।୦୫।୨୦୨୦
**ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସଇଁନ୍ତଳା ତହସିଲ ଅଧୀନରେ ୧୨ (ବାର)ଟି ଥିବା ସୈରାତ ଉତ୍ସ ଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ ପାଇଁ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା Website: http://balangir.nic.inରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।
ସ୍ୱା./- ତହସିଲଦାର, ସଇଁନ୍ତଳା

**ତହସିଲଦାରଙ୍କ କାର୍ଯ୍ୟାଳୟ, ମୁରିବାହାଲ**
ସଂଖ୍ୟା.୬୨୫ — ତା ୨୦।୦୫।୨୦୨୦
**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ମୁରିବାହାଲ ତହସିଲ ଅଧୀନରେ ନୋଟିସରେ ସଂଲଗ୍ନ ଥିବା ସୈରାତ ଉତ୍ସଗୁଡିକ ଆଗାମୀ ୫(ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।
ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ "http://balangir.nic.in" ସୈରାତ ଅଧୀନରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ ।
ସ୍ୱା./- ତହସିଲଦାର, ମୁରିବାହାଲ

> ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

# କେରଳ ରୋଲ ମଡେଲ



ଆକାର ପଟେଲ

ଦେଶରେ ଲକ୍‌ଡାଉନ୍ ଲାଗୁକରି ୩୭,୦୦୦ ରୁ ୭୧,୦୦୦ କୋଭିଡଜନିତ ମୃତ୍ୟୁ ଟାଳି ଦେଇଛୁ ବୋଲି ସରକାର କହିଛନ୍ତି। ଯଦି ଦୁଇଟି ଲକ୍‌ଡାଉନ ଲାଗୁ କରାଯାଇ ନ ଥାଆନ୍ତା ତେବେ ଏବେ ସୁଦ୍ଧା ୧୪ ଲକ୍ଷରୁ ୨୯ ଲକ୍ଷ କୋଭିଡ୍-୧୯ କେସ୍ ସାମ୍ନାକୁ ଆସିବାର ସମ୍ଭାବନା ଥିଲା ବୋଲି ଏକ ଅନୁଧ୍ୟାନକୁ ଭିତ୍ତିକରି ପ୍ରକାଶ କରିଛନ୍ତି। ନୀତିଆୟୋଗର ଜଣେ ସଦସ୍ୟ ଏପ୍ରିଲ ୨୪ରେ କହିଥିଲେ ଯେ, ମେ ଶେଷ ସୁଦ୍ଧା କୌଣସି ନୂଆ କେସ୍ ରହିବନି ଓ ଏଥିପାଇଁ ସେ କ୍ଷମା ମାଗିଛନ୍ତି। ଏହାର ସ୍ପଷ୍ଟୀକରଣ ଦେବାକୁ ଯାଇ ନୀତିଆୟୋଗ ସଦସ୍ୟ ଶୁକ୍ରବାର(୨୨-୫-୨୦) କହିଥିଲେ ଯେ,ଗୋଟିଏ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ନୂଆ କୋଭିଡ୍ କେସ୍ କିଛି ରହିବନି ବୋଲି କେହି କହିନାହାନ୍ତି। ଏଥିରେ ଭୁଲ ବୁଝାମଣା ହୋଇଛି, ଯାହାକୁ ସୁଧାରି ନେବା ଦରକାର। ଏହି ଭୁଲ ବୁଝାମଣା ଲାଗି ମୁଁ ଦୁଃଖିତ ଓ ଏବଂ କ୍ଷମା ମାଗୁଛି। ଏକ ପ୍ରଶ୍ନର ଉତ୍ତରରେ ସେ ଏହା ସ୍ପଷ୍ଟ କରିଛନ୍ତି।

ନୀତି ଆୟୋଗ କୋଭିଡ୍ ପ୍ରେସ୍ କନ୍‌ଫରେନ୍ସରେ ତଥ୍ୟ ଆଧାରରେ ପ୍ରକାଶ କରିଛି ଯେ, ସରକାର ଏହି ସମୟରେ ଦୁଇଟିଜିନିଷ ଉପରେ ଗୁରୁତ୍ୱ ଦେଇଛନ୍ତି। ଗୋଟିଏ ହେଉଛି ବୃଦ୍ଧି ପାଉଥିବା କୋଭିଡ୍ ସୁସ୍ଥ ହାର ଏବଂ ଦ୍ୱିତୀୟଟି ଭାରତର ପ୍ରଧାନମନ୍ତ୍ରୀଙ୍କ ଲକ୍‌ଡାଉନ୍ ରଣନୀତି। ଅନ୍ୟପକ୍ଷରେ ନୂଆ କେସ୍ ଉପରେ ଏହା ଧ୍ୟାନ ଦେଉ ନ ଥିବା ମନେହେଉଛି। ସୁସ୍ଥତା ହାର ସୂଚାଉଛି ଯେ, ଯେଉଁମାନଙ୍କ ଠାରେ ସଂକ୍ରମଣ ଚିହ୍ନଟ କରାଯାଇଥିଲା, ଯେଉଁମାନଙ୍କୁ ପରୀକ୍ଷା କରାଯାଇ ପିଜିଟିଭ ମିଳିଥିଲା ସେମାନଙ୍କଠାରେ ପୁଣି ନେଗେଟିଭ ମିଳିଲା। ଶନିବାର ସକାଳ ସୁଦ୍ଧା ପ୍ରାୟ ୧,୨୫ ଲକ୍ଷ ପଜିଟିଭ୍ କେସ୍ ମିଳିଥିଲା ଓ ଏହାର ଅଧାରୁ କିଛି କମ୍ ଅର୍ଥାତ ୫୨,୦୦୦ ସୁସ୍ଥ ହୋଇଥିଲେ। ବିଶ୍ୱରେ ୫୩ ଲକ୍ଷ ଲୋକ ସଂକ୍ରମିତ ହୋଇଥିବାବେଳେ ୨୩ଲକ୍ଷ ଲୋକ ସୁସ୍ଥ ହୋଇଥିଲେ। ଚିରାଚରିତ ଧାରାରେ ସୁସ୍ଥତା ହାର ବଢ଼ି ବଢ଼ି ପାଖାପାଖି ୯୫ ପ୍ରତିଶତ ଯାଏ ପହଞ୍ଚିବ। ସମ୍ଭବତଃ ଏହାଠାରୁ ଅଧିକ ରହିପାରେ। ଏପରି ହେବାର କାରଣ ହେଉଛି ଏବେ କୋଭିଡ୍ ଜନିତ ମୃତ୍ୟୁ ହାର ୭ ପ୍ରତିଶତ ରହିଛି। କୋଭିଡ୍ ମୃତ୍ୟୁହାର ଭାରତରେ ପାଖାପାଖି ୩ ପ୍ରତିଶତ। ଏଣୁ କୌଣସି ଏକ ସମୟରେ ଏଠାରେ ସୁସ୍ଥତା ହାର ୯୭ ପ୍ରତିଶତରେ ପହଞ୍ଚିବ। ଏପରି କି ସରକାର ଯଦି କିଛି ନ କରନ୍ତି ଏହା ଘଟିବ। ତୁମେ ଥରେ ଯଦି ସଂକ୍ରମିତ ହୁଅ, ତେବେ ସେଥିରୁ କେମିତି ରକ୍ଷା ପାଇବ ସେ ଯାଏ ତୁମକୁ ଅପେକ୍ଷା କରିବାକୁ ହେବ। ଏହାର ମାନେ ନୁହେଁ ଯେ, ତୁମେ ଏବେ କୋଭିଡ୍ ମୁକ୍ତ, କାରଣ ସମ୍ଭବତଃ ଅଧିକ ସଂକ୍ରମଣ ବ୍ୟାପିବାରେ ଲାଗିଛି। ତେବେ କାହିଁକି ଆଉ କିଛି ନ କହି ସୁସ୍ଥତା ହାର କଥା କୁହାଯାଉଛି ତାହା ସ୍ପଷ୍ଟ ହେଉନି। ଲୋକମାନଙ୍କୁ ଆଶ୍ୱସ୍ତ କରିବା ଲାଗି ସମ୍ଭବତଃ ଏହା କରାଯାଉଛି।

ସମସ୍ୟା ହେଉଛି, ଏବେଠାରୁ ଆଗକୁ କିଛିଦିନ ଲାଗି ନୂଆ କେସ୍ ସଂଖ୍ୟା ବୃଦ୍ଧିରେ ଆସିବାର ସମ୍ଭାବନା ରହିଛି। ମେ' ଆରମ୍ଭରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ୨,୦୦୦ ଥିଲା। ତାର ସପ୍ତାହରେ ଏହା ଥିଲା ୪,୦୦୦ ପାଖାପାଖି ଓ ଏବେ ଏହା ୬,୦୦୦ରୁ ଅଧିକ ରହିଛି। କେରଳ ବିନା ଅନ୍ୟ କେଉଁଠି ଏହା କମିବାର ସଂକେତ ମିଳୁନାହିଁ। ଲକ୍‌ଡାଉନ୍ ଉଠିଗଲେ ଆଗକୁ କିଛି ସପ୍ତାହରେ ଅଧିକ ଲୋକଙ୍କ ପରୀକ୍ଷା କରାଯିବ ଓ ଏହି ସଂଖ୍ୟା ବଢ଼ିବ। କେଉଁ ଦେଶରେ ସ୍ୱାଭାବିକ ଭାବେ ଲୋକମାନେ ସାମାଜିକ ଦୂରତ୍ୱ ରକ୍ଷାକରୁଛନ୍ତି, ମାସ୍କ ଲଗାଉଛନ୍ତି ଓ ହାତ ସଫା କରୁଛନ୍ତି ସେଠାରେ ସଂକ୍ରମଣ ବୃଦ୍ଧି ସ୍ଥିର ରହିଛି କିମ୍ବା ନୂଆ କେସ୍ କମିଛି। ସେହି ସବୁ ଦେଶଗୁଡ଼ିକୁ ବାଦ ଦେଲେ ଅନ୍ୟ ଦେଶଗୁଡ଼ିକରେ ସଂକ୍ରମଣ ବୃଦ୍ଧିପାଇବାରେ ଲାଗିଛି। ୧୧ଟି ଦେଶରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରେ ବ୍ରାଜିଲ, ଭାରତ ଏବଂ ପେରୁରେ ସଂକ୍ରମଣ ଲଗାତାର ବୃଦ୍ଧି ପାଉଛି। ଏଣୁ ସ୍ଥିତି କେତେ ଗମ୍ଭୀର ହୋଇପାରେ ତାହା ଜଣାପଡୁଛି। ଗତ ୫୦ଦିନ ଧରି ଆମେରିକାରେ ଦୈନିକ ୨୦,୦୦୦ରୁ ୩୫,୦୦୦ ନୂଆ କେସ୍ ସାମ୍ନାକୁ ଆସୁଛି। ଆମେରିକାରେ ୧.୪ କୋଟି ଲୋକଙ୍କର ପରୀକ୍ଷା କରାଯାଇଛି। ୧୦ ଲକ୍ଷ ଲୋକରେ ଏହା ୪୨,୦୦୦ଙ୍କର ପରୀକ୍ଷା କରିଛି। ଅନ୍ୟପକ୍ଷରେ ଭାରତ ୧୦ ଲକ୍ଷରେ ମାତ୍ର ୨,୦୦୦ ଲୋକଙ୍କ ପରୀକ୍ଷା କରିଛି।

କମ୍ ପରୀକ୍ଷା କରାଯିବା ମାନେ ଅନେକ ସଂକ୍ରମିତ ସେମାନଙ୍କଠାରେ ସଂକ୍ରମଣ ରହିଥିବା ଜାଣିନାହାନ୍ତି ବୋଲି ଆମେ କହିପାରିବା କି? ହଁ! ଏବେକାର ମୃତ୍ୟୁ ହାରକୁ ଲକ୍ଷ୍ୟ କଲେ ଏହା ସପକ୍ଷରେ ଯଥେଷ୍ଟ ତଥ୍ୟ ରହିଛି କହିପାରିବା। ଗୁଜରାଟରେ ୧୩,୦୦୦ ଜଣ ସଂକ୍ରମିତ ହୋଇଛନ୍ତି ଓ ୮୦୦ ଜଣଙ୍କ ମୃତ୍ୟୁ ହୋଇଛି। ଏହି ରାଜ୍ୟର ମୃତ୍ୟୁ ହାର ଜାତୀୟ ମୃତ୍ୟୁ ହାରର ଦୁଇଗୁଣ। ପ୍ରାୟ ନିଶ୍ଚିତ ଯେ, ଅତିକମ୍‌ରେ ଗୁଜରାଟରେ ପରୀକ୍ଷା କରାଯାଇ ନ ଥିବା ଆଉ ୧୩,୦୦୦ ସଂକ୍ରମିତ ରହିଛନ୍ତି ଏବଂ ସେମାନେ ସଂକ୍ରମିତ ବୋଲି ଜାଣିନାହାନ୍ତି। ଅନ୍ୟମାନଙ୍କ ସହ ସେମାନେ ଏବେ କାମକୁ ଫେରୁଛନ୍ତି। ଅନ୍ୟପକ୍ଷରେ ସବୁ ପ୍ରବାସୀ ଶ୍ରମିକ ଘରକୁ ଯାଉଛନ୍ତି। ଏମାନେ ସମସ୍ତେ ପ୍ରତିଦିନ ନୂଆ କେସ ହାର ବୃଦ୍ଧି କରିବେ। ଗୋଟିଏ ସମୟରେ ଏହା ପୁରା ବଢ଼ିଯିବ ଓ ତା' ପରେ କମିବାରେ ଲାଗିବ ଯାହା କୋଭିଡ୍-୧୯ରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଆମେରିକା, ଇଟାଲୀ ଓ ଇଂଲଣ୍ଡ ସମେତ ଅନ୍ୟ ଦେଶଗୁଡ଼ିକରେ ଦେଖିବାକୁ ମିଳିଛି। ଦୈନିକ ସାମ୍ନାକୁ ଆସୁଥିବା ନୂଆ କେସ୍ କେବଳ ଏକ ସାଂଖ୍ୟିକ ମାପ। ଅତୀତରେ ଲୋକମାନେ ନୂଆ କେସ୍ ହାର ବିଷୟରେ ଯାହା କଳନା କରିଥିଲେ ତାହା ହୋଇନି, ଏହି ହାର ଆପଣାଛାଏଁ ବୃଦ୍ଧିପାଇବ।

ଆମେ କେତେ ଶୀଘ୍ର ଦୈନିକ ସଂକ୍ରମଣ କମାଇ ପାରିବା ତାହା କେବଳ କେରଳକୁ ହିଁ ଜଣା। ଦେଶରେ ଏହା ଗୋଟିଏ ରାଜ୍ୟ ଯେଉଁଠି ମାର୍ଚ୍ଚ ଆରମ୍ଭରେ ସବୁଠୁ ବେଶି କେସ୍ ସାମ୍ନାକୁ ଆସିଥିଲା, କିନ୍ତୁ ଆଜି ଏହା ୧୭କୁ ଖସିଆସିଛି। ଏହାର ସଫଳତାକୁ ବୁଝିବା ସବୁ ସ୍ତରରେ ଓ ସାରା ବିଶ୍ୱସ୍ତରରେ ଏହା ପ୍ରକାଶ କରାଯାଉଛି। କିନ୍ତୁ ଥରେ ହେଲେ ବି ପ୍ରଧାନମନ୍ତ୍ରୀ ଏହା ସମ୍ପର୍କରେ କିଛି କହିନାହାନ୍ତି। କେରଳ ଯାହା କରୁଛି ତାହା ଆମ ସମସ୍ତଙ୍କ ପାଇଁ ରୋଲ ମଡେଲ ବା ଅନୁକରଣୀୟ। ଏହା ଏକମାତ୍ର ରାଜ୍ୟ ଯେଉଁଠି ନୂଆ କେସ୍ ବଢ଼ୁନାହିଁ ଏବଂ କିଛି ଦିନ ହେବ ସମ୍ପୂର୍ଣ୍ଣ ସଂକ୍ରମିତଙ୍କ ମଧ୍ୟରୁ ସୁସ୍ଥତା ଲାଭ କରୁଥିବାରୁ ତାହା କମିବାରେ ଲାଗିଛି। କେରଳ ଯାହା କରୁଛି ତାହା ମହାରାଷ୍ଟ୍ର, ଗୁଜରାଟ ଓ ଦିଲ୍ଲୀ କରୁନାହାନ୍ତି ବୋଲି ଆମମାନଙ୍କ ମଧ୍ୟରୁ କେତେଜଣ ଜାଣିଛନ୍ତି? ଅନେକେ ହୁଏତ ଏହା ଜାଣିନାହାନ୍ତି। ଏହାର କାରଣ ହେଉଛି,କେନ୍ଦ୍ର ସରକାର ଦୈନିକ ନୂଆ କେସ୍ ରୋକିବାରେ କୌଣସି ରୋଲ୍ ମଡେଲ ଅଛନ୍ତି ବୋଲି ସ୍ୱୀକାର କରିବାକୁ ମନାକରି ଦେଉଛନ୍ତି।

Email:aakar.patel@gmail.com

## su do ku — ସୁ-ଡୋ-କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 5 | 7 | 2 | E | 6 | 0 | 9 | D | B | 3 | 8 | 4 | C |
| 6 | 4 | 7 | D | B | 0 | A | 8 | C | 2 | 9 | 5 | 3 | 1 | E |
| C | E | 3 | 4 | 8 | 9 | 7 | 2 | D | A | 0 | 1 | 5 | B | 6 |
| 2 | 0 | 8 | 5 | A | 6 | 1 | 3 | B | C | 4 | E | 7 | D | 9 |
| 9 | B | D | C | 1 | 3 | 4 | 5 | E | 6 | 8 | 7 | A | 0 | 2 |
| B | 1 | 9 | 0 | 4 | D | 8 | 6 | A | E | 3 | 2 | C | 7 | 5 |
| 5 | 8 | C | E | 7 | 1 | B | 4 | 2 | 0 | D | 9 | 6 | 3 | A |
| D | 2 | A | 9 | 6 | 5 | C | 7 | 3 | 8 | 1 | B | 4 | E | 0 |
| 4 | 6 | 0 | 2 | 3 | A | E | 9 | 1 | 5 | 7 | C | B | 8 | D |
| 3 | 7 | E | 8 | C | B | 0 | D | 5 | 4 | 6 | A | 2 | 9 | 1 |
| 0 | 3 | 4 | 6 | 9 | 2 | 5 | 1 | 8 | 7 | C | D | E | A | B |
| E | D | 1 | B | 5 | C | 9 | A | 4 | 3 | 2 | 8 | 0 | 6 | 7 |
| A | 9 | 6 | 3 | D | 8 | 2 | E | 7 | B | 5 | 0 | 1 | C | 4 |
| 7 | C | 2 | 1 | E | 4 | 3 | B | 0 | 9 | A | 6 | D | 5 | 8 |
| 8 | 5 | B | A | 0 | 7 | D | C | 6 | 1 | E | 4 | 9 | 2 | 3 |

ଗତକାଲିର ଉତ୍ତର

# କରୋନା ମହାମାରୀ-ଶ୍ରମିକ ଦୁର୍ଦ୍ଦଶା



କିଶୋର ଜେନା

କରୋନାଜନିତ ମହାମାରୀ ପରିସ୍ଥିତି ଭିତରେ ବିଶ୍ୱର ବିଭିନ୍ନ ଦେଶ ଅର୍ଥନୀତିର ପୁନର୍ଗଠନରେ ଶ୍ରମିକମାନଙ୍କର କଲ୍ୟାଣ ଓ ସୁରକ୍ଷାକୁ ଯଥାସମ୍ଭବ ରକ୍ଷାକରିବାର ଉଦ୍ୟମ କରୁଥିବାବେଳେ, ଠିକ୍ ସେହି ସମୟରେ ଭାରତ ସରକାର ବିପରୀତ ପଥରେ ଶ୍ରମିକ ଛଟେଇକୁ ଅବାଧ କରି ସେମାନଙ୍କର ସାମାଜିକ ସୁରକ୍ଷାକୁ କାଟଛାଣ୍ଟ କରିବାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। କରୋନା ସଂକ୍ରମଣକୁ ରୋଧକରିବା ପାଇଁ ବିଶ୍ୱ ସାରା ଲକ୍‌ଡାଉନ୍‌ରେ ଅଗତ୍ୟା ପଡ଼ିବା ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଶ୍ରମିକଶ୍ରେଣୀ। ବିପର୍ଯ୍ୟସ୍ତ ଅର୍ଥନୀତିର ପୁନର୍ଗଠନରେ ଭାରତରେ କେତେକ ରାଜ୍ୟରେ ଶ୍ରମ ଆଇନର ତଥାକଥିତ ସୁଧାର ନାମରେ ଶ୍ରମିକମାନଙ୍କର ସଂଗ୍ରାମଲବ୍ଧ କଷ୍ଟୋପାର୍ଜିତ ଅଧିକାରକୁ ଛଡ଼େଇ ନେବାର ନିର୍ଦ୍ଦେଶ ଜାରି କରାଯାଇଛି। ଅର୍ଥନୀତିର ପୁନରୁଦ୍ଧାର କଥା କହି ଶ୍ରମ ଆଇନକୁ କାର୍ଯ୍ୟତଃ ଉଠାଇଦେଇ ଦେଶରେ ଦାସପ୍ରଥା ଚାଲୁ କରିବାକୁ ଚାହାନ୍ତି ସରକାର। ଭାରତବର୍ଷର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କର୍ମଚାରୀ ସଂଗଠନ ଏହି ନୀତିର ବିରୋଧ କରିଛନ୍ତି।

ସଂପ୍ରତି ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ ଶିଳ୍ପ ପୁନର୍ଗଠନ ସମ୍ପର୍କରେ ଆଲୋଚନା ଲାଗି ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାରଙ୍କ ସହ ବୈଠକରେ ମିଳିତ ହୋଇଥିଲେ କର୍ପୋରେଟ୍ ସଂସ୍ଥାମାନେ। କର୍ପୋରେଟ୍‌ମାନେ ଶିଳ୍ପକୁ ସତେଜ କରିବା ପାଇଁ ଦେଶରେ ଥିବା ସମସ୍ତ ଶ୍ରମ ଆଇନକୁ ଉଠାଇନେବା ସହିତ କାର୍ଯ୍ୟ ନିର୍ଘଣ୍ଟକୁ ବଢ଼ାଇବା ପାଇଁ ଏକ ପ୍ରସ୍ତାବ ଶ୍ରମମନ୍ତ୍ରୀଙ୍କୁ ଦେଇଛନ୍ତି। ସେହି ପ୍ରସ୍ତାବକୁ ଗ୍ରହଣ କରି ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଇତିମଧ୍ୟରେ ଶ୍ରମ ଆଇନ ସାମୟିକଭାବେ ଉଠାଇନେବାର ଅଧ୍ୟାଦେଶ ଜାରି କରାଯାଇଛି। କର୍ପୋରେଟ୍‌ମାନେ ପ୍ରସ୍ତାବ ଦେଇଥିବା ଏକ ସପ୍ତାହ ମଧ୍ୟରେ ଉତ୍ତର ପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶ ସରକାର ଶ୍ରମ ଆଇନର ବିଲୋପ ପାଇଁ ଅଧ୍ୟାଦେଶ ଜାରି କରିଛନ୍ତି। କର୍ପୋରେଟ୍‌ମାନଙ୍କ ପ୍ରସ୍ତାବରେ ଯାହା ସବୁ କୁହାଯାଇଥିଲା, ସେଗୁଡ଼ିକହେଲା ଦେଶର ସମସ୍ତ ଶ୍ରମ ଆଇନକୁ ତିନିବର୍ଷ ପର୍ଯ୍ୟନ୍ତ ଉଠାଇଦେବା ଏବଂ ଶିଳ୍ପଗୁଡ଼ିକର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଶ୍ରମିକମାନଙ୍କ ମଜୁରି ଅଲଗା ନ ଦେଇ କର୍ପୋରେଟ୍ ସାମାଜିକ ସାହାଯ୍ୟ (ସିଏସ୍‌ଆର୍)ରୁ ଦିଆଯିବାର ବ୍ୟବସ୍ଥା କରିବା। ଉଲ୍ଲେଖ କରାଯାଇପାରେ ଯେ, ବର୍ତ୍ତମାନ ପ୍ରଚଳିତ ଆଇନ ଅନୁସାରେ କର୍ପୋରେଟ୍ ସଂସ୍ଥାମାନଙ୍କୁ ତାଙ୍କ ଲାଭର ମାତ୍ର ୨ପ୍ରତିଶତ ସିଏସ୍‌ଆର୍ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସିଏସ୍‌ଆର୍‌ର ବରାଦ ଅର୍ଥ ନାମରେ ଲାଭର ମାତ୍ର ୨ପ୍ରତିଶତ ଅର୍ଥକୁ ଖର୍ଚ୍ଚ ନ କରି ମଜୁରି ମଧ୍ୟରେ ରଖିବାର ଯେଉଁ ପ୍ରସ୍ତାବ ଦିଆଯାଇଛି ସେଥିରେ ବର୍ତ୍ତମାନର ପ୍ରଚଳିତ ମଜୁରି ବ୍ୟବସ୍ଥାକୁ ଉଠାଇ ନେବାକୁ କୁହାଯାଇଛି। ଶ୍ରମିକମାନଙ୍କ ଛଟେଇକୁ ଅବାଧ କରିବା, ଶିଳ୍ପରେ ଶ୍ରମିକ ସଂଖ୍ୟା କମାଇ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରୁ ୩୩ରୁ ୫୦ ପ୍ରତିଶତକୁ ହ୍ରାସ କରିବା ସହ କାର୍ଯ୍ୟ ନିର୍ଘଣ୍ଟ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କରିବାର ପ୍ରସ୍ତାବ ଦିଆଯାଇଛି, ଯାହାଫଳରେ ନୂତନ ନିଯୁକ୍ତିର ସମ୍ଭାବନା ହ୍ରାସ ପାଇବ। ସପ୍ତାହରେ ୪୮ଘଣ୍ଟା ବଦଳରେ ୭୨ଘଣ୍ଟା କାର୍ଯ୍ୟ କରିବାକୁ ହେବ। ପ୍ରଧାନମନ୍ତ୍ରୀ କଲ୍ୟାଣ ଯୋଜନା ପ୍ରକଳ୍ପରେ ୧୫ହଜାର ଟଙ୍କାରୁ କମ୍ ଆୟ କରୁଥିବା ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ଏହି ସୀମାକୁ ଉଠାଇ ଦେବାକୁ ପ୍ରସ୍ତାବରେ କୁହାଯାଇଛି। ଅର୍ଥାତ୍ ସାମାଜିକ ସୁରକ୍ଷା ପାଇଁ ଶିଳ୍ପ ସଂସ୍ଥାମାନେ ଯାହା ବ୍ୟୟ କରୁଥିଲେ, ତାହାକୁ ସରକାର ବହନ କରିବାକୁ ଶିଳ୍ପ ଜଗତର ପ୍ରସ୍ତାବ। ଶିଳ୍ପକୁ ବିଦ୍ୟୁତ୍ ଯୋଗାଣରେ ମଧ୍ୟ ରିହାତି ପ୍ରଦାନ କରିବାକୁ କୁହାଯାଇଛି। ଏହା ସାଙ୍ଗକୁ ଶିଳ୍ପ ସହିତ ସଂପୃକ୍ତ ପ୍ରବାସୀ ଶ୍ରମିକଙ୍କର ଯାତାୟାତ ଖର୍ଚ୍ଚ ଓ ଖାଇବା ଖର୍ଚ୍ଚ ସବୁ ସରକାର ବହନ କରିବା ସହିତ ଶିଳ୍ପରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଖର୍ଚ୍ଚ ମଧ୍ୟ କମାଇବାକୁ ଉକ୍ତ ପ୍ରସ୍ତାବରେ କୁହାଯାଇଛି।

କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ପାଖରେ କର୍ପୋରେଟ୍ ସଂସ୍ଥାମାନେ ସେମାନଙ୍କର ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ଇତି ମଧ୍ୟରେ ଉତ୍ତର ପ୍ରଦେଶ ସରକାର, ମଧ୍ୟ ପ୍ରଦେଶ ସରକାର ଅଧ୍ୟାଦେଶ ଜାରି କରିଦେଇଛନ୍ତି ଏବଂ ଗୁଜରାଟ ମନ୍ତ୍ରିମଣ୍ଡଳରେ ମଧ୍ୟ ଅଧ୍ୟାଦେଶ ଜାରି କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହି ନିଷ୍ପତ୍ତିରେ କୁହାଯାଇଛି, ଅଧ୍ୟାଦେଶ ଜାରି କରାଯିବା ଦିନଠାରୁ ୧୨୦୦ ଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଶ୍ରମ ଆଇନରୁ ଶିଳ୍ପ ସଂସ୍ଥାମାନେ ଛାଡ଼ ପାଇବେ। କାମ କରିବାର ସମୟ ସୀମା ୮ଘଣ୍ଟାରୁ ୧୨ ଘଣ୍ଟାକୁ ଏହି ସବୁ ରାଜ୍ୟରେ ବୃଦ୍ଧି କରାଯାଇଛି। ଅତିରିକ୍ତ ୪ ଘଣ୍ଟା କାର୍ଯ୍ୟ କଲେ ମଧ୍ୟ ଶ୍ରମିକଙ୍କୁ ଓଭରଟାଇମ୍ ବା ଅଧିକ ସମୟ ପାଇଁ ଅଧିକ ମଜୁରି ମିଳିବ ନାହିଁ। ଉତ୍ତର ପ୍ରଦେଶ ସରକାରଙ୍କ ଅଧ୍ୟାଦେଶରେ ଶିଳ୍ପରେ ଛଟେଇକୁ ଅବାଧ କରାଯାଇଛି। ସେଠାରେ ୧୦୦୦ ଦିନ ପର୍ଯ୍ୟନ୍ତ ଅଧ୍ୟାଦେଶ ଚାଲୁରହିବ। ଉଭୟ ଗୁଜରାଟ ଓ ଉତ୍ତର ପ୍ରଦେଶରେ ଛଟେଇ ପୂର୍ବରୁ ନୋଟିସ ଦେବାର ଆବଶ୍ୟକତାକୁ ଉଠାଇ ଦିଆଯାଇଛି। କର୍ନାଟକ ସରକାରଙ୍କ ଶ୍ରମ ସଚିବ ଅନୁରୂପଭାବରେ ବ୍ୟବସ୍ଥା କରିବାକୁ ଉକ୍ତ ରାଜ୍ୟ ସରକାର ବିଚାର କରୁଥିବା ପ୍ରକାଶ କରିଛନ୍ତି।

ଶ୍ରମ ଆଇନରେ ଥିବା କାର୍ଯ୍ୟ ନିର୍ଘଣ୍ଟ ସମୟ ସୀମା ୮ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧିର ଅର୍ଥ ସପ୍ତାହକୁ ୪୮ଘଣ୍ଟା ପରିବର୍ତ୍ତ ୭୨ ଘଣ୍ଟା କାର୍ଯ୍ୟ କରିବା ପାଇଁ ଉପର ଲିଖିତ ରାଜ୍ୟଗୁଡ଼ିକ ସମେତ ଇତିମଧ୍ୟରେ ହରିୟାଣା, ଓଡ଼ିଶା, ରାଜସ୍ଥାନ ଓ ପଞ୍ଜାବ ମଧ୍ୟ ଘୋଷଣା କରିଛନ୍ତି। କିନ୍ତୁ ଏହି ରାଜ୍ୟମାନଙ୍କରେ ଅତିରିକ୍ତ ୪ ଘଣ୍ଟା କାର୍ଯ୍ୟ ପାଇଁ ଓଭରଟାଇମ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଛଅଘଣ୍ଟା ପରେ ଏକଘଣ୍ଟାର ବିରତି ହିସାବକୁ ନେଲେ ଶ୍ରମିକଙ୍କୁ କମ୍ପାନୀରେ ଦୈନିକ ୧୩ଘଣ୍ଟା ସର୍ବମୋଟ ରହିବାକୁ ପଡ଼ିବ।

ସରକାରଙ୍କ ଯୁକ୍ତି ହେଉଛି, ଏହାଦ୍ୱାରା ଶିଳ୍ପରେ ବିନିଯୋଗ ବଢ଼ିବ, ଶିଳ୍ପ ସଂସ୍ଥା ସତେଜ ହେବ ଏବଂ କର୍ମ ସଂସ୍ଥାନ ବୃଦ୍ଧି ପାଇବ। କିନ୍ତୁ ଅଭିଜ୍ଞତା ହେଉଛି ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟରେ ପୂର୍ବରୁ ଶ୍ରମ ଆଇନକୁ କୋହଳ କରାଯାଇ ଶିଳ୍ପର ମାଲିକମାନଙ୍କୁ ସୁହାଇବା ଭଳି ପଦକ୍ଷେପମାନ ଗ୍ରହଣ କରାଯାଇଥିଲେ ମଧ୍ୟ ଏସବୁ ରାଜ୍ୟରେ ପୁଞ୍ଜି ନିବେଶ ବଢ଼ିନାହିଁ। ଓଲଟି ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ ଦୁର୍ବଳ ହେବା ସହିତ ସାମାଜିକ ସୁରକ୍ଷା ହ୍ରାସ ପାଇଛି।

୮ ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ)ର ସନନ୍ଦରେ ରହିଛି। ଭାରତ ମଧ୍ୟ ଏହି ସନନ୍ଦରେ ସ୍ୱାକ୍ଷର କରିଛି। ସେହି ସନନ୍ଦକୁ ଉଲ୍ଲଂଘନ କରୁଛନ୍ତି ଏବେ ସରକାର। କୁହାଯାଉଛି ଯେ, ଶ୍ରମ ଆଇନ ଗୁଡ଼ିଏ ଥିବାରୁ ଶ୍ରମିକମାନଙ୍କୁ ନେଇ ଶିଳ୍ପ ପରିଚାଳନା କରିବାରେ ସମସ୍ୟା ହେଉଛି। କିନ୍ତୁ ବାସ୍ତବତା ହେଉଛି ଦେଶର ଅର୍ଦ୍ଧାଧିକ ଶ୍ରମିକ ହେଉଛନ୍ତି ଠିକା ଓ ସାମୟିକ ଶ୍ରମିକ। ସେମାନଙ୍କ କାର୍ଯ୍ୟସ୍ଥଳରେ ନିରାପତ୍ତା ନାହିଁ କି ସେମାନଙ୍କ ସାମାଜିକ ସୁରକ୍ଷା କିଛି ନାହିଁ କହିଲେ ଚଳେ। ଅବାଧରେ ଏମାନଙ୍କୁ କାମରୁ ବାହାରକରି ଦିଆଯାଉଛି। ଶିଳ୍ପରେ ମାନ୍ଦାବସ୍ଥା ଦେଖା ଦେଇଥିବାରୁ କରୋନା ଜନିତ ପରିସ୍ଥିତି ପୂର୍ବରୁ ଗତ ସେପ୍ଟେମ୍ବର ମାସରେ ଶିଳ୍ପକ୍ଷେତ୍ରରେ ବିନିଯୋଗ ବୃଦ୍ଧି ପାଇଁ ସରକାର ୧ଲକ୍ଷ ୨୦ ହଜାର କୋଟି ଟଙ୍କାର କରଛାଡ଼ କରିଥିଲେ। ବ୍ୟାଙ୍କମାନଙ୍କ ଋଣର ସୁଧହାର ବାରମ୍ବାର ହ୍ରାସ ମଧ୍ୟ କରାଯାଇଥିଲା। ଏସବୁ ସତ୍ତ୍ୱେ ଶିଳ୍ପକ୍ଷେତ୍ରରେ ପୁଞ୍ଜି ନିବେଶ ବଢ଼ି ନ ଥିଲା। ଏବେ ମଧ୍ୟ କରୋନା ଯୋଗୁ ଉଦ୍ଭବ ପରିସ୍ଥିତିର ମୁକାବିଲା ପାଇଁ ଶିଳ୍ପ କ୍ଷେତ୍ରକୁ ସରକାର ପ୍ରୋତ୍ସାହନ ଦେଇଛନ୍ତି। ପୁଣି ବ୍ୟାଙ୍କ ଋଣର ସୁଧହାର ହ୍ରାସ କରାଯାଇଛି।

କେନ୍ଦ୍ର ସରକାର ଲକ୍‌ଡାଉନର ମୁକାବିଲା ପାଇଁ ଯେଉଁ ଅର୍ଥନୈତିକ ପୁନର୍ଗଠନର ପଥ ଗ୍ରହଣ କରିଛନ୍ତି, ତାହା ଠିକ୍ ନୁହେଁ। ପୃଥିବୀର ବହୁ ଦେଶରେ ଶ୍ରମିକଙ୍କର ଯେପରି କମ୍ କ୍ଷତି ହେବ, ସେଥିପାଇଁ ଯତ୍ନଶୀଳ ହୋଇଛନ୍ତି। ଭାରତରେ ଏହାର ସମ୍ପୂର୍ଣ୍ଣ ଓଲଟା। ଛଟେଇ, ତାଲାବନ୍ଦ କରାଯାଇ କର୍ମ ସଂକୋଚନ କରିବାକୁ ବିଭିନ୍ନ ଦେଶରେ ଏକପ୍ରକାର ନିଷିଦ୍ଧ କରାଯାଇଛି କରୋନା ମହାମାରୀ ସମୟରେ। ଶ୍ରମିକମାନଙ୍କୁ ମଜୁରି ଦେବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ଅନୁଦାନ ଦିଆଯାଉଛି। କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ୟୁରୋପର ଦେଶଗୁଡ଼ିକ ଉତ୍ତମ ମଜୁରି ପ୍ରଦାନ ଉଦ୍ଦେଶ୍ୟରେ ଉଦ୍ୟୋଗଗୁଡ଼ିକୁ ଭଲ ପରିମାଣର ଅନୁଦାନ ସଂପୃକ୍ତ ଦେଶର ସରକାରମାନେ ଦେଉଛନ୍ତି। ଶିଳ୍ପରେ ଯେପରି ଛଟେଇ ନ ହୁଏ, ସେଦିଗ ପ୍ରତି ଦୃଷ୍ଟି ଦିଆଯାଇ ବିକାଶଶୀଳ ଦେଶ ବାଂଲାଦେଶ, ବର୍ସନିୟା, ଫିଲିପାଇନ୍ସ, ମାଲେସିଆ, ଚାଇନା, ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ, ଭିଏତ୍‌ନାମ, ତୁରସ୍କ ଇତ୍ୟାଦି ଦେଶରେ ବର୍ତ୍ତମାନର ସଙ୍କଟ ପରିସ୍ଥିତିରେ ଶ୍ରମିକଙ୍କ ସ୍ୱାର୍ଥ ପ୍ରତି ବେଶ୍ ସଚେତନ। କିନ୍ତୁ ବିକାଶଶୀଳ ଦେଶ ମଧ୍ୟରେ ଭାରତ ଏବଂ ବିକାଶୋନ୍ମୁଖୀ ଦେଶ ମଧ୍ୟରେ ଆମେରିକାରେ ସ୍ପଷ୍ଟ ବ୍ୟତିକ୍ରମ ଦେଖାଦେଇଛି। ଏହି ଦୁଇଦେଶରେ ଶ୍ରମିକଙ୍କ ଦୁର୍ଦ୍ଦଶା ସମୟରେ ଶ୍ରମିକ ଶ୍ରେଣୀ ହିତରେ ନୁହେଁ, କର୍ପୋରେଟ୍ ସ୍ୱାର୍ଥକୁ ଆଗରେ ରଖି ଶ୍ରମିକମାନଙ୍କ ଅଧିକାରକୁ ସଙ୍କୁଚିତ କରାଯାଉଛି।

ପ୍ରସଙ୍ଗତଃ ଗତବର୍ଷଠାରୁ କେନ୍ଦ୍ର ସରକାର ଭାରତରେ ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଚାରୋଟି ଶ୍ରମ କୋଡ୍ ପ୍ରଚଳନ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ମଜୁରି କୋଡ୍ ବିଲ୍ ସଂସଦରେ ପାରିତ ହୋଇଯାଇଛି। ଅନ୍ୟ ତିନୋଟି ଶ୍ରମ କୋଡ୍ ବିଲ୍ ସଂସଦରେ ଉପସ୍ଥାପିତ ହୋଇଛି। ଭାରତବର୍ଷର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କର୍ମଚାରୀ ସଂଗଠନ ଏହି କୋଡ୍ ବିଲ୍‌ର ବିରୋଧକରି ଦୁଇ ଦୁଇଥର ଦେଶବ୍ୟାପୀ ଧର୍ମଘଟ କରିଛନ୍ତି। ଏହିବିରୋଧ ଏବେ ମଧ୍ୟ ଜାରି ରହିଛି।

ବର୍ତ୍ତମାନର କରୋନା ମହାମାରୀ ଜାରି ରହିଥିବା ପରିସ୍ଥିତି ଓ ଲକ୍‌ଡାଉନ୍‌ର ସୁଯୋଗ ନେଇ କେନ୍ଦ୍ର ସରକାର ପ୍ରଚଳିତ ଶ୍ରମ ଆଇନଗୁଡ଼ିକୁ ଉଠାଇଦେଇ ପର୍ଯ୍ୟାୟକ୍ରମେ ଶ୍ରମିକ ବିରୋଧୀ କୋଡ୍ ବିଲ୍‌ଗୁଡ଼ିକୁ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରିବାର କୌଶଳ ଅବଲମ୍ବନ କରୁଛନ୍ତି। ଶ୍ରମିକ ଓ ଶ୍ରମିକ ସଂଗଠନଗୁଡ଼ିକୁ ସରକାର ବିଶ୍ୱାସକୁ ନେଉନାହାନ୍ତି। ଶ୍ରମ ଆଇନଗୁଡ଼ିକୁ ୧୦୦୦ରୁ ୧୨୦୦ ଦିନ ପର୍ଯ୍ୟନ୍ତ ଲାଗୁ ନ କରିବା ସହ କାମକରିବାର ସମୟକୁ ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିଛନ୍ତି ଅନେକ ରାଜ୍ୟ ସରକାର। କରୋନା ମହାମାରୀ ସମୟରେ କର୍ପୋରେଟ୍ ମହଲ ଯାହା ଚାହୁଁଥିଲେ, ତାକୁ ଅନାୟାସରେ କାର୍ଯ୍ୟକାରୀ କରାଯାଉଛି। ଏହା ଆନ୍ତର୍ଜାତିକ ଶ୍ରମ ସଂଗଠନ ସନନ୍ଦର ସମ୍ପୂର୍ଣ୍ଣ ବିରୋଧାଚରଣ।

ଉତ୍କଳମଣି ମାର୍ଗ,
ଅପର୍ଣ୍ଣାନଗର,ଚାଉଳିଆଗଞ୍ଜ,କଟକ
ମୋ: ୯୪୩୭୩୮୪୮୬୭
Email: jenakishorchandra@gmail.com

# ଡାକ୍ତର ରାଜନେତା

## ବ୍ୟକ୍ତିତ୍ୱ



ଡା. ହର୍ଷ ବର୍ଦ୍ଧନ

କରୋନା ମହାମାରୀକୁ ନେଇ ବିଶ୍ୱବାସୀ ହନ୍ତସନ୍ତ ହେଉଛନ୍ତି। ଏହି ଭୂତାଣୁ ଦାଉରୁ ରକ୍ଷା ପାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବିଭିନ୍ନ ସମୟରେ ନିୟମାବଳୀ ଜାରି କରୁଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ବାରମ୍ବାର ହାତ ଧୋଇବା ଉପରେ ଡବ୍ଲ୍ୟୁଏଚ୍‌ଓ ଗୁରୁତ୍ୱ ଦେଉଛି। ଅନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ସମ୍ପର୍କିତ ଦେଖାଦେଉଥିବା ସମସ୍ୟା ସମାଧାନ ଦିଗରେ ଏହାର କାର୍ଯ୍ୟନିର୍ବାହୀ ବୋର୍ଡ ସହଯୋଗ କରିଆସୁଛି। ଏହି ବୋର୍ଡରେ ବିଭିନ୍ନ ଦେଶରୁ ୩୪ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ସଦସ୍ୟ ଅଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ନିର୍ବାଚିତ ହେଉଥିବା ବ୍ୟକ୍ତିଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଛି ଓ ଏମାନଙ୍କ ମଧ୍ୟରୁ ପାଳି କରି ଅଧ୍ୟକ୍ଷ ପଦ ଦିଆଯାଇଥାଏ। ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ହର୍ଷ ବର୍ଦ୍ଧନ ୨୨ ମେ'ରେ ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କହିଛନ୍ତି, କରୋନା ମହାମାରୀ ସଙ୍କଟରୁ ରକ୍ଷାପାଇବା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ମଜଭୁତ କରିବା ଜରୁରୀ।

ହର୍ଷ ବର୍ଦ୍ଧନ ୧୩ ଡିସେମ୍ବର ୧୯୫୪ରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ଦରିଆଗଞ୍ଜସ୍ଥିତ ଆଙ୍ଗ୍ଲୋ ସାଂସ୍କ୍ରିଟ ଭିକ୍ଟୋରିଆ ଜୁବିଲି ସିନିୟର ସେକେଣ୍ଡାରୀ ସ୍କୁଲରୁ ସେ ୧୯୭୧ରେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଜାକିର ହୁସେନ୍ ଦିଲ୍ଲୀ କଲେଜରୁ ଉତ୍ତୀର୍ଣ୍ଣ ହେବା ପରେ କାନ୍‌ପୁରସ୍ଥିତ ଗଣେଶ ଶଙ୍କର ବିଦ୍ୟାର୍ଥୀ ମେମୋରିଆଲ ମେଡିକାଲ କଲେଜରୁ ୧୯୭୯ରେ ଏମ୍‌ବିବିଏସ୍ ଡିଗ୍ରୀ ଅର୍ଜନ କରିଥିଲେ। ସେହି କଲେଜରୁ ୧୯୮୩ରେ ଶଲ୍ୟ ଚିକିତ୍ସାରେ ସ୍ନାତକୋତ୍ତର କରିବା ପରେ ବିଶେଷଜ୍ଞ ଡାକ୍ତର ହୋଇଥିଲେ। ହେଲେ ପିଲାଟି ବେଳୁ ଜନସେବା କରିବା ତାଙ୍କ ଉଦ୍ଦେଶ୍ୟ ଥିବାରୁ ସେ ସ୍କୁଲ ବଢ଼ିଲା ବେଳୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ରେ ଯୋଗ ଦେଇଥିଲେ। ତେବେ ସେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେବାକୁ ଯାଇ ୧୯୯୩ରେ ଦିଲ୍ଲୀ ବିଧାନସଭାକୁ କ୍ରିଷ୍ଣା ନଗରରୁ ନିର୍ବାଚିତ ହୋଇଥିଲେ। ଏହା ପରେ ତାଙ୍କୁ ଦିଲ୍ଲୀର ସ୍ୱାସ୍ଥ୍ୟ ଓ ଆଇନ ବିଭାଗର ରାଷ୍ଟ୍ରମନ୍ତ୍ରୀ ପଦ ମିଳିଥିଲା। ୧୯୯୪ରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ବେଳେ ହର୍ଷ ବର୍ଦ୍ଧନ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମକୁ ବ୍ୟାପକ କରି ୧୦ ଲକ୍ଷ ଶିଶୁଙ୍କୁ ଟିକା ଦେଇ ଏହାକୁ ଏକ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ କରିଦେଇଥିଲେ। ଫଳରେ ୧୯୯୫ରେ ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଶୁଭାରମ୍ଭ ହୋଇଥିଲା ଓ ୮ କୋଟି ୮୦ ଲକ୍ଷ ଶିଶୁଙ୍କୁ ଟିକା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭିଯାନ ୨୮ ମାର୍ଚ୍ଚ ୨୦୧୪ରେ ଫଳବତୀ ହୋଇ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଭାରତ ପୋଲିଓ ମୁକ୍ତ ହୋଇଥିଲା।

ହର୍ଷ ବର୍ଦ୍ଧନ ୧୯୯୬ରେ ଦିଲ୍ଲୀର ଶିକ୍ଷା ମନ୍ତ୍ରୀ ମଧ୍ୟ ହୋଇଥିଲେ। ଲୋକଙ୍କ ସହ ଭଲ ଭାବେ ଜଡ଼ିତ ରହିଥିବାରୁ ସେ ୧୯୯୮, ୨୦୦୩, ୨୦୦୮ ଏବଂ ୨୦୧୩ରେ ସେହି ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ଦିଲ୍ଲୀ ପ୍ରୋହିବିଶନ ଅଫ୍ ସ୍ମୋକିଂ ଆଣ୍ଡ୍ ନନ୍ ସ୍ମୋକର୍ସ ହେଲ୍‌ଥ ପ୍ରୋଟେକ୍‌ଶନ ଆଇନ ପ୍ରଣୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାଦ୍ୱାରା ଦିଲ୍ଲୀକୁ ଦେଶର ପ୍ରଥମ ରାଜ୍ୟ ଭାବେ ତମାଖୁ ବିରୋଧୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବାରେ ସେ ସଫଳ ହୋଇଥିଲେ। ଏହି ଆଇନ ଦ୍ୱାରା ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଭିତରେ କୌଣସି ତମାଖୁ ବିକ୍ରି ଉପରେ ନିଷେଧାଜ୍ଞା ଲାଗୁ କରାଯାଇଥିଲା। ହର୍ଷ ବର୍ଦ୍ଧନଙ୍କ ସଫଳତା ବରିଷ୍ଠ ଭାଜପା ନେତାଙ୍କୁ ପ୍ରଭାବିତ କରିଥିଲା। ସେଥିପାଇଁ ୨୩ ଅକ୍ଟୋବର ୨୦୧୩ରେ ତାଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦଳ ଉପସ୍ଥାପନ କରିଥିଲା। ୨୦୧୩ ନିର୍ବାଚନରେ ଭାଜପା ସମୁଦାୟ ୭୦ ଆସନରୁ ୩୧ଟି ଅକ୍ତିଆର କରି ଏକକ ବୃହତ୍ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ଆବଶ୍ୟକ ସଂଖ୍ୟା ହାସଲ କରିପାରି ନ ଥିବାରୁ ଭାଜପା ସରକାର ଗଠନ କରିପାରି ନ ଥିଲା। ଏହା ପରେ ହର୍ଷ ବର୍ଦ୍ଧନ କେନ୍ଦ୍ରୀୟ ରାଜନୀତିରେ ପ୍ରବେଶ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଚାନ୍ଦିନୀ ଚୌକ ଆସନରୁ ସେ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କପିଲ ଶିବଲଙ୍କୁ ହରାଇ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୬ ମେ' ୨୦୧୪ରେ ସେ ମୋଦି ସରକାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନିଲ ମାଧବ ଡାଭେଙ୍କ ମୃତ୍ୟୁ ପରେ ମେ' ୨୦୧୭ରେ ହର୍ଷ ବର୍ଦ୍ଧନଙ୍କୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଭାଗ୍ୟଦେବୀ ତାଙ୍କୁ ସହାୟ ହୋଇଥିବାରୁ ସେ ପୁନଶ୍ଚ ୨୦୧୯ ସାଧାରଣ ନିର୍ବାଚନରେ ଚାନ୍ଦିନୀ ଚୌକରୁ ବିଜୟୀ ହୋଇଥିଲେ। ସେ ମୋଦି ସରକାରଙ୍କ କ୍ୟାବିନେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଭୂବିଜ୍ଞାନ ମନ୍ତ୍ରୀ ଭାବେ ଏବେ ଦାୟିତ୍ୱ ତୁଲାଉଛନ୍ତି।

ହର୍ଷ ବର୍ଦ୍ଧନ ୨୦୧୮ରେ ୧୦୫ ଭାରତୀୟ ବିଜ୍ଞାନ କଂଗ୍ରେସରେ ଏକ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇଥିବାରୁ ତାଙ୍କୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ବ୍ରିଟିଶ ବୈଜ୍ଞାନିକ ଷ୍ଟିଫେନ୍ ହକିଂଙ୍କ ମୃତ୍ୟୁ ପରେ ସେ ତାଙ୍କ ନାମରେ ଏକ ଭୁଲ ତଥ୍ୟ ଉପସ୍ଥାପନ କରିଥିଲେ। ଆଇନଷ୍ଟାଇନ୍‌ଙ୍କ ଥିଓରି ଅପେକ୍ଷା ବେଦରେ ଉଲ୍ଲେଖ ଥିବା ତତ୍ତ୍ୱ ଉତ୍କୃଷ୍ଟ ବୋଲି ହକିଂ କହିଥିବା ବିଷୟ ହର୍ଷ ବର୍ଦ୍ଧନ କହିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଏପରି କି ହକିଂଙ୍କ ଏଭଳି ବିବୃତି ସଂକ୍ରାନ୍ତ କୌଣସି ପ୍ରମାଣ ନ ଥିବା ଜଣାପଡ଼ିବା ପରେ ସେ ହଟହଟା ହୋଇଥିଲେ। ତଥାପି ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହର୍ଷ ବର୍ଦ୍ଧନଙ୍କୁ ଅନେକ ପୁରସ୍କାର ମିଳିଛି। ୧୯୯୪ରେ ଭାରତୀୟ ଭେଷଜ ସଂଘ, ପୋଲିଓ ଦୂରୀକରଣ ଦିଗରେ କାର୍ଯ୍ୟ ଲାଗି ୧୯୯୮ରେ ଡବ୍ଲ୍ୟୁଏଚ୍‌ଓ ସମ୍ମାନ, ୨୦୦୧ରେ ରୋଟାରୀ ଇଣ୍ଟରନ୍ୟାନଶାଲ ଆୱାର୍ଡ ଏବଂ ୨୦୦୨ରେ ଆଇଏମ୍‌ଏ ପକ୍ଷରୁ ଡକ୍ଟର ଅଫ୍ ଦି ଲାଷ୍ଟ ଡିକେଡ୍ (ସ୍ୱାସ୍ଥ୍ୟ ରତ୍ନ) ସମ୍ମାନରେ ସେ ବିଭୂଷିତ ହୋଇଛନ୍ତି। ସହଧର୍ମିଣୀ ନୂତନ, ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ହର୍ଷଙ୍କ ସଂସାର।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତୀୟ ନୌବାହିନୀ ଅଧିକାରୀ ଭାବେ ଯୋଗଦେଇ ଦେଶ ସେବା କରିବାର ସ୍ୱପ୍ନ ଦେଖି ପରବର୍ତ୍ତୀ ସମୟରେ ଲକ୍ଷ ଲକ୍ଷ ଦିବ୍ୟାଙ୍ଗଙ୍କ ସାହାରା ପାଲଟିଛନ୍ତି ତାମିଲନାଡୁର ଏସ୍.ରାମକ୍ରିଷ୍ଣନ୍। ଥାଞ୍ଜାଭୁରରେ ସ୍କୁଲ ଶିକ୍ଷା ଶେଷ କରିବା ସହ କୋଏମ୍ବାଟୁରସ୍ଥ ସରକାରୀ ଇଞ୍ଜିନିୟରିଂ କଲେଜରେ ପଢୁଥିବା ସମୟରେ ସେ ଇଣ୍ଡିଆନ ନ୍ୟାଭିରେ ଚାକିରି କରିବା ପାଇଁ ଇଣ୍ଟରଭ୍ୟୁ ଦେବାବେଳେ ଗୁରୁତର ଆହତ ହୋଇଥିଲେ। ପୁଣେସ୍ଥିତ ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେବା ସମୟରେ ଡ. ଅମରଜିତ ସିଂ ଛହାଲ ଦିବ୍ୟାଙ୍ଗଙ୍କ ସେବା ଲାଗି ତାଙ୍କୁ ପ୍ରେରଣା ଦେଇଥିଲେ। ପରେ ସେ ୧୯୮୧ରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଆଇକୁଡିରେ ଏକ ସ୍କୁଲ ପ୍ରତିଷ୍ଠା କରି ତାହାକୁ 'ଅମର ସେବା ସଙ୍ଗମ' ନାମରେ ପଞ୍ଜୀକୃତ କରିଥିଲେ। ଉକ୍ତ ସଂସ୍ଥା ମାଧ୍ୟମରେ ସେ ମାନସିକ ଓ ଶାରୀରିକ ଦିବ୍ୟାଙ୍ଗଙ୍କୁ ପୁନଃ ଥଇଥାନ କରିବା ସହ ସଶକ୍ତ ବି କରିବାରେ ଲାଗିଛନ୍ତି। ରାମକ୍ରିଷ୍ଣନ୍ ଏବେ ସୁଦ୍ଧା ୫ ଲକ୍ଷ ଦିବ୍ୟାଙ୍ଗଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୯୫

- ତାଇୱାନର ରାଷ୍ଟ୍ରପତି ଲିଟେଙ୍ଗ ହୁଇଙ୍କୁ ଭିଜା ଦେବା ନେଇ ଦୀର୍ଘଦିନ ଧରି ପ୍ରତ୍ୟାଖ୍ୟାନ କରିଆସୁଥିବା ଆମେରିକା ଶେଷରେ ଭିଜା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।
- ଗୋଆର ନିକିଲ ଡାଭୋରା ନାମକ ୩ ବର୍ଷର ବାଳକ ମନ୍ଦୋଭୀ ନଦୀରେ ଏକ କିଲୋମିଟର ଦୂରତ୍ୱକୁ ୩୨ ମିନିଟ୍ ମଧ୍ୟରେ ଅତିକ୍ରମ କରି ସନ୍ତରଣ କ୍ଷେତ୍ରରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଚିରନ୍ତନୀ

ଅଭେଦ ପାଚେରି ତୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !

(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀମାନେ ନିଜ ତ୍ରୁଟି ସୁଧାରନ୍ତୁ

ମହାଶୟ,

ଦିନକୁ ଦିନ ଭାରତ ତଥା ଓଡ଼ିଶାରେ ବଳାତ୍କାର ମାମଲା ବୃଦ୍ଧି ପାଉଛି, ଏହିସବୁ ମାମଲାରେ ପୁରୁଷମାନେ ଦାୟୀ ନିଃସନ୍ଦେହ, କିନ୍ତୁ କେତେକାଂଶରେ ନାରୀମାନେ ମଧ୍ୟ ଦାୟୀ। ନାରୀମାନେ ପ୍ରଥମେ ନିଜର ତ୍ରୁଟି ସୁଧାରିବା ଆବଶ୍ୟକ। ଏହି ତ୍ରୁଟିଗୁଡ଼ିକ ମଧ୍ୟରେ ବିଦେଶୀ ସଂସ୍କୃତି ଏବଂ ବିଶ୍ୱାସ ଅନ୍ୟତମ। ଅର୍ଥାତ୍ ନାରୀମାନେ ବିଦେଶୀ ସଂସ୍କୃତି ପ୍ରତି ମୋହିତ ନ ହୋଇ ଭାରତ ସଂସ୍କୃତି/ପରମ୍ପରାକୁ ଆପଣେଇବା ଆବଶ୍ୟକ। ନାରୀମାନେ କେବଳ ପରିବାର ଲୋକଙ୍କୁ ବିଶ୍ୱାସ କରିବା ଆବଶ୍ୟକ। ଏମିତି କି ନିଜ ସମ୍ପର୍କୀୟଙ୍କ ଉପରେ ମଧ୍ୟ ନୁହେଁ। ଖୁବ୍ କମ୍ ନାରୀ ଏଥିପ୍ରତି ସଚେତନ। ନାରୀମାନେ ଆତ୍ମରକ୍ଷା ପାଇଁ ଅଳ୍ପବହୁତ କୌଶଳ ଶିଖିଥିବା ଆବଶ୍ୟକ। କିନ୍ତୁ ସବୁରି ମୂଳରେ ଭଗବାନ, ତେଣୁ ସମସ୍ତେ ନିଜ ନିଜ ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ଆବଶ୍ୟକ। ସେ ସବୁ ବିପଦରୁ ଆମ ସମସ୍ତଙ୍କୁ ଉଦ୍ଧାର କରିବେ।

ସୌମ୍ୟା ପ୍ରିୟଦର୍ଶିନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜମିରେ ଟଳିପଡ଼ିଲେ ଚାଷୀ

- ସଙ୍ଗରୋଧରେ ୨ ପୁଅ
- ସେବା ପାଇଁ ଘରେ ନ ଥିଲେ ଆଶାକର୍ମୀ ସ୍ତ୍ରୀ

**ଖଇରା,୨୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ପାରିଖମା ଗ୍ରାମର ମନ୍ଦରଧର ମହାନ୍ତି(୬୦) ଶନିବାର ବିଲରେ ଜମିହିଡ ଦେଉଥିବା ବେଳେ ହଠାତ୍ ଟଳିପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମୟରେ ତାଙ୍କର ଦୁଇ ପୁଅ ପ୍ରବାସରୁ ଫେରି ସଙ୍ଗରୋଧରେ ରହୁଥିବା ବେଳେ ଆଶାକର୍ମୀ ଥିବା ତାଙ୍କ ସ୍ତ୍ରୀ ସୁବର୍ଣ୍ଣଲତା କର୍ତ୍ତବ୍ୟ ସମ୍ପାଦନ ପାଇଁ ନିକଟସ୍ଥ ସଙ୍ଗରୋଧ କେନ୍ଦ୍ରକୁ ଯାଇଥିଲେ। ମନ୍ଦରଧରଙ୍କ ମୃତ୍ୟୁ ସମୟରେ ତାଙ୍କ ପାଖରେ ପରିବାରର କେହି ନ ରହିବା ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

### ୨୫ରୁ ଝାରସୁଗୁଡ଼ା ବିମାନବନ୍ଦରରୁ ଉଡ଼ିବ ବିମାନ


ଝାରସୁଗୁଡ଼ା ବିମାନବନ୍ଦର।

**ଝାରସୁଗୁଡ଼ା ଅଫିସ,୨୩।୫:** ମହାମାରୀ କରୋନା ଯୋଗୁ ଗତ ମାର୍ଚ୍ଚ ୨୫ ତାରିଖରୁ ବିମାନ ଚଳାଚଳ ବନ୍ଦ ରହିଛି। ତେବେ ଆସନ୍ତା ୨୫ତାରିଖରୁ ଏହି ସେବା ଚାଲୁ ହେବ। ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର କର୍ତ୍ତୃପକ୍ଷ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ବିମାନବନ୍ଦର କର୍ତ୍ତୃପକ୍ଷ, ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ରାହୁଲ ପିଆର ଓ ଅନ୍ୟ ଅଧିକାରୀଙ୍କ ମଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିମାନରେ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ପାଇଁ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)କୁ ଗୁରୁତ୍ୱର ସହ ପାଳନ କରାଯିବ। ଏହି ବିମାନବନ୍ଦରରୁ ସ୍ପାଇସ୍‌ଜେଟ୍ ପକ୍ଷରୁ ନୂଆଦିଲ୍ଲୀ, କୋଲକାତା, ହାଇଦ୍ରାବାଦ ଓ ଆଲାଇନ୍ସ ଏୟାର ପକ୍ଷରୁ ଭୁବନେଶ୍ୱର ଓ କୋଲକାତାକୁ ବିମାନ ଚଳାଚଳ କରିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ବୈତରଣୀରେ ହଠାତ୍ ପାଣି ପ୍ରବାହିତ

#### ଜଳଘେରରେ ୫ ହାଇୱା ଗାଡ଼ି



**କୋରେଇ,୨୩।୫(ସ୍ୱ.ପ୍ର.):** ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀରେ ଶୁକ୍ରବାର ରାତିରେ ହଠାତ୍ ପାଣି ପ୍ରବାହିତ ହେବାରୁ ଲିଜ୍‌ପ୍ରାପ୍ତ ବାଲି ଖାଦାନର ୫ଟି ହାଇୱା ଗାଡ଼ି ଜଳଘେରରେ ରହିଯାଇଛି। ପାଣିସ୍ରୋତାରେ ଏହିସବୁ ଗାଡି ସାମାନ୍ୟ ବୋହିଯାଇଥିବା ଅନୁମାନ କରାଯାଇଛି। କିନ୍ତୁ କ୍ଷତି ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଜଳସେଚନ ବିଭାଗ ବିନା ସୂଚନାରେ ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜରୁ ପାଣି ହଠାତ୍ ଛାଡି ଦେଇଥିଲା। ଏହାସହ ଆଖୁପଦା ଆନିକଟକୁ ବନ୍ଦ କରିଦେବା ଫଳରେ ବୈତରଣୀ ନଦୀ ଗର୍ଭର ପାଣିର ଉଚ୍ଚତା ବୃଦ୍ଧି ଘଟିଥିଲା। ଏହି ସମୟରେ ବାଲି ଉତ୍ତୋଳନ କରୁଥିବା ୫ ହାଇୱା ଗାଡି ଜଳଘେରକୁ ଆସି ଯାଇଥିଲା। ଶନିବାର ସକାଳେ ଡ୍ରାଇଭର ଓ ହେଲ୍‌ପରମାନଙ୍କୁ ଉଦ୍ଧାର କରାଯାଇଛି।

# କାରଖାନା ବିଷାକ୍ତ ପାଣିରେ ଚାଷଜମି ପଡ଼ିଆ

## ଭିସା ଷ୍ଟିଲ ବିରୋଧରେ ଅଭିଯୋଗ

- ଜିଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ସଦସ୍ୟ ସଚିବ
- ଜଳନମୁନା ପରୀକ୍ଷାରେ ଚଞ୍ଚକତା ଅଭିଯୋଗ

**ଯାଜପୁର ଅଫିସ,୨୩।୫**

କଳିଙ୍ଗନଗର ଭିସା ଷ୍ଟିଲ କାରଖାନାର ବିଷାକ୍ତ ପାଣି ଯୋଗୁ ଆଖପାଖ ଅଞ୍ଚଳର ପ୍ରାୟ ୨୦୦ ଏକର ଜମି ପଡିଆ ପଡ଼ିଛି। ମାଟି ଉର୍ବରତା ବୃଦ୍ଧିରେ ସହାୟକ ହେଉଥିବା ଅଣୁଜୀବ ଏହି ବିଷାକ୍ତ ପାଣି ଯୋଗୁ ନଷ୍ଟ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷଜମିର ଉତ୍ପାଦନ କ୍ଷମତା କ୍ରମଶଃ କମିକମି ଯାଉଥିବାରୁ ଚାଷୀ ବାଧହୋଇ ଚାଷକାର୍ଯ୍ୟ ଛାଡି ଦେଉଛନ୍ତି। ଏଭଳି ସର୍ବସାଧାରଣ ସମ୍ପତ୍ତି କ୍ଷତି କରିବା ଅଭିଯୋଗରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସମେତ ଏକାଧିକ ଚାଷୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ଏସ୍‌ପିସିବିର ସଦସ୍ୟ ସଚିବ ଗତ ୧୯ ତାରିଖରେ ଯାଜପୁର ଜିଲାପାଳଙ୍କୁ ଭିସା କାରଖାନାର ବର୍ଜ୍ୟପାଣିରେ ଚାଷଜମି କ୍ଷତି ଓ ଚର୍ମରୋଗ ବ୍ୟାପୁଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ କରାଇ ରିପୋର୍ଟ ଦାଖଲ କରିବାକୁ ଜଣାଇଛନ୍ତି।

ରାଜ୍ୟରେ ଶିଳ୍ପାୟନକୁ ବିକାଶର ପ୍ରମୁଖ ଆଧାର ଭାବେ ଗ୍ରହଣ କରି ସରକାର ଶିଳ୍ପାୟନକୁ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା କୃଷିର କିପରି ବିନାଶ ଘଟୁଛି ତାହାର ଗୋଟିଏ ପରେ ଗୋଟିଏ ପ୍ରମାଣ ଯାଜପୁର ଜିଲାରେ ଲୋକଲୋଚନକୁ ଆସିବାରେ ଲାଗିଛି। ଜିଲାର କଳିଙ୍ଗନଗର ଭିସା ଷ୍ଟିଲ


ଚାଷଜମିରେ କଳାମାଟି ଦେଖାଉଛନ୍ତି ଚାଷୀ।

କାରଖାନାକୁ ବୁନ୍ଦାଏ ବି ପାଣି ବାହାରକୁ ନ ଛାଡ଼ିବା ସର୍ତ୍ତରେ ଏସ୍‌ପିସିବି ପକ୍ଷରୁ ପ୍ରତିଷ୍ଠା ଅନୁମତି ଦିଆଯାଇଛି। କିନ୍ତୁ ଗତ ୫ ବର୍ଷ ହେଲା ଏହି ସର୍ତ୍ତକୁ ଉଲ୍ଲଂଘନ କରି ନିୟମିତ ଭାବେ ଭିସା ଷ୍ଟିଲ ଚାଷ ଜମିରେ ବିଷାକ୍ତ ପାଣି ଛାଡୁଥିବା ସମିତି ପକ୍ଷରୁ ଅଭିଯୋଗ ହୋଇ ଆସୁଛି। ଏଥିପାଇଁ ଏସ୍‌ପିସିବି ପକ୍ଷରୁ ଭିସା ଷ୍ଟିଲ କାରଖାନାକୁ ପୂର୍ବରୁ ୧୦ଟି କାରଣଦର୍ଶାଅ ନୋଟିସ ଜାରି କରି କ୍ଲୋଜର ନୋଟିସ ଦିଆଯାଇଥିବା ନଜିର ମଧ ରହିଛି। କିନ୍ତୁ ବର୍ତ୍ତମାନ ଅଭିଯୋଗ କରାଗଲେ, ଜଳ ନମୁନା ସଂଗ୍ରହ କରି ଯେନତେନ ପ୍ରକାରେ ପରୀକ୍ଷା କରି କାରଖାନା ସପକ୍ଷରେ ରିପୋର୍ଟ ଦିଆଯାଉଛି। ଏପରି କି ଏସପିସିବିର ପରୀକ୍ଷାଗାରରେ ଜଣେ ଲାବରେଟୋରି ଟେକ୍ନିସିଆନ ୨୨ ବର୍ଷ ଏବଂ ଅନ୍ୟ ଦୁଇଜଣ ୧୫ ବର୍ଷ ଲେଖାଏ ଚାକିରି କଲେଣି। ଫଳରେ କମ୍ପାନୀର ହାତବାରିସି ସାଜି ସେମାନେ ଜଳ ନମୁନା ପରୀକ୍ଷାରେ ଭୁଲ ରିପୋର୍ଟ ପ୍ରସ୍ତୁତ କରି ସାଧାରଣ ସମ୍ପତ୍ତିର ବ୍ୟାପକ କ୍ଷତି କରୁଛନ୍ତି ବୋଲି ମାନବାଧିକାର କର୍ମୀ ସୁଶାନ୍ତ ଦାସ ଅଭିଯୋଗ କରିଛନ୍ତି।

ଚାଷୀ ରମେଶ ଚନ୍ଦ୍ର ବ୍ରହ୍ମ ଓ ଘାଉରି ବେହେରା ଚାଷ ଜମିର ମାଟି ଦେଖାଇ କହିଛନ୍ତି, କାରଖାନାର କଳା ପାଣିରେ ଜମିର ମାଟି ମଧ କଳା ପଡିଯାଇଛି। ତେଣୁ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା କୌଣସି ଚାଷ ସମ୍ଭବ ହୋଇ ପାରୁନାହିଁ। ଧାନ କିମ୍ବା ପନିପରିବା ଚାଷ କଲେ ଗଜା ହେବା ପୂର୍ବରୁ ତାହା ମରିଯାଉଛି। ଯଖପୁରା ପଞ୍ଚାୟତ ୪ ନମ୍ବର ୱାର୍ଡ ମେମ୍ବର ତଥା ଚାଷୀ ଶ୍ୟାମସୁନ୍ଦର ବେହେରା କହିଛନ୍ତି, ଭିସା କାରଖାନାର ବିଷାକ୍ତ ପାଣି ତାଙ୍କ ଚାଷ ଜମି ଦେଇ ପ୍ରବାହିତ ହେଉଛି। ତେଣୁ କୌଣସି ଚାଷ ସମ୍ଭବ ହୋଇ ନ ପାରିବାରୁ ଆର୍ଥିକ ଅନାଟନର ଶିକାର ହେଉଛନ୍ତି। ଏନେଇ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କୁ କହିଲେ କେବଳ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହି କଥାକୁ ଏଡ଼ାଇ ଦେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏସ୍‌ପିସିବିର ସଦସ୍ୟ ସଚିବ ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଭିସା ଷ୍ଟିଲ କାରଖାନା ବର୍ଜ୍ୟଜଳର ଟ୍ରିଟ୍‌ମେଣ୍ଟ କରିବାକୁ ସବୁପ୍ରକାର ଯନ୍ତ୍ରପାତି ପ୍ରତିଷ୍ଠା କରିଛି ଏବଂ ଉପଚାର ପାଣିକୁ ରିସାଇକ୍ଲିଂ କରି କାରଖାନା କାର୍ଯ୍ୟରେ ବିନିଯୋଗ କରୁଛି ବୋଲି ଦର୍ଶାଇଛନ୍ତି। ସେହିପରି ଭିସା ଷ୍ଟିଲର ମାନବ ସମ୍ବଳ ଅଧିକାରୀ ସନ୍ଦୀପ ମିଶ୍ର କୁହନ୍ତି ଏସପିସିବିର ପରାମର୍ଶ ଅନୁଯାୟୀ କାରଖାନା ଓ ବର୍ଷାପାଣିକୁ ଉପଚାର କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି।

# ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା



## ରାଜପଥ ଅବରୋଧ କଲେ ଅନ୍ତେବାସୀ

**ଧରାକୋଟ,୨୩।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଢ଼ଉଗାଁ ପଞ୍ଚାୟତ କେ.ରାମଚନ୍ଦ୍ରପୁର ସଙ୍ଗରୋଧ କେନ୍ଦ୍ରର ଥିବା ୫୫ ଅନ୍ତେବାସୀ ବିଭିନ୍ନ ଅବ୍ୟବସ୍ଥା ନେଇ ଶନିବାର ସକାଳ ୭ଟାରେ ବ୍ୟବହାର ପାଇଁ ଦିଆଯାଇଥିବା କିଟ୍ ଧରି ୫୯ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଆସିକା-ସୋରଡା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା।

ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ର ଦାୟିତ୍ୱରେ ଥିବା ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନିକ କର୍ମଚାରୀ ଠିକ୍‌ରେ ଦେଖାଶୁଣା କରୁ ନ ଥିବା ସହ ପାନୀୟ ଜଳ, ଶୌଚାଳୟ ଆଦିରେ ଅବ୍ୟବସ୍ଥା, ନିମ୍ନମାନର ଖାଦ୍ୟ, କିଟ୍ ପ୍ରଦାନକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ତିନିଦିନ ଧରି ସରପଞ୍ଚଙ୍କ ଦେଖା ମିଳୁ ନ ଥିବାବେଳେ ମୋବାଇଲ ଫୋନ୍ ବନ୍ଦ ରହିଥିଲା। ମୁଖ୍ୟତଃ ଖରା ବଢୁଥିବାବେଳେ ପିଇବା ଓ ଗାଧୋଇବା ପାଇଁ ଅନ୍ତେବାସୀ ବହୁ ହଇରାଣ ହେଉଥିଲେ। ଶେଷରେ ରାଜରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିଛନ୍ତି। ଖବର ପାଇ ସ୍ଥାନୀୟ ବିଡିଓ, ତହସିଲଦାର, ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଡିଓ ଏହି ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱ ନେଇ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

# ଚିକିତ୍ସା ଅବହେଳାରୁ ଶିଶୁକନ୍ୟାଙ୍କ ମୃତ୍ୟୁ ଅଭିଯୋଗ

## ପ୍ରତିବାଦରେ ହସ୍ପିଟାଲରେ ଉତ୍ତେଜନା

**ବାରିପଦା ଅଫିସ,୨୩।୫**

ମୟୂରଭଞ୍ଜ ଜିଲା ବାରିପଦା ସହରର ବାଲେଶ୍ୱର ଗୋଲେଇସ୍ଥିତ ଜୀବନଦୀପ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ନବଜାତ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ପିତା ବାରିପଦା ଡକତପୁର ୱାର୍ଡ଼ ନଂ. ୨୪ର ବାସିନ୍ଦା ରମେଶ ଚନ୍ଦ୍ର ସିଂହ ଏନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଗତ ୧୬ ତାରିଖ ସନ୍ଧ୍ୟାରେ ରମେଶ ତାଙ୍କ ସ୍ତ୍ରୀ ସୁନିତା ଗିରିଙ୍କୁ ପ୍ରସବ ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ରାତିରେ ତାଙ୍କର ଅସ୍ତ୍ରୋପଚାର ଦ୍ୱାରା ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ପରେ ଶିଶୁଟି ହଳଦିଆ ଦେଖାଯିବାରୁ ପରିବାର ଲୋକେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଦେଖାଇବାରୁ ଶିଶୁଟି ସୁସ୍ଥ ଥିବା ସେମାନେ କହିଥିଲେ। ୧୭ ତାରିଖ ସକାଳେ ରମେଶ ଶିଶୁ କନ୍ୟାଙ୍କୁ


ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

ବାରିପଦା ପିଆରଏମ୍ ମେଡ଼ିକାଲକୁ ନେଇ ଦେଖାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଇ ଚିକିତ୍ସା କରାଇଥିଲେ। ଚିକିତ୍ସାର କିଛି ସମୟ ପରେ ଶିଶୁଟି ଗୁରୁତର ହୋଇପଡ଼ିଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ କହିବା ସହିତ କଟକ ସ୍ଥାନାନ୍ତର କରିଥିଲେ। କଟକ ଶିଶୁ ଭବନରେ ରାତିରେ ପହଞ୍ଚିବା ପରେ ଡାକ୍ତର ସେଠାରେ ଚିକିତ୍ସା କରାଇଥିଲେ। ଅସ୍ତ୍ରୋପଚାର ସମୟରେ ମୁଣ୍ଡରେ ଆଘାତ ହୋଇଥିବାରୁ ଶିଶୁଟିର ମୃତ୍ୟୁ ହୋଇଥିବା ନେଇ ଶିଶୁଭବନ ପକ୍ଷରୁ ରମେଶଙ୍କୁ କୁହାଯାଇଥିଲା। ପରେ ରମେଶ ଶିଶୁ କନ୍ୟାଙ୍କୁ କଟକସ୍ଥିତ ଏକ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ୧୮ ତାରିଖ ସକାଳେ ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରାଯାଇଥିଲା। ଶନିବାର ସକାଳେ ରମେଶଙ୍କ ସ୍ତ୍ରୀ ସୁନିତା ଜୀବନଦୀପ ହସ୍ପିଟାଲ୍‌ରୁ ଡିସଚାର୍ଜ ହୋଇଥିଲେ। ଏହା ପରେ ରମେଶ ଓ ତାଙ୍କର କେତେଜଣ ସମ୍ପର୍କୀୟ ଜୀବନଦୀପ ହସ୍ପିଟାଲରେ ପହଞ୍ଚି ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ତାଙ୍କ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ କରି ହୋହଲ୍ଲା କରିଥିଲେ। ହସ୍ପିଟାଲ୍‌ରେ ଉତ୍ତେଜନା ଦେଖାଦେଇଥିଲା। ପରେ ଏ ସମ୍ପର୍କରେ ରମେଶ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଜୀବନଦୀପ ହସ୍ପିଟାଲର ପରିଚାଳକ ଡା. କେ.ସି ମହାନ୍ତିଙ୍କୁ ପଚାରିବାରୁ ଶିଶୁରୋଗ ବିଶେଷଜ୍ଞ ଚିକିତ୍ସା କରିଥିବା ବେଳେ ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ ବୋଲି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୩୩୦/୨୦)ରୁଜୁ ହୋଇ ତଦନ୍ତ କରାଯାଉଥିବା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

# ତାମିଲନାଡୁରୁ ସାଇକେଲରେ ତେଲକୋଇ


ତାମିଲନାଡୁରୁ ସାଇକେଲରେ ଆସିଥିବା ଶ୍ରମିକମାନେ।

- ଅସମୟରେ ହାତ ଛାଡ଼ିଦେଲେ କମ୍ପାନୀ ମାଲିକ
- ବକେୟା ଶୁଝି ନ ପାରି ବନ୍ଧକ ଥିଲେ ୧୬ ଶ୍ରମିକ
- ଘରୁ ଟଙ୍କା ପଠାଇବା ପରେ ମୁକୁଳି ଫେରିଲେ
- ପ୍ରବାସୀଙ୍କ ମଧରେ ଅଛନ୍ତି ଢେଙ୍କାନାଳର ଜଣେ

**ଢେଙ୍କାନାଳ ଅଫିସ, ୨୩।୫**

ତାଲାବନ୍ଦ ସମୟରେ ପ୍ରବାସୀ ଶ୍ରମିକଙ୍କ ଦୁଃଖଦୁର୍ଦ୍ଦଶାର ଗୋଟିଏ ପରେ ଗୋଟିଏ ଚିତ୍ର ପଦାକୁ ଆସିବାରେ ଲାଗିଛି। ଅସମୟରେ କମ୍ପାନୀ ହାତ ଛାଡ଼ିଦେବା ପରେ ଭୋକ ବିକଳରେ ଭିଟାମାଟି ଅଭିମୁଖେ ଗଣପଳାୟନ କରୁଛନ୍ତି ଦାଦନ। ବକେୟା ଶୁଝି ନ ପାରି ସୁଦୂର ତାମିଲନାଡୁରେ ବନ୍ଧକ ଥିବା ୧୬ ଶ୍ରମିକ ନିଜ ପରିବାର ଲୋକଙ୍କ ସହାୟତାରେ ମୁକୁଳିବା ପରେ ୭ଦିନର କଷ୍ଟକର ଯାତ୍ରା କରି ସାଇକେଲରେ ଘରକୁ ବାହୁଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲା ସପ୍ତଶଯ୍ୟା ଅଞ୍ଚଳର ଜଣେ ଏବଂ କେନ୍ଦୁଝର ଜିଲା ତେଲକୋଇର ୧୫ଜଣ ଅଛନ୍ତି।

ସମ୍ପୃକ୍ତ ଶ୍ରମିକମାନେ ତାମିଲନାଡୁର କ୍ରିଷ୍ଣାଗିରି ଜିଲାର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କରୋନା ଲାଗି ଲକ୍‌ଡାଉନ୍ ଘୋଷଣା ହେବା ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ଜୀବିକା ଯିବା ପରେ ଏକ ଗ୍ରସେରି ଦୋକାନରୁ ବାକିରେ ସାମଗ୍ରୀ ଆଣି ସେମାନେ କିଛିଦିନ ଚଳିଥିଲେ। ଏ ସମ୍ପର୍କରେ କମ୍ପାନୀକୁ ଜଣାଇବା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଲେନାହିଁ। ଏଣେ ଗ୍ରସେରି ବ୍ୟବସାୟୀ ବାକି ଟଙ୍କା ଫେରିପାଇବା ଆଶଙ୍କାରେ ଶ୍ରମିକଙ୍କୁ ଗୋଟିଏ ସ୍ଥାନରେ ବନ୍ଧକ ରଖିଥିଲେ। ଶ୍ରମିକମାନେ ପରିବାରକୁ ସୂଚନା ଦେବାପରେ ସେମାନଙ୍କ ପାଖକୁ ଟଙ୍କା ପଠାଯାଇଥିଲା। ଦୋକାନୀଙ୍କୁ ବକେୟା ଟଙ୍କା ଦେଇ ମୁକୁଳିବା ପରେ ଗତ ୧୭ ତାରିଖରେ ସମସ୍ତେ ସାଇକେଲରେ ଘରମୁହାଁ ହୋଇଥିଲେ। ବିଜୟୱାଡା ପ୍ରଶାସନ ସେମାନଙ୍କୁ ଏକ ଟ୍ରକ୍‌ରେ ବିଶାଖାପାଟଣା ଯାଏ ପହଞ୍ଚାଇଥିଲା। ଶ୍ରମିକମାନେ ଦିନସାରା ରାସ୍ତାକଡ଼ରେ ବିଶ୍ରାମ ନେଉଥିବାବେଳେ ଅପରାହ୍ନ ୪ଟାରୁ ରାତିତମାମ ସାଇକେଲ ଚଳାଉଥିବା ରଙ୍ଗ ମାଟି ଏବଂ ସ୍ୱାଧୀନ ଟିକା କହିଛନ୍ତି। ସପ୍ତଶଯ୍ୟା ଅଞ୍ଚଳର ଶ୍ରମିକଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଥିବା ସରପଞ୍ଚ ଯେଶସ ସାହୁ କହିଛନ୍ତି। ସେହିପରି ତେଲକୋଇ ଅଞ୍ଚଳର ୧୫ଜଣ ଶ୍ରମିକଙ୍କୁ ପୌରସଂସ୍ଥା ପକ୍ଷରୁ ଖାଦ୍ୟପେୟ ଦିଆଯିବାପରେ ସେମାନେ ଘର ଅଭିମୁଖେ ଯାଇଥିବା ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି।

# ସମୁଦ୍ରରେ ଭାସୁଛି ୪୦ ଫୁଟ୍‌ର ମୃତ ତିମି

**କେନ୍ଦ୍ରାପଡ଼ା ଅଫିସ/ ରାଜନଗର(ଡି.ଏନ୍.ଏ.),୨୩।୫**

କେନ୍ଦ୍ରାପଡ଼ା ଜିଲା ଭିତରକନିକା ସାମୁଦ୍ରିକ ଅଭୟାଞ୍ଚଳର ଗହୀରମଥା ରେଞ୍ଜ ଅଧୀନ ଅଗରନାଶୀ ଦ୍ୱୀପ ନିକଟ ସମୁଦ୍ରରେ ଶନିବାର ଏକ ମୃତ ତିମି ଭାସୁଥିବା ଦେଖାଯାଇଛି। ଏହାର ଲମ୍ବ ୪୦ ଫୁଟ ହେବ ବୋଲି ଅନୁମାନ କରାଯାଇଛି। ସ୍ଥାନୀୟ ପେଣ୍ଠ ଅଞ୍ଚଳବାସୀଙ୍କଠାରୁ ଖବର ପାଇ ରାଜନଗର ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ତେବେ ତିମି ମୃତ୍ୟୁର କାରଣ ଜଣାପଡି ନ ଥିବା ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ଗତ ୧୯ ଓ ୨୦ ତାରିଖରେ ସାମୁଦ୍ରିକ



ଝଡ ଅମ୍ଫନ୍ ଏହି ସ୍ଥାନ ଦେଇ ଅତିକ୍ରମ କରିଛି। ଏହା ପ୍ରଭାବରେ ତିମିର ମୃତ୍ୟୁ ହୋଇଥାଇପାରେ। ତିମି ବିଶାରଦଙ୍କ ସହ ଯୋଗାଯୋଗ କରାଯାଇ ମୃତ୍ୟୁର କାରଣ ଖୋଜାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ୨୦୧୭ରେ ଏହି ସାମୁଦ୍ରିକ ଅଭୟାଞ୍ଚଳର ହାବେଳିଖଟି ନିକଟରେ ଏକ ବିଶାଳ ତିମିର ଗଳିତ ଶବ ବାଲିରେ ଅଧା ପୋତି ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ୨୦୧୮ରେ ସାତଭାୟା ସମୁଦ୍ର କୂଳରେ ୫୨ଫୁଟ ତିମିର ଗଳିତ ଶବ ଦେଖାଯାଇଥିଲା। ୨୦୧୯ ଜାନୁୟାରୀ ୧୦ରେ ଅହିରାଜପୁର ଗ୍ରାମ ନିକଟ ବାଉଁଶଗଡି ନଦୀରୁ ତିମିର ଶବ ଉଦ୍ଧାର ହୋଇଥିଲା। ପରିବେଶବିତ୍ ହେମନ୍ତ କୁମାର ରାଉତ, ଦୋଳଗୋବିନ୍ଦ ଜେନା, ଅଶୋକ ସ୍ୱାଇଁ କହିଛନ୍ତି, ଗଭୀର ସମୁଦ୍ରରେ ଏମାନେ ବାସ କରନ୍ତି। ବୟାସାଧିକ, ରୋଗ, ଜାହାଜ ମାଡ଼ ଯୋଗୁ ଏମାନଙ୍କର ମୃତ୍ୟୁ ହୋଇଥାଏ। ଏବେ ଯେଉଁ ତିମିର ମୃତଦେହ ମିଳିଛି, ତାହା ସାମୁଦ୍ରିକ ଝଡ ଯୋଗୁ ହେବା ଅସମ୍ଭବ ନୁହେଁ। ତେବେ ସମୁଦ୍ର ମଧ୍ୟକୁ ଯାଉଥିବା ବୃହଦାକାୟ ଟ୍ରଲର ଅଥବା ଜାହାଜରେ ମାଡ଼ ହେବା ଯୋଗୁ ତିମିର ମୃତ୍ୟୁ ହୋଇଥିବା ଅଧିକ ଗ୍ରହଣଯୋଗ୍ୟ। ଗତ ୩ ବର୍ଷରେ ୪ ତିମି ସହିତ ୨୦ରୁ ଅଧିକ ଡଲଫିନ୍‌ଙ୍କ ଗଳିତ ଶବ ଏହି ଅଞ୍ଚଳରେ ଦେଖିବାକୁ ମିଳିଛି। ସାମୁଦ୍ରିକ ବନ୍ୟପ୍ରାଣୀ ସିଡୁଲ ୧ରେ ଥିବା ଏହି ମୃତ ଜୀବଙ୍କ ଦେହରେ ବହୁ ସମୟରେ କ୍ଷତଚିହ୍ନ ଦେଖିବାକୁ ମିଳିଥିବା ସେମାନେ ମତ ଦେଇଛନ୍ତି।

# ପ୍ରେମିକାଙ୍କୁ ଭେଟିବାକୁ ଆସିଥିଲେ, ବାହାହୋଇ ଫେରିଲେ

**ଅମରପାଲି,୨୩।୫(ଡି.ଏନ.ଏ.)**

କୋଭିଡ୍-୧୯ କଟକଣା ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଏପରି ପରିସ୍ଥିତି ଯୋଗୁ ଜଣେ ଯୁବକ ନିଜ ପ୍ରେମିକାଙ୍କୁ ବହୁ କଷ୍ଟରେ ଦେଖା କରିବାକୁ ଆସିଥିଲେ। ହେଲେ ଏ କଥା ଗ୍ରାମବାସୀ ଜାଣିବା ପରେ ସମ୍ପୃକ୍ତ ଯୁବକଙ୍କ ସହିତ ତାଙ୍କ ପ୍ରେମିକାଙ୍କ ବିବାହ ସମ୍ପନ୍ନ କରାଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଘଟିଥିବା ଏହି ରୋଚକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତ୍ରି ପ୍ରାୟ ୧୦ ସମୟରେ



ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ପଞ୍ଚାୟତର ଗଇଲଗୁଡି ଗ୍ରାମର କାର୍ତ୍ତିକ ଝାଙ୍କର (୨୬) ଦାଦରପାଲିରେ ରହୁଥିବା ତାଙ୍କ ପ୍ରେମିକାଙ୍କୁ ଭେଟିବାକୁ ବହୁ କଷ୍ଟରେ ଆସିଥିଲେ। ପ୍ରେମିକାଙ୍କ ସହ ତାଙ୍କ ସାକ୍ଷାତ୍ ହୋଇଥିଲା। ପ୍ରାୟ ୨ଘଣ୍ଟା ହସଖୁସିରେ ଦୁହେଁ ବୁଡି ରହିଥିଲେ। ଏମିତି କଥାବାର୍ତ୍ତା ଚାଲିଥିବାବେଳେ ଥକି ପଡିଥିବା କାର୍ତ୍ତିକ ପ୍ରେମିକାଙ୍କ ଘରେ ଶୋଇପଡ଼ିଥିଲେ। ଯୁବତୀଙ୍କ ପରିବାର ଲୋକେ କାର୍ତ୍ତିକଙ୍କୁ ଦେଖି ଗ୍ରାମବାସୀଙ୍କୁ ଏ କଥା ଜଣାଇଥିଲେ। ଶେଷରେ ଗ୍ରାମବାସୀ ତାଙ୍କୁ କାବୁ କରିବା ସହିତ କେତେଦିନ ହେଲା ଉଭୟଙ୍କ ମଧ୍ୟରେ ସମ୍ପର୍କ ରହିଛି ବୋଲି ପଚାରି ବୁଝିଥିଲେ। ଏନେଇ ସେହି ରାତିରେ ଗ୍ରାମରେ ଏକ ସଭା ବସିଥିଲା। ସଭାରେ ଯୁବକ ଜଣକ ସମ୍ପୃକ୍ତା ଯୁବତୀଙ୍କ ସହିତ ତାଙ୍କର ୫ବର୍ଷର ପ୍ରେମ ସମ୍ପର୍କ ଅଛି। ସେ ତାଙ୍କୁ ବିବାହ କରିବାକୁ ଚାହୁଁଥିବା କହିଥିଲେ। ଉଭୟ ପକ୍ଷର ସମ୍ମତି ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ଥାନୀୟ ଦାଦରପାଲି ଭାଗବତ ମନ୍ଦିର ସମ୍ମୁଖରେ ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ କରାଯାଇଥିଲା।

# ନିରାଡ଼ମ୍ବରରେ ହେଲା ବାଲୁଙ୍କେଶ୍ୱରଙ୍କ ପତରପେଡ଼ିଁ

## ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା

**ସମ୍ବଲପୁର, ୨୩।୫ (ବ୍ୟୁରୋ)**

କରୋନା କଟକଣାକୁ ଦୃଷ୍ଟିରେ ରଖି ଶନିବାର ନିରାଡମ୍ବର ଭାବେ ନନ୍ଦପଡା ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିର୍ବନ୍ଧ) ଶେଷ ହୋଇଛି। ଏଥିସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଓ ରୀତିନୀତି ଅନୁସାରେ ବାଲୁଙ୍କେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ବରପିତା ରାମଚରଣ ମିଶ୍ର କନ୍ୟା ଖୋଜା ଅନ୍ୱେଷଣରେ ସପ୍ତରଷିଙ୍କ ସହ ଗୋଧୂଳି ଲଗ୍ନରେ ବାହାରିଥିଲେ। ସନ୍ଧ୍ୟା ୬ଟାରେ ବରପିତା, ପଣ୍ଡିତ, ସପ୍ତରଷି ଅଇଁଠାପାଲିର ଶୁଭଶ୍ରୀବିହାରସ୍ଥିତ କନ୍ୟାମାତା ରିଙ୍କି ଓ ପିତା ସୁକାନ୍ତ ବିଶିଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ କନ୍ୟାପକ୍ଷ ଓ


ଶନିବାର ସନ୍ଧ୍ୟାରେ ସମ୍ବଲପୁର ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ (ନିର୍ବନ୍ଧ)।

ବରପକ୍ଷ ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣରେ ଶିବଙ୍କ ଗୁଣଗ୍ରାମ ବିଷୟରେ ପ୍ରଶ୍ନୋତ୍ତର ହୋଇଥିଲା। ଏହାପରେ ଶଙ୍ଖନାଦ, ହରିବୋଲ ହୁଳହୁଳି ଧ୍ୱନିରେ ମହାଦେବଙ୍କ ସହ ଦେବୀ ପାର୍ବତୀଙ୍କୁ ବିବାହ କରିବାକୁ କନ୍ୟାପକ୍ଷ ସମ୍ମତି ପ୍ରଦାନ କରିଥିଲେ। ତତ୍‌କ୍ଷଣାତ ବରପିତା ରାମଚରଣ କନ୍ୟାମାତା ପିତାଙ୍କୁ ଥାଳରେ ଶାଳପତ୍ର ପେଣ୍ଡା, ବେଲପତ୍ର, ଫୁଲ, ଚନ୍ଦନ ପ୍ରଦାନ କରି ବିବାହ ଚୂଡାନ୍ତ କରିଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ବିଜୟ ମିଶ୍ର, କାମପାଳ ହୋତା, ନିଗମାନନ୍ଦ ମିଶ୍ର, ଚକ୍ରଧର ମିଶ୍ର, ଶଶାଙ୍କ ଶେଖର ନନ୍ଦ, ଗୋଲକ ବିହାରୀ ମିଶ୍ର ଓ ଅଚ୍ୟୁତ ମିଶ୍ର ସପ୍ତରଷି ଥିଲେ। କରୋନା କଟକଣା ଯୋଗୁ ଚଳିତବର୍ଷ ଦୁଲଦୁଲି, ଝଣ୍ଡା, ଛତ୍ର, ବୈରଖ, ନୃତ୍ୟଗୀତ ହୋଇ ନ ଥିଲା। ପ୍ରଥମ ଥର ପାଇଁ ଏପରି ନିରାଡମ୍ବର ଭାବେ ପତରପେଡ଼ିଁ ସମ୍ପନ୍ନ ହୋଇଥିବା ପଡାର ବରିଷ୍ଠ ନାଗରିକମାନେ ମତ ଦେଇଛନ୍ତି। ନନ୍ଦପଡା ଯାତ୍ରା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭବାନୀ ପଟ୍ଟନାୟକଙ୍କ ସ୍ମୃତିରେ ବର୍ଷବ୍ୟାପୀ ହେବ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୩।୫(ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ସ୍ମୃତିରେ ଆସନ୍ତା ୨୫ତାରିଖରେ 'ପ୍ରଣାମ ମହାନୁଭବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲକ୍‌ଡାଉନ୍ କଟକଣା ଦୃଷ୍ଟିରୁ ସାମାଜିକ ଦୂରତ୍ୱ ରକ୍ଷାକରି ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ରାମଧୂନ ଗାନ ସହ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବ। ପରବର୍ତ୍ତୀ ସମୟରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେବ। ଏଥିଲାଗି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ସ୍ମୃତି କମିଟି ଗଠନ କରାଯାଇଛି। ଶନିବାର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଅନୁଷ୍ଠିତ ବୈଠକରେ ଏହି ରାଜ୍ୟସ୍ତରୀୟ କମିଟି ସମ୍ପର୍କରେ ଘୋଷଣା କରାଯାଇଛି। କମିଟିର ଉପଦେଷ୍ଟା ମଣ୍ଡଳୀରେ ଗାନ୍ଧିବାଦୀ କୃଷ୍ଣା ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଓ ନକୁଳ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରହିଛନ୍ତି। ଉପସଭାପତି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ସମୀର ରଞ୍ଜନ ଦାଶ, ଭାଜପା ସଭାପତି ସମୀର ମହାନ୍ତି, ସିପିଏମ୍ ନେତା ସୁରେଶ ପାଣିଗ୍ରାହୀ, ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ସମାଜବାଦୀ ପାର୍ଟି ସଭାପତି ରବି ବେହେରା, ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଓ ଅରୁନ୍ଧତୀ ଦେବୀ, ବିଧାୟକ ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଅଛନ୍ତି। ସାଧାରଣ ସମ୍ପାଦକ ଭାବେ ରାଜ୍ୟ ଯୁବକଲ୍ୟାଣ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ, ଶିକ୍ଷାବିତ୍ ମନୀନ୍ଦ୍ର କୁମାର ସାମଲ, ଉପେନ୍ଦ୍ର ପାଢ଼ୀ, ଗାନ୍ଧୀବାଦୀ କାର୍ଯ୍ୟକର୍ତ୍ତା ଅଭୟ ବଡ଼ଜେନା, ମଧୁ ଭାଇ, ମନୋଜ ଜେନା, ପ୍ରମେଶ ମହାନ୍ତି, ମିହିର ପ୍ରତାପ ଦାସ, ରବି ସାମଲ, ଶ୍ରୀକାନ୍ତ ସାମଲ, ଜଗନ୍ନାଥ ପାଢ଼ୀ, ବିଚିତ୍ରାନନ୍ଦ ନାୟକ, ଶ୍ୟାମାପ୍ରସାଦ ପଟ୍ଟନାୟକ, ବେଣୁଧର ସେନାପତି, ଡକ୍ଟର ଅତୁଲ୍ୟ ପ୍ରଧାନ ଲ ସଂଗ୍ରାମ କେଶରୀ ପାଇକରାୟ, ଶିବନାରାୟଣ ମିଶ୍ର ଓ ଦେବପ୍ରସାଦ ପରିଜା ପ୍ରମୁଖ ରହିଛନ୍ତି।

### ଆଇପିଏସ୍ ଅଧିକାରୀଙ୍କ ଘରୁ ଚୋରି

**ଭୁବନେଶ୍ୱର,୨୩।୫ (ବ୍ୟୁରୋ):** ୨୦୦୮ ବ୍ୟାଚର ଓଡ଼ିଶା କ୍ୟାଡର ଜଣେ ଆଇପିଏସ୍ ଅଧିକାରୀଙ୍କ ଶିଶୁଭବନ ନିକଟସ୍ଥ ଘରୁ ଚୋରି ହୋଇଛି। ଉକ୍ତ ଅଧିକାରୀଜଣକ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ତାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଶୁକ୍ରବାର ରାତିରେ କିଛି ଦୁର୍ବୃତ୍ତ ଚୋରି କରିଥିବା ଜଣାପଡ଼ିଛି। ଏନେଇ ଉକ୍ତ ଅଧିକାରୀଙ୍କ ଜଣେ ବନ୍ଧୁ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ। ଦୁର୍ବୃତ୍ତମାନେ ଘରର ପଛ ଗ୍ରୀଲ କାଟି କବାଟ ଲକ୍ ଭାଙ୍ଗିବା ସହ ଘରୁ ଦାମୀ ପ୍ୟାଣ୍ଟ,ଶାର୍ଟ ଏବଂ ଘରର ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି।

### ୟୁନିୟନ ବ୍ୟାଙ୍କ ପକ୍ଷରୁ ମାସ୍କ ବଣ୍ଟନ

ଭୁବନେଶ୍ୱର,୨୩।୫: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ-୨ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ବରମୁଣ୍ଡା ପରିବା ବଜାରର ସମସ୍ତ ବ୍ୟବସାୟୀ ଏବଂ ଗ୍ରାହକମାନଙ୍କୁ ମାସ୍କ ଓ ସାବୁନ ବଣ୍ଟନ କରାଯାଇଛି। ଏହି ଅବସରରେ କୋଭିଡ୍-୧୯ର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, କ୍ଷେତ୍ରୀୟ ପ୍ରବନ୍ଧକ କେ.ଭି.ଭି.ଏନ୍.ଏସ୍. ରାମମୂର୍ତ୍ତି, ମୁଖ୍ୟ ପ୍ରବନ୍ଧକ ବିପିନ କିଶୋର ଏକ୍କା, ବରିଷ୍ଠ ପ୍ରବନ୍ଧକ ଭାଗୀରଥି ଖୁଣ୍ଟିଆ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଗରାବଡୁ ସେବକଙ୍କ ହେବ କରୋନା ଟେଷ୍ଟ

ପୁରୀ ଅଫିସ,୨୩।୫



ଗରାବଡୁସେବକଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା।

**୫ରେ ସ୍ନାନଯାତ୍ରା**
- ୨୯ ଓ ୩୦ରେ ନମୁନା ସଂଗ୍ରହ
- ୩ ସୁଦ୍ଧା ଆସିବ ରିପୋର୍ଟ

ଜୁନ୍ ୫ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏହାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ଆରମ୍ଭ କରିଛି ପ୍ରସ୍ତୁତି। କରୋନାର ବିଭୀଷିକା ମଧ୍ୟରେ ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ପର୍ବ ସମ୍ପନ୍ନ କରିବା ଏକ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ ଏ ଦିଗରେ ବେଶ୍ ସତର୍କତା ଅବଲମ୍ବନ କରୁଛି ପ୍ରଶାସନ। ସ୍ନାନଯାତ୍ରା ନୀତି ସହ ସମ୍ପୃକ୍ତ ସେବକମାନଙ୍କୁ କୋଭିଡ୍-୧୯ ଗାଇଡଲାଇନ ସମ୍ପର୍କରେ ସଚେତନ କରିବାଠାରୁ ଆରମ୍ଭ କରି ସେମାନେ କିପରି କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବେ ସେ ନେଇ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛି। ଏହି କ୍ରମରେ ଶନିବାର ଗରାବଡୁ ସେବକଙ୍କ ଲାଗି ଆୟୋଜିତ ହୋଇଥିଲା କୋଭିଡ-୧୯ ସଚେତନତା ଶିବିର। ଏଥିରେ କିଭଳି କରୋନା ଭୂତାଣୁଠାରୁ ଦୂରେଇ ରହିହେବ ସେ ନେଇ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମସ୍ତ ୧୭୨ ଗରାବଡୁ ସେବକଙ୍କର କରୋନା ଟେଷ୍ଟ କରାଯିବ ବୋଲି ଗରାବଡୁ ନିଯୋଗ ପକ୍ଷରୁ କୁହାଯାଇଛି।

ନୀଳାଦ୍ରି ଭକ୍ତନିବାସ ପରିସରରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର, ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କରୋନା କେତେ ଭୟଙ୍କର, ଏହାଠାରୁ କିପରି ଦୂରେଇ ରହିହେବ, କ'ଣ କ'ଣ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର, ସଙ୍ଗରୋଧର ନିୟମ କ'ଣ ସେ ସବୁ ବିଷୟରେ ଏହି ଅଧିକାରୀମାନେ ସଚେତନ କରିଥିଲେ। ଠାକୁରଙ୍କ ନୀତିକାନ୍ତି ସମୟରେ କିଭଳି ଏସବୁ ନିୟମ ରକ୍ଷା କରାଯାଇପାରିବ ସେ ବିଷୟରେ ମଧ୍ୟ ବୁଝାଇଥିଲେ।

ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ଦେବସ୍ନାନ ପୂର୍ଣ୍ଣିମାରେ ଗରାବଡୁ ସେବାୟତଙ୍କର ଏକ ବଡ଼ ଭୂମିକା ରହିଛି। ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ମହାସ୍ନାନ ଲାଗି ଅଧିବାସ ୧୦୮ ଗରା ଜଳ ସ୍ନାନବେଦିକୁ ବିଜେ କରାଇଥାନ୍ତି। ତେଣୁ ୧୦୮ ସେବକ ଏଥିରେ ନିୟୋଜିତ ହେବେ। ଏହି ସେବକମାନଙ୍କର କୋଭିଡ ଟେଷ୍ଟ କରାଯିବ। ଆସନ୍ତା ୨୯ ଓ ୩୦ ତାରିଖରେ ସମ୍ପୃକ୍ତ ଗରାବଡୁ ସେବକମାନଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯିବ। ଜୁନ୍ ୩ ତାରିଖ ସୁଦ୍ଧା ସମସ୍ତଙ୍କ ରିପୋର୍ଟ ମିଳିଯିବ ବୋଲି ଲକ୍ଷ୍ୟ ରଖାଯାଇଥିବା ଉନ୍ନୟନ ପ୍ରଶାସକ ସୂଚନା ଦେଇଛନ୍ତି।




## ତିନିରଥର ୧୦ ଲେଖାଏ ଗୁଜ ପ୍ରସ୍ତୁତ

**ପୁରୀ ଅଫିସ,୨୩।୫:** ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ଶନିବାର ସୁଦ୍ଧା ମୋଟ ୪୨ ଚକ ମଧ୍ୟରୁ ୩୨ଟି ଚକ କାମ ସରିଥିବା ବେଳେ ୧୦ଟିର କାମ ଚାଲିଛି। ସେହିପରି ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖ ସମ୍ପୂର୍ଣ୍ଣ ହୋଇଯାଇଥିବାବେଳେ ନନ୍ଦିଘୋଷ ରଥର ୭ଟି ଅଖ ସରି ଶେଷ ଅଖଟିର ମାଠେଣି କାମ ବାକି ରହିଛି। ତିନି ରଥର ଚାରିନାହାକା ପ୍ରସ୍ତୁତ ହୋଇଯାଇଛି। ଗରଗରା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୧୦ଟି ଲେଖାଏ ଗୁଜ ଶେଷ ହୋଇ ବାକି ଗୁଜଗୁଡ଼ିକର ଖୋଦେଇ କାମ ଚାଲିଛି। ରୂପକାରମାନେ ଏହି ଖୋଦେଇ କାମରେ ବ୍ୟସ୍ତ ଅଛନ୍ତି। ଦୋଳବେଦି ପରିସରରେ କରତି ସେବକ ଗୟଳ ଚିରଟ କରୁଛନ୍ତି। ସେହିପରି ଦୋଳବେଦି ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଅଖ କଣ୍ଟା, ଗରଗରା କଣ୍ଟା ଆଦି ତିଆରି କରୁଛନ୍ତି। ସବୁଦିନ ଭଳି ଶନିବାର କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣ ସମ୍ପୃକ୍ତ ସେବକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡ଼ିଛି।

## ନରସିଂହପୁରରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ

**ଆଇଁସିଆ କଣ୍ଟେନମେଣ୍ଟ ଜୋନ**

ନରସିଂହପୁର,୨୩।୫(ଡି.ଏନ୍.ଏ.)

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଆଇଁସିଆ ଗ୍ରାମରେ ଶନିବାର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବିଡିଓ ପ୍ରଶାନ୍ତ କୁମାର ତରାଇ ସୂଚନା ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗ୍ରାମକୁ ୪୮ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଗତ ୪ରେ ଆକ୍ରାନ୍ତ ବ୍ୟକ୍ତି ସୁରଟ୍‌ରୁ ବସ୍‌ରେ ଆସି ନରସିଂହପୁରରେ ପହଞ୍ଚିଥିଲେ। ଏହାପରେ ତାଙ୍କୁ ଆଇଁସିଆ ଗ୍ରାମର ଏସ୍‌ସିଏସ୍‌ଟି ହଷ୍ଟେଲର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସଙ୍ଗରୋଧ କେନ୍ଦ୍ରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ଛଡାଯାଇଥିବା ପ୍ରବାସୀମାନଙ୍କୁ ପୁନର୍ବାର ଜେମାଦେଇପୁରସ୍ଥିତ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ପୁରୀ: ଦିନକରେ ୧୭ ପଜିଟିଭ

ପୁରୀ ଅଫିସ,୨୩।୫

**ମୋଟ ଆକ୍ରାନ୍ତ ୬୫**

ପୁରୀ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଶନିବାର ନୂଆ ୧୭ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂଖ୍ୟା ୬୫ ଛୁଇଁଛି। ଏମାନଙ୍କ ମଧ୍ୟରୁ ମାତ୍ର ୪ ଜଣ ସୁସ୍ଥ ହୋଇଥିବାବେଳେ ୬୧ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୁରୀ ଷଷ୍ଠ ସ୍ଥାନରେ ରହିଛି। ଗତ ୧୪ ଦିନରେ ଜିଲାରୁ ୫୪ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହା ଏବେ ପ୍ରଶାସନ ଓ ଜିଲାବାସୀଙ୍କ ଚିନ୍ତା ବଢାଇଛି।

ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଏପ୍ରିଲ ୩ ତାରିଖରେ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହୀର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଦିଲ୍ଲୀ ନିଜାମୁଦ୍ଦିନରୁ ଫେରିଥିଲେ। ସେ ସୁସ୍ଥ ହୋଇ ଘରେ ଅଛନ୍ତି। ଏହାପରେ ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ ଆକ୍ରାନ୍ତ ବାହାରି ନ ଥିଲେ। ତେଣୁ ପୁରୀ ଗ୍ରୀନ୍ ଜୋନରେ ରହିଥିଲା। ହେଲେ ଗତ ୧୦ରେ ୨, ୧୨ରେ ଜଣେ, ୧୫ରେ ୧୦, ୧୬ରେ ୪, ୧୭ରେ ୧୧, ୧୯ରେ ୪, ୨୦ରେ ୧୧, ୨୧ରେ ଜଣେ ଏବଂ ୨୨ରେ ୩ଜଣ ଚିହ୍ନଟ ହୋଇଥିଲେ। ଶନିବାର ଏକାଥରକେ ୧୭ ଜଣ ଚିହ୍ନଟ ହୋଇଛନ୍ତି। ଜିଲାପାଳ ବଲୱନ୍ତ ସିଂ ଶନିବାର ଗଣମାଧ୍ୟମକୁ କହିଛନ୍ତି, ନୂଆ ୧୭ ଆକ୍ରାନ୍ତଙ୍କ ମଧ୍ୟରେ କଣାସ ବ୍ଲକର ୪, ଅସ୍ତରଙ୍ଗର ୨ ଏବଂ କାକଟପୁର ବ୍ଲକର ୧୧ଜଣ ରହିଛନ୍ତି। ସମସ୍ତେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଏମାନଙ୍କ ମଧ୍ୟରୁ ୧୧ଜଣ ଗୁଜରାଟରୁ ଫେରିଥିବାବେଳେ ୪ଜଣ ପଶ୍ଚିମବଙ୍ଗ ଫେରନ୍ତା, ଜଣେ ଲେଖାଏ ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଫେରନ୍ତା ରହିଛନ୍ତି। କାହା ପାଖରେ କିଛି ଲକ୍ଷଣ ନ ଥିଲା। କ୍ୱାରାଣ୍ଟାଇନ ସେଣ୍ଟରରେ ଥିବାବେଳେ ସେମାନଙ୍କର ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସେମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ସମସ୍ତଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି।

# ମହାପ୍ରଭୁଙ୍କ ସେବାରେ ସାନପଦର ବୁଣାକାର

ଖୋର୍ଦ୍ଧା ଅଫିସ,୨୩।୫



**ପହଣ୍ଡି, ଅଣସର ଗାମୁଛା ପ୍ରସ୍ତୁତିରେ ଲାଗିଛନ୍ତି**

ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିର ପରିସରରେ ବିଧି ମୁତାବକ ରଥକାମ ଅନୁକୂଳ ହୋଇଥିଲା। ୧୧ଦିନ ବିଳମ୍ବରେ ହେଲେ ମଧ୍ୟ ରଥକାମ ଆଗେଇ ଚାଲିଛି। ଆଗକୁ ସ୍ନାନ ପୂର୍ଣ୍ଣିମା ଏବଂ ଅଣସର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ଚାଲିଛି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଗାମୁଛା ପ୍ରସ୍ତୁତିରେ ଲାଗି ପଡିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସାନପଦର ଗ୍ରାମର ବୁଣାକାର। ମା' ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଙ୍ଗ ୱାର୍କସ୍ ବୁଣାକାର ସଂସ୍ଥାର ସ୍ୱତ୍ୱାଧିକାରୀ ପ୍ରଭାସ ନାୟକଙ୍କ ତତ୍ତ୍ୱାବଧାନରେ ୧୬ଜଣ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଲାଗି ଗାମୁଛା ବୟନିକା ଯୋଗାଇଥାଏ। ଗତ ୨୦୧୮ ମସିହାରୁ ପ୍ରଭାସ ବୟନିକା ଠାରୁ ଏହି ଅର୍ଡର ପାଇ ମହାପ୍ରଭୁଙ୍କ ଲାଗି ହାତ ତିଆରି ଗାମୁଛା ପ୍ରସ୍ତୁତି କରୁଛନ୍ତି। ସ୍ନାନଯାତ୍ରା ପୂର୍ବରୁ ବୟନିକାକୁ ଏହା ହସ୍ତାନ୍ତର କରିଥାନ୍ତି। ୭୦ପ୍ରତିଶତ କାର୍ଯ୍ୟ ସରିଲାଣି। ମେ' ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ପ୍ରଭାସ କହିଛନ୍ତି।

**ସେବାରୁ ମିଳୁଛି ଆନନ୍ଦ**

ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି। ଏଭଳି ସେବା କରିବାର ସୁଯୋଗ ମିଳୁଥାଉ ବୋଲି ପ୍ରଭାସ କହିଛନ୍ତି। ଲକ୍‌ଡାଉନ୍ ଲାଗି ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ଗୋଟିଏ ତନ୍ତ ଠାରୁ ଅନ୍ୟ ଏକ ତନ୍ତ ୨ଫୁଟ ବ୍ୟବଧାନ ରହିଛି। ବୁଣାକାରମାନେ ହାତ ସାନିଟାଇଜ ସହ ସଜାଗ ରହିଛନ୍ତି।

**ବୟନିକା ଯୋଗାଏ କଞ୍ଚାମାଲ**

ଅକ୍ଷୟ ତୃତୀୟାଠାରୁ କାମ ଆରମ୍ଭ ହୋଇଥାଏ। ଚଳିତ ବର୍ଷ ବୟନିକା ଠାରୁ ଏପ୍ରିଲ ୧୮ ତାରିଖରେ ଅର୍ଡର ମିଳିଥିଲା। ଅର୍ଡର ପାଇବା ପରେ କାମ ଆରମ୍ଭ ହୋଇଥିଲା। ସୂତାଲୁଗା ପ୍ରସ୍ତୁତି ଲାଗି ବୟନିକା କଞ୍ଚାମାଲ ଯୋଗାଇଥାଏ। ଲକ୍‌ଡାଉନ୍ ଲାଗି କଞ୍ଚାମାଲ ଆଣିବାରେ ବିଳମ୍ବ ହୋଇଥିଲା। ସ୍ଥାନୀୟ ପୋଲିସ ଠାରୁ ଯାତାୟତ ଲାଗି ଅନୁମତି ମିଳିବା ପରେ କଞ୍ଚାମାଲ ଆଣି କାମ ଆରମ୍ଭ ହୋଇଛି।

**ତ୍ୱରିତ ଗତିରେ ଚାଲିଛି କାମ**

ମହାପ୍ରଭୁଙ୍କ ଅଣସର ଲାଗି ୧୮୫ଟି ୬ହାତି ଲମ୍ବର ଗାମୁଛା ଏବଂ ପହଣ୍ଡି ଲାଗି ୧୮୫ଟି ୫ହାତି ଗାମୁଛା ବୁଣା ଚାଲିଛି। ପ୍ରଭୁଙ୍କ ଏହି ଗାମୁଛାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଅଣସର ଗାମୁଛା ଧଳାରଙ୍ଗର ହୋଇଥିବା ବେଳେ କୁମ୍ଭପକା(ଡିଜାଇନ) ଥାଇ ପାଢିର ରଙ୍ଗ କମଳା ଏବଂ ପହଣ୍ଡି ଗାମୁଛାର ରଙ୍ଗ କମଳା ହୋଇଥିବା ବେଳେ କୁମ୍ଭ ଥାଇ ପାଢିର ରଙ୍ଗର ସବୁଜ ରଖାଯାଇଥାଏ ବୋଲି ପ୍ରଭାସ କହିଛନ୍ତି।

# ଆଇନ ସମସ୍ତଙ୍କ ପାଇଁ ସମାନ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରକ୍ଷା କରିବା ବଳାତ୍କାର ନୁହେଁ। ଆଇପିସିର ୩୭୫ ଦଫାରେ ଏସମ୍ପର୍କରେ କୌଣସି ପ୍ରକାର ଉଲ୍ଲେଖ କରାଯାଇନାହିଁ। ତେଣୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ପୁଅ କୌଣସି ଝିଅ ସହ ଶାରୀରିକ ସମ୍ପର୍କ ରଖିଲେ ତାହାକୁ ବଳାତ୍କାର କୁହାଯାଇପାରିବ ନାହିଁ ବୋଲି ଶନିବାର ଏକ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଏଭଳିସ୍ଥଳେ ଏହି ସମ୍ବେଦନଶୀଳ ଘଟଣାରେ ସାଧାରଣ ଲୋକ, ସାମାଜିକ ଏବଂ ମାନବାଧିକାର କର୍ମୀଙ୍କ କ'ଣ ମତ ରହୁଛି ତାହାକୁ ନେଇ ଉପସ୍ଥାପନା।

### ସ୍ୱଇଚ୍ଛାକୁ ବଳାତ୍କାର କହିବା ଗ୍ରହଣୀୟ ନୁହେଁ



୨୦ ବର୍ଷ ପୂର୍ବେ ମୁଁ ଯେତେବେଳେ ମହିଳା କମିଶନରେ ଥିଲି, ସେତେବେଳେ ଏଭଳି ମାମଲା ବହୁତ ଆସୁଥିଲା। ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରକ୍ଷା କରିବା ନେଇ ବହୁ ମହିଳା ଓ ଯୁବତୀ ଅଭିଯୋଗ କରୁଥିଲେ। ତେବେ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ସହ ଯଦି ଶାରୀରିକ ସମ୍ପର୍କ ରକ୍ଷା କରାଯାଏ, ତା'ହେଲେ ତାହା ନିଶ୍ଚିନ୍ତ ଅପରାଧ। ହେଲେ ୧୮ବର୍ଷରୁ ଊର୍ଦ୍ଧ୍ୱ ଥିଲେ ସେ ଜଣେ ସାବାଳିକା। ନିଜ ଭଲ ମନ୍ଦ ନିଜେ ବୁଝିବାର କ୍ଷମତା ତାଙ୍କପାଖରେ ଅଛି। ବାହାଘର ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏବେ ବି ଆମ ସମାଜରେ ଗ୍ରହଣୀୟ ନୁହେଁ। ଯଦି କୌଣସି ଝିଅ ଏଭଳି କରୁଛି ତା'ହେଲେ ସେ ତା'ର ସ୍ୱଇଚ୍ଛାରେ କରୁଛି। ତେଣୁ ଏକ୍ଷେତ୍ରରେ ରେପ୍ ବା ବଳାତ୍କାର କହିବା ଯଥାର୍ଥ ନୁହେଁ। ବାହାଘରକୁ ନେଇ ବ୍ଲାକ୍‌ମେଲ୍ କରି ଶାରୀରିକ ସମ୍ପର୍କରଖିଲେ ତାହା ଅପରାଧ ହେବ। ହାଇକୋର୍ଟଙ୍କ ଏହି ରାୟକୁ ମୁଁ ସ୍ୱାଗତ କରୁଛି।

**– ନମ୍ରତା ଚଢ଼ା, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା**

### କେହି କାହା ଦ୍ୱାରା ଶୋଷଣ ନ ହୁଅନ୍ତୁ



ଉଭୟ ପୁରୁଷ ଓ ମହିଳା ହେଉଛନ୍ତି ମୁଦ୍ରାର ଦୁଇ ପାର୍ଶ୍ୱ। ତେଣୁ ସମସ୍ତଙ୍କ ପାଇଁ ନ୍ୟାୟ ସମାନ ହେବା ଦରକାର। ଧୀରେ ଧୀରେ ଆଇନରେ ଅନେକ ପରିବର୍ତ୍ତନ ଆସୁଛି। ବଦଳୁଥିବା ଲୋକଙ୍କ ଚିନ୍ତାଧାରାକୁ ଦୃଷ୍ଟିରେ ରଖି ଆଇନରେ ଏହି ପରିବର୍ତ୍ତନ ଅଣାଯାଉଛି। ଯଦି ଜଣେ ଝିଅ କୌଣସି ପୁଅ ନାମରେ ଏଫ୍‌ଆଇଆର୍ ଦେଲେ ପ୍ରଥମେ ତାହା ତଦନ୍ତ ପରିସରଭୁକ୍ତ ହେଉଛି। ପୂର୍ବଭଳି ପୁଅକୁ ସଙ୍ଗେ ସଙ୍ଗେ ଗିରଫ କରାଯାଉନି। କେହି କାହା ଦ୍ୱାରା ଶୋଷଣର ଶିକାର ହେବାକଥା ନୁହେଁ। ଫେମିନିଜିମ୍‌ରେ ଯେତେ ବିଶ୍ୱାସ କଲେ ବି ଭୁଲ୍‌କୁ ସବୁବେଳେ ଗ୍ରହଣ କରିବାକୁ ପଡ଼ିବ। ମୋ ମତରେ ଏହା ଏକ ସ୍ୱାଗତଯୋଗ୍ୟ ରାୟ। ନାବାଳିକାଙ୍କ କ୍ଷେତ୍ରରେ ଦୁଇଜଣଙ୍କ ସହମତିରେ ଶାରୀରିକ ସମ୍ପର୍କ ରଖିଲେ ମଧ୍ୟ ତାହା ଅପରାଧ। ଏହାବ୍ୟତୀତ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ସବୁବେଳେ ମାମଲାର ବିଚାର କରାଯିବା ଉଚିତ।

**– ପ୍ରୀତି ଧଳ, ସାମାଜିକ କର୍ମୀ**

### ଅନ୍ୟ କିଛି ବାଟ କଢ଼ାଯାଇ ପାରିଥାନ୍ତା



୨୦୧୫ରେ ସୁପ୍ରିମକୋର୍ଟ ଲିଭ୍-ଇନ୍-ରିଲେଶନ୍‌ରେ ରହିବା ଗ୍ରହଣୀୟ ବୋଲି କହିଥିଲେ। ସମ୍ବିଧାନର ଧାରା ୨୧ ଅନୁଯାୟୀ ଲିଭ୍- ଇନ୍‌ରେ ରହିବା ଜଣଙ୍କ ଅଧିକାର ବା 'ରାଇଟ୍ ଟୁ ଲାଇଫ୍' ବୋଲି ସୁପ୍ରିମକୋର୍ଟ ଏକ ରାୟରେ କହିଥିଲେ। ସେହି ଅନୁଯାୟୀ ଦେଖିବାକୁ ଗଲେ ଏହା ଭୁଲ୍ ନୁହେଁ। ଯଦି କୋର୍ଟରେ ବିବାହ କଲାପରେ ଶାରୀରିକ ସମ୍ପର୍କ ରଖି ତା'ପରେ ଧୋକା ଦିଆଯାଉଛି, ତେବେ ତାହା ଅପରାଧ। ମାତ୍ର ହାଇକୋର୍ଟଙ୍କ ରାୟକୁ ଆଉଟିକେ ବିଚାର କରାଯିବା ଉଚିତ। ଏହାଦ୍ୱାରା ସାମାଜିକ ଅସନ୍ତୁଳନ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ନେଇ ବିଚାରପତି ଯଦି ଆଉକିଛି ବାଟ କାଢ଼ି ପାରିଥାନ୍ତେ ତା'ହେଲେ ଝିଅଟି ମଧ୍ୟ ନ୍ୟାୟ ପାଇପାରିଥାନ୍ତା।

**– ମନୋଜ ଜେନା, ମାନବାଧିକାର କର୍ମୀ**

### ଯୁବତୀମାନେ ସତର୍କ ହେବା ଆବଶ୍ୟକ



ପରିଣତ ବୟସରେ ବିବାହ ପୂର୍ବରୁ ଦୁଇଜଣଙ୍କ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କକୁ ବଳାତ୍କାର କୁହାଯାଇପାରିବ ନାହିଁ ବୋଲି ବହୁପୂର୍ବରୁ ସୁପ୍ରିମକୋର୍ଟ ଏକ ରାୟରେ ଉଲ୍ଲେଖ କରିଥିଲେ। ଆଜି ଏକ ବିଚାରରେ ହାଇକୋର୍ଟ ତାଙ୍କର ରାୟରେ ଏହାକୁ ପୁନର୍ବାର ଉଲ୍ଲେଖ କରିଛନ୍ତି। ବହୁ ଅନୁନ୍ନତ, ଦରିଦ୍ର ଓ ଅଶିକ୍ଷିତ ଯୁବତୀଙ୍କୁ ବିବାହର ଆଶା ଓ ପ୍ରଲୋଭନ ଦେଖାଇ ତାଙ୍କୁ ଶାରୀରିକ ଶୋଷଣ କରାଯିବାର ବହୁତ ନଜିର ରହିଛି। ସେହି ପରିସ୍ଥିତିରେ ଏହାକୁ ବଳାତ୍କାରର ଆଖ୍ୟା ଦିଆଯାଇ ନିରୀହ ଯୁବତୀଙ୍କୁ ନ୍ୟାୟ ପ୍ରଦାନ କରାଯାଇପାରେ। କିନ୍ତୁ ସଭ୍ୟ ଶିକ୍ଷିତ ଶ୍ରେଣୀରେ ବିବାହ ପୂର୍ବରୁ ଉଭୟଙ୍କ ସହମତିରେ ଶାରୀରିକ ସମ୍ପର୍କ ରଖିବାକୁ ବଳାତ୍କାର କୁହା ନ ଯାଇପାରେ। ଏହି ପ୍ରକାର ଶୋଷଣର ସମସ୍ୟାର ନ ହେବା ପାଇଁ ଆଜିର ଯୁବତୀମାନେ ମଧ୍ୟ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ ପ୍ରଶ୍ରୟ ନ ଦେବା ଉଚିତ ହେବ।

**– ଡ. ରିନା ରାଉତରାୟ, ସମାଜବିଜ୍ଞାନୀ ଓ ପରିବେଶବିତ୍**

### ପ୍ରୋଗ୍ରେସିଭ୍ ଜଜ୍‌ମେଣ୍ଟ୍ ସ୍ୱାଗତଯୋଗ୍ୟ



ଏହା ଏକ ଭଲ ପଦକ୍ଷେପ। ଏହାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିବା ଅନୁଚିତ୍। ଦୁଇଜଣଙ୍କ ସହମତିରେ ଶାରୀରିକ ସମ୍ପର୍କ ହେଲେ ତାହାକୁ କେବେ ବଳାତ୍କାର କୁହାଯାଇପାରିବ ନାହିଁ। ଅତୀତରେ ଏଭଳି ଅନେକ ଘଟଣା ନଜରକୁ ଆସିଛି। ପୁଅଙ୍କର ଭୁଲ୍ ନ ଥାଇ ମଧ୍ୟ ଅନେକ ସମୟରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ବର୍ତ୍ତମାନ ସମୟରେ ଉଭୟ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଏଭଳି ଅନେକ ପ୍ରୋଗ୍ରେସିଭ୍ ଜଜ୍‌ମେଣ୍ଟ ଦେଉଛନ୍ତି। ଏହାକୁ ମୁଁ ସ୍ୱାଗତ କରୁଛି। ଏହାଦ୍ୱାରା ଝିଅଙ୍କ ପ୍ରତି ଅନ୍ୟାୟ ହେବନି ବରଂ ପୁଅଙ୍କୁ ମଧ୍ୟ ନ୍ୟାୟ ମିଳିପାରିବ।

**– କମଳ କୁମାର ଷଡ଼ଙ୍ଗୀ, ପ୍ରୋଜେକ୍ଟ କୋଅର୍ଡିନେଟର**

### ଝିଅର ପରିସ୍ଥିତି ମଧ ଦେଖିବା ଉଚିତ



ହାଇକୋର୍ଟଙ୍କ ରାୟକୁ ମୁଁ ସ୍ୱାଗତ କରୁଛି। ହେଲେ ଝିଅର ପରିସ୍ଥିତି ମଧ୍ୟ ଦେଖିବା ଆବଶ୍ୟକ। ବାସ୍ତବରେ ସେମାନଙ୍କ ମଧ୍ୟରେ କିଭଳି ସମ୍ପର୍କ ଥିଲା, ପୁଅର ଭୁଲ୍ କି ଝିଅର ଭୁଲ୍ ଥିଲା ତାହା ଦେଖିବା ଆବଶ୍ୟକ। ଆମେ କେବଳ ଗୋଟିଏ ଦୃଷ୍ଟିକୋଣକୁ ଦେଖି ଏହା ଉପରେ ମତ ରଖିବା ଅନୁଚିତ୍। ଏହି ରାୟ କେବଳ ଗୋଟିଏ ମାମଲାକୁ ନେଇ ହୋଇଛି। ସବୁ କ୍ଷେତ୍ରରେ ଏଭଳି ହେବ ବୋଲି କିଛି ମାନେ ନାହିଁ।

**– ପ୍ରିୟା, ଫାଇନାନ୍ସିଆଲ୍ ଆନାଲିଷ୍ଟ**

## ଶକ୍ତି ବିଭାଗ ସଚିବ ଭାବେ ଯୋଗ ଦେଲେ ନିକୁଞ୍ଜ ଧଳ

ଭୁବନେଶ୍ୱର,୨୩।୫(ବ୍ୟୁରୋ)- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳ ଶନିବାର ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। କାର୍ଯ୍ୟରେ ଯୋଗ ଦେବା ସହ ସେ ସାମୁଦ୍ରିକ ଝଡ଼ ଅମ୍ଫନ୍ ପରବର୍ତ୍ତୀ ବିଦ୍ୟୁତ୍ ଭିତ୍ତିଭୂମିର ପୁନଃ ଥଇଥାନ ନେଇ ସମୀକ୍ଷା କରିଥିଲେ। ନିକୁଞ୍ଜଙ୍କୁ ସ୍ୱାସ୍ଥ୍ୟ ବିଭାଗରୁ ବଦଳି କରାଯାଇ ଶକ୍ତି ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା। ବାତ୍ୟା ଅମ୍ଫନ୍‌କୁ ଦେଖି ତାଙ୍କର ବଦଳି ଆଦେଶକୁ ସ୍ଥଗିତ ରଖାଯାଇଥିଲା। ବାତ୍ୟା ପରେ ନିକୁଞ୍ଜ ସ୍ୱାସ୍ଥ୍ୟ ବିଭାଗରୁ ଦାୟିତ୍ୱ ହସ୍ତାନ୍ତର କରି ଶକ୍ତି ବିଭାଗରେ ଯୋଗ ଦେଇଛନ୍ତି।

**ସଂକ୍ଷେପରେ**

## ପଶ୍ଚିମବଙ୍ଗ ଗଲେ ୧୦ ଓଡ୍ରାଫ ଟିମ୍, ୩୦୦ ଅଗ୍ନିଶମ ବାହିନୀ କର୍ମଚାରୀ

ଭୁବନେଶ୍ୱର,୨୩।୫(ବ୍ୟୁରୋ): ସାମୁଦ୍ରିକ ଝଡ଼ ଅମ୍ଫନ୍‌ରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପଶ୍ଚିମବଙ୍ଗକୁ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ସହାୟତା କରିବା ପାଇଁ ଓଡ଼ିଶା ସରକାର ୫୦୦ ଜଣିଆ ସହାୟତା ଟିମ୍ ପଠାଇଛନ୍ତି। ସେଥିରେ ୧୦ ଓଡ୍ରାଫ ଟିମ୍ ସହିତ ୩୦୦ ଅଗ୍ନିଶମ ବାହିନୀ କର୍ମଚାରୀ ଯାଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବିତ

**ବାତ୍ୟା ସହାୟତା**

ଲୋକଙ୍କୁ ସହାୟତା କରିବା ପାଇଁ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନରେ କଥା ହୋଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟଶାସନ ସଚିବଙ୍କ ସହ ଯୋଗାଯୋଗ କରିବାକୁ ନବୀନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଜିଲାରୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ସହାୟତା ପାଇଁ ଯାଇଥିବା ଜଣାପଡିଛି।

## ବିଜୟ ଉତ୍ସବ ପାଳିଲେ ବରଗଡ଼ ଏମ୍‌ପି

**କରୋନା କଟକଣା ଉଲ୍ଲଂଘନ**

ଝାରସୁଗୁଡ଼ା ଅଫିସ,୨୩।୫: ଝାରସୁଗୁଡ଼ାରେ ଶନିବାର ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ନିଜର ଏକବର୍ଷର ବିଜୟ ଉତ୍ସବ ପାଳନ କରିଛନ୍ତି। କରୋନା କଟକଣା ସତ୍ତ୍ୱେ ଏମ୍‌ପି ପୂଜାରୀ ବିଜୟ ଉତ୍ସବ ପାଳନ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ କୌଣସି ସାମାଜିକ, ଆଧାତ୍ମିକ ଓ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ ନ କରିବାକୁ କଟକଣା ରହିଛି। ସେହିଭଳି ଏକାଧିକ ଲୋକ ଏକାଠି ନ ହେବାକୁ ମଧ ନିର୍ଦ୍ଦେଶ ରହିଛି। ହେଲେ ଏଭଳି କାର୍ଯ୍ୟକ୍ରମ ପାଇଁ କିଏ ଅନୁମତି ଦେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇ ନ ଥିବା ବେଳେ ଉପସ୍ଥିତ ଥିବା ଅଧିକାଂଶ ନେତା, କର୍ମୀ ମାସ୍କ ବ୍ୟବହାର କରି ନ ଥିବା ଅଭିଯୋଗ ହୋଇଛି। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପୂଜାରୀ ଯୋଗ ଦେଇଥିଲେ। ବୈଠକ ସରିବା ପରେ ଜିଲା ଭାଜପା ପକ୍ଷରୁ ସହରର ଏକ ହୋଟେଲରେ ଏହି ବିଜୟ ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏମ୍‌ପି ପୂଜାରୀ ସେଥିରେ ଯୋଗ ଦେଇ କେକ୍ କାଟିଥିଲେ। ଏ ନେଇ ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କୁ ପଚାରିବାରୁ ଏମ୍‌ପି ପୂଜାରୀ ଝାରସୁଗୁଡ଼ାକୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ଏହି ଅବସରରେ ବିଜୟ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତେ ମାସ୍କ ପିନ୍ଧିଥିଲେ ବୋଲି ସେ ସଫେଇ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏମ୍‌ପି ପୂଜାରୀ କହିଛନ୍ତି, ମୁଁ ଅନ୍ୟ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଯାଇଥିଲି। ହେଲେ ସେଠାକାର କାର୍ଯ୍ୟକର୍ତ୍ତାମାନେ ବିଜୟ ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଲକ୍‌ଡାଉନ୍ ସମୟରେ ଆମେ ସାମାଜିକ ଦୂରତ୍ୱ ଅବଲମ୍ବନ କରିଥିଲୁ। ସମସ୍ତ କାର୍ଯ୍ୟକର୍ତ୍ତା ମାସ୍କ ବ୍ୟବହାର କରିଥିଲେ।

# ନିୟମ ମାନୁନାହାନ୍ତି ବହିରାଗତ

- ଜଣଙ୍କୁ ତାଗିଦ୍, ଅନ୍ୟ ଜଣଙ୍କୁ ସଙ୍ଗରୋଧ
- ପଞ୍ଜୀକରଣ ନ କରି ସହରରେ ଲୁଚିଥିଲେ
- ବାରମ୍ବାର ଅଭିଯୋଗ ପରେ ପଦକ୍ଷେପ

ଅନୁଗୋଳ ଅଫିସ, ୨୩।୫

ମହାମାରୀ କରୋନା ରୋକିବାକୁ ଅନୁଗୋଳ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଥିବା ବେଳେ ଅନେକ ବହିରାଗତ ନିୟମ ପାଳନ କରୁ ନ ଥିବା ଚିନ୍ତାର ବିଷୟ ହୋଇଛି। ବାହାରୁ ଆସୁଥିବା ଲୋକଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ କେତେଜଣ ଏଥିରେ ପ୍ରଶାସନକୁ ସହଯୋଗ କରୁ ନ ଥିବା ଦେଖାଯାଉଛି। ୧୦ ଦିନ ତଳେ ଜାମସେଦ୍‌ପୁରରୁ ଆସି ସହରରେ ଲୁଚିଥିବା ଜଣେ ଯୁବକଙ୍କୁ ଶନିବାର ପୌର ପ୍ରଶାସନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ବେଳେ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ମାନୁ ନ ଥିବା ଜଣେ ଛାତ୍ରଙ୍କୁ ତାଗିଦ୍ କରାଯାଇଥିବା ସୂଚନା ମିଳିଛି।

ଅନୁଗୋଳ ଜିଲାକୁ ଦୈନିକ ପ୍ରବାସୀ ଫେରୁଛନ୍ତି। ଏମାନଙ୍କୁ ନେଇ ଜିଲାବାସୀ ଚିନ୍ତାରେ ପଡ଼ିଥିବା ବେଳେ କେତେଜଣ ବାହାର ରାଜ୍ୟ ଫେରନ୍ତା କରୋନା କଟକଣାର ଗୁରୁତ୍ୱ ଉପଲବ୍ଧି କରି ନ ପାରିବା ପ୍ରଶାସନର ସମସ୍ୟାକୁ ଆହୁରି ବଢ଼ାଇ ଦେବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ଏକ ଘଟଣା ସହରର ତାମ୍ରିତ୍ କଲୋନୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ ୧୫ ତାରିଖରୁ ଜାମସେଦ୍‌ପୁରରୁ ଆସିଥିବା ଜଣେ ଯୁବକ ପ୍ରଶାସନ ଅଗୋଚରରେ କାଳୀ ମନ୍ଦିର ସମ୍ମୁଖରେ ରହିବା ସହ ଖୋଲାଖୋଲି ବୁଲାବୁଲି କରୁଥିଲେ। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଥମେ ପ୍ରଶାସନ ଏହାକୁ ଖାମଖିଆଲି ଭାବେ ନେଇଥିଲା। କିନ୍ତୁ ପରେ ସମ୍ପୃକ୍ତ ଯୁବକଙ୍କ କଣ୍ଟାକ୍ଟ ହିଷ୍ଟ୍ରି ପ୍ରଶାସନକୁ ଚିନ୍ତାରେ ପକାଇଥିଲା। ଯୁବକ ଜଣଙ୍କ କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିବା ପରେ ଶନିବାର ଅଧିକାରୀମାନେ ଯୁବକଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଥିଲେ। ପରେ ତାଙ୍କୁ ଟାଉନ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବା ସହ କୋଭିଡ୍ ପରୀକ୍ଷା ପାଇଁ ନମୁନା ପଠାଇଥିବା ସୂଚନା ମିଳିଛି। ସେହିପରି ଅନୁଗୋଳ ବଣିଆବାହାଳର ଜଣେ ଯୁକ୍ତ ୨ ଛାତ୍ର ବାଙ୍ଗାଲୋରୁ ଆସିଥିଲେ। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। କିନ୍ତୁ ସେ ବାହାରେ ବୁଲାବୁଲି କରିବା ଅଭିଯୋଗ ହେବା ପରେ ଅନୁଗୋଳ ପୋଲିସ ଓ ପୌରପ୍ରଶାସନ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ତାଗିଦ୍ କରାଯାଇଥିବା ଜଣାପଡ଼ିଛି।

### ବଢ଼ିଲା ପଜିଟିଭ୍ ସଂଖ୍ୟା

ଅନୁଗୋଳ ଅଫିସ, ୨୩।୫

ଅନୁଗୋଳ ଜିଲାରେ ଶନିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଯୁବକ ଜଣକ ଗତ ୧୭ ତାରିଖରୁ ତାମିଲନାଡୁରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ତେବେ ଶୁକ୍ରବାର ୧୫ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଏବେ ମାତ୍ର ୫ଜଣ ଚିକିତ୍ସାଧୀନ ରହିଛନ୍ତି।

## ପ୍ରବାସୀଙ୍କ ପାଇଁ ପଞ୍ଚାୟତ ଶଟ୍‌ଡାଉନ୍



ତାମିଲନାଡୁରୁ ଫେରି ବଜ୍ରକୋଟ ପଞ୍ଚାୟତରେ ପହଞ୍ଚିଥିବା ପ୍ରବାସୀମାନେ।

କଣିହାଁ,୨୩।୫(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତକୁ ଶନିବାର ୫୩ ପ୍ରବାସୀ ଫେରିଛନ୍ତି। ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରକୁ ନେବା ଓ ସେଠାରେ ଉପଯୁକ୍ତ ଭାବେ ଥଇଥାନ କରିବା ଲାଗି ସରପଞ୍ଚ ରୋଜାଲିନ ସାହୁ ଜିଲାପାଳଙ୍କ କ୍ଷମତା ବ୍ୟବହାର କରି ପଞ୍ଚାୟତକୁ ୩ ଘଣ୍ଟା ପାଇଁ ଶଟଡାଉନ୍ କରିଥିଲେ। ତାଳଚେର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କହିଛନ୍ତି, ଫେରିଥିବା ସମସ୍ତ ପ୍ରବାସୀ ବଜ୍ରକୋଟ ପଞ୍ଚାୟତର। ସେମାନେ ୨ଟି ବସ୍‌ରେ ତାମିଲନାଡୁରୁ ଫେରିଛନ୍ତି। ସେହିପରି କିଶୋରନଗର ବ୍ଲକ ଫୁଲନ୍ଧା ଅଞ୍ଚଳକୁ ୨୪ ଜଣ ସୁରଟରୁ ଫେରିଛନ୍ତି। ସମସ୍ତ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କୋଇଲା ଖଣି ବ୍ଲାଷ୍ଟିଂରେ ଭାଙ୍ଗିଲା ଘର

- ଅଳ୍ପକେ ରକ୍ଷା ପାଇଲେ ବାପା,୨ ଝିଅ
- ୧୨ ଗ୍ରାମବାସୀଙ୍କ ଘର କାନ୍ଥରେ ଫାଟ
- ତଲାବିରା କୋଇଲା ଖଣି ଆଗରେ ଧାରଣା

ସମ୍ବଲପୁର/ରେଙ୍ଗାଲି,୨୩।୫ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି- ୧ ଓ ୨ରେ ବିବାଦ ପିଛା ଛାଡୁନାହିଁ । ଶନିବାର ଏକ ବଡ଼ ଧରଣର ବ୍ଲାଷ୍ଟିଂ ହେବାରୁ ବୁଧିଆପାଲି ଗ୍ରାମର ଫକୀର ମୁଣ୍ଡାଙ୍କ ଗୋଟିଏ ଘର ଭାଙ୍ଗି ଯାଇଛି । ଅନ୍ୟ ୧୨ ଗ୍ରାମବାସୀଙ୍କ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି । ଭାଙ୍ଗିଯାଇଥିବା ଘର ଭିତରେ ଥିବା ପରିବାର ସଦସ୍ୟମାନେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ମହିଳା ପୁରୁଷ କୋଇଲା ଖଣି ସମ୍ମୁଖରେ ଧାରଣାରେ ବସିଥିଲେ । ଏଥିଯୋଗୁ ସେଠାରେ ଖଣିକାମ ବନ୍ଦ ରହିଥିଲା ।

କମ୍ପାନୀ ବାରମ୍ବାର ପ୍ରତିଶ୍ରୁତି ଦେଉଛି ହେଲେ ପାଳନ କରୁନାହିଁ। ଗ୍ରାମବାସୀଙ୍କୁ କ୍ଷତିପୂରଣ ଓ ଥଇଥାନ ନ କରି ଅବାଧରେ ବଡ଼ ଧରଣର ବ୍ଲାଷ୍ଟିଂ କରୁଛି । ଫଳର ଗ୍ରାମରେ ଆତଙ୍କ ଖେଳି ଯାଉଛି। ପୂର୍ବରୁ ମଧ ଅନେକ ଘର ଭାଙ୍ଗିଛି, ହେଲେ କ୍ଷତିପୂରଣ ମିଳି ନାହିଁ । ତେଣୁ ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଥିଲେ। କମ୍ପାନୀର ୨ ଜଣ କର୍ମଚାରୀ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଏହି ବିବାଦର କୌଣସି ସମାଧାନ ହୋଇ ନ ଥିଲା । ବାରମ୍ବାର ପ୍ରତିଶ୍ରୁତି ଦେଇ ଆସୁଥିବା ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଏହି ଖବର ଲେଖା ହେବା ପର୍ଯ୍ୟନ୍ତ କାମ ବନ୍ଦ ରହିଥିଲା ।

ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ଫକୀର ମୁଣ୍ଡା ଦୁଇ ଝିଅ ଶିବାନୀ (୧୨) ଓ ଭବାନୀ (୯)ଙ୍କ ସହିତ ଶନିବାର ଅପରାହ୍ନରେ ଘରେ ଖାଉଥିଲେ। ଏହି ସମୟରେ କୋଇଲା ଖଣିରେ ଏକ ବ୍ଲାଷ୍ଟିଂ ହୋଇଥିଲା । ପରିବାର ଲୋକେ ସୁରକ୍ଷିତ ସ୍ଥାନକୁ ଯିବା ପୂର୍ବରୁ ତାଙ୍କ ଘରର ଆଜବେଷ୍ଟସ ଓ କାନ୍ଥ ଭୁଶୁଡି ପଡିଥିଲା । ଫକୀର ଓ ତାଙ୍କ ୨ ଝିଅ ବସିଥିବା ସ୍ଥାନର ଅପରପାର୍ଶ୍ୱରେ କାନ୍ଥ ପଡିବାରୁ ସେମାନେ ବର୍ତ୍ତି ଯାଇଥିଲେ । ସେହିପରି ଏହି ବ୍ଲାଷ୍ଟିଂରେ ସଞ୍ଜୟ ପାତ୍ର, ଜିତେନ ପାତ୍ର, ଜଗବନ୍ଧୁ ସାହୁ, ସୁରେନ ବଘାର, ଚନ୍ଦ୍ରଶେଖର ରାଉତଙ୍କ ସମେତ ୧୨ ଜଣଙ୍କ ଘର କାନ୍ଥ ଫାଟିଯାଇଛି ବୋଲି ଅଭିଯୋଗ ହୋଇଛି।

## ବିବାହ ପାଇଁ ୮୦ କି.ମି. ଚାଲିଲେ କନ୍ୟା

କାନପୁର,୨୩।୫

ପରମ୍ପରା ଅନୁଯାୟୀ ବର ବାଜା, ବରଯାତ୍ରୀ ନେଇ କନ୍ୟା ଘରେ ପହଞ୍ଚିବା ପରେ ସମ୍ପନ୍ନ ହୋଇଥାଏ ବିବାହ। ହେଲେ ଲକ୍‌ଡାଉନ୍-୪ ଯୋଗୁ ଜଣେ ୧୯ ବର୍ଷୀୟା କନ୍ୟା ଉକ୍ତ ପରମ୍ପରା ଭାଙ୍ଗି ୮୦ କିଲୋମିଟର ଚାଲି ବର ଘରେ ପହଞ୍ଚି ବିବାହ କରିବା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ଉତ୍ତରପ୍ରଦେଶ କାନପୁର ଦେହାତ ଜିଲାର। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, କାନପୁର ଦେହାତ ଜିଲା ଡେରା ମଙ୍ଗଳପୁର ବ୍ଲକ ଲକ୍ଷ୍ମଣତିଲକ ଗାଁର ଝିଅ ଗୋଲ୍ଡିଙ୍କ ବିବାହ କନୌଜ ଜିଲା ତାଲଗ୍ରାମ ବୈସାପୁରର ବୀରେନ୍ଦ୍ର କୁମାର ରାଠୋରଙ୍କ ସହ ସ୍ଥିର ହୋଇଥିଲା। ମେ ୪ ତାରିଖରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବା କଥା। ହେଲେ ଲକ୍‌ଡାଉନ୍-୩ ଚାଲିଥିବାରୁ ଉଭୟ ପରିବାର ସହମତିରେ ତାହାକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଲକ୍‌ଡାଉନ୍-୪ ଘୋଷଣା ୧୯ ବର୍ଷୀୟା ଗୋଲ୍ଡିଙ୍କୁ ଆଶଙ୍କାରେ ପକାଇଥିଲା। ଆଉ ଅଧିକ ଦିନ ଅପେକ୍ଷା କରିବାକୁ ତାଙ୍କ ନିକଟରେ ଧୈର୍ଯ୍ୟ ନ ଥିଲା। ତେଣୁ ସେ କାହାକୁ କିଛି ନ ଜଣାଇ ସକାଳୁ ବରଘର ଅଭିମୁଖେ ଚାଲିବା ଆରମ୍ଭ କରିଦେଇଥିଲେ। ସନ୍ଧ୍ୟାରେ ସେ ଶାଶୁଘର କନୌଜ ବୈସାପୁରରେ ପହଞ୍ଚିବା ପରେ ଭାବି ସ୍ୱାମୀ ବୀରେନ୍ଦ୍ରଙ୍କ ଘର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବୀରେନ୍ଦ୍ରଙ୍କ ମାତା ପିତା ଏ ନେଇ ଗୋଲ୍ଡିଙ୍କ ପିତା ଗୋରେଲାଲଙ୍କୁ ଅବଗତ କରିଥିଲେ। ଲକ୍‌ଡାଉନ୍ ଶେଷ ହେବା ପରେ ବର ଓ ବରଯାତ୍ରୀ ନେଇ ତାଙ୍କ ଗାଁରେ ପହଞ୍ଚି ଧୁମ୍‌ଧାମରେ ଏହି ବିବାହ କରାଇବେ ବୋଲି ସେମାନେ କନ୍ୟା ଗୋଲ୍ଡିଙ୍କୁ ବୁଝାଇଥିଲେ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରଖି ଘରକୁ ଫେରିଯିବାକୁ ପରାମର୍ଶ ଦେଇଥିଲେ। ହେଲେ ଗୋଲ୍ଡି ଆଉ କିଛି ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଶେଷରେ ଭାବି ବୋହୂ କଥାରେ ରାଜି ହୋଇ ବୀରେନ୍ଦ୍ରଙ୍କ ମାତା ପିତା ପଣ୍ଡିତଙ୍କୁ ଡକାଇ ଉଭୟଙ୍କ ବିବାହ କରାଇ ଦେଇଥିଲେ। କନୌଜ ଏସ୍‌ପି ଅମରେନ୍ଦ୍ର ସିଂହ ମଧ ଏପରି ଏକ ଘଟଣା ଜିଲାରେ ଘଟିଥିବା ସ୍ୱୀକାର କରିଛନ୍ତି।

**ପରମ୍ପରା ଭାଙ୍ଗି ବର ଘରେ ହେଲେ ବାହା**



## ସାବିତ୍ରୀ ଭୋଗ ଖାଇ ୩୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

ଭଦ୍ରକ ଅଫିସ/ବନ୍ତ, ୨୩।୫ (ଡି.ଏନ୍.ଏ.)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମପୁର ଗାଁରେ ସାବିତ୍ରୀ ବ୍ରତ ଭୋଗ ଖାଇ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମହିଳା, ଶିଶୁ ଅସୁସ୍ଥ ହୋଇଛନ୍ତି। ନିକଟସ୍ଥ କେନ୍ଦୁଆପଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ମହିଳା ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ମହିଳା ଓ ଶିଶୁମାନେ ନିଜ ଘରେ ରହି ଚିକିତ୍ସିତ ହେଉଥିବା କୁହାଯାଉଛି। ଗାଁର ନିମାଇଁଗୁଣି ଠାକୁରାଣୀଙ୍କ ପୀଠରେ ସାବିତ୍ରୀ ପୂଜା ସାରି ମହିଳାମାନେ ନିଜ ନିଜ ଘରକୁ ଫେରିଥିଲେ ଓ ଘରେ ଭୋଗ ଖାଇଥିଲେ। ଶନିବାର ସକାଳୁ ଜଣକ ପରେ ଜଣେ ଏହିଭଳି ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ଝାଡ଼ାବାନ୍ତିରେ ପୀଡ଼ିତ ହୋଇଥିଲେ। ଖବର ପାଇ ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ଅସୁସ୍ଥଙ୍କ ଚିକିତ୍ସା ଆରମ୍ଭ କରୁଛନ୍ତି।



ଡାକ୍ତରଖାନାରେ ଚିକିତ୍ସାଧୀନ ଅସୁସ୍ଥମାନେ।

## ମହାରାଷ୍ଟ୍ର ଫେରନ୍ତାଙ୍କ ହୋମ୍ କ୍ୱାରାଣ୍ଟାଇନ୍‌କୁ ବିରୋଧ

ବାହାନଗା, ୨୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ବାଜିପୁର ଗ୍ରାମର ଏକ ପରିବାର ଶୁକ୍ରବାର ମହାରାଷ୍ଟ୍ରରୁ ଫେରି ସରକାରୀ ସଙ୍ଗରୋଧରେ ନ ରହି ଘରେ ରହିବାରୁ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ଏହାକୁ ବିରୋଧ କରି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପହଞ୍ଚି ମହାରାଷ୍ଟ୍ରରୁ ଫେରନ୍ତାଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଉକ୍ତ ପରିବାରକୁ ସରକାରୀ ସଙ୍ଗରୋଧକୁ ନେବା ପାଇଁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଯିବାର ଦୀର୍ଘ ସାଢେ ୩ଘଣ୍ଟା ଅପେକ୍ଷା କରିବା ପରେ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ସରକାରୀ ସଙ୍ଗରୋଧକୁ ନେବାରେ ସଫଳ ହୋଇଥିଲେ।

ଉକ୍ତ ପରିବାରର ମୋଟ ୬ଜଣ ଶୁକ୍ରବାର ଅପରାହ୍ନ ଗୋଟାଏ ବେଳେ ନିଜ ଗାଡିରେ ମହାରାଷ୍ଟ୍ରରୁ ଆସି ଘରେ ପହଞ୍ଚିଥିଲେ। ଗ୍ରାମବାସୀ ସେହି ପରିବାରର ସଦସ୍ୟମାନଙ୍କୁ ସରକାରୀ ସଙ୍ଗରୋଧରେ ରହିବା ପାଇଁ ଦାବି କରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଆରମ୍ଭ ହୋଇଥିଲା।



ବାଜିପୁର ଗାଁରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ପ୍ରଶାସନିକ ଅଧିକାରୀମାନେ।

- ଗ୍ରାମବାସୀଙ୍କ ରାସ୍ତା ଅବରୋଧ ପରେ ପଦକ୍ଷେପ ନେଲା ପ୍ରଶାସନ
- ସରକାରୀ ସଙ୍ଗରୋଧ ଗୃହକୁ ଗଲେ ପରିବାର

ସେମାନେ ସରକାରୀ ସଙ୍ଗରୋଧ ଗୃହକୁ ନ ଯାଇ ନିଜ ଘରେ ସଙ୍ଗରୋଧରେ ରହିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ତହସିଲଦାର ରାଜେନ୍ଦ୍ର ନାରାୟଣ କର ଆସି ବୁଝାଶୁଝା କରିଥିଲେ ମଧ୍ୟ ରାତିରେ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଥିଲେ । ଶନିବାର ସକାଳେ ଗ୍ରାମକୁ କେହି ପ୍ରଶାସନିକ ଅଧିକାରୀ କିମ୍ବା ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ନ ଆସିବାରୁ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା। ଗ୍ରାମବାସୀ ଗ୍ରାମର ସମସ୍ତ ପ୍ରବେଶ ପଥକୁ ଅବରୋଧ କରି ଟାୟାର ଜାଳି ଧାରଣାରେ ବସିଥିଲେ। ପରେ ବିଡିଓ ରଘୁନାଥ ପାଣିଗ୍ରାହୀ, ତହସିଲଦାର, ପୋଲିସ୍ ଏସଡିପିଓ ପ୍ରଭାସ ଚନ୍ଦ୍ର ପାଲ, ଉପଜିଲାପାଳ ନିଲୁ ମହାପାତ୍ର ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ ମଧ ରାସ୍ତା ଅବରୋଧ ହଟି ନ ଥିଲା । ପରେ ଜିଲାପାଳ ଚକ୍ରବର୍ତ୍ତୀ ପହଞ୍ଚି ଉକ୍ତ ପରିବାରକୁ ସରକାରୀ ସଙ୍ଗରୋଧକୁ ନେଇଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଯିବା ପରେ ଉକ୍ତ ପରିବାରକୁ ସଙ୍ଗରୋଧକୁ ନେବା ପାଇଁ ଅନ୍ୟ ଅଧିକାରୀମାନେ ନାକେଦମ ହୋଇଥିଲେ। ଉପଜିଲାପାଳ ମହାପାତ୍ର ଓ ଏସ୍‌ଡିପିଓ ପାଲଙ୍କ ତାଗିଦ୍ ପରେ ପରିବାର ଲୋକେ ସରକାରୀ ସଙ୍ଗରୋଧକୁ ଯିବା ପାଇଁ ରାଜି ହୋଇଥିଲେ । ଏହାପରେ ଗ୍ରାମରେ ରାସ୍ତା ଅବରୋଧ ହଟିଥିଲା ।

## ମନେପଡ଼ିଲେ କଳ୍ପନା




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଦସ୍ୟମାନେ।

ଢେଙ୍କାନାଳ ଅଫିସ, ୨୩।୫

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଢେଙ୍କାନାଳର ଏହି ସାହସୀ ଝିଅ ସର୍ବଦା ଯୁବଗୋଷ୍ଠୀଙ୍କ ପ୍ରେରଣା ହୋଇ ରହିବେ। ସାହସିକତା ତାଙ୍କୁ ସବୁଦିନ ଲାଗି ଅମର କରି ରଖିବ ବୋଲି ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ସନ୍ଧ୍ୟା ୬ଟାରେ ସ୍ଥାନୀୟ ଶ୍ରୀବଳରାମଜୀଉ ମନ୍ଦିର ନିକଟ ବଜରଙ୍ଗ କ୍ଲବ ଗୃହରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଳ୍ପନାଙ୍କ ସ୍ମୃତିରେ ପ୍ରତିବର୍ଷ ମହିଳାଙ୍କୁ ନେଇ ରକ୍ତଦାନ ଶିବିର କରାଯିବ। ଏଥିସହ ସହରରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ପ୍ରଶାସନକୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ, ସନ୍ଦୀପ ହିଣ୍ଡୋଚା, ଗୌରୀଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚଳଚଞ୍ଚଳ ମଇଦାନ: ଅଭ୍ୟାସକୁ ଓହ୍ଲାଇଲେ ଖେଳାଳି

କଟକ ଅଫିସ,୨୩।୫

ମଇଦାନକୁ ଓହ୍ଲାଇବା ଆରମ୍ଭ କରିଛନ୍ତି କ୍ରୀଡ଼ାବିତ। ପୁଣି ଥରେ ପଡ଼ିଆ ଗୁଡ଼ିକରେ ଗହଳଚହଳ ଦେଖିବାକୁ ମିଳିଛି। ସକାଳେ ଓ ଅପରାହ୍ନରେ ନେଟ୍ସ ବନ୍ଧା ଯାଉଛି ୱାର୍ମଅପ କରିବା ସହିତ ଘଣ୍ଟାଘଣ୍ଟା ଧରି ଅଭ୍ୟାସ କରୁଛନ୍ତି ରାଜ୍ୟର ପ୍ରତିଭାବାନ କ୍ରିକେଟ ଖେଳାଳିମାନେ। ପ୍ରାୟ ଦୁଇମାସର ବ୍ୟବଧାନପରେ ଚଳଚଞ୍ଚଳ ହୋଇ ଉଠିଛି କ୍ରୀଡ଼ା ଜଗତ ଓ କ୍ରୀଡ଼ାବିତ। ଲକ୍‌ଡାଉନର ୪ର୍ଥ ପର୍ଯ୍ୟାୟ ଜାରି ରହିଥିଲେ ସୁଦ୍ଧା କଟକଣା କୋହଳ ରହିଛି। ଖେଳାଳିମାନେ ଫିଟନେସକୁ ଗୁରୁତ୍ୱ ଦେବା ସହିତ ନିଜ ଟାର୍ଗେଟ ପୂରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସାମାଜିକ ଦୂରତ୍ୱ ଓ ସାନିଟାଇଜେଶନ୍ ପ୍ରକ୍ରିୟାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କୁହାଯାଇଛି।

### ଉତ୍ସାହ ବଢ଼ିଛି



“ଦୀର୍ଘଦିନ ଧରି ଖେଳ ପଡ଼ିଆ ଠାରୁ ଦୂରେଇ ରହିବା ପରେ ଏବେ ଖେଳାଳିମାନଙ୍କ ଭିତରେ ଉତ୍ସାହ ବହୁଗୁଣିତ ହୋଇଛି ବୋଲି କହିଛନ୍ତି ରାଜ୍ୟର ପୂର୍ବତନ ତାରକା ପେସ୍ ବୋଲର ତଥା ରାମେଶ୍ୱର ସ୍ପୋର୍ଟିଂର ପ୍ରଶିକ୍ଷକ ଦୀପକ ମଙ୍ଗରାଜ। ଭୁବନେଶ୍ୱର ଓଲ୍ଡ ଟାଉନ୍‌ଠାରେ ରହିଛି କ୍ଲବର ଖେଳ ପଡ଼ିଆ। କ୍ଲବ ଅଧୀନରେ ରାଜ୍ୟର ଅନେକ ନାମୀଦାମୀ ଖେଳାଳି ରହିଛନ୍ତି। ଜୁନିୟର ବର୍ଗର ଖେଳାଳିଙ୍କୁ ଅଧିକ ଅଭ୍ୟାସ କରିବାକୁ ଦିଆଯାଉଛି ବୋଲି ସେ କହିଥିଲେ।

### ଟିମ୍ ମେଟ୍‌ଙ୍କୁ ଭେଟିବାକୁ ଇଚ୍ଛା

“ଲକଡାଉନ ସମୟରେ ଅନଲାଇନ ଟ୍ରେନିଂ ଜରିଆରେ ଫିଟନେସ ବଜାୟ ରଖିବା ପାଇଁ ଚେଷ୍ଟା କରିଥିଲି । ଏବେ ଧୀରେଧୀରେ ଅଭ୍ୟାସ ଆରମ୍ଭ କରୁଛି। ସକାଳୁ ଉଠି ଜଗିଂ କରୁଛି। ପୁନର୍ବାର ବଲ ଓ ବ୍ୟାଟ ସହିତ ସମୟ ବିତାଇବା ଆରମ୍ଭ କଲିଣି। ଅଭ୍ୟାସ ଠାରୁ ଦୂରେଇ ରହିବା ମୋ ପାଇଁ ମୁସ୍କିଲ ବୋଲି କହିଛନ୍ତି ରାଜ୍ୟ ରଣଜୀ ଦଳର ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି। ଟିମମେଟ୍‌ଙ୍କୁ ଗୋଟିଏ ଗ୍ରାଉଣ୍ଡରେ ଭେଟିବାକୁ ଅପେକ୍ଷା କରିଛି ବୋଲି ସେ କହିଥିଲେ।



### ଏକାଡେମୀ ଖୋଲିବାକୁ ଅପେକ୍ଷା

“ଅନେକ ଦିନ ଘରେ ରହିବା ପରେ ସାମାନ୍ୟ ଓଜନ ବୃଦ୍ଧି ପାଇଛି ବୋଲି ମୋର ଆଶଙ୍କା। ନିୟମିତ ଶାରୀରିକ ଅଭ୍ୟାସ କରୁଛି। ତଥାପି ଗ୍ରାଉଣ୍ଡରେ ଯେଉଁ ପରିଶ୍ରମ ହେଉଥିଲା, ତାହା ଏଯାଏଁ ହୋଇନାହିଁ। ଓଜନ ହ୍ରାସ କରିବା ପ୍ରତି ବିଶେଷ ନଜର ଦେଉଛି ବୋଲି ତାରକା ଖେଳାଳି ବିପ୍ଳବ ସାମନ୍ତରାୟ କହିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରରେ ଥିବା କ୍ରିକେଟ ଏକାଡେମୀରେ ଅଭ୍ୟାସ କରେ। କ୍ରିକେଟ ଏକାଡେମୀ ଚାଲୁ ହେବାକୁ ଅପେକ୍ଷା ରହିଛି।

### ପିଚ୍ ଖରାପ, ନେଟ୍ସରେ ଅଭ୍ୟାସ ଚାଲିଛି

“ଏବେ ନେଟ୍ସରେ ଅଧିକରୁ ଅଧିକ ସମୟ ଅଭ୍ୟାସ କରୁଛି। ଦୁଇ ଦିନ ହେବ ଗ୍ରାଉଣ୍ଡକୁ ଆସିବା ଆରମ୍ଭ କଲି। ପିଚ୍ ଖରାପ ହୋଇ ଯାଇଛି। ନେଟ୍ସ ଅଞ୍ଚଳର ପିଚ ମଧ ଭଲ ଅବସ୍ଥାରେ ନାହିଁ। ପିଚ୍ ମରାମତି ଆରମ୍ଭ ହୋଇସାରିଲାଣି ବୋଲି ନିମପୁର ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବା ରାଜ୍ୟର ଯୁବ ତାରକା ଖେଳାଳି ରାଜେଶ ଧୂପର କହିଛନ୍ତି। ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ନିଜ ଖେଳପଡ଼ିଆରେ ଅଭ୍ୟାସ କରିବାର ଆନନ୍ଦ ନିଆରା ବୋଲି ରାଜେଶ କହିଥିଲେ।





ଇଂଲଣ୍ଡର ମାଞ୍ଚେଷ୍ଟରରେ ଗସ୍ ନାମକ ଏକ ମୂଷା ଚିତ୍ର ଆଙ୍କି ସଭିଙ୍କୁ ଆଶ୍ଚର୍ଯ୍ୟାନିତ୍ କରିଛି। ଗସ୍ ଆଙ୍କିଥିବା ଚିତ୍ର ୯୨ ହଜାର ଟଙ୍କା(୧,୦୦୦ ପାଉଣ୍ଡ)ରେ ବିକ୍ରି ହୋଇଛି। ଗସ୍ ପାଦକୁ ରଙ୍ଗରେ ବୁଡ଼ାଇ କାନ୍‌ଭାସ୍‌ରେ ଉପରେ ଛିଡ଼ା ହୋଇ ଏହି ଚିତ୍ର କରିଛି। ବାରମ୍ବାର ଏଭଳି କରିବା ଦ୍ୱାରା କାନ୍‌ଭାସ୍‌ରେ ସୁନ୍ଦର ଚିତ୍ର ସୃଷ୍ଟି ହୋଇଥିବା ଗସ୍‌ର ମାଲିକ ୧୯ ବର୍ଷ ବୟସ୍କା ଜେସ୍ ଇଣ୍ଡସେଥ୍ କହିଛନ୍ତି। ଗସ୍ ଚିତ୍ର ଆଙ୍କୁଥିବାର ଏକ ମିନିଟ୍ ୩ ସେକେଣ୍ଡର ଏକ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଶେୟାର କରାଯାଇଛି।

# ଧୈର୍ଯ୍ୟହରା ନ ହେବାକୁ ନୁସ୍‌ରତଙ୍କ ପରାମର୍ଶ



ନୁସରତ ଜାହାନ

**କୋଲକାତା:** ଗୋଟିଏ ପଟେ କରୋନା ଦେଶର ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଅନ୍ୟପଟେ ବାତ୍ୟା ଅମ୍ଫାନ୍ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ତାଣ୍ଡବ ରଚିଛି। ଏଥିରେ ଓଡ଼ିଶା ଅପେକ୍ଷା ପଶ୍ଚିମବଙ୍ଗରେ ଅଧିକ ପରିମାଣରେ କ୍ଷୟକ୍ଷତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ବାତ୍ୟାକ୍ଲିଷ୍ଟ ରାଜ୍ୟ ବୁଲି ସମୀକ୍ଷା କରିବା ସହ ସହଯୋଗର ହାତ ବଢ଼ାଇଛନ୍ତି। ପଶ୍ଚିମବଙ୍ଗରେ ଏବେ ବାତ୍ୟା ପରବର୍ତ୍ତି ରିଲିଫ୍ ଓ ଥଇଥାନ କାର୍ଯ୍ୟ ଜୋର୍‌ସୋରରେ ଚାଲିଥିବା ବେଳେ ଟିଏମ୍‌ସି ଏମ୍‌ପି ତଥା ବଙ୍ଗଳା ଫିଲ୍ମର ନାମୀ ନାୟିକା ନୁସ୍‌ରତ ଜାହାନ ନିଜ ନିର୍ବାଚନମଣ୍ଡଳି ଗସ୍ତ କରିଛନ୍ତି। ଏହାର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖାଯାଇଛି। ଏହାସହ ନୁସ୍‌ରତ ନିଜେ ମଧ୍ୟ କିଛି ଫଟୋ ତାଙ୍କ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଅପ୍‌ଲୋଡ୍ କରିଛନ୍ତି। ଏହି ସମୟରେ ସେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ୍କ ଓ ଗ୍ଲୋଭ୍ସ ପିନ୍ଧିବା ସହ ସୋସିଆଲ ଡିଷ୍ଟାନ୍ସିଂକୁ ଗୁରୁତ୍ୱ ଦେଉଥିବା ଦେଖାଯାଇଥିଲା। ଏହି ଫଟୋ ସହ ନୁସ୍‌ରତ ଲେଖିଛନ୍ତି, କରୋନା ସଂକ୍ରମଣ ଓ ଅମ୍ଫାନ୍ ମାଡ଼ରେ ପଶ୍ଚିମବଙ୍ଗର ସ୍ଥିତି ବେହାଲ ହୋଇଛି। ଏହି ସମୟରେ ଆମକୁ ଧୈର୍ଯ୍ୟର ସହ କାମ କରିବାକୁ ପଡ଼ିବ। ଅସୁବିଧା ସମୟରେ ଧୈର୍ଯ୍ୟହରା ନ ହେବା ଉଚିତ୍। ମୁଁ ଆପଣମାନଙ୍କ ସହ ସବୁବେଳେ ରହିଛି ବୋଲି ସେ ଲେଖିଛନ୍ତି।

# ନୂଆ ଯୁଦ୍ଧାସ୍ତ୍ର 'ଲେଜର ୱେପନ'



**ହଂକଂ:** କୋଭିଡ୍-୧୯ ଲାଗି ଏବେ ଚାଇନାକୁ ଘେରିବା ଆରମ୍ଭ କରିଛନ୍ତି ଅନେକ ଦେଶ। ବିଶ୍ୱ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବାକୁ ଚାଇନା ପକ୍ଷରୁ କରୋନା ଏକ କୂଟନୀତି ବୋଲି ଅନେକେ ଅଭିଯୋଗ ଆଣିଛନ୍ତି। ବିଶେଷକରି ଏହାକୁ ନେଇ ଆମେରିକାର କୁଦୃଷ୍ଟିକୁ ଆସିଛି ବେଜିଂ। ବିଶ୍ୱର ଦୁଇ ମହାଶକ୍ତି ଅନେକ ସମୟରେ ମୁହାଁମୁହିଁ ହୋଇଥିଲେ ମଧ୍ୟ ଏବେ ସ୍ଥିତି ଅଧିକ ଜଟିଳ ହୋଇଯାଇଛି। ଉଭୟ ଦେଶ ପ୍ରତିଦିନ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରୁଛନ୍ତି। ଏହାକୁ ଦେଖି ବିଶେଷଜ୍ଞମାନେ ଏମିତି ଆଶଙ୍କା କଲେଣି ଯେ, କରୋନା ସଙ୍କଟ ଟଳିବା ପରେ ଚାଇନାକୁ ନେଇ ଆରମ୍ଭ ହୋଇଥିବା ଆମେରିକାର ଶୀତଳଯୁଦ୍ଧ ଆହୁରି ତୀବ୍ର ହେବ। କରୋନାକୁ ନେଇ ସାରା ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ନିକଟରେ ଆମେରିକା ବିଧ୍ୱଂସକାରୀ ଲେଜର ଯୁଦ୍ଧାସ୍ତ୍ର ବିକଶିତ କରି ପ୍ରତିପକ୍ଷ ଦେଶକୁ ବାର୍ତ୍ତା ଦେଇଛି। ପ୍ରଶାନ୍ତ ମହାସାଗରର ଏକ ଯୁଦ୍ଧ ଜାହାଜରୁ ଏହାର ପରୀକ୍ଷଣ ସଫଳତାର ସହ କରାଯିବାପରେ ସମୁଦ୍ରର ଅତଳ ଜଳରାଶିରେ ଆମେରିକା ନୂଆ ଶକ୍ତିର ଅଧିକାରୀ ହୋଇଥିବା କୁହାଯାଉଛି।

ଏପରି ଘାତକ ଅସ୍ତ୍ର ପରୀକ୍ଷଣର ନେତୃତ୍ୱ ନେଇଥିବା ନୌସେନାର ଜଣେ ଅଧିକାରୀ କହିଛନ୍ତି ଯେ, ଏହା ଏତେ ଶକ୍ତିଶାଳୀ ଯେ, ମାତ୍ର କେଇ ସେକେଣ୍ଡରେ ଉଡ଼ନ୍ତା ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା। ଅସ୍ତ୍ରର ପରୀକ୍ଷଣ ପରେ ନୌସେନା ପକ୍ଷରୁ ଏହାର ଫଟୋ ଏବଂ ଭିଡିଓ ଜାରି କରାଯାଇଛି। ଏଥିରେ ଦେଖିବାକୁ ମିଳିଛି, ଯୁଦ୍ଧ ଜାହାଜର ଡେକ୍‌ରୁ ଏକ ଲେଜର ବିମ୍ ବାହାରୁଛି ଏବଂ ଏହା କିଛି କ୍ଷଣରେ ସାମ୍ନାରୁ ଆସୁଥିବା ଏକ ଡ୍ରୋନ୍‌କୁ ଜାଳିପୋଡ଼ି ଛାରଖାର କରିଦେଉଛି। କେବଳ ଡ୍ରୋନ୍ ନୁହେଁ, ଏହା ଶତ୍ରୁପକ୍ଷର ଛୋଟ ଯୁଦ୍ଧ ଜାହାଜକୁ ମଧ୍ୟ ଧ୍ୱଂସ କରିପାରିବ ବୋଲି ଆମେରିକୀୟ ନୌସେନା ପକ୍ଷରୁ କୁହାଯାଇଛି।

ତେବେ ଲେଜର ଅସ୍ତ୍ରର କ୍ଷମତା ସମ୍ପର୍କରେ ସ୍ପଷ୍ଟ କରାଯାଇନାହିଁ। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ପକ୍ଷରୁ ୨୦୧୮ରେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଥିଲା, ସମ୍ଭବତଃ ଏହାର କ୍ଷମତା ୧୫୦ କିଲୋୱାଟ ହୋଇପାରେ। ଏହାକୁ ଅନୁଶୀଳନ କଲେ ଲେଜର ଅସ୍ତ୍ରର କ୍ଷମତା ଏହାଠାରୁ ସାମାନ୍ୟ କମ୍ କିମ୍ବା ଅଧିକ ବୋଲି ଅନୁମାନ କରାଯାଉଛି। ପୋର୍ଟଲାଣ୍ଡର କମାଣ୍ଡିଂ ଅଫିସର କ୍ୟାପଟେନ୍ କେରୀ ସେଣ୍ଡର୍ସ କୁହନ୍ତି, ମାନବବିହୀନ ଡ୍ରୋନ୍, ଛୋଟ ଏୟାରକ୍ରାଫ୍ଟ ଉପରେ ଏହାର ପରୀକ୍ଷଣ କରାଯିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏହା ସମୁଦ୍ରରେ ଯୁଦ୍ଧର ପରିଭାଷାକୁ ବଦଳାଇ ଦେବ। ଲେଜର ୱେପନ ସିଷ୍ଟମ୍ ଅଫିସର ଲ୍ୟୁଟ୍‌ନାଣ୍ଟ କେଲ୍ ହ୍ୟୁଜ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ନୂଆ ଅସ୍ତ୍ର କୌଣସି ବସ୍ତୁ ଉପରେ ଭାରିମାତ୍ରାରେ ଲେଜର କିରଣ ପକାଇଥାଏ। ଏହା କେନ୍ଦ୍ରୀଭୂତ ହେବାକ୍ଷଣି ଉକ୍ତ ବସ୍ତୁରେ ନିଆଁ ଲାଗିଯାଏ। ପବନ କିମ୍ବା ଦୂରତ୍ୱ ଏହାକୁ ପ୍ରଭାବିତ କରେନାହିଁ। ଏଥିଲାଗି କେବଳ ଥରେ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼େ।

# ବିରାଟଙ୍କ ଫନି ଭିଡିଓ ଭାଇରାଲ



**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ସମୟରେ ଭାରତର ସବୁଠୁ ଫିଟ୍ ଖେଳାଳି ବିରାଟ କୋହଲି ଡାଇନୋସର ପାଲଟି ଯାଇଛନ୍ତି। ଏମିତି ଏକ କଥା ଶୁଣିବା ମାତ୍ରେ ସମସ୍ତଙ୍କର ଭ୍ରୂକୁଞ୍ଚନ ହେବା ନିଶ୍ଚୟ। ପ୍ରକୃତ କଥା ହେଉଛି ବିରାଟ କୋହଲି ଡାଇନେସୋର ଭଳି ଅଭିନୟ କରୁଛନ୍ତି। ଲକ୍‌ଡାଉନ୍ ସମୟରେ ଘରେ ସବୁ ସମୟରେ ରହିବାକୁ ପଡୁଥିବାରୁ ମଜା କରିବା ପାଇଁ ସେ ଏପରି କରିଛନ୍ତି। ଘରେ ତାଙ୍କ ସ୍ତ୍ରୀ ଅନୁଷ୍କାଙ୍କୁ ହସାଇବା ପାଇଁ ସେ ଏଭଳି ଏକ ଆକ୍ଟିଂ କରିଥିବା ବେଳେ ଅନୁଷ୍କା ସେହି ସମୟର ଫନି ଭିଡିଓକୁ ତାଙ୍କ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି।

ବିରାଟଙ୍କର ଏହି ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟହେବା ମାତ୍ରେ ଭାଇରାଲ୍ ହେବାରେ ଲାଗିଛି। ଲକ୍‌ଡାଉନ୍‌ରେ ଘରେ ରହୁଥିବାରୁ ବିରାଟ ଓ ଅନୁଷ୍କା ଅନେକ ସମୟରେ ସୋସିଆଲ୍ ମିଡିଆରେ ସେମାନଙ୍କର ବିଭିନ୍ନ ଆକ୍ଟିଭିଟିଜ୍ ନେଇ ଫଟୋ ଓ ଭିଡିଓ ଶେୟାର କରିଛନ୍ତି। କେବେ ଘରେ ୱାର୍କଆଉଟ୍ ତ କେବେ ବିଭିନ୍ନ ଚ୍ୟାଲେଞ୍ଜକୁ ନେଇ ସେମାନେ ଫଟୋ ଶେୟାର କରିଥାନ୍ତି। ତେବେ ଏହି ସେଲିବ୍ରିଟି କପଲ୍ ପ୍ରାୟ ସବୁ ସମୟରେ ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହିଥାନ୍ତି। ଏଥର ବିରାଟଙ୍କର ଏହି ଡାଇନୋସର ଲୁକ୍ ନେଇ ଫ୍ୟାନ୍‌ମାନଙ୍କର ସୁନ୍ଦର କମେଣ୍ଟ ମିଳିଛି।

# ସମୁଦ୍ରରୁ ମିଳିଲା ଚୋରି ଜିନିଷ

**ୱାଶିଂଟନ:** ଲକ୍‌ଡାଉନ୍ ପାଇଁ ନୂଆକରି ଆରମ୍ଭ କରିଥିବା ଏକ ଟାଇମପାସ୍ ଖେଳ ପାଇଁ ଏବେ ପର୍ଦ୍ଦାଫାଶ ହୋଇଛି ଆଠବର୍ଷ ତଳର ଏକ ଚୋରି ରହସ୍ୟ। ଆମେରିକାର ଜୋହାନ୍‌ସ ଆଇଲାଣ୍ଡରେ ରହୁଥିବା ନକ୍ସ ବ୍ରିୱର ନାମକ ୬ ବର୍ଷର ଜଣେ ବାଳକ ଲକ୍‌ଡାଉନ୍ ଯୋଗୁ ଘରେ ରହି ରହି ବୋର୍ ହେଉଥିଲେ। ସେଥିପାଇଁ ସେ ନିକଟରେ ଥିବା ସାଉଥ୍ କାରୋଲିନା ଲେକ୍‌କୁ ଯାଇ 'ମ୍ୟାଗନେଟ୍ ଫିଶିଙ୍ଗ୍' ଖେଳ ଆରମ୍ଭ କରିଥିଲେ। ସମୁଦ୍ର ଭିତରେ ଥିବା ବିଭିନ୍ନ ପ୍ରକାରର ଧାତବ ଜିନିଷକୁ ଚୁମ୍ବକ ମାଧ୍ୟମରେ ସଂଗ୍ରହ କରୁଥିଲେ। ଥରେ ତାଙ୍କ ଚୁମ୍ବକ ମାଧ୍ୟମରେ ପାଣି ଭିତରେ ଏକ ଭାରି ଜିନିଷ ଥିବାର ଜାଣି ପାରିଥିଲେ, ଯାହାକୁ ସେ ଏକା ବାହାରକୁ ଆଣି ପାରି ନ ଥିଲେ। ତେଣୁ ପାଖରେ ଥିବା ଜଣେ ଦର୍ଶକଙ୍କ ସାହାଯ୍ୟରେ ସେ ଚୁମ୍ବକକୁ ଟାଣିବା ଫଳରେ ଏକ ବନ୍ଦ ବାକ୍ସ ବାହାରକୁ ଆସିଥିଲା। ବାକ୍ସକୁ ଖୋଲିବା ପରେ ସେଥିରୁ ଅନେକଗୁଡ଼ିଏ ସୁନା ଅଳଙ୍କାର, କ୍ରେଡିଟ୍ କାର୍ଡ, ଚେକ୍ ବୁକ୍ ଆଦି ବାହାରି ଥିଲା। ଏହାପରେ ନକ୍ସଙ୍କ ବାପା ଜୋନାଥନ୍ ବ୍ରିୱର ସେ ସବୁକୁ ସ୍ଥାନୀୟ ପ୍ରଶାସନକୁ ହସ୍ତାନ୍ତର କରିବା ପରେ ଜଣାପଡ଼ିଥିଲା ଯେ, ୮ ବର୍ଷ ତଳେ ସେସବୁ ସାମଗ୍ରୀ ଚୋରି ହୋଇଥିଲା। ଏମିତି କି ଜଣେ ମହିଳା ତାଙ୍କର ଅଳଙ୍କାର ଚିହ୍ନିପାରି ସେସବୁ ତାଙ୍କ ଘରୁ ଚୋରି ହୋଇଥିବା କହିଥିଲେ। ନକ୍ସଙ୍କ ଉଦ୍ୟମରେ ଏତେ ସବୁ ଚୋରି ସାମଗ୍ରୀ ମିଳି ପାରିଥିବାରୁ ସ୍ଥାନୀୟ ଲୋକଙ୍କ ସହିତ ପୋଲିସ ପ୍ରଶାସନ ତାଙ୍କୁ ଧନ୍ୟବାଦ ଜଣାଇଛି।



# ପୋଲିସକୁ ଉତ୍ସାହିତ କରୁଛି ସେନା



**ଜୟପୁର:** ଲୋକଙ୍କ ମଧ୍ୟରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାରେ ପୋଲିସର ଉଦ୍ୟମ ବେଶ୍ ପ୍ରଶଂସନୀୟ। ସେମାନେ ନିଜ ଜୀବନକୁ ବିପନ୍ନ କରି ଲୋକମାନଙ୍କୁ ରକ୍ଷା କରିବାକୁ ପ୍ରତି ମୁହୂର୍ତ୍ତରେ ସଜାଗ ରହିଥାନ୍ତି। ସେଥିପାଇଁ ପୋଲିସକୁ ଉତ୍ସାହିତ କରିବା ପାଇଁ ଏବେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ରଭାବେ ଉଦ୍ୟମ କରିଛି ଭାରତୀୟ ସେନା।

ଭାରତୀୟ ସେନାର ଯବାନମାନେ ପୋଲିସକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସେମାନଙ୍କ କାମକୁ ପ୍ରଶଂସା କରିବା ସହିତ ବିଭିନ୍ନ ସ୍ଥାନରେ ପୋଲିସକୁ ମିଠା ବାଣ୍ଟୁଛନ୍ତି। ରାଜସ୍ଥାନର ବିକାନେର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଭାରତୀୟ ସେନାର ଅଫିସରମାନେ ଏଭଳି ମିଠା ବାଣ୍ଟୁଥିବାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଭାଇରାଲ୍ ଭିଡିଓରେ ଜଣେ ଆର୍ମି ଅଫିସର ବିଭିନ୍ନ ଟ୍ରାଫିକ୍ ପୋଷ୍ଟକୁ ଯାଇ ସେଠାରେ ମୁତୟନ ହୋଇଥିବା ପୋଲିସକୁ ମିଠା ପ୍ୟାକେଟ୍ ବାଣ୍ଟୁଛନ୍ତି। ଏହା ସହିତ ସେ ସମସ୍ତ ଟ୍ରାଫିକ୍ ପୋଲିସ୍, ହୋମ୍‌ଗାର୍ଡମାନଙ୍କୁ ଧନ୍ୟବାଦ ଜଣାଉଛନ୍ତି। ଏହି ଭିଡିଓଟି ପ୍ରଥମେ ବିକାନେର ପୋଲିସ ଡିପାର୍ଟମେଣ୍ଟ ସୋସିଆଲ୍ ମିଡିଆରେ ଶେୟାର କରିଥିଲା। ଏହାକୁ ପୁଣିଥରେ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ବେଶ୍ ପ୍ରଶଂସା କରିଛନ୍ତି ବଲିଉଡ୍ ଅଭିନେତା ଅନୁପମ ଖେର୍। ଏହି ଭିଡିଓକୁ ଶେୟାର କରି ସେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଗୋଟିଏ ପଟେ ଭାରତୀୟ ସେନା ଅନ୍ୟପଟେ ପୋଲିସ କର୍ମକର୍ତ୍ତା ଉଭୟଙ୍କର ସମାଜ ପାଇଁ ସ୍ୱତନ୍ତ୍ର ବଳିଦାନ ଥିବା ସମୟରେ ଉଭୟ ପରସ୍ପରର କାମକୁ ସମ୍ମାନ ଜଣାଇବା ନିଶ୍ଚିତଭାବେ ପ୍ରେରଣାଦାୟକ ବୋଲି ସେ ମତ ଦେଇଛନ୍ତି।

# ଜ୍ୟୋତିଙ୍କୁ ପ୍ରଶଂସା କଲେ ଇଭାଙ୍କା

**ଦରଭଙ୍ଗା:** ଲକ୍‌ଡାଉନ ଯୋଗୁ ବାହାରେ ଫସି ରହିଥିବା ପ୍ରବାସୀ ଶ୍ରମିକମାନେ ଏବେ ଘରମୁହାଁ ହୋଇଛନ୍ତି। ଏହି କ୍ରମରେ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିହାରର ୧୫ ବର୍ଷର ଝିଅ ଜ୍ୟୋତି କୁମାରୀ। ସେ ତାଙ୍କ ଆହତ ପିତାଙ୍କୁ ସାଇକେଲରେ ବସାଇ ୧୨୦୦ କିଲୋମିଟର ଯାତ୍ରା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜ୍ୟୋତିଙ୍କ ଏହି ସାହସିକତା ପାଇଁ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ସିଏଫ୍‌ଆଇ)ତାଙ୍କର ପ୍ରଶଂସା କରିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପ ମଧ୍ୟ ଜ୍ୟୋତିଙ୍କ ସାହସିକତାର ପ୍ରଶଂସା କରିଛନ୍ତି। ଇଭାଙ୍କା ଶୁକ୍ରବାର ଟୁଇଟ୍ କରି ଜ୍ୟୋତିଙ୍କ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଜ୍ୟୋତି କୁମାରୀଙ୍କ ପିତା ମୋହନ ପାଶ୍ୱାନ ହରିୟାଣାର ଗୁରୁଗ୍ରାମରେ ଇ-ରିକ୍ସା ଚଳାଉଥିବା ବେଳେ ନିକଟରେ ଝିଅ ଜ୍ୟୋତି ତାଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ପିତାଙ୍କର ଦୁର୍ଘଟଣା ହେବାରୁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା ଓ ସେ ଆଉ ରିକ୍ସା ଚଳାଇ ପାରି ନ ଥିଲେ। ଅନ୍ୟପଟେ ଲକ୍‌ଡାଉନ ଯୋଗୁ ତାଙ୍କ ପିତାଙ୍କ ରୋଜଗାର ନ ଥିବାରୁ ବାପ-ଝିଅଙ୍କ ଚଳିବା କଷ୍ଟକର ହୋଇ ପଡିଥିଲା। ଏପଟେ ଏମାନଙ୍କ ପାଖରେ ଅର୍ଥର ଅଭାବ ଥିବାରୁ ଘରକୁ ଫେରିବାକୁ ମଧ୍ୟ ସେମାନେ ସାହସ କରିପାରୁ ନ ଥିଲେ। ଶେଷରେ ଜ୍ୟୋତି ସାହସ ଜୁଟାଇ ଆହତ ପିତାଙ୍କୁ ସାଇକେଲ ପଛରେ ବସାଇ ଦୀର୍ଘ ୧୨୦୦ କିଲୋମିଟର ଯାତ୍ରା କରି ନିଜଗ୍ରାମ ବିହାରର ଦରଭଙ୍ଗାରେ ପହଞ୍ଚିଥିବାକୁ ତାଙ୍କୁ ୭ ଦିନ ସମୟ ଲାଗିଥିବା ସେ କହିଛନ୍ତି। ଏବେ ଜ୍ୟୋତିଙ୍କର ଏହି ସାହସକୁ ଦେଖି ନ୍ୟାଶ୍‌ନାଲ ସାଇକ୍ଲିଂ ଏକାଡେମୀ ତାଙ୍କର ଏକ ଟେଷ୍ଟ ନେବାକୁ କହିଛି। ହେଲେ ଏଥିପାଇଁ ସେ ଏକମାସ ସମୟ ମାଗିଛନ୍ତି। ଇଭାଙ୍କାଙ୍କ ଟୁଇଟ୍ ଦେଖିବା ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ମଧ୍ୟ ଜ୍ୟୋତିଙ୍କ ସାହସିକତାର ପ୍ରଶଂସା କରିଛନ୍ତି। ଜ୍ୟୋତିଙ୍କ ପ୍ରବଳ ଇଚ୍ଛାଶକ୍ତି, ସାହାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ଲକ୍‌ଡାଉନରେ ହିରୋ ସାଜିଛନ୍ତି ସୋନୁ



**ମୁମ୍ବାଇ:** ଗୋଟିଏ ପଟେ କରୋନା ଭାଇରସ୍ ସଂକ୍ରମଣ ଅନ୍ୟପଟେ ଲକ୍‌ଡାଉନ। ଏହା ଏବେ ଅନେକଙ୍କ ଜୀବନରେ ନାନା ପ୍ରକାର ଅସୁବିଧା ସୃଷ୍ଟି କରିଛି। ଆଉ ଏହି ସମୟରେ ବଲିଉଡ୍ ସେଲିବ୍ରିଟିମାନେ ସହଯୋଗର ହାତ ବଢାଉଥିବା ଦେଖିବାକୁ ମିଳିଛି। ହେଲେ ଲକ୍‌ଡାଉନ୍ ପିରିୟଡରେ ଅସଲ ହିରୋ ପାଲଟିଛନ୍ତି ବଲିଉଡ୍ ଫିଲ୍ମରେ ଖଳନାୟକ ଚରିତ୍ରରେ ନଜର ଆସିଥିବା ସୋନୁ ସୁଦ। ମୁମ୍ବାଇରେ ମେଡିକାଲ ଷ୍ଟାଫଙ୍କ ପାଇଁ ନିଜ ହୋଟେଲକୁ ସେ ଦେଇଥିବା ବେଳେ ପଞ୍ଜାବରେ ଡାକ୍ତରମାନଙ୍କୁ ୧,୫୦୦ରୁ ଉର୍ଦ୍ଧ୍ୱ ପିପିଇ କିଟ୍ ପ୍ରଦାନ କରିଛନ୍ତି । ଆଉ ଏବେ ସେ ପ୍ରବାସୀ ଶ୍ରମିକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସେମାନଙ୍କୁ ନିଜ ନିଜ ରାଜ୍ୟରେ ପହଞ୍ଚାଇବାରେ ସାହାଯ୍ୟ କରୁଛନ୍ତି ସୋନୁ। ନିକଟରେ ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକମାନେ ରାଜରାସ୍ତାରେ ଯେମିତି ଚାଲି ଚାଲି ଯାଉଛନ୍ତି, ତାକୁ ଦେଖିବା ପରେ ସେ ଗ୍ରାଉଣ୍ଡ ଲେବଲକୁ ଆସି କାମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅବଶ୍ୟ ଗ୍ରାଉଣ୍ଡ ଲେବଲକୁ ଯାଇ କାମ କରିବାର ଆଗ୍ରହ ତାଙ୍କର ବହୁ ପୂର୍ବରୁ ଥିଲା। ଏବେ ଏମିତି ଏକ ସୁଯୋଗ ମିଳିଥିବାରୁ ସେ ପ୍ରବାସୀଙ୍କୁ ସାହାଯ୍ୟ କରିବାକୁ ଚାଲିଆସିଥିବା କହିଛନ୍ତି। ଇନ୍‌ଷ୍ଟ୍ରାଗ୍ରାମ ମାଧ୍ୟମରେ ଯିଏ ତାଙ୍କୁ ସାହାଯ୍ୟ ମାଗୁଛି, ସେ ତା'ର ସାହାଯ୍ୟ କରୁଛନ୍ତି। ଏମିତିକି, ଲୋକଙ୍କ ଫୋନ ନମ୍ବର ମାଗି ସେ ତାଙ୍କୁ ସେମାନଙ୍କ ଘରେ ପହଞ୍ଚାଉଛନ୍ତି। ବିହାରର ମୂଳ ବାସିନ୍ଦା ସୋନୁ ନିକଟରେ ଜଣେ ବିହାରୀ ପ୍ରବାସୀଙ୍କୁ ଇନ୍‌ଷ୍ଟାଗ୍ରାମରେ ନିଜର ଫୋନଡ୍ ନମ୍ବର ସହ ଡିଟେଲ୍‌ସ ଦେବାକୁ କହିଛନ୍ତି। ତା'ହେଲେ ଯାଇ ସେ ତାଙ୍କୁ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିବେ। ଏଥିପାଇଁ ସୋନୁ ଆବଶ୍ୟକ ଥିବା ସମସ୍ତ ଅନୁମତି ନେଇଥିବା ପ୍ରକାଶ କରିଛନ୍ତି।



# ଓଭର କନ୍‌ଫିଡେନ୍ସ

**କଥାରେ ଅଛି ଅତି ସର୍ବତ୍ର ଗର୍ହିତମ୍ । ଠିକ୍ ଯେମିତି ଆତ୍ମବିଶ୍ୱାସ ସଫଳତାର ଚାବିକାଠି । ହେଲେ ଏହା ଆବଶ୍ୟକରୁ ଅଧିକ ହେଲେ ବି ଅନୁଭବ ଏବଂ ଜ୍ଞାନର ପରିସର ବୃଦ୍ଧିରେ ବାଧକ ସାଜିବା ସହ ବିଫଳତାର କାରଣ ହୋଇଥାଏ...**



ଯେକୌଣସି କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେଲେ ଆତ୍ମବିଶ୍ୱାସ ବା କନ୍‌ଫିଡେନ୍ସ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ମଣିଷକୁ ମାନସିକ ସ୍ତରରେ ସୁଦୃଢ଼ କରି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ସଫଳତା ଆଣିଦେବାରେ ସାହାଯ୍ୟ କରିଥାଏ। ହେଲେ ବେଳେ ବେଳେ ଦେଖାଯାଏ ଆବଶ୍ୟକରୁ ଅଧିକ ଆତ୍ମବିଶ୍ୱାସ ବା ଓଭର କନ୍‌ଫିଡେନ୍ସ ଦ୍ୱାରା ଜଣଜଣଙ୍କଠାରେ ଅଜାଣତରେ ଅନେକ ବଦଗୁଣ ସୃଷ୍ଟି ହୋଇଯାଏ। ଅପରପକ୍ଷେ ଏସବୁ ହିଁ ସଫଳତା ପଥରେ ବଡ଼ ବାଧକ ସାଜିଥାଏ। ତେବେ ଏସବୁକୁ ଚିହ୍ନିବା ସହ ଯଥା ସମୟରେ ନିଜକୁ ସୁଧାରି ନେବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ଗର୍ବ ଓ ଆତ୍ମପ୍ରଶଂସା:** ଅନେକ ସମୟରେ ଦେଖାଯାଏ ନିଜ ଉପରେ ଓଭର କନ୍‌ଫିଡେନ୍ସ ରଖୁଥିବା ଲୋକ ନିଜକୁ ସବୁବେଳେ ପରଫେକ୍ଟ ଭାବିଥାନ୍ତି। ନିଜ କର୍ମ ଉପରେ ବିଶ୍ୱାସ ରଖିବା ଏବଂ ସେଥିରେ ସନ୍ତୁଷ୍ଟ ରହିବା ଖୁବ୍ ଭଲ କଥା। ହେଲେ ଏମିତି କେତେଜଣ ଅଛନ୍ତି ଯେଉଁମାନେ ନିଜ କର୍ମକୁ ନେଇ ଏତେ ସନ୍ତୁଷ୍ଟ ହୋଇଯାଆନ୍ତି ଯେ, ନିଜର ପ୍ରଶଂସା ନିଜ ମୁହଁରେ ଗାଇ ବୁଲିବାକୁ ପଛାନ୍ତି ନାହିଁ। ବାସ୍ତବତାକୁ ଅନୁଭବ ନ କରି ନିଜକୁ ନେଇ ଗର୍ବ କରିବା ଭିତରେ ସେମାନଙ୍କଠାରେ ଅଧିକ ଜାଣିବାର ଆଗ୍ରହ ହ୍ରାସପାଏ ଏବଂ ଏହା କ୍ରମଶଃ ଅନୁଭବହୀନତାର କାରଣ ସାଜେ। ଏମିତି କି ଓଭର କନ୍‌ଫିଡେନ୍ସ ଯୋଗୁ ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସଫଳ ହେବା ଏବଂ ପଦୋନ୍ନତି ପାଇବା ଲାଗି ଆବଶ୍ୟକ ଦକ୍ଷତା ହାସଲ କରିବାରୁ ବଞ୍ଚିତ ହୁଅନ୍ତି। ଦୁନିଆରେ ଆଗକୁ ବଢ଼ିବାକୁ ହେଲେ ଏତିକି କାର୍ଯ୍ୟ ପର୍ଯ୍ୟାପ୍ତ ନୁହେଁ, ସେକଥା ସେମାନେ ଆଦୌ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ, ଯାହା କି ପରିଶେଷରେ ସେମାନଙ୍କ ବିଫଳତାର କାରଣ ସାଜେ। ତେଣୁ ବାସ୍ତବରେ ଆପଣଙ୍କ ଭିତରେ ଥିବା କାର୍ଯ୍ୟଦକ୍ଷତାକୁ ଚିହ୍ନି ଆତ୍ମବିଶ୍ୱାସର ସହ କାର୍ଯ୍ୟ କଲେ ସଫଳତା ମିଳିବା ସହଜ ହେବ।

**ଅହଂଭାବ:** ଓଭର କନ୍‌ଫିଡେନ୍ସ ବେଳେବେଳେ ମଣିଷ ଭିତରେ ଅହଂଭାବ ସୃଷ୍ଟି କରେ। ଫଳରେ ମୁଁ ସବୁ କରିପାରିବି, ମୁଁ ଶ୍ରେଷ୍ଠ ଏଭଳି ଭାବନା ସେମାନଙ୍କ ମନକୁ ଏତେ ମାତ୍ରାରେ କବଳିତ କରିବସେ ଯେ, ଧୀରେଧୀରେ କର୍ମନିଷ୍ଠା ଓ କାର୍ଯ୍ୟଦକ୍ଷତା ହ୍ରାସପାଏ। ସେଭଳି ବ୍ୟକ୍ତି କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହେଲେ ତାଙ୍କ ଅହଂ ଏହାକୁ ସ୍ୱୀକାର କରିବାକୁ ଦିଏ ନାହିଁ। ଏମିତି କି କେବଳ ଏହି ଭାବନା ଲାଗି ସେମାନେ ଅନ୍ୟ ଆଗରେ ଲଜ୍ଜିତ ନ ହେବା ଡରରେ ପୁନର୍ବାର ଚେଷ୍ଟା କରିବାରୁ ବଞ୍ଚିତ ହୁଅନ୍ତି। ତେଣୁ ଓଭର କନ୍‌ଫିଡେନ୍ସ ହୋଇ ବିଫଳତାରେ ହାର୍ ମାନି ଲକ୍ଷ୍ୟପଥରୁ ଓହରିଯିବା ଅପେକ୍ଷା ନିଜ ଲକ୍ଷ୍ୟ ସାଧନରେ କେଉଁ କାରଣ ସଫଳତାର ମାର୍ଗରେ ବାଧକ ସାଜୁଛି, ପ୍ରଥମେ ତାକୁ ଜାଣିବା ଆବଶ୍ୟକ।



**ଆଳସ୍ୟ:** ବେଳେବେଳେ ମଣିଷ ଓଭର କନ୍‌ଫିଡେନ୍ସ ଯୋଗୁ ଅଳସୁଆ ହୋଇଯାଏ। ମୁଁ ଯଥା ସମୟରେ ଏସବୁ କାର୍ଯ୍ୟ ସାରିଦେବି, ମୋ ଦ୍ୱାରା ଏହି କାର୍ଯ୍ୟ ଅସମ୍ଭବ ନୁହେଁ, ଏଥିପାଇଁ ହାତରେ ଅନେକ ସମୟ ଅଛି, ଆଜି ନ ହେଲେ କାଲି ହୋଇପାରିବ ଭାବି ଅବହେଳା କରିବସନ୍ତି। ହେଲେ ମନେରଖନ୍ତୁ ଆଳସ୍ୟ ମଣିଷର ସବୁଠାରୁ ବଡ଼ ଶତ୍ରୁ। ତେଣୁ ଓଭର କନ୍‌ଫିଡେନ୍ସ ଆଳରେ ଆଳସ୍ୟ ଯୋଗୁ ବାକି ରହିଯାଉଥିବା କାର୍ଯ୍ୟର ବୋଝ ଦିନକୁ ଦିନ ବଢ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ସମୟ ଅଭାବରୁ ତାହା ଅସମ୍ପୂର୍ଣ୍ଣ ରହିଯାଏ, ଯାହା କି ଲକ୍ଷ୍ୟ ହାସଲ କରିବାରେ ବାଧା ଉପୁଜାଇଥାଏ।

**ଆତ୍ମସମୀକ୍ଷାର ଅଭାବ:** କେତେଜଣ ନିଜ ଉପରେ ଓଭର କନ୍‌ଫିଡେନ୍ସ ଯୋଗୁ ଅନ୍ୟର କ୍ଷମତାକୁ ଅଣଦେଖା କିମ୍ବା ଅବିଶ୍ୱାସ କରିବାର ଭୁଲ କରିବସନ୍ତି। ଏମିତିକି ଅନ୍ୟମାନଙ୍କୁ ଏମାନେ ନୀଚା ଦେଖିବାକୁ ବି ପଛାନ୍ତି ନାହିଁ। ହେଲେ ଏହାଦ୍ୱାରା ସେମାନେ ନିଜର ପ୍ରତିଦ୍ୱନ୍ଦ୍ୱୀ କେତେ ଦକ୍ଷ ଜାଣିପାରନ୍ତି ନାହିଁ। ଫଳରେ ଆଜିର ପ୍ରତିଯୋଗିତାମୂଳକ ସମୟରେ ସଫଳତା ହାସଲ କରିବା ସେମାନଙ୍କ ଲାଗି କଷ୍ଟସାଧ୍ୟ ହୋଇପଡ଼େ। ତେଣୁ ସର୍ବପ୍ରଥମେ ଅନ୍ୟମାନଙ୍କୁ ଦେଖନ୍ତୁ ଏବଂ ଆତ୍ମସମୀକ୍ଷା କରନ୍ତୁ। ନିଜର ଧୈର୍ଯ୍ୟ, କ୍ଷମତା ବା ସାମର୍ଥ୍ୟ ଏବଂ ସର୍ବୋପରି ଜ୍ଞାନର ପରିସର ବଢ଼ାଇବାକୁ ଚେଷ୍ଟା କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱ ମହୁମାଛି ଦିବସ ପ୍ରଥମ ଥର ଲାଗି......... ମସିହାରେ ପାଳନ କରାଯାଇଥିଲା ?
୨– ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲିର ହେଡ୍‌କ୍ୱାର୍ଟର........... ଠାରେ ଅବସ୍ଥିତ ?
୩– ଏଫ୍‌ଆଇଇଓର ଫୁଲ୍‌ଫର୍ମ ............... ?
୪– ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା............. ?
୫– ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍ ଆର୍ ମାର୍ଟିନଙ୍କ.............. ଉପନ୍ୟାସ ଉପରେ ଆଧାରିତ ?

## ଗତ ଥରର ଉତ୍ତର

୧ ଫିଲିପାଇନ୍ସର ମାନିଲା
୨ ସମୀର ଅନ୍‌ଜାନ୍
୩ ଦୁବାଇ
୪ ଅଲିସିଆ ପୁଟେଟା
୫ ସ୍ପାନିଶ

## ଉତ୍ତରଦାତା


ମଧୁସ୍ମିତା ସେନାପତି, ଭୁବନେଶ୍ୱର


କାହ୍ନୁ ଚରଣ ବିଶୋଇ, ଗଞ୍ଜାମ


ପୂଜା ମହାନ୍ତି, ରାଜସ୍ଥାନ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲୋକପ୍ରିୟ ସେଫ୍

୧– ଜେର୍ଡନ୍ ଜେମ୍ସ ରାମ୍‌ସେ................ ବ୍ରିଟେନ୍
୨– ଜାମୀ ଓଲିଭର୍................ ଇଂଲଣ୍ଡ
୩– ଓଲ୍ଫଗ୍ୟାଙ୍ଗ୍ ପକ୍................ ଆମେରିକା/ଅଷ୍ଟ୍ରେଲିଆ
୪– ମର୍କୋ ପିରେ ହ୍ୱାଇଟ୍................ ବ୍ରିଟେନ୍
୫– ସଞ୍ଜୀବ କପୁର................ ଇଣ୍ଡିଆ
୬– ଥୋମାସ କେଲର................ ଆମେରିକା
୭– ଏମେରିଲ୍ ଲାଗାସ୍................ ଆମେରିକା
୮– ଚାର୍ଲି ଟ୍ରଟର ................ ଆମେରିକା
୯– ପଲ୍ ବୋକ୍ୟୁଜ୍................ ଫ୍ରାନ୍ସ
୧୦– ଆଣ୍ଟୋନୀ ବର୍ଡେନ୍................ ଆମେରିକା


ଜେର୍ଡନ୍ ଜେମ୍ସ ରାମ୍‌ସେ

ଯୁବ ପ୍ରତିଭା

# ସଫଳ ଫ୍ୟାଶନ ଡିଜାଇନର ହେବାର ଲକ୍ଷ୍ୟ

**'ସେଭ୍ ଦ ଓମ୍ୟାନ' ଥିମ୍‌କୁ ନେଇ ମୋ ଅଙ୍କିତ ଚିତ୍ରକୁ ଯେଉଁ ଭଳି ପ୍ରଶଂସା ମିଳିଥିଲା ତାହା ଅବର୍ଣ୍ଣନୀୟ'**

ତାଙ୍କ ଅଙ୍କିତ ସୁନ୍ଦର ଓ ନିଖୁଣ ଚିତ୍ରକଳାକୁ ଦେଖିଲେ ଯେ କେହି ବି ଆଖି ଫେରେଇ ପାରିବେନି। ବିନା ପ୍ରଶିକ୍ଷଣରେ ନିଜ କଳାକୃତିକୁ ଜୀବନ୍ତ ରୂପ ଦେଇ ସେ ନା କେବଳ ଦର୍ଶକଙ୍କ ମନ ଜିଣିଛନ୍ତି ବରଂ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ତେବେ ନିଜ ରୁଚିକୁ ନେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ଏହି ପ୍ରତିଭା ଜଣକ ହେଉଛନ୍ତି କଟକସ୍ଥିତ ଶେଖ୍ ବଜାରରେ ରହୁଥିବା ମାଆ ପ୍ରଭାସିନୀ ଓ ବାପା ଅଜୟ କୁମାର ବେହେରାଙ୍କ ପୁଅ ସ୍ୱପ୍ନଜିତ୍। ବର୍ତ୍ତମାନ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ଯୁକ୍ତ ୩ ବାଣିଜ୍ୟର ୨ୟ ବର୍ଷ ଛାତ୍ର। ଗୋଟେପଟେ ପାଠପଢ଼ା ଲାଗି ବ୍ୟସ୍ତ ରହୁଥିଲେ ସୁଦ୍ଧା ସେ ଅନ୍ୟପଟେ ନିଜର କଳା ସାଧନା ଜାରି ରଖିଛନ୍ତି। ସେ କୁହନ୍ତି, 'ପିଲାବେଳେ ଯେବେ ଚକ୍ ଧରି କାନ୍ଥ ଏବଂ ଚଟାଣରେ ଗାର ଟାଣୁଥିଲି ଜେଜେମା' ମୋତେ ତଳେ ଛୋଟ ଛୋଟ ଚିତ୍ର ଆଙ୍କି ଦେଖାଉଥିଲେ। ଯଦିଓ ଘର ଅପରିଷ୍କାର ନ ହେବା ସହ ମୋତେ ସ୍ଥିର କରି ବସାଇବା ତାଙ୍କର ଲକ୍ଷ୍ୟ ଥିଲା ହେଲେ ଧୀରେ ଧୀରେ ଏହା ହିଁ ମୋ ମନରେ ଚିତ୍ରାଙ୍କନ ପ୍ରତି ଅହେତୁକ ଆଗ୍ରହ ସୃଷ୍ଟି କରିଥିଲା। ଆଉ ସେବେଠୁ ମୁଁ ଏ ଦିଗରେ ଆଗେଇ ଚାଲିଛି ଏବଂ ସ୍କୁଲ ସମୟରୁ ବର୍ତ୍ତମାନ ସୁଦ୍ଧା ଏକାଧିକ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଭାଗ ନେଇଥିବା ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ଗୋଟିଏରେ 'ସେଭ୍ ଦ ଓମ୍ୟାନ' ଥିମ୍‌କୁ ନେଇ ମୋ ଅଙ୍କିତ ଚିତ୍ରକୁ ଯେଉଁଭଳି ପ୍ରଶଂସା ମିଳିଥିଲା ତାହା ଅବର୍ଣ୍ଣନୀୟ।' ପୂର୍ବରୁ ସେ ୱାଟର କଲର ବ୍ୟବହାର କରି ବିଭିନ୍ନ ପ୍ରକାରର ଚିତ୍ର ଆଙ୍କୁଥିଲେ। ବର୍ତ୍ତମାନ ବିଭିନ୍ନ ପ୍ରକାର ଆର୍ଟ ଶିଖିବା ଲାଗି ଗୁଗଲ୍ ଏବଂ ୟୁଟ୍ୟୁବ୍ ବେଶ୍ ସାହାଯ୍ୟ କରୁଥିବାରୁ ସେ ମଡର୍ନ ଆର୍ଟ, ଫାଇନ୍ ଆର୍ଟ, ସ୍କେଚ୍ ଆର୍ଟ ଇତ୍ୟାଦି ମଧ୍ୟ ଖୁବ୍ ସୁନ୍ଦର ଭାବେ କରିପାରୁଛନ୍ତି। ଦିନ ସାରା ପଢ଼ାପଢ଼ି ଏବଂ ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଥିବାରୁ ସେ ପେଣ୍ଟିଂ ଅଭ୍ୟାସ ଲାଗି ରାତିରୁ ୨–୩ ଘଣ୍ଟା ସମୟ ଦେଇଥାନ୍ତି। ତେବେ କୌଣସି ଟ୍ରେନିଂ ନ ନେଇ ତିନିଥର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଏବଂ ପୁରସ୍କୃତ ହେବା ମୋ ଲାଗି ଗୌରବର କଥା ବୋଲି ସେ ପ୍ରକାଶ କରନ୍ତି। ଭବିଷ୍ୟତରେ ଜଣେ ଫ୍ୟାଶନ ଡିଜାଇନର୍ ହୋଇ ଓଡ଼ିଶାର ବିଭିନ୍ନ ଟ୍ରାଡିଶନାଲ୍ ପୋଷାକକୁ ୱେଷ୍ଟର୍ନ ପୋଷାକ ସହ ଫ୍ୟୁଜନ୍ କରି କିଛି ଲାଟେଷ୍ଟ ଆଉଟ୍‌ଫିଟ୍ ପ୍ରସ୍ତୁତ କରିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ସ୍ୱପ୍ନଜିତ୍।


ସ୍ୱପ୍ନଜିତ୍ ବେହେରା

ୟୁଥ୍ ଆଲର୍ଟ

# ରୋଷେଇ କରୁଥିଲେ...

**ବର୍ତ୍ତମାନ ବଢୁଥିବା କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସମସ୍ତଙ୍କୁ ଘରେ ରହିବାକୁ ହେଉଛି । ଏମିତିରେ ଅଧିକାଂଶ ଯୁବତୀଯୁବକଙ୍କର ରୋଷେଇ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି । ହେଲେ ନୂଆନୂଆ ରୋଷେଇ କରୁଥିଲେ ଗ୍ୟାସ୍ ଚୁଲା ବ୍ୟବହାର ସମୟରେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...**



➤ନୂଆନୂଆ ରୋଷେଇ କରୁଥିଲେ ପ୍ରଥମେ ଗ୍ୟାସ୍ ଚୁଲାର ବ୍ୟବହାର ଭଲ ଭାବେ ଶିଖନ୍ତୁ। ନଚେତ୍ ଏଥିରେ ସାମାନ୍ୟ ଅସାବଧାନତା କୌଣସି ବଡ଼ ଦୁର୍ଘଟଣାର କାରଣ ସାଜିପାରେ।

➤ରେଗୁଲେଟର ଅନ୍, ଅଫ୍ କିପରି ହୁଏ ଏବଂ ଚୁଲାର ଫ୍ଲେମ୍‌କୁ କିପରି ହାଇ ଏବଂ ସିମ୍ କରାଯାଏ ବି ଜାଣନ୍ତୁ। କେଉଁ ଖାଦ୍ୟକୁ କେତେ ଅଧିକ ଆଞ୍ଚରେ ରଖାଯାଇପାରିବ ନ ଜାଣିଲେ ଆପଣଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ହୁଏତ ପୋଡ଼ିଯାଇପାରେ ଅବା କଞ୍ଚା ରହିଯାଇପାରେ।

➤ପ୍ରତିଥର ରୋଷେଇ କରିବା ପରେ ଚୁଲା ସହିତ ରେଗୁଲେଟର ବନ୍ଦ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହି ସାମାନ୍ୟ ଅବହେଳା ଲାଗି କେତେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିବାର ନଜିର ରହିଛି।

➤ଯଦି ରୋଷେଇ କରିବା ସମୟରେ କିମ୍ବା ଚୁଲା ବନ୍ଦ କରିବା ବେଳେ ଗ୍ୟାସ୍‌ର ଗନ୍ଧ ଆସୁଛି ତେବେ ଏହାକୁ ଅବହେଳା ନ କରି ଘରେ ଗ୍ୟାସ୍‌ର ବ୍ୟବହାର ଭଲ ଭାବେ ଜାଣିଥିବା କୌଣସି ସଦସ୍ୟଙ୍କ ପରାମର୍ଶ ନିଅନ୍ତୁ। ଆବଶ୍ୟକ ହେଲେ କଷ୍ଟମର କେୟାର ସର୍ଭିସ୍‌କୁ ଫୋନ୍ କରି ଏହାର ସମାଧାନ କରନ୍ତୁ।

➤ଅନେକେ ଏହି ଲକ୍‌ଡାଉନ୍ ସମୟରେ ୟୁଟ୍ୟୁବ୍‌ରୁ ନୂଆନୂଆ ରୋଷେଇ ଆଇଟମ୍ ଶିଖି ପ୍ରସ୍ତୁତ କରୁଛନ୍ତି। ଯଦି ଆପଣ ବି ୟୁଟ୍ୟୁବ୍ ଦେଖି ରୋଷେଇ କରୁଛନ୍ତି, ଅନ୍ୟମନସ୍କ ଆଦୌ ହୁଅନ୍ତୁ ନାହିଁ। କାରଣ ଏହା ମଧ୍ୟ ବିପଦପୂର୍ଣ୍ଣ। ତେଣୁ ଯେଉଁ ଆଇଟମ୍ ରାନ୍ଧିବେ ପ୍ରଥମେ ୟୁଟ୍ୟୁବ୍‌ରୁ ଭଲ ଭାବେ ଦେଖି ନିଅନ୍ତୁ ଏବଂ ଯଦି ମନେ ନ ରହୁଛି ତେବେ ଏହାର ଆବଶ୍ୟକ ସାମଗ୍ରୀ ଓ ପ୍ରସ୍ତୁତି ପ୍ରଣାଳୀ ଲେଖି ନିଅନ୍ତୁ, ଆପଣଙ୍କୁ ରୋଷେଇ କରିବା ସୁବିଧା ହେବ।

➤ନୂଆନୂଆ ରୋଷେଇ ଆଇଟମ୍‌କୁ ନେଇ ଏକ୍ସପେରିମେଣ୍ଟ କରିବା ସହ ଏହାର ବିଭିନ୍ନ ଫଟୋ ଉଠାଇ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବା ଯେମିତି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କର ନିଶା ପାଲଟି ଯାଇଛି। ହେଲେ ରୋଷେଇ କରିବା ସମୟରେ ଫଟୋ ଉଠାଇବା କିମ୍ବା ଭିଡିଓ ଆଦି କରିବା ଦ୍ୱାରା ବେଳେବେଳେ ଖାଦ୍ୟ ପୋଡ଼ିଯିବା କିମ୍ବା ନିଆଁ ଅନ୍ୟ ଆଡ଼କୁ ମାଡ଼ି ପାଖରେ ଥିବା ସାମଗ୍ରୀକୁ ଲାଗିଯାଇ ଦୁର୍ଘଟଣା ଘଟିଥାଏ। ଏଥିପ୍ରତି ସତର୍କ ରହିବା ଆବଶ୍ୟକ।

➤ସେହିପରି ରାନ୍ଧିବା ସମୟରେ କ'ଣ ନୂଆ କରୁଛି ସାଙ୍ଗସାଥୀଙ୍କୁ ଜଣାଇବା ଲାଗି ଫୋନ୍‌ରେ ଗପିବାର ବଦଭ୍ୟାସ କେତେକଙ୍କର ରହିଛି। ଏହାଦ୍ୱାରା ବି ରୋଷେଇରୁ ଧ୍ୟାନ ହଟି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଥିପ୍ରତି ସଜାଗ ରୁହନ୍ତୁ। ନିହାତି କଥା ହେବାର ଥିଲେ ରୋଷେଇ ପୂର୍ବରୁ କିମ୍ବା ସରିବା ପରେ କଥା ହୁଅନ୍ତୁ ଅବା ଚୁଲା ବନ୍ଦ କରି କଥା ହୁଅନ୍ତୁ।



## କ୍ୱାରାଣ୍ଟାଇନ୍ ସେଣ୍ଟର ଅନ୍ତେବାସୀଙ୍କୁ ସର୍ପ ଦଂଶନ

ବ୍ରହ୍ମଗିରି,(ଡି.ଏନ.ଏ): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁସୁବେଣ୍ଟି ପଞ୍ଚାୟତ ଅଧୀନ ଗୋଲରାସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଜଣେ ଅନ୍ତେବାସୀ ଶନିବାର ରାତିରେ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ଚିକିତ୍ସାଳୟ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଫଳରେ ଅନ୍ୟ ଅନ୍ତେବାସୀ ଭୟଭୀତ ହୋଇ ପଡ଼ିଛନ୍ତି।

## ସଂକ୍ଷେପରେ

### ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)- ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚାରଣ କରିବା ସହ ହତ୍ୟା ଧକମ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା(୩୮)। ସୂଚନା ମୁତାବକ ୟୁନିଟ ୯ ଭଗବତୀ ବସ୍ତିରେ ରହୁଥିବା ପୂର୍ଣ୍ଣଚନ୍ଦ୍ରଙ୍କ ଉକ୍ତ ବସ୍ତିରେ ରହୁଥିବା ଜଣେ ମହିଳାଙ୍କ ପରିବାର ସହ ପୂର୍ବଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ର କରି ପୂର୍ଣ୍ଣଚନ୍ଦ୍ର ଅନେକ ସମୟରେ ଯୁବତୀଙ୍କୁ ରାସ୍ତାରେ ଅଶ୍ଳୀଳ କମେଣ୍ଟ ମାରିବା ସହ ନାନଦି ହଇରାଣ ହରକତ କରୁଥିଲେ। ଏ ନେଇ ଯୁବତୀଙ୍କ ପରିବାର ଲୋକ ଥାନରେ ଅଭିଯୋଗ ଦେବା ପରେ ପୋଲିସ ୬୮/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିବା ସହ ପଚରା ଉଚରା ପରେ ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଖୋର୍ଦ୍ଧା ଅଫିସ,୨୩।୫: ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଓସିସି ଛକରେ ଶନିବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହାଡ଼ପଦା ଗ୍ରାମର ବିକ୍ରମ ପାତ୍ର। ସୂଚନା ଅନୁଯାୟୀ, ବିକ୍ରମ ବାଇକରେ ଅପରାହ୍ନରେ ତାପଙ୍ଗରୁ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ମାଲବାହୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିକ୍ରମ ବାଇକ୍‌ରୁ ଛିଟିକି ରାସ୍ତାରେ ପଡିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ବିକ୍ରମଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବ୍ରହ୍ମଗିରି, ୨୩।୫(ଡି.ଏନ.ଏ):ବ୍ରହ୍ମଗିରି ଥାନା ଅଧିନ ସାତପଡା ଫାଣ୍ଡି ଅନ୍ତର୍ଗତ ବାଘମୁଣ୍ଡା ନୁଆଗାଁରେ ଶନିବାର ଜଣେ ନାବାଳକ (୭)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ରାଜକିଶୋର ମହାପାତ୍ରଙ୍କ ପୁଅ ଆକାଶ ମଧ୍ୟାହ୍ନ ସମୟରେ ଗାଧେଇବା ପାଇଁ ଘର ପଛପାଖ ପୋଖରୀକୁ ଯାଇଥିଲେ। ସେ ଗାଧୋଉଥିବା ସମୟରେ ପାଣି ଭିତରେ ଗୋଡ଼ ଖସିଯାଇଥିଲା। ଦ୍ୱିପ୍ରହର ସମୟ ହେତୁ ପୋଖରୀ ନିକଟରେ କେହି ନ ଥିବାରୁ ଘଟଣା ବିଷୟରେ କେହି ଜାଣି ପାରି ନ ଥିଲେ। ଦୀର୍ଘ ସମୟ ଧରି ପୁଅ ଘରକୁ ନ ଫେରିବାରୁ ଘର ଲୋକେ ବହୁ ଖୋଜାଖୋଜି କରିବାରେ ପୋଖରୀ ଭିତରେ ଆକାଶଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। ତାଙ୍କୁ ବ୍ରହ୍ମଗିରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ସଦର ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଘରକୁ ଫେରିବେ ବାହାର ରାଜ୍ୟ ଶ୍ରମିକ

- ଭୁବନେଶ୍ୱର ନ୍ୟୁ ଷ୍ଟେଶନରୁ ଆଜିଠୁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍
- ୧୨ଶହ ଶ୍ରମିକଙ୍କୁ ନେଇ ଉତ୍ତରପ୍ରଦେଶ ଯିବ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ଓଡ଼ିଶାରେ ଫସିରହିଥିବା ବାହାର ରାଜ୍ୟର ଶ୍ରମିକ ଏବେ ନିଜ ଘରକୁ ଫେରିବେ। ଏଥିପାଇଁ ରବିବାରଠାରୁ ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ପ୍ରତ୍ୟେକ ଦିନ ଉତ୍ତରପ୍ରଦେଶ ଯାତ୍ରା କରିବ। ପାଖାପାଖି ୧୨ଶହ ଶ୍ରମିକଙ୍କୁ ନେଇ ଏହି ଟ୍ରେନ୍ ଯାତ୍ରା କରିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୂଚନା ଦେଇଛି। ରାଜ୍ୟ ଶ୍ରମ ବିଭାଗ ଜାରି କରିଥିବା ଏହି ନିର୍ଦ୍ଦେଶନାମାକୁ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ବିଏମ୍‌ସି ମିଳିତ ଭାବେ ପାଳନ କରି ରାଜ୍ୟ ବାହାରର ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇବେ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି।

ଶନିବାର ଏନେଇ ବିଏମ୍‌ସି ଅଧିକାରୀ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ବୈଠକ ହୋଇଛି। ରାଜ୍ୟର ଅନ୍ୟ ଜିଲାରୁ ପର୍ଯ୍ୟାୟକ୍ରମେ ରାଜ୍ୟ ବାହାରର ଶ୍ରମିକଙ୍କୁ ଭୁବନେଶ୍ୱର ଅଣାଯିବ। ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ନନ୍ଦନକାନନ ସ୍କୁଲ ପରିସରରେ ରଖାଯିବ। ପରେ ନ୍ୟୁ ଭୁବନେଶ୍ୱର ଷ୍ଟେଶନରୁ ସେମାନଙ୍କ ନିଜ ରାଜ୍ୟକୁ ପଠାଯିବ। କୌଣସି ଶ୍ରମିକ ଯାତ୍ରାର ପୂର୍ବ ରାତିରେ ପହଞ୍ଚିଲେ, ସେମାନଙ୍କୁ ବିଏମ୍‌ସି ଜଳଖିଆ ଦେବ। ଶ୍ରମ ବିଭାଗ ଷ୍ଟେଶନରେ ସେମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରିବ। ଶ୍ରମିକମାନେ ଟ୍ରେନ୍‌ରେ ଚଢ଼ିବା ବେଳେ ଓ ଯାତ୍ରା କଲାବେଳେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଜିଆରପି ଥାନା ସହ ଭୁବନେଶ୍ୱର ରେଳ କର୍ତ୍ତୃପକ୍ଷଙ୍କ ଆଲୋଚନା ହୋଇଛି। ଯାତ୍ରା ବେଳେ ଥିବା ପ୍ରାବଧାନ ସମ୍ପର୍କରେ ପୂର୍ବତଟ ରେଳପଥ ଯାତ୍ରୀଙ୍କୁ ଲିଫ୍‌ଲେଟ୍ ଦେବ।

# ସ୍ୱାସ୍ଥ୍ୟକର୍ମୀ ହିଁ କୋଭିଡ୍ ଯୁଦ୍ଧର ମୁଖ୍ୟ ସମ୍ପଦ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

**କରୋନା କ୍ରିଟିକାଲ କେୟାର ୫ମ ବ୍ୟାଚର ଉଦ୍‌ଯାପନୀ ଉତ୍ସବ**

କଟକ ଅଫିସ୍,୨୩।୫

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୫ମ ପର୍ଯ୍ୟାୟରେ ୭୨ ଜଣ ଡାକ୍ତରଙ୍କୁ କରୋନା କ୍ରିଟିକାଲ କେୟାର ତାଲିମ ଦିଆଯାଇଛି। ତାଲିମରେ ଅଂଶଗ୍ରହଣ କରିଥିବା ଡାକ୍ତରମାନଙ୍କୁ କୋଭିଡ ଯୁଦ୍ଧର ମୁଖ୍ୟ ସମ୍ପଦ ବୋଲି ଶନିବାର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଛନ୍ତି। ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ, ଏସ୍‌ସିବି ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ଡା. ଏମ୍.ଆର୍. ପଟ୍ଟନାୟକ, ନିଶ୍ଚେତକ ବିଭାଗର ଡା. ନିବେଦିତା ପାଣି, ଡା. ଦୈତାରୀ ରାଉତରାୟ, ଡିଏମ୍‌ଇଟି ସହ ନିର୍ଦ୍ଦେଶକ ଡା. ବ୍ରଜ କିଶୋର ଦାସ, ସମ୍ ଅଲଟିମାର ଡା. ବାନାମ୍ବର ରାୟ, ଓମ୍‌ସାର ସମ୍ପାଦକ ନାରାୟଣ ରାଉତ ଓ ରାଜ୍ୟ ସରକାରଙ୍କ କୋଭିଡ ମୁଖପାତ୍ର ଡା. ଜୟନ୍ତ ପଣ୍ଡା ଉପସ୍ଥିତ ଥିଲେ।

## ପ୍ରଶାସନିକ ଅଧିକାରୀଙ୍କ ସମେତ ୪୨ ସ୍ୱାବ୍ ସଂଗ୍ରହ

ନରାଜ, ୨୩।୫(ଡି.ଏନ୍.ଏ.)

କଟକ ଜିଲା ବାରଙ୍ଗ ବ୍ଲକର ବିଭିନ୍ନ ପ୍ରଶାସନିକ ଅଧିକାରୀ, ହୋମ କ୍ୱାରଣ୍ଟାଇନ୍‌ରେ ଥିବା ପ୍ରବାସୀ ଓ ନରାଜ-ମାର୍ଥାପୁର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରବାସୀମାନଙ୍କଠାରୁ ଶନିବାର ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ଏହି ଅବସରରେ ମୋଟ୍ ୪୨ ଜଣଙ୍କଠାରୁ ନମୁନା ସଂଗ୍ରହ କରାଯାଇଛି। ସେମାନଙ୍କ ମଧ୍ୟରେ ବାରଙ୍ଗ ଥାନାର ୯ ଓ ବ୍ଲକ କାର୍ଯ୍ୟାଳୟର ୩ ଜଣ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଅପରପକ୍ଷେ ବାରଙ୍ଗ ବ୍ଲକର ୩୨ ଓ ୩୩ ନଂ ଜୋନର ସଙ୍ଗରୋଧ କେନ୍ଦ୍ରରେ ଥିବା ୩୯ ଜଣଙ୍କ ସ୍ୱାବ୍ ନମୁନା ରିପୋର୍ଟ ନେଗଟିଭ ଆସିବା ସହ କ୍ୱାରାଣ୍ଟାଇନ୍ ଅବଧି ଶେଷ ହୋଇଛି। ଏହାପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି।

## ବାଲିପାଟଣାରେ ୨ କରୋନା ପଜିଟିଭ

ବାଲିପାଟଣା, ୨୩।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅଞ୍ଚଳରେ ଶନିବାର ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି। ବାଲିପାଟଣା ଅଞ୍ଚଳର ଉକ୍ତ ଦୁଇ ଯୁବକ ହାଇଦ୍ରାବାଦରୁ ଫେରିବା ପରେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଏମାନଙ୍କ ସ୍ୱାବ୍ ପରୀକ୍ଷା ହେବା ପରେ ପଜିଟିଭ ଥିବା ଜଣାପଡ଼ିଥିଲା। ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ମନୋରଞ୍ଜନ ହାତୀ ଓ ଅତିରିକ୍ତ ତହସିଲଦାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଦୁଇଜଣଙ୍କୁ ଚିକିତ୍ସା ନିମନ୍ତେ ଶନିବାର ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି।

## ପରୀକ୍ଷା ପାଇଁ ଗଲା ୮୦ ସ୍ୱାବ

ଖୁଣ୍ଟୁଣୀ, ୨୩।୫(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଶନିବାର ୮୦ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି। ଆଠଗଡ଼ ବ୍ଲକର ଖୁଣ୍ଟୁଣୀ, କଣ୍ଡରେଇ, କୁସପଙ୍ଗୀ, ରାଧାକିଶୋରପୁର, ଡାଳଭାଗ, କୁଲାଇଲୋ, ଯୋରନ୍ଦା, ମଞ୍ଜେଶ୍ୱର, ଅନନ୍ତପୁର, ଦୋରଡ଼, କୁମାରପୁର, ଗୋବରା, ଛଅଗାଁ, ଗୁରୁଡ଼ିଝାଟିଆ ଆଦି ପଞ୍ଚାୟତରେ ଥିବା ସମସ୍ତ କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିବା ପ୍ରବାସୀମାନଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା କରି ଗୋପୀନାଥପୁର ବିଦ୍ୟାଳୟକୁ ଅଣାଯାଉଛି।

## ୨.୨୫ ଲକ୍ଷ ଦେଲା ଜୀବନବୀମା ନିଗମ ବିକାଶ ଅଧିକାରୀ ସଂଘ

ଭୁବନେଶ୍ୱର, ୨୩।୫(ବ୍ୟୁରୋ): କରୋନା ମୁକାବିଲା ପାଇଁ ଭାରତୀୟ ଜୀବନବୀମା ନିଗମ ଅଧିକାରୀ ସଂଘ (ନ୍ୟାସନାଲ ଫେଡେରେଶନ ଅଫ୍ ଇନ୍ସୁରାନ୍ସ ଫିଲ୍ଡ ୱାର୍କର୍ସ ଅଫ୍ ଇଣ୍ଡିଆ), କଟକ ଡିଭିଜନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ଦେଇଛି । ସାଧାରଣ ସମ୍ପାଦକ ବିଜୟ ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଶନିବାର ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ଏହି ଅର୍ଥ ଦିଆଯାଇଛି।


ଲକ୍‌ଡାଉନ କଟକଣା କୋହଳ ହେବା ପରେ କଟକ ସହରରେ ପୁଣି ଗୁପ୍‌ଚୁପ୍ ବିକାଳି ପସରା ଧରି ଶନିବାର ବେପାର ପାଇଁ ବାହାରିଛନ୍ତି ।

## ନିମାପଡ଼ାରେ ହେବ କୋଭିଡ୍ କେୟାର

ନିମାପଡ଼ା, ୨୩।୫(ଡି.ଏନ.ଏ)

ମହାମାରୀ କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ନିମାପଡ଼ା କଲେଜ ନିକଟରେ ସରକାରୀ ପକ୍ଷରୁ ଖୁବଶୀଘ୍ର ବ୍ଲକସ୍ତରୀୟ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରାଯିବ। ଏଥିନିମନ୍ତେ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ(ଏଡିଏମ୍) ବିନୟ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୁ ପ୍ରସାଦ ମହାନ୍ତି, ନିମାପଡ଼ା ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ ସମେତ ବହୁ ପଦାଧିକାରୀ ଶନିବାର କେୟାର ସେଣ୍ଟର ନିମନ୍ତେ ସ୍ଥାନ ନିରୂପଣ କରି ଭିତ୍ତିଭୂମି ପରଖିଥିଲେ। ଏହା ୮୦ ଶଯ୍ୟା ବିଶିଷ୍ଟ ହେବାକୁ ଥିବାବେଳେ ଥଣ୍ଡା, ଜ୍ୱର, ଛିଙ୍କ, କାଶ ଥିବା ଲୋକଙ୍କ କୌଣସି ଲକ୍ଷଣ ଦେଖାଗଲେ ଏଠାରେ ଚିକିତ୍ସିତ ହେବେ। ଏଥି ନିମନ୍ତେ ସରକାରଙ୍କ ପକ୍ଷରୁ ସେଣ୍ଟରରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପାରା ମେଡିକାଲ କର୍ମଚାରୀମାନେ ନିଯୁକ୍ତ ହେବେ ବୋଲି ନିଷ୍ପତ୍ତି ହୋଇଛି। ଏହି ସେଣ୍ଟର ପ୍ରତିଷ୍ଠା ନିମନ୍ତେ ସରକାର ତଥା ପୁରୀ ଜିଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ହୋଇଛି।

## ୨୪ ଘଣ୍ଟା ପାଇଁ ଶଟ୍‌ଡାଉନ କଲେ ସରପଞ୍ଚ

ବାରଙ୍ଗ, ୨୩।୫(ଡି.ଏନ୍.ଏ.): ଭୁବନେଶ୍ୱର ବ୍କ ଅନ୍ତର୍ଗତ କଳାରାହଙ୍ଗ ପଞ୍ଚାୟତର ସରପଞ୍ଚ ପଙ୍କଜିନି ଦଳପତି ଶନିବାର ନିଜ ପଞ୍ଚାୟତରେ ଥିବା ସମସ୍ତ ପରିବାହାଟ ଓ ବଜାର ଅଞ୍ଚଳକୁ ୨୪ ଘଣ୍ଟା ପାଇଁ ଶଟଡାଉନ ଘୋଷଣା କରିଛନ୍ତି। ଏହା ଶନିବାର ସକାଳ ୬ରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ପଞ୍ଚାୟତ ଅଧୀନରେ ଥିବା ପରିବାହାଟ ଉପରେ ରାଜଧାନୀ ଉପକଣ୍ଠ ୫ ପଞ୍ଚାୟତବାସୀ ନିର୍ଭର କରୁଥିବାରୁ ଏଠାରେ ପ୍ରବଳ ଭିଡ଼ ରହୁଛି। ଏହାସହ ଶୁକ୍ରବାର ଏହି ପଞ୍ଚାୟତ ସନ୍ନିକଟ କଳାଝରୀ ଗ୍ରାମରେ କାର୍ଯ୍ୟରତ ଜଣେ ଯୁବକଙ୍କ ପଜିଟିଭ ବାହାରିଥିବାରୁ ଗ୍ରାମର ମୁଖ୍ୟରାସ୍ତାକୁ ଗ୍ରାମବାସୀ ସିଲ କରିଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଶନିବାର ସକାଳୁ କଳାରାହଙ୍ଗ ସରପଞ୍ଚ ଜିଲାପାଳଙ୍କ କ୍ଷମତା ବ୍ୟବହାର କରି ଶଟଡାଉନ ଘୋଷଣା କରିଛନ୍ତି। ସରପଞ୍ଚଙ୍କ ଏହି ପଦକ୍ଷେପକୁ ନାଏବ ସରପଞ୍ଚ ନିବାସ ମହାଭୋଇ, ସଞ୍ଜୟ ପତି, ପ୍ରଦୀପ ଦାସ, ଅରୁ ସାହୁଙ୍କ ସମେତ ମୁରବୀମାନେ ସ୍ୱାଗତ କରିଛନ୍ତି।

## ମେଡିକାଲ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ

କଟକ ଅଫିସ୍, ୨୩।୫

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ୭୪ତମ ପ୍ରତିଷ୍ଠା ଦିବସ ଏସ୍‌ସିବି ପରିସର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସାଧାରଣ ସମ୍ପାଦକ ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଏସ୍‌ସିବି ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ ଓ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଯୁଗ୍ମ ସମ୍ପାଦକ ଗଗନ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଅଭିମନ୍ୟୁ ବହିରା, ରାମଚନ୍ଦ୍ର ପ୍ରଧାନ, ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ଅଶ୍ୱିନୀ ସେଠୀ, ଯୁଗ୍ମ ସମ୍ପାଦକ ରବିନାରାୟଣ ଦେହୁରୀ, ଯୁଗ୍ମ ସମ୍ପାଦିକା ସୁବାସିନୀ ଦେଇ, କୋଷାଧ୍ୟକ୍ଷ ଶ୍ରୀଚନ୍ଦନ ପ୍ରଧାନ ଉପସ୍ଥିତ ଥିଲେ।

## ସୁନିଆଁମୁହଁ ଜଙ୍ଗଲରୁ ଆହତ ହରିଣ ଉଦ୍ଧାର

ଖୁଣ୍ଟୁଣୀ, ୨୩।୫(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲରୁ ଚାଲିଆସିଥିବା ଏକ ୪ ବର୍ଷର ଆହତ ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ପାଣି ପିଇବା ପାଇଁ ଗ୍ରାମକୁ ଆସୁଥିବାବେଳେ ତାକୁ କୁକୁର କାମୁଡ଼ି ଥିଲେ। ହରିଣଟି ଗ୍ରାମର ଜଣଙ୍କ ଘରେ ପଶିଯାଇଥିଲା। ଘରଲୋକ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରାଙ୍କୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିଲେ।

## ଛାତ୍ରୀଛାତ୍ରଙ୍କ ଫି' ଛାଡ଼ ପାଇଁ ଏବିଭିପିର ଦାବି

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୨୩।୫: ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସମସ୍ତ ଫି' ଛାଡ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି। ଲକ୍‌ଡାଉନ୍‌ରେ ସମସ୍ତେ ପ୍ରଭାବିତ। କିଛିଦିନ ତଳେ କେନ୍ଦ୍ର ସରକାର ୨୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ ଘୋଷଣା କରିଥିଲେ। ମାତ୍ର ଶିକ୍ଷା କ୍ଷେତ୍ରରେ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସଙ୍ଗଠନର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି। ଏହି ପରିପ୍ରେକ୍ଷୀରେ ସଙ୍ଗଠନ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ୨ଟି ଦାବି କରାଯାଇଛି। ଶିକ୍ଷା କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ସହ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଏକ ବର୍ଷ ପାଇଁ ସମସ୍ତ ଫି' ଛାଡ଼ କରିବା ଦାବି ହୋଇଛି।

## ଯୁବକଙ୍କୁ ବନ୍ଧୁକ ଦେଖାଇ ଅପହରଣ

ଭୁବନେଶ୍ୱର, ୨୩।୫(ବ୍ୟୁରୋ):

ଧାର ଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ ଅପହରଣ କରାଯାଇଥିବା ନେଇ ଶନିବାର ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ଅପହୃତ ଯୁବକଙ୍କ ଭାଇ ଶୁଭେନ୍ଦୁ ଶତପଥୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୮/୨୦) ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଏୟାରଫିଲ୍ଡ ଥାନା ସୁନ୍ଦରପଦା ନିକଟରେ ଶୁଭେନ୍ଦୁ ପରିବାର ସହ ରୁହନ୍ତି। ଶୁକ୍ରବାର ସକାଳେ ଶୁଭେନ୍ଦୁ ଏବଂ ତାଙ୍କ ଭାଇ ସୁମନ ଘର ନିକଟରେ ଥିବା ଫୁଟବଲ୍ ପଡ଼ିଆରେ ବସିଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର କେତେଜଣ ଯୁବକ ସେଠାରେ ପହଞ୍ଚି ସେମାନଙ୍କୁ ମାଡ଼ ମାରିବା ସହ ୫ହଜାର ୫ଶହ ଟଙ୍କା, ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏହାପରେ ସୁମନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ଅପହରଣ କରି ନେଇଥିଲେ। ଖବରପାଇ ଅପହୃତ ଯୁବକଙ୍କ ଦାଦା ସମ୍ପୃକ୍ତ ଯୁବକମାନଙ୍କ ନିକଟରେ ପହଞ୍ଚି ଅନୁରୋଧ କରିବା ପରେ ସେମାନେ ତାଙ୍କୁ ଛାଡିଥିଲେ। ଏନେଇ ଏୟାରଫିଲ୍ଡ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି, ଧାର ଟଙ୍କା ମାଗିବାକୁ ନେଇ ଏହି ଗଣ୍ଡଗୋଳ ହୋଇଛି। ହେଲେ ଅଭିଯୋଗକାରୀଙ୍କ ବୟାନରେ ତାଳମେଳ ରହୁନି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ୪୦୦ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

ଲକ୍‌ଡାଉନ୍ ସକାଶେ ଗତ ଦୁଇ ମାସ ହେବ ଗରିବ ତଥା ଦିନ ମଜୁରିଆମାନେ କାମ ଧନ୍ଦା ନ ପାଇ ଘରେ ବସି ରହୁଛନ୍ତି। ଭୁବନେଶ୍ୱର ୱାର୍ଡ ନଂ ୩୭ର ଭୋଇ ସାହି ଏବଂ ଆଖଣ୍ଡଳମଣି ବସ୍ତିରେ ରହୁଥିବା ଗରିବ ଓ ଖଟିଖିଆ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଦୁଇ ବସ୍ତିର ୪୦୦ ପରିବାରଙ୍କୁ ଏହି ଖାଦ୍ୟ ବଣ୍ଟନ କରାଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ତତ୍ତ୍ୱାବଧାନରେ ମଧ୍ୟ ନିର୍ବାଚନ ମଣ୍ଡଳୀର ସଭାପତି ରବୀନ୍ଦ୍ର ଛେଟରାୟ, କ୍ରୀଡ଼ାବିତ୍ କ୍ଷୀରୋଧ ବେହେରା, ନବକିଶୋର ବେହେରା, ନିଖିଳ ବଳବନ୍ତରାୟ, ରମାକାନ୍ତ ସାମନ୍ତରାୟ ଏହି ଖାଦ୍ୟ ବଣ୍ଟନ କରିଛନ୍ତି।

# 'ଯମୁନା ଗାଧୁଆ ଐତିହ୍ୟକୁ ଲୋପ କରା ନ ଯାଉ'

ପୁରୀ ଅଫିସ, ୨୩।୫

ଶ୍ରୀକ୍ଷେତ୍ରରେ ଏକ ନିଆରା ପରମ୍ପରା ହେଉଛି 'ଯମୁନା ଗାଧୁଆ'। ବହୁ ପୁରାତନ କାଳରୁ ଏହି ପରମ୍ପରା ଚାଲିଆସୁଛି। ହେଲେ ଏକ ପ୍ରକଳ୍ପ ଯୋଗୁ ଏହା ବନ୍ଦ ହେବାକୁ ବସିଛି। ଏଭଳି ପୁରାତନ ଐତିହ୍ୟକୁ ଲୋପ କରା ନ ଯାଇ ବରଂ ପ୍ରୋତ୍ସାହନ ଦିଆଯିବା ଦରକାର ବୋଲି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଶନିବାର ବାସେଳିସାହିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଐତିହ୍ୟ ସହର ପୁରୀ। ଯମୁନା ନଦୀ ରୂପେ କଳ୍ପିତ ମଙ୍ଗଳା ନଦୀ କୂଳରେ ଯମୁନା ଗାଧୁଆ ପରମ୍ପରା ଦୀର୍ଘବର୍ଷ ହେବ ରହିଆସିଛି। ସେଠାରେ ନୀତି ହୁଏ, ମେଳା ଲାଗେ, ଦୋକାନ ବଜାର ବସେ। ଏକ ପ୍ରକଳ୍ପ ପାଇଁ ଏହି ଜାଗାକୁ ପ୍ରଶାସନ ଘରୋଇ ସଂସ୍ଥାକୁ ପ୍ରଦାନ କରିଛନ୍ତି। ବିକାଶକୁ ଆମେ ବିରୋଧ କରୁନାହୁଁ। ମାତ୍ର ପ୍ରକଳ୍ପ ପାଇଁ ଅନ୍ୟ ଜାଗା ଦିଆଯାଉ। ସଂସ୍କୃତି, ପରମ୍ପରା ଆମ ପରିଚୟ। ଏହାକୁ ଲୋପ କରା ନ ଯାଉ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି।

ଯମୁନା ଗାଧୁଆ ଭଳି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ଲାଗି ମିଳିତ ପ୍ରଚେଷ୍ଟା ହେବା ଦରକାର ବୋଲି ମୁଦଲି ଜାଗା ସଭାପତି ସୌମେନ୍ଦ୍ର ମୁଦାଲି କହିଛନ୍ତି। ଶ୍ରୀକୃଷ୍ଣଙ୍କ ଜନ୍ମରାତ୍ରରୁ ତା' ପରଦିନ ଅର୍ଥାତ ଦୁଇଦିନ ଧରି ଯମୁନା ଗାଧୁଆ ପରମ୍ପରା ଚାଲେ। ମଙ୍ଗଳା ନଦୀ ବା ଯମୁନା ନଦୀ କୂଳରେ ଏହି ଉତ୍ସବ ପାଳନ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ପରେ ଯମୁନା ନଦୀରେ ନନ୍ଦୋତ୍ସବ ପାଳନ ହୋଇଥାଏ। ଏହି ସମୟରେ ସାତସାହି ବୟାଳିଶ କନ୍ଦିରୁ ତଥା ପଞ୍ଚକୋଶରୁ ବହୁ ଭକ୍ତଙ୍କ ସମାଗମ ହୁଏ। ସେମାନେ ଏଠାରେ ବୁଡ଼ ପକାଇଥାନ୍ତି। ଏଥିସହ ନାଗାମେଢ଼, ବାଡ଼ିଖେଳ, ଲଉଡ଼ି ଖେଳ, ସମରକଳା, ଗୋଟିପୁଅ ନୃତ୍ୟ ଆଦି ଅନୁଷ୍ଠିତ ହୁଏ। ପାଲା, ଦାସକାଠିଆ, ସଂକୀର୍ତ୍ତନ ମଧ୍ୟ କରାଯାଏ ବୋଲି ମୁଦାଲି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି ।

# ଏଥର ବି କଲବଲ କରିବ ଜଳବନ୍ଦୀ ସମସ୍ୟା

**ବିଏମ୍‌ସିର ଚିନ୍ତା ବଢ଼ିଲା**

- ୨୬ ସ୍ଥାନରେ ଡ୍ରେନ୍ ନିର୍ମାଣାଧୀନ, ୯୧ଟିର ସରିଛି ଟେଣ୍ଡର
- ୧୦୦୦ କୋଟି ପ୍ୟାକେଜ୍‌ରୁ ଖର୍ଚ୍ଚ ହୋଇଛି ୧୦% ଅର୍ଥ
- ପୁଣି ପମ୍ପ ଭରସାରେ ହେବ ମୌସୁମୀ ମୁକାବିଲା
- ସ୍ୱଳ୍ପ କର୍ମଚାରୀରେ ପଙ୍କୋଦ୍ଧାର କାର୍ଯ୍ୟ ବିଳମ୍ବ

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

ଏଥର ବି ବର୍ଷାଋତୁରେ ରାଜଧାନୀବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବେ। କାରଣ ଏଯାବତ୍ ଭୁବନେଶ୍ୱରରେ ନୂତନ ଡ୍ରେନ୍ ନିର୍ମାଣ, ପୁରୁଣା ଡ୍ରେନର ପୁନରୁଦ୍ଧାର ଓ ପଙ୍କୋଦ୍ଧାର କାର୍ଯ୍ୟ ସରିବାର ତ ଦୂରର କଥା, ଅଧା ମଧ୍ୟ ହୋଇନାହିଁ। ସହରର ୨୬ଟି ସ୍ଥାନରେ ନୂଆ ଡ୍ରେନ୍ ନିର୍ମାଣାଧୀନ ଥିବାବେଳେ ୯୧ଟି ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ହେଲେ କରୋନା ଯୋଗୁ ୩ ମାସ ହେବ ଟେଣ୍ଡର ପାଇଥିବା ସମ୍ପୃକ୍ତ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିପାରି ନାହିଁ। ଫଳରେ ଚଳିତ ଥର ଭୁବନେଶ୍ୱରବାସୀ ପୁଣି ଜଳବନ୍ଦୀ ସମସ୍ୟାରେ କଲବଲ ହେବା ଆଶଙ୍କା ପ୍ରକାଶ ପାଇଛି।


ପଙ୍କୋଦ୍ଧାର କାର୍ଯ୍ୟ ଚାଲିଛି ।

ଭୁବନେଶ୍ୱରରେ ଏବେ ବର୍ଷା ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଗତ ୧୯ ଓ ୨୦ ତାରିଖ ଦୁଇଦିନ ଧରି ୩୬ ଘଣ୍ଟାରେ ବାତ୍ୟା 'ଅମ୍ଫନ' ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ଏହାର ଉଦାହରଣ। ଲଗାଣ ବର୍ଷା ଯୋଗୁ ସହରର ତଳି ଅଞ୍ଚଳରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। ଅବଶ୍ୟ ଏଭଳି ସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପମ୍ପ ଯୋଗାଡ଼ କରି ପୂର୍ବରୁ ପ୍ରସ୍ତୁତ ଥିଲା। ମାତ୍ର ସହରର ଜଳବନ୍ଦୀ ସମସ୍ୟା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। ମୌସୁମୀ ଆସିବା ପରେ ଲଗାଣ ବର୍ଷା ହେବ। ତେଣୁ ସେ ସମୟରେ ଜଳବନ୍ଦୀ ସମସ୍ୟା କିପରି ଦୂର କରାଯିବ ସେନେଇ ବିଏମ୍‌ସିର ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଏନେଇ ବିଏମ୍‌ସି ଡ୍ରେନେଜ୍ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ପ୍ରଦୀପ ସାଗର ଦୁରିଆ କହିଛନ୍ତି, ମୌସୁମୀ ପୂର୍ବରୁ ନିର୍ମାଣାଧୀନ ୨୬ଟି ଡ୍ରେନର କାର୍ଯ୍ୟ ସରିଯିବ। ଡ୍ରେନେଜ୍ ବିଭାଗ କର୍ତ୍ତୃପକ୍ଷ ନିୟମିତ କାର୍ଯ୍ୟ ତଦାରଖ କରୁଛନ୍ତି। ମୁଖ୍ୟତଃ ଏହି ନୂଆ ଡ୍ରେନ୍‌ଗୁଡ଼ିକ ସମ୍ବେଦନଶୀଳ ଅଞ୍ଚଳରେ ନିର୍ମାଣାଧୀନ ଅବସ୍ଥାରେ ଅଛି। ଯଦି ଏ ସବୁର ନିର୍ମାଣ ଧାର୍ଯ୍ୟ ସମୟରେ ସରିଯାଏ ତାହେଲେ ଜଳବନ୍ଦୀ ସମସ୍ୟା ଅନେକ ମାତ୍ରାରେ ଦୂର ହୋଇପାରିବ। ଏଥିସହ ବିଏମ୍‌ସି ପକ୍ଷରୁ ପାଣି ନିଷ୍କାସନ ପାଇଁ ବଡ଼ ବଡ଼ ପମ୍ପସେଟ୍ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ବ୍ୟବହାର କରାଯିବ ବୋଲି ଦୁରିଆ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଜଳବନ୍ଦୀ ସମସ୍ୟା ଦୂର ପାଇଁ ବିଏମ୍‌ସି ଲାଗି ମୁଖ୍ୟମନ୍ତ୍ରୀ ଗତବର୍ଷ ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ହେଲେ ପ୍ରଶାସନର ସ୍ଥାଣୁତା ଯୋଗୁ ଏପର୍ଯ୍ୟନ୍ତ ମାତ୍ର ୧୦ ପ୍ରତିଶତ ଟଙ୍କାର କାମ ପାଇଁ ଟେଣ୍ଡର ଡକାଯାଇ କିଛି କିଛି କାମ ଆରମ୍ଭ ହୋଇଛି। ସେହିପରି ଡ୍ରେନେଜ୍ ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପାଖରେ ସଫେଇ କର୍ମଚାରୀଙ୍କ ଅଭାବ ଥିବାରୁ ଡ୍ରେନ୍‌ର ପଙ୍କୋଦ୍ଧାର କାର୍ଯ୍ୟ ବିଳମ୍ବ ହେଉଛି। ପୂର୍ତ୍ତ ଓ ସାଧାରଣ ପ୍ରଶାସନ ପକ୍ଷରୁ ମଧ୍ୟ ଡ୍ରେନ୍ ମରାମତି କାମ ହୋଇ ନ ଥିବା ଜଣାପଡ଼ିଛି। ତେଣୁ ଏଥର ମଧ୍ୟ ବିଏମ୍‌ସି ମୌସୁମୀ ମୁକାବିଲା ଲାଗି ପମ୍ପକୁ ଭରସା କରିବ ବୋଲି ଆଲୋଚନା ହେଉଛି। ୪ର୍ଥ ପର୍ଯ୍ୟାୟରେ ଲକ୍‌ଡାଉନ୍ କୋହଳ ହେବା ପରେ ଜାତୀୟ ରାଜପଥ ପାର୍ଶ୍ୱ ଏବଂ ଅନ୍ୟ ଆଭ୍ୟନ୍ତରୀଣ ଡ୍ରେନଗୁଡ଼ିକରୁ ପଙ୍କୋଦ୍ଧାର କରାଯାଉଥିବା ନଜରକୁ ଆସିଛି।

## ସଂକ୍ଷେପରେ

### କଣ୍ଟିଲୋ ପିଇଓ ନିଲମ୍ବିତ

**ନୟାଗଡ଼ ଅଫିସ,୨୩ା୫:** ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତର ଏକ୍‌ଜିକ୍ୟୁଟିଭ ଅଫିସର (ପିଇଓ) ବିଜୟ କୁମାର ନନ୍ଦଙ୍କୁ ଜିଲାପାଳ ପୋମା ଟୁଡୁ ଗତ ୨୦ ତାରିଖରେ ନିଲମ୍ବିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗରେ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଛି। ନନ୍ଦ ଖଣ୍ଡପଡା ପଞ୍ଚାୟତର ପିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ଆସିଥିଲା। ତଦନ୍ତ ପରେ ଅନିୟମିତତା ପ୍ରମାଣିତ ହେବାରୁ ଜିଲାପାଳ ନିଲମ୍ବିତ କରିଛନ୍ତି।

### ଆକ୍ରମଣ ଘଟଣାରେ ୨ ଗିରଫ

**ରତ୍ନଗିରି,୨୩ା୫(ଡି.ଏନ୍.ଏ.):** ବାତ୍ୟା ଅମ୍ଫାନ ପ୍ରଭାବରେ ଭାଙ୍ଗି ପଡ଼ିଥିବା ଏକ କଦଳୀ ଗଛ କଟାକୁ ନେଇ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଧାରପୁର ଗ୍ରାମରେ ଗଣ୍ଡଗୋଳ ଘଟିଥିଲା। କଦଳୀ ଗଛକୁ ହାଣୁଥିବାବେଳେ ଦାଦା ଶଙ୍କର୍ଷଣ ସାହୁଙ୍କୁ ପୁତୁରା କଳ୍ପତରୁ ସାହୁ, ହଳଧର ସାହୁ ଓ ପୁତୁରା ବୋହୂ ତପସ୍ୱିନୀ ସାହୁ କଟୁରିରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ହେବାପରେ ବରୀ ପୋଲିସ ଶନିବାର କଳ୍ପତରୁ ଓ ହଳଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର ସୂଚନା ଦେଇଛନ୍ତି। ଏହି ଆକ୍ରମଣରେ ଶଙ୍କର୍ଷଣଙ୍କ ହାତ ପାପୁଲି କଟିଯିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ଶଙ୍କର୍ଷଣଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୧୧୩/୨୦)ରୁଜୁ କରି ତଦନ୍ତ ଚଳାଇଥିଲା।

### ଧର୍ମଶାଳାକୁ ଫେରିଲେଣି ୯୩୨ ପ୍ରବାସୀ

**ଧର୍ମଶାଳା,୨୩ା୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକକୁ ଶୁକ୍ରବାର ସୁଦ୍ଧା ୯୩୨ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ମଧ୍ୟରେ ୪୫ ମହିଳା ଓ ୧୮ଜଣ ଛୋଟ ପିଲା ରହିଛନ୍ତି। ବ୍ଲକ ଅଞ୍ଚଳକୁ ସର୍ବାଧିକ ୨୩୨ଜଣ ତେଲଙ୍ଗାନାରୁ ଫେରିଛନ୍ତି। ସେହିପରି ତାମିଲନାଡୁରୁ ୧୮୩, ଗୁଜରାଟରୁ ୧୧୨, ଆନ୍ଧ୍ରପ୍ରଦେଶରୁ ୯୦, କର୍ଣାଟକରୁ ୬୧, ପଶ୍ଚିମବଙ୍ଗରୁ ୫୫ ଓ ମହାରାଷ୍ଟ୍ରରୁ ୪୧ଜଣ ଫେରିଛନ୍ତି। ଏମାନଙ୍କୁ ବିଭିନ୍ନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେଠାରୁ ପର୍ଯ୍ୟାୟକ୍ରମେ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଉଛି ବୋଲି ବିଡିଓ ସ୍ମିତା ରଥ ସୂଚନା ଦେଇଛନ୍ତି।

### ବାଇକ୍ ଚୋରଙ୍କୁ ପୋଲିସ ଜିମା

**ଜଗତ୍‌ସିଂହପୁର ଅଫିସ, ୨୩ା୫:** ଜଗତ୍‌ସିଂହପୁର ସହର ବଡବଜାରସ୍ଥିତ ସିନେମା ହଲ୍ ନିକଟ ମୋବାଇଲ କେୟାର ସମ୍ମୁଖରୁ ଶନିବାର ବାଇକ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ପାଟକୁରା ଥାନା ଅନ୍ତର୍ଗତ ପ୍ରଧାନପାକଲା ଗ୍ରାମର କୁଞ୍ଜବିହାରୀ ନାୟକ। ଏନେଇ ଜଗତ୍‌ସିଂହପୁର ମାର୍କଣ୍ଡପୁର (ଗୋପାଳସାଗର) ଅଞ୍ଚଳର ନିହାର ରଞ୍ଜନ ବାରିକଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ ୧୪୮/୨୦) ରୁଜୁ କରାଯାଇଛି। ଏଥିସହ ଅଭିଯୁକ୍ତ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନିହାରଙ୍କ ଅଭିଯୋଗ ଅନୁଯାୟୀ, ସେ ମୋବାଇଲ୍ ସଜାଡିବା ପାଇଁ ମୋବାଇଲ କେୟାର ସମ୍ମୁଖରେ ଗାଡି ରଖି ଭିତରକୁ ଯାଇଥିଲେ। ସେଠାରେ ମୋବାଇଲ୍ ଦେଉଥିବା ବେଳେ କୌଣସି କାରଣରୁ ରାସ୍ତାକୁ ଚାହିଁଥିଲେ। ଏହି ସମୟରେ ଅଭିଯୁକ୍ତ ନାୟକ ତାଙ୍କ ଗାଡି ଷ୍ଟାର୍ଟ କରି ନେଇଯିବାକୁ ଉଦ୍ୟମ କରିଥିଲେ। ଏହାଦେଖି ନିହାର ପାଟି କରିବା ସହ କେୟାର ବାହାରକୁ ଯାଇ ବାଇକର ପଛପଟକୁ ଧରି ଅଟକାଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ଅଭିଯୁକ୍ତ ନାୟକଙ୍କୁ କାବୁକରିଥିଲେ। ଏହି ସମୟରେ ପିସିଆର୍ ଗାଡି ଯାଉଥିବା ଦେଖି ଲୋକେ ଅଟକାଇ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଜିମାରେ ଦେଇଥିଲେ। ଅଭିଯୁକ୍ତଙ୍କୁ ଜେରା କରିବା ପରେ ଆଉ ୨ଟି ବାଇକ୍ ଉଦ୍ଧାର କରାଯାଇଥିବା ନେଇ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

# ବ୍ୟାସନଗରକୁ ଛୁଇଁଲା କରୋନା

- ହୋମ୍ କ୍ୱାରାଣ୍ଟାଇନ୍ ଅନୁମତିକୁ ନେଇ ପ୍ରଶ୍ନ
- ୧୪ ନୂଆ ସଂକ୍ରମିତ, ଆଉ ଜଣେ ସୁସ୍ଥ ହେଲେ
- ଯାଜପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଲା ୨୩୯

**ଯାଜପୁର ଅଫିସ/ରସୁଲପୁର/ଧର୍ମଶାଳା,୨୩ା୫(ଡି.ଏନ.ଏ.)**

ମହାମାରୀ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଶନିବାର ୧୪ ଜଣ ନୂତନ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଯାଜପୁର ଜିଲାରେ ସଂକ୍ରମିତ ସଂଖ୍ୟା ୨୩୯ରେ ପହଞ୍ଚିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ମ୍ୟୁନିସିପାଲିଟିକୁ ପ୍ରଥମକରି କରୋନା ସଂକ୍ରମଣ ବ୍ୟାପିବାପରେ ସହରବାସୀଙ୍କ ଚିନ୍ତା ବଢ଼ିଯାଇଛି। ଗତ ୧୨ ତାରିଖରୁ ପ୍ରଶାନ୍ତିନିଳୟମରୁ ଫେରିବା ପରେ ସରକାରୀ କ୍ୱାରାଣ୍ଟାଇନ୍‌ରେ ନ ରହି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ବ୍ୟାସନଗର ମ୍ୟୁନିସିପାଲିଟି ସାପଗଡ଼ିଆର ୬୪ ଓ ୮୩ ବର୍ଷୀୟ ପୁରୁଷ ଏବଂ ବୀଣାପାଣି ସାହିର ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ହୋଇଛନ୍ତି। ସେମାନଙ୍କୁ କାହିଁକି ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ନ ଥିଲା ବୋଲି ସହରବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ମୋଟ ୩୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବା ସହ ସମ୍ପୃକ୍ତ ଅଞ୍ଚଳକୁ ଅବରୋଧ କରାଯାଇଛି। ତେବେ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କୀୟ ବାହାରେ ବୁଲାବୁଲି କରିଥିବା ସୂଚନା ମିଳିଛି। ଏହାବାଦ୍ ପ୍ରଶାନ୍ତିନିଳୟମରୁ ଫେରିଥିବା ଅନ୍ୟମାନଙ୍କୁ ମଧ୍ୟ ଖୋଜା ଚାଲିଥିବା ଜଣାପଡିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକ ବିତନାର ୪୪ ବର୍ଷୀୟ ପୁରୁଷ କୋଲକାତା ଫେରନ୍ତା, ରଣପୁରର ୬୫ ବର୍ଷୀୟ ପୁରୁଷ ଆନ୍ଧ୍ରପ୍ରଦେଶ ଫେରନ୍ତା ସରକାରୀ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଦଶରଥପୁର ବ୍ଲକ ନୂଆଶାସନର ୩୭ ବର୍ଷୀୟ ପୁରୁଷ ଓ ଚାଉଳିଆ ୪୨ ବର୍ଷୀୟ ପୁରୁଷ କୋଲକାତା ଫେରନ୍ତା, ବରୀ ବ୍ଲକ ପାଟଣା ରତ୍ନଗିରିର ୪୦ ଓ ୪୫ ବର୍ଷୀୟ ପୁରୁଷ କୋଲକାତା ଫେରନ୍ତା ଏବଂ ଧର୍ମଶାଳା ବ୍ଲକ ମକୁନ୍ଦପୁର ୪୮ ବର୍ଷୀୟ ପୁରୁଷ ଆନ୍ଧ୍ରପ୍ରଦେଶ ଫେରନ୍ତା ଓ ପାଣିମୁହାଣି ଗ୍ରାମର ୨୪ ବର୍ଷୀୟ ପୁରୁଷ ଅହମ୍ମଦାବାଦ ଫେରନ୍ତା, ରସୁଲପୁର ବ୍ଲକ ମୁଗୁପାଳ ଗ୍ରାମର ୩୩ ବର୍ଷୀୟ ପୁରୁଷ, ୧୧ ବର୍ଷୀୟା ନାବାଳିକା ଓ ୩୯ ବର୍ଷୀୟ ପୁରୁଷ କୋଲକାତା ଫେରନ୍ତା ବୋଲି ସୂଚନା ମିଳିଛି। ସମସ୍ତ ସଂକ୍ରମିତଙ୍କୁ ଡୁବୁରୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଶନିବାର ଜଣେ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସେ ହେଲେ ଯାଜପୁର ଟାଉନ୍‌ର ୫୪ ବର୍ଷୀୟା ମହିଳା। ଏହାକୁ ମିଶାଇ ଜିଲାରେ ଆରୋଗ୍ୟଙ୍କ ସଂଖ୍ୟା ୭୨ ହୋଇଛି। ଏହାବାଦ୍ ଶନିବାର ସୁଦ୍ଧା ଜିଲାକୁ ୧୦, ୫୩୮ ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ଜଣାପଡ଼ିଛି।


ଯାଜପୁରରୋଡର ବୀଣାପାଣି ସାହିକୁ ଅବରୋଧ କରାଯାଇଛି।

### ମସ୍‌ଜିଦ୍, ଇଦ୍‌ଗା ସ୍ଥଳରେ ୧୪୪ ଧାରା

**ଯାଜପୁର ଅଫିସ,୨୩ା୫:** ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ଜନଗହଳିକୁ ଯଥାସମ୍ଭବ ରୋକିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ହୋଇଛି। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଆସନ୍ତା ୨୫ ତାରିଖରେ ଜିଲାର ସମସ୍ତ ମସ୍‌ଜିଦ୍ ଓ ଇଦ୍‌ଗା ସ୍ଥଳରେ ୧୪୪ ଧାରା ଲାଗୁ କରିଛନ୍ତି। ଏହି ସମୟ ମଧ୍ୟରେ ମସ୍‌ଜିଦ୍ ବା ଇଦ୍‌ଗାସ୍ଥଳକୁ ସର୍ବାଧିକ ୫ ମୌଲବୀ ପ୍ରାର୍ଥନା ବା ରୀତିନୀତି ପାଇଁ ଯାଇପାରିବେ ବୋଲି ନିର୍ଦ୍ଦେଶ ହୋଇଛି। ୧୪୪ ଧାରା ଲାଗୁ ହୋଇଥିବା ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ମସ୍‌ଜିଦ୍ ଓ ଇଦ୍‌ଗାକୁ ସାଧାରଣ ଜନତାଙ୍କ ପ୍ରବେଶ ଉପରେ କଡ଼ା କଟକଣା ଜାରି କରାଯାଇଛି।

# କାମ ହରାଇବା ଚିନ୍ତାରେ ମୃତ୍ୟୁ

**ଲକ୍‌ଡାଉନ୍ ଦୁର୍ଦ୍ଦଶା**
**ସ୍ୱଧାର ଗୃହରେ ମା', ସାନ ଭାଇ**

**ଯାଜପୁର ଅଫିସ,୨୩ା୫**

ଲକ୍‌ଡାଉନ୍‌ର ଏକ ଦୁର୍ଦ୍ଦଶା ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳ ୨୬ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି। ଏଥିରେ ଏକ ପରିବାର ସର୍ବସ୍ୱାନ୍ତ ହେବା ସହ ଜଣଙ୍କ ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ ଯେ, ସନ୍ଧ୍ୟାରାଣୀ ଦାସ(୫୮) ତାଙ୍କ ଦୁଇ ପୁଅଙ୍କୁ ନେଇ ଖୁସିରେ ରହୁଥିଲେ। ବଡ଼ପୁଅ ସଞ୍ଜୟ ଏକ ଘରୋଇ ସଂସ୍ଥାରେ କାମ କରି ଯାହା ଦରମା ଆଣୁଥିଲେ ସେଥିରେ ଚଳି ଯାଉଥିଲେ। ତାଙ୍କ ସାନପୁଅ ବିଜୟଙ୍କ ମସ୍ତିଷ୍କ ବିକୃତ ରହିଥିଲା। ଲକ୍‌ଡାଉନ୍ ପରଠାରୁ ସଞ୍ଜୟଙ୍କ ରୋଜଗାର ବନ୍ଦ ହୋଇଯାଇଥିଲା। ଏହାପରେ ମା' ଓ ସାନ ଭାଇଙ୍କ ମୁହଁରେ କେଉଁଠୁ ଖାଦ୍ୟ ଆଣି ଦେବେ ଏହା ଭାବି ସଞ୍ଜୟ ମାନସିକ ଦୁଶ୍ଚିନ୍ତା ବଢ଼ିଯାଇଥିଲା। ଫଳରେ ସେ ଅଚାନକ ଅସୁସ୍ଥ ହୋଇ ପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ କ୍ଲବ ଦି ୟୁଥ୍‌ମାସ୍‌ର ସମାଜିକ କର୍ମୀ ରାଜେଶ ରାଉତଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେ ସଞ୍ଜୟଙ୍କୁ ଆବଶ୍ୟକ ସହାୟତା ଓ ଔଷଧ ଯୋଗାଇ ଦେବା ସହ ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସଞ୍ଜୟ ସାମାନ୍ୟ ସୁସ୍ଥ ହେବା ପରେ ଘରକୁ ନେଇ ଯାଇଥିଲେ। କିନ୍ତୁ ଶୁକ୍ରବାର ରାତିରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସାମାଜିକ କର୍ମୀ ରାଜେଶ ସଞ୍ଜୟଙ୍କ ମୃତଦେହ ସତ୍କାର କରିଥିଲେ। ଏକମାତ୍ର ରୋଜଗାରିଆ ପୁଅ ସଞ୍ଜୟଙ୍କ ମୃତ୍ୟୁ ଓ ଅନ୍ୟପଟେ ସାନ ପୁଅ ମସ୍ତିଷ୍କ ବିକୃତ କଥା ଭାବି ସନ୍ଧ୍ୟାରାଣୀ ମଧ୍ୟ ମାନସିକ ଭାରସାମ୍ୟ ହରାଇଛନ୍ତି। ନିରାଶ୍ରୟ ମା'ପୁଅଙ୍କୁ ଶେଷରେ ଯାଜପୁର ସ୍ୱଧାରଗୃହରେ ଥଇଥାନ କରାଯାଇଛି।

# ନୟାଗଡ଼ରେ ଆଉ ୫ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ/ରଣପୁର/ଦଶପଲ୍ଲା, ୨୩ା୫(ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ଼ ଜିଲାରେ ଦଶପଲ୍ଲା ଓ ରଣପୁର ଅଞ୍ଚଳ କରୋନା ମାନଚିତ୍ରରେ ସାମିଲ ହୋଇଛି। ପୂର୍ବରୁ ଏହା ଓଡଗାଁ ଓ ଗଣିଆ ବ୍ଲକରେ ସୀମିତ ଥିଲା। ରଣପୁରରେ ୩ ଓ ଦଶପଲ୍ଲାରେ ୨ ଏପରି ୫ ଜଣ ଆକ୍ରାନ୍ତ ହୋଇଛନ୍ତି। ରଣପୁର ଆଞ୍ଚଳିକ ମହାବିଦ୍ୟାଳୟ କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ ପଶ୍ଚିମବଙ୍ଗ ଫେରନ୍ତା ଚିହ୍ନଟ ହୋଇଥିବାବେଳେ ରଣପୁର ବ୍ଲକ କେନ୍ଦୁଆ ଆବାସିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍‌ର ୨ଜଣ ସୁରଟ ଫେରନ୍ତା ଚିହ୍ନଟ ହୋଇଛନ୍ତି। ଏମାନେ ପୁରୁଷ, ବୟସ ୨୦ରୁ ୩୦ ବର୍ଷ ମଧ୍ୟରେ ହେବ। ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ କ୍ୱାରାଣ୍ଟାଇନ୍ ସେଣ୍ଟରର ୨ଜଣ ଚିହ୍ନଟ ହୋଇଥିବା ସିଡିଏମ୍‌ଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ୫ଜଣଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତ ସଂଖ୍ୟା ୩୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି।

# ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା

**କର୍କଟ ରୋଗରେ ପୀଡ଼ିତ କାଞ୍ଚନ**

**ବିଞ୍ଝାରପୁର,୨୩ା୫(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତ ଘଣ୍ଟିଆଳି ଗ୍ରାମର ୬୩ ବର୍ଷିୟା ବୃଦ୍ଧା କାଞ୍ଚନ ଦେଇଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ତାଙ୍କ ସ୍ୱାମୀ ନଟବର ପ୍ରଧାନ (୭୦) ବର୍ଷରେ ମଜୁରି ଲାଗି ପରିବାର ଚଳାଉଛନ୍ତି। କାଞ୍ଚନ ଏକ ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇଛନ୍ତି। ମାତ୍ର ଟଙ୍କା ନ ଥିବାରୁ କାଞ୍ଚନଙ୍କ ଚିକିତ୍ସା ହୋଇ ପାରୁନାହିଁ। କାଞ୍ଚନ କର୍କଟ ରୋଗରେ ପୀଡିତ ଥିବା ଜାଣି ଗ୍ରାମର କେତେଜଣ ବ୍ୟକ୍ତି ସହାୟତା କରିଥିଲେ। ସେହି ଅର୍ଥରେ କାଞ୍ଚନ କଟକରେ ଯାଇ ଚିକିତ୍ସିତ ହେଉଥିଲେ। ହେଲେ ଅର୍ଥ ସରିଯିବାରୁ ଏବେ ଘରକୁ ଫେରି ଆସିଛନ୍ତି। କାଞ୍ଚନ କିମ୍ବା ତାଙ୍କ ପରିବାର ବିଜୁ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଏବେ କର୍କଟ ଭଳି ରୋଗର ଚିକିତ୍ସା କରାଇ ପାରୁନାହାନ୍ତି। ବଡ଼ କଥା ହେଉଛି କାଞ୍ଚନଙ୍କ ବୟସ ୬୦ ଟପି ସାରିଥିଲେ ବି ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଖଣ୍ଡେ ମଧ୍ୟ ପାଇ ପାରି ନାହାନ୍ତି। କାଞ୍ଚନଙ୍କ ଚିକିତ୍ସା ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସରକାରୀ ସହାୟତା ନ ମିଳିଲେ କାଞ୍ଚନଙ୍କ ଚିକିତ୍ସା କରାଇବା ଅସମ୍ଭବ ବୋଲି ତାଙ୍କ ସ୍ୱାମୀ ନଟବର ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



# ଅପହରଣକାରୀ ଯୁବକ ଗିରଫ

**ରସୁଲପୁର,୨୩ା୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ମଧୁବନ ଅଞ୍ଚଳର ଜଣେ ୧୬ବର୍ଷୀୟା ନାବାଳିକାଙ୍କୁ ଗତବର୍ଷ ଜୁନ ମାସରେ ଅପହରଣ କରାଯାଇଥିଲା। ଗତ ୫ ତାରିଖରେ ସମ୍ପୃକ୍ତ ନାବାଳିକାଙ୍କୁ କୁଆଖିଆ ପୋଲିସ ଉଦ୍ଧାର କରିଥିବାବେଳେ ଅପହରଣକାରୀ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଏହି ଥାନା ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତ ଯୋକଡିଆ ଗ୍ରାମର ଦୀପକ ମଲ୍ଲିକ(୨୩)। ଦୀପକ ନାବାଳିକାଙ୍କୁ ନେଇ ବାହାର ରାଜ୍ୟରେ ରହୁଥିଲେ। ତେଣୁ ପୋଲିସ ଠାବ କରି ପାରୁ ନ ଥିଲା। ନିକଟରେ ଦୀପକ ନାବାଳିକାଙ୍କୁ ନେଇ ଘରକୁ ଫେରିଥିଲେ। ଫଳରେ ପୋଲିସ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ମାତ୍ର ଦୀପକ ଫେରାର ହୋଇଯାଇଥିଲେ। ଶନିବାର ସକାଳୁ ଦୀପକ ଘରେ ଥିବା ଜାଣିବା ପରେ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ନାବାଳିକା ଅପହରଣ ନେଇ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ମାମଲା (ନଂ-୧୬୩/୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

# ସ୍ୱାବ୍ ଟେଷ୍ଟକୁ ନେଇ ଉତ୍ତେଜନା

**ନୟାଗଡ଼ ଅଫିସ/ରଣପୁର,୨୩ା୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ବାଉଁଶଗଡ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସ୍ୱାବ୍ ଟେଷ୍ଟକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ରଣପୁର ବିଡିଓ ଓ ପୋଲିସ ପହଞ୍ଚି ପ୍ରବାସୀମାନଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ଏଠାରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, କେରଳ ଓ ମହାରାଷ୍ଟ୍ରଅଞ୍ଚଳରୁ ଆସିଥିବା ୪୭ ପ୍ରବାସୀ ରହୁଛନ୍ତି। ଶନିବାର ସ୍ୱାସ୍ଥ୍ୟ ବିଭାଗର ଏକ ୩ ଜଣିଆ ଟିମ୍ ଆସି ୧୧ ଜଣଙ୍କ ସ୍ୱାବ୍ ଟେଷ୍ଟ କରିଥିଲା। ଅନ୍ୟମାନଙ୍କ ଟେଷ୍ଟ ନ ହେବାରୁ ପ୍ରତିବାଦ ହୋଇଥିଲା। ଲକ୍ଷଣ ନ ମିଳିଲେ ଟେଷ୍ଟ ହେବନି ବୋଲି କୁହାଯାଇଥିଲା। ତେବେ ଯେଉଁମାନଙ୍କ ଲକ୍ଷଣ ବାହାରିଛି ସେହିମାନଙ୍କୁ ନେଇଯାଅ ବୋଲି ପରୀକ୍ଷା ହୋଇ ନ ଥିବା ପ୍ରବାସୀ ଯୁକ୍ତି ବାଢ଼ିଥିଲେ। ପରେ ଯୁକ୍ତିତର୍କ ହୋଇ ଉତ୍ତେଜନା ବଢ଼ିଥିଲା। ଯେଉଁମାନେ ବାଦ୍ ପଡିଲେ ସେମାନଙ୍କର ୨ୟ ପର୍ଯ୍ୟାୟ ଟେଷ୍ଟ କରାଯିବ ବୋଲି ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ତହସିଲ କର୍ମଚାରୀଙ୍କ କଲମଛାଡ଼ ଧମକ

**କେନ୍ଦ୍ରାପଡ଼ା ଅଫିସ, ୨୩ା୫**

କେନ୍ଦ୍ରାପଡ଼ା ତହସିଲର ସମସ୍ତ କର୍ମଚାରୀ ଆସନ୍ତା ୨୫ ତାରିଖରେ କଲମଛାଡ଼ ଆନ୍ଦୋଳନ କରିବେ ବୋଲି ତହସିଲଦାରଙ୍କୁ ଲିଖିତ ଆକାରରେ ଶନିବାର ଜଣାଇଛନ୍ତି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ସମ୍ପାଦକ ମନୋଜ କୁମାର ମଲ୍ଲିକ କହିଛନ୍ତି, ଗତ ୨୨ ତାରିଖରେ ତହସିଲ ଅନ୍ତର୍ଗତ ସାନମାଣତିଆ ଗ୍ରାମକୁ ଅମ୍ଫନ୍ ସମ୍ପର୍କରେ ତଦନ୍ତ ପାଇଁ ରାଜସ୍ୱ କର୍ମଚାରୀ ଯାଇଥିଲେ। ସେଠାରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା ଓ ତାଙ୍କ ସହଯୋଗୀମାନେ ଏହି ରାଜସ୍ୱ କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର ଦେଖାଇବା ସହ ମାଡ଼ ମାରିବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ୨୨ ତାରିଖରେ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଆସନ୍ତା ରବିବାର ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ସୋମବାର କଲମଛାଡ ହେବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ଜିଲା ପରିଷଦ ଅଧ୍ୟକ୍ଷ ପରିଡା ସମ୍ପୃକ୍ତ କର୍ମଚାରୀଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରି ନ ଥିବା କହିଛନ୍ତି।

# ନମାଜ ପାଠ ଉପରେ କଟକଣା ଲଗାଇଲେ ସରପଞ୍ଚ

**ବିଞ୍ଝାରପୁର,୨୩ା୫(ଡି.ଏନ.ଏ.)**

ସାମାଜିକ ଦୂରତ୍ୱ ବଜାୟ ରଖିବା ପରିପ୍ରେକ୍ଷୀରେ ସମୂହ ନମାଜ ପାଠ ଉପରେ କଟକଣା ଜାରି କରିଛନ୍ତି ବିଞ୍ଝାରପୁର ବ୍ଲକ ଅଧୀନ ସୟଦପୁର ସରପଞ୍ଚ ସ୍ନେହଲତା କାଣ୍ଡି। ସେ ତାଙ୍କ ନୋଟିସରେ ଦର୍ଶାଇଛନ୍ତି, ଇଦ୍-ଉଲ-ଫିତର ପର୍ବଦିନ ଏହି ପଞ୍ଚାୟତରେ ଥିବା ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବେ ନାହିଁ। କେବଳ ଇମାମଙ୍କ ସହିତ ୪ଜଣ ଲେଖାଏ ଶ୍ରଦ୍ଧାଳୁ ପଞ୍ଚାୟତସ୍ଥିତ ପୁରୁଣା ଇଦଗାହାରେ ସକାଳ ୮ଟା ଓ ନୂଆ ଇଦଗାହାରେ ସକାଳ ସାଢେ ୮ଟାରେ ନମାଜ ପାଠ କରିବେ। ଏହାଦ୍ୱାରା ସମାଜିକ ଦୂରତ୍ୱ ବଜାୟ ରହିବ। ସେ ଏ ସମ୍ପର୍କରେ ଜିଲାପାଳ, ବିଞ୍ଝାରପୁର ତହସିଲଦାର ଓ ଆଇଆଇସିଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି।

# ୬ ମାସ ହେଲା ଅନ୍ଧାରରେ ମଲ୍ଲାର ବସ୍ତିବାସିନ୍ଦା

**ସୁକିନ୍ଦା ବ୍ଲକ**
- ମରାମତି ହେଉନି ଟ୍ରାନ୍ସଫର୍ମର
- ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

**ସୁକିନ୍ଦା,୨୩ା୫(ଡି.ଏନ.ଏ.)**

୬ମାସ ହେବ ଅନ୍ଧାରରେ କାଳାତିପାତ କରୁଛନ୍ତି ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ମୁଳଖମ୍ଭ ଗ୍ରାମରେ ଥିବା ବିରଳ ଜନଜାତି ମଲ୍ଲାର ବସ୍ତିବାସିନ୍ଦା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ସେମାନେ ଏପରି ଅସୁବିଧା ଭୋଗ କରୁଛନ୍ତି। ତେଣୁ ଯଦି ଆଗାମୀ ଦିନରେ ବିଦ୍ୟୁତ୍ ସଂଯୋଗ ଦିଆ ନ ଯାଏ ବସ୍ତିବାସିନ୍ଦା ସ୍ଥାନୀୟ ବିଧାୟକଙ୍କୁ ଅବଗତ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବସ୍ତିବାସିନ୍ଦାଙ୍କୁ ବିନାମୂଲ୍ୟରେ ବିଦ୍ୟୁତ୍ ସଂଯୋଗ ମିଳିଥିଲା। ସଂଯୋଗୀକରଣର କିଛି ଦିନ ପର୍ଯ୍ୟନ୍ତ ବିନାମୂଲ୍ୟରେ ଉପଭୋକ୍ତା ବିଦ୍ୟୁତ୍ ବ୍ୟବହାର କରିଥିଲେ। କିନ୍ତୁ ପରେ ମାସକୁ ୩୦, ୬୦ ଓ ୨୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ବସ୍ତିବାସିନ୍ଦା ମଧ୍ୟ ବିଲ ପୈଠ କରିଆସୁଥିଲେ। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ମିଟର ବସାଯାଇ ବିଲ ସଂଗ୍ରହ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଯେଉଁମାନେ ମିଟର ରିଡିଂ ଅନୁସାରେ ଲୋକଙ୍କଠାରୁ ଚାରି ପାଞ୍ଚ ମାସର ବିଲ୍ ଆଦାୟ କଲେ ସେମାନେ ରଶିଦ ଦେଲେନାହିଁ। ଏହାରି ମଧ୍ୟରେ ଅଚାନକ ବର୍ଷା ପବନ ହେବାରୁ ବସ୍ତିବାସିନ୍ଦାଙ୍କ ପାଇଁ ବସିଥିବା ଟ୍ରାନ୍ସଫର୍ମରର ଦୁଇଟି ଶଙ୍ଖ ଜଳି ଯିବା ସହ ଫ୍ୟୁଜ୍ ଉଡିଯାଇଥିଲା। ସେ ସମୟରେ ବିଭାଗୀୟ କର୍ମଚାରୀ ଆସି ମରାମତି କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବସ୍ତିବାସିନ୍ଦା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିଲେ ହେଁ ମରାମତି ସମ୍ଭବ ହୋଇ ପାରୁନାହିଁ। ବିଭାଗ ପକ୍ଷରୁ ବକେୟା ବିଲ ପୈଠ କଲେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି କୁହାଯାଉଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିବାସିନ୍ଦା ଶ୍ରମିକ ଶ୍ରେଣୀର ହୋଇଥିବାରୁ ଲକ୍‌ଡାଉନ ସମୟରେ ବକେୟା ପୈଠ କରିବାକୁ ଅସମର୍ଥ ପ୍ରକାଶ କରିଛନ୍ତି। ତେଣୁ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅହମ୍ମଦ ଆଜାନ୍ କହିଛନ୍ତି, ବସ୍ତିବାସିନ୍ଦା ବକେୟା ରାଶି ପୈଠ କରିବା ପରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ।

# ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟ

- ବର, ଅଶ୍ୱତ୍ଥ ବୃକ୍ଷ ରୋପଣରେ ବ୍ରତୀ ସୁବାସ
- ଉପହାର ଦେଇ କରୁଛନ୍ତି ସଚେତନତା

**ଲୋକନାଥ ମିଶ୍ର**
**ନୟାଗଡ଼ ଅଫିସ,୨୩ା୫**

ବର ଓ ଅଶ୍ୱତ୍ଥ ଗଛକୁ ଲୋକେ ପୂଜା କରୁଥିଲେ ହେଁ ନୟାଗଡ ଜିଲାରେ ଏହାର ସଂଖ୍ୟା ହ୍ରାସ ପାଇଚାଲିଛି। ରାସ୍ତା କଡରେ ଥିବା ଏହି ଗଛ ପ୍ରଶସ୍ତୀକରଣ ଆଳରେ କଟା ଯାଉଥିଲେ ମଧ୍ୟ ନୂଆକରି ରୋପଣ କରାଯାଉ ନାହିଁ। ସେହିପରି ପରିତ୍ୟକ୍ତ ସ୍ଥାନ ଓ ଛାତ ବାଡରେ ଉଠୁଥିବା ଗଛକୁ ଅଦରକାରୀ ଭାବେ କାଟି ଦିଆଯାଉଛି। ପରିବେଶ ପାଇଁ ବର ଓ ଅଶ୍ୱତ୍ଥ ଗଛ ଦରକାର ହେଉଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ଏଭଳି ସମୟରେ ଓଡଗାଁ ବ୍ଲକ ଆଙ୍ଗିସିଙ୍ଗି ଗାଁର ସାମାଜିକ କର୍ମୀ ସୁବାସ ନାୟକ ଏହି ପ୍ରକାର ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ସୁବାସ ସକାଳୁ ସକାଳୁ ଗଛ ସଂଗ୍ରହ କରିବାକୁ ବାଇକ୍‌ରେ ବାହାରି ପଡନ୍ତି। କେଉଁଆଡେ ଯାଆନ୍ତି ତାହା ସେ ନିଜେ ବି ଜାଣିପାରି ନ ଥାନ୍ତି। ପ୍ରତିଦିନ କିଛି ନା କିଛି ବର ଓ ଅଶ୍ୱତ୍ଥ ଗଛ ସଂଗ୍ରହ ସହ ରୋପଣ କରି ଫେରନ୍ତି। ଏହି ଗଛ ପୋତିବା ପାଇଁ ସେ ଶ୍ମଶାନ ଓ ରାସ୍ତାକଡକୁ ବାଛିଥାନ୍ତି। ୬ମାସ ହେଲା ସେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏବେ ୬ମାସ ଭିତରେ ୧୦୫ ଗଛ ଶ୍ମଶାନ, ନଦୀକୂଳ, ରାସ୍ତା କଡରେ ଲଗାଇ ସାରିଲେଣି। ଏ ନେଇ ସୁବାସ କୁହନ୍ତି, ରାସ୍ତାକଡରୁ ବର ଓ ଅଶ୍ୱତ୍ଥ ଗଛ ସଂଖ୍ୟା କମିଯିବା ପରେ ଗଛ ଲଗାଇବା ନିଶା ମନକୁ ଆସିଥିଲା। ଗୁଞ୍ଜିବାରଣ, ଗୋଡିପଡା, ବାଉଁଶିଆ, ଦୁର୍ଗାପ୍ରସାଦ, କରଡାଶାସନ, ଅସୁରଢ଼ିପା, ଆଙ୍ଗିସିଙ୍ଗି, ବଡଗୋରଡା ଅଞ୍ଚଳର ଶ୍ମଶାନରେ ବର ଓ ଅଶ୍ୱତ୍ଥ ଗଛ ଲଗାଇଛି। ସଚେତନତା ପାଇଁ ଥାନା, ଫାଣ୍ଡି ଓ ସରକାରୀ କାର୍ଯ୍ୟାଳୟରେ କିଛି ଗଛ ଉପହାର ରୂପେ ଦେଉଥିବା ସେ କହିଛନ୍ତି। ବଡ ହେଲେ ଏହାକୁ ରୋପଣ କରିବାକୁ ପରାମର୍ଶ ଦେଉଛି। ବିଳମ୍ବରେ ବଢୁଥିବା ଉପକାରୀ ଗଛକୁ ନଷ୍ଟ ନ କରିବାକୁ ଅନୁରୋଧ କରୁଛି। ଲୋକ ଆଗ୍ରହ ସହକାରେ ଗଛ ରୋପଣରେ ସହାୟକ ହେଉଛନ୍ତି। ସେ ଏବେ ଘରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗଛ ସଂଗ୍ରହ କରି ରଖିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ବର ଅଶ୍ୱତ୍ଥ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ବୋଲି ସୁବାସ କହିଛନ୍ତି। ଶରଣକୁଳର ବୃକ୍ଷପ୍ରେମୀ ଗିରିଜା ଶଙ୍କର ମହାପାତ୍ର କୁହନ୍ତି, ରାସ୍ତା କଡରେ ବର ଓ ଅଶ୍ୱତ୍ଥ ଗଛ ଅଧିକ ଥିଲା। ହେଲେ ପ୍ରଶସ୍ତୀକରଣ ଯୋଗୁ ସଂଖ୍ୟା କମି ଚାଲିଛି। ଏହି ଗଛ ପଥଚାରୀଙ୍କୁ ଛାଇ ପ୍ରଦାନ କରେ। ଅନ୍ୟ ଗଛଠାରୁ ଅଧିକ ଅମ୍ଳଜାନ ଦିଏ। ଅନେକ ପଶୁପକ୍ଷୀଙ୍କୁ ଆଶ୍ରୟ ଦିଏ। ଏହି ଗଛ ଜୈବ ବିବିଧତାର ଗନ୍ତାଘର। କୁଆ ଫଳ ଖାଇ ମଳତ୍ୟାଗ କଲେ ଅପନ୍ତରା ସ୍ଥାନରେ ଗଛ ହୁଏ। ଘରର କାନ୍ଥବାଡ, ମନ୍ଦିର, ଗଛ କୋରଡ, ପରିତ୍ୟକ୍ତ ସ୍ଥାନରେ ଏହା ଦେଖାଯାଏ। ଉଭୟ ଗଛର ଉପକାରିତା ଜାଣିବା ପରେ ଅନେକ ଲୋକ ଏହି ଗଛକୁ ଲଗାଇ ସୁରକ୍ଷା ଦେବା ଆରମ୍ଭ କରିଛନ୍ତି। ଗୋଡିପଡାର ଚନ୍ଦ୍ରକଳା ମିଶ୍ର କୁହନ୍ତି, ବର ଅଶ୍ୱତ୍ଥ ଗଛ ଲଗାଇଲେ ପୁଣ୍ୟ ମିଳିଥାଏ। ଆଧୁନିକ ଯୁଗରେ ପୁଅ ଝିଅ ବାହାଘର ଭଳି ଲୋକ ବର ଅଶ୍ୱତ୍ଥ ଗଛ ଲଗାଇ ବିବାହ କରୁଛନ୍ତି। ପରିବେଶ ପାଇଁ ଏହି ଗଛର ନିହାତି ଆବଶ୍ୟକତା ରହିଛି।


ଘର ଅଗଣାରେ ସୁବାସ ସଂଗ୍ରହକରି ରଖିଥିବା ବର ଅଶ୍ୱତ୍ଥ ଚାରା।

## ସଂକ୍ଷେପରେ

### ବୁଢ଼ାବଳଙ୍ଗରେ ଯୁବକ ନିଖୋଜ

ବଡ଼ସାହି,୨୩।୫(ସ୍ୱ.ପ୍ର.)-ବୁଢ଼ାବଳଙ୍ଗ ନଦୀରେ ମାଛ ଧରୁଥିବା ବେଳେ ଶନିବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଚନ୍ଦନପୁର ପଞ୍ଚାୟତ ଅଧୀନ ମହୁପୁରା ଗ୍ରାମର ରଥ ମହାନ୍ତଙ୍କ ପୁଅ ରମାକାନ୍ତ(୩୨)। ଖବରପାଇ ବଡ଼ସାହି ଓ ବେତନଟୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି।

### ଚୋରି ମାମଲାରେ ଯୁବକ ଗିରଫ

ଖୁଣ୍ଟା,୨୩।୫(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମର ସୁବ୍ରତ ଚକ୍ରଙ୍କ ଘରେ ଚୋରି ହୋଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ ବେଲାକୁଟି ଗ୍ରାମର ଜିତେନ୍ଦ୍ର ବେହେରା। ଗତ ୩ ମାସ ହେଲା ସୁବ୍ରତଙ୍କ ଘରେ ରହି ଜିତେନ୍ଦ୍ର କାମ କରୁଥିଲେ। ଗତ ଗୁରୁବାର ରାତିରେ ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ସୁବ୍ରତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୭୪/୨୦) ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଜିତେନ୍ଦ୍ରଙ୍କ ଘରୁ ୨ଟି ସୁନା ହାର ଉଦ୍ଧାର କରିଛି।

### ୩ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ସ୍ୱାବ୍ ସଂଗ୍ରହ

ଭଣ୍ଡାରିପୋଖରୀ, ୨୩।୫ (ଡି.ଏନ.ଏ.)-ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ଥିବା ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ସମସ୍ତ ପ୍ରବାସୀଙ୍କ ସ୍ୱାବ ସଂଗ୍ରହ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ଲକ୍ଷଣ ଥିବା କେତେକଙ୍କଠାରୁ ସ୍ୱାବ ସଂଗ୍ରହ କରାଯାଉଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭଣ୍ଡାରିପୋଖରୀ ବ୍ଲକର ତିନୋଟି ସଙ୍ଗରୋଧ କେନ୍ଦ୍ରରେ ଶୁକ୍ରବାର ୨୦ ଜଣ ପ୍ରବାସୀଙ୍କଠାରୁ ଡାକ୍ତରୀଦଳ ସ୍ୱାବ ସଂଗ୍ରହ କରିଥିଲେ। ମାଳଦା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ସରପଞ୍ଚ ରିତାଞ୍ଜଳୀ ସାମଲଙ୍କ ତତ୍ତ୍ୱାବଧାନରେ ୧୩ଜଣ, ନପଙ୍ଗ ପଞ୍ଚାୟତସ୍ଥିତ ଚଣ୍ଡୀମାତା ଉଚ୍ଚ ବିଦ୍ୟାପୀଠ କେନ୍ଦ୍ରରୁ ସରପଞ୍ଚ ପ୍ରତିନିଧି ଆକାଶ ନାୟକଙ୍କ ତତ୍ତ୍ୱାବଧାନରେ ୨ଜଣ, ନେରଡା ପଞ୍ଚାୟତ ସୁବର୍ଣ୍ଣମୁଖୀ ବିଦ୍ୟାଳୟ କେନ୍ଦ୍ରରୁ ସରପଞ୍ଚ ବଦ୍ରିନାରାୟଣ ରାଉତ ଓ ଅରୁଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫ଜଣ ପ୍ରବାସୀଙ୍କଠାରୁ ସ୍ୱାବ ସଂଗ୍ରହ କରାଯାଇଥିଲା। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା କମଳାକାନ୍ତ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟକର୍ମୀ ବାମନ ଚରଣ ଖଟୁଆ, ପ୍ରୀତିପ୍ରିୟା ଭୂୟାଁ, ଏସ୍.କେ. ସାଇଦ କାଦରି ସ୍ୱାବ ସଂଗ୍ରହ କରିଥିଲେ। ବ୍ଲକର ବିଭିନ୍ନ ସଂଗରୋଧ କେନ୍ଦ୍ରରେ ରହିଥିବା ପ୍ରବାସୀମାନଙ୍କ ସ୍ୱାବ ସଂଗ୍ରହ ବିଳମ୍ବ ହେଉଥିବାରୁ ପ୍ରବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ଦୁର୍ଘଟଣାରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ଆନନ୍ଦପୁର,୨୩।୫(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ବରାଙ୍ଗ ଅଙ୍ଗନୱାଡି କେନ୍ଦ୍ର-୧ର କାର୍ଯ୍ୟରତ କର୍ମୀ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଶନିବାର ସକାଳେ ଅଙ୍ଗନୱାଡି କର୍ମୀ ପୁଷ୍ପଲତା ଜେନା(୫୦) ତାଙ୍କ ପୁଅ ସହିତ ବାଇକ୍ ଯୋଗେ ନୂଆମାଳିଆ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଯାଉଥିବା ସମୟରେ ରାସ୍ତାରେ ଥିବା ଏକ ହମ୍ପରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଗୁରୁତର ଆହତ ଅବସ୍ଥାରେ ଅଙ୍ଗନୱାଡି କର୍ମୀ ଏବଂ ତାଙ୍କ ପୁଅକୁ ପ୍ରଥମେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ପୁଷ୍ପଲତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଆହତ ପୁଅ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ସୁସ୍ଥ ହେଲେ ଆଉ ଜଣେ କରୋନା ଆକ୍ରାନ୍ତ

ବାରିପଦା ଅଫିସ,୨୩।୫- ମୟୂରଭଞ୍ଜ ଜିଲାର ଆଉ ଜଣେ କରୋନା ଆକ୍ରାନ୍ତ ଶନିବାର ସୁସ୍ଥ ହୋଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ମୋଟ ୧୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ବର୍ତ୍ତମାନ ୫ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି।

# ଜୀବିକା ଉଜାଡ଼ିଛି କରୋନା

**କେନ୍ଦୁଝର, ୨୩।୫ (ସ୍ୱ.ପ୍ର.)**



ଜଣେ କାରିଗର ପଥର ମୂର୍ତ୍ତି ତିଆରି କରୁଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ସମଗ୍ର ଦେଶରେ ଏବେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। କାମଧନ୍ଦା ସବୁ ଠପ୍ ହୋଇଯିବାରୁ ଶ୍ରମିକ, କାରିଗର ଶ୍ରେଣୀର ଲୋକଙ୍କ ଜୀବିକା ଉପରେ ଏହାର ପ୍ରଭାବ ପଡିଛି। ଦିନକୁ ଦୁଇ ଓଳି ଖାଇବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଲାଣି। ଏଭଳି ଦୁର୍ଦ୍ଦିନ ମଧ୍ୟରେ ରହିଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଧକୋଠା ଗ୍ରାମର ପଥରଶିଳ୍ପୀଙ୍କ ପରିବାର। ମୁଣ୍ଡ ଝାଳ ତୁଣ୍ଡରେ ମାରି ନିହାଣ ମୁନରେ ନିର୍ଜୀବ ପଥରକୁ ଜୀବନ୍ତ ରୂପ ଦେଉଥିବା ଏହି ପରିବାର ଉପରେ ପଡିଛି କରୋନା ପାହାର। ମୂର୍ତ୍ତି ତିଆରି କରି ବିକିଲେ ସେମାନଙ୍କ ପରିବାର ଚଳେ। ମୂର୍ତ୍ତି ବିକ୍ରି ବନ୍ଦ ହୋଇଯାଇଥିବାରୁ ଶିଳ୍ପୀମାନଙ୍କ ପାଇଁ ପରିବାର ଚଳାଇବା କଷ୍ଟକର ହୋଇପଡିଛି।

ବହୁବର୍ଷ ଧରି ଏହି ଗ୍ରାମର ଲୋକମାନେ ପଥର ଖନନ କରି ମୂର୍ତ୍ତି ଗଢି ତାହାକୁ ବିକି ଚଳି ଆସୁଛନ୍ତି। ୧୯୮୦ ମସିହାରେ ଏହି ପଥର କାମକୁ ମାନ୍ୟତା ମିଳିଥିଲା। ସେମାନେ ସୋସାଇଟି କରି ପଥର ମୂର୍ତ୍ତି ଗଢ଼ି ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ପରବର୍ତ୍ତୀ ସମୟରେ ପଥର ଅଭାବରୁ ସେମାନଙ୍କ ଜୀବିକା କ୍ଷତିଗ୍ରସ୍ତ ହୋଇଥିଲା। ଖଣି ଲିଜ ସମସ୍ୟା ଓ ପଥର ଉପରେ କଟକଣା ଆଦି କାରଣରୁ ଏଭଳି ସମସ୍ୟା ଦେଖାଦେଇଥିଲେ ହେଁ ସେମାନେ ପୁରୁଣା ବୃତ୍ତିକୁ ଛାଡି ପାରି ନ ଥିଲେ। ପଥରରେ ବିଭିନ୍ନ ଦେବଦେବୀ, ମହାପୁରୁଷଙ୍କ ମୂର୍ତ୍ତି ତଥା ପ୍ରତିମୂର୍ତ୍ତି ଗଢ଼ିବା ସହ ମନ୍ଦିର କାରୁକାର୍ଯ୍ୟ, ତୋରଣ ଆଦି ଗଢିଥାନ୍ତି। ବାହାରକୁ ଯାଇ ଅନେକ ବଡ଼ ବଡ଼ ହୋଟେଲ, ବଙ୍ଗଳା ଆଦିରେ ସୌନ୍ଦର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ଓ ସୌଖୀନ ସାମଗ୍ରୀ ନିର୍ମାଣ ମଧ୍ୟ କରିଥାନ୍ତି। ବହୁ ଶିଳ୍ପୀ ବାହାର ରାଜ୍ୟରେ ସେମାନଙ୍କ ପାରଦର୍ଶିତା ଦେଖାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜିଲାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଗ୍ରାମକୁ ଯାଇ ବିଭିନ୍ନ ମୂର୍ତ୍ତିକୁ କିଣି ନେଇଥାନ୍ତି। ଲକ୍‌ଡାଉନ୍ ପାଇଁ ଗମନାଗମନ ଉପରେ ରୋକ ଲାଗିଥିବାରୁ ମୂର୍ତ୍ତି ବାହାରକୁ ନେଇ ବିକିବା ସମ୍ଭବ ହୋଇପାରୁନାହିଁ। ଫଳରେ ବହୁ କଷ୍ଟରେ ଚଳିବାକୁ ପଡୁଛି ବୋଲି କୁହନ୍ତି ଶିଳ୍ପୀ ଗଣେଶ୍ୱର ପଲେଇ। ମୂର୍ତ୍ତି ଗଢି ହାତ ବାନ୍ଧି ବସିଛୁ। କିଛି ସରକାରୀ ସହାୟତା ମିଳିଲେ ଉପକୃତ ହୋଇ ପାରନ୍ତୁ ବୋଲି କୁହନ୍ତି ଶିଳ୍ପୀ ସୁବାସ ଖିଲାର। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ କହିଛନ୍ତି ଯେ, ସେମାନଙ୍କୁ ଆର୍ଥିକ ସହାୟତା ପାଇଁ କୌଣସି ସରକାରୀ ଘୋଷଣା ହୋଇନାହିଁ। ଆସିଲେ ସେମାନଙ୍କୁ ସହାୟତା ମିଳିବ।

## ୪ଦିନ ହେଲା ସ୍କୁଲରେ ମୁଣ୍ଡ ଗୁଞ୍ଜିଛନ୍ତି


ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଗଣେଶଙ୍କ ପରିବାର।

**ପଦ୍ମପୁର, ୨୩।୫(ଡି.ଏନ. ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦାସଡିହ ଗ୍ରାମର ଗଣେଶ ମଲିକଙ୍କ ଘର ବାତ୍ୟା ପ୍ରଭାବରେ ଭୁଶୁଡ଼ି ପଡ଼ିଛି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ସେ ତାଙ୍କ ପରିବାରର ୯ଜଣଙ୍କ ସହ ଦାସଡିହ ପ୍ରାଥମିକ ବିଦ୍ୟାଳୟରେ ୪ଦିନ ଧରି ଆଶ୍ରୟ ନେଇଛନ୍ତି। ଏ ବାବଦରେ ବାଲିମେଦ ରାଜସ୍ୱ ନୀରିକ୍ଷକଙ୍କୁ ଅବଗତ କରାଯାଇଥିବା ବେଳେ କୌଣସି ସରକାରୀ ସହାୟତା ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ଗଣେଶ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ଯୋଗଶିକ୍ଷା


କୁରୁଣ୍ଟା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଯୋଗଶିକ୍ଷା ଚାଲିଛି।

**ଖଇରା, ୨୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା, ମାଟିଆଳପଦା ଓ ଗଣ୍ଡିବେଡଠାରେ ବିଭିନ୍ନ ସ୍କୁଲରେ ଚାଲିଥିବା ସଙ୍ଗରୋଧ କେନ୍ଦ୍ରରେ ୩ଦିନ ଯୋଗଶିକ୍ଷା ଦିଆଯାଉଛି। ଖଇରା ବିଡିଓ ଦେବେନ୍ଦ୍ର ବଳଙ୍କ ଅନୁମତି କ୍ରମେ ଜିଲା ପତଞ୍ଜଳୀ ଯୋଗ ସମିତିର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାରଠାରୁ ପ୍ରତ୍ୟେକ ସକାଳ ସନ୍ଧ୍ୟାରେ ଯୋଗ ଶିବିର ଚାଲୁଛି। ଉଦ୍‌ଘାଟନୀ ଦିବସରେ ପ୍ରାରମ୍ଭିକ ବକ୍ତବ୍ୟ ପାଣିଗ୍ରାହୀ ରାମଦେବ ଓ ଆୟୁର୍ବେଦାଚାର୍ଯ୍ୟ ବାଲକ୍ରିଷ୍ଣଙ୍କ କିଛି ଉକ୍ତି ଉପରେ ଆଲୋଚନା ରଖି ଯୋଗ ମାଧ୍ୟମରେ ଦେହରେ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ୟତମ ଯୋଗ ଶିକ୍ଷକ କାହ୍ନୁଚରଣ ପାଣିଗ୍ରାହୀ ପ୍ରବାସୀମାନଙ୍କୁ ବିଭିନ୍ନ ଯୋଗ ପ୍ରଦର୍ଶନ କରୁଛନ୍ତି। ପ୍ରବାସୀ ଓଡିଆମାନେ ମଧ୍ୟ ସାମାଜିକ ଦୂରତା ଅବଲମ୍ବନ କରି ଏହି କୌଶଳ ଶିଖିବାକୁ ଉଦ୍ୟମ କରୁଛନ୍ତି। ଶିବିର ପରିଚାଳନାରେ ମାନସ କୁମାର ଦାଶ, ମହେନ୍ଦ୍ର ବରିସଲ, ଦିଲୀପ ବେହେରା, ଶ୍ୟାମସୁନ୍ଦରପୁର ସରପଞ୍ଚ ସୁଶାନ୍ତ ମହାକୁଡ ପ୍ରମୁଖ ସହଯୋଗ କରୁଛନ୍ତି।

## ବାଲେଶ୍ୱରରେ ଆଉ ୩ କରୋନା ପଜିଟିଭ୍

### ମୋଟ୍ ସଂଖ୍ୟା ଛୁଇଁଲା ୧୨୮

**ବାଲେଶ୍ୱର ଅଫିସ,୨୩।୫**

ବାଲେଶ୍ୱର ଜିଲାରେ ଶନିବାର ଆଉ ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍‌ରୁ ସୂଚନା ମିଳିଛି। ଫଳରେ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨୮ରେ ପହଞ୍ଚିଛି। ସମସ୍ତ ଆକ୍ରାନ୍ତ ସୁରଟ୍ ଫେରନ୍ତା ଓ ସେମାନେ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଅନ୍ୟପକ୍ଷରେ ଶନିବାର ପୁଣି ୧୫ ଆକ୍ରାନ୍ତ ଆରୋଗ୍ୟ ହେବା ପରେ ଜିଲାରେ ମୋଟ୍ ଆରୋଗ୍ୟ ସଂଖ୍ୟା ୫୭ରେ ପହଞ୍ଚିଛି। ଅନ୍ୟ ୭୪ଜଣ ରାଜ୍ୟର ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ସରପଞ୍ଚଙ୍କୁ ଦୁର୍ବ୍ୟବହାର

**ବାଲେଶ୍ୱର ଅଫିସ, ୨୩।୫**

ବାଲେଶ୍ୱର ଜିଲା ସଦର ବ୍ଲକ ସିନ୍ଧିଆ ପଞ୍ଚାୟତର ସରପଞ୍ଚ ଅନିରୁଦ୍ଧ ପ୍ରଧାନଙ୍କୁ କେତେଜଣ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଅଭିଯୋଗ ହୋଇଛି।

ସଦର ପଞ୍ଚାୟତ ସମିତି ଅଧୀନରେ ଥିବା ପଞ୍ଚାୟତଗୁଡ଼ିକରେ ଟିଏମ୍‌ସି ସେଣ୍ଟର ରହିଛି। ବିଧାୟକଙ୍କ ହାତ ପାଣ୍ଠିରୁ କୋଭିଡ୍-୧୯ ପାଇଁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଉଛି। ଏହି ଟିଏମ୍‌ସି ସେଣ୍ଟରରେ ପ୍ରବାସୀ ଓଡ଼ିଆମାନେ ରହୁଥିବା ସ୍ଥଳେ ସେଠାକୁ ସାଧାରଣ ଲୋକେ ଯିବାକୁ ବାରଣ କରାଯାଇଛି। ହେଲେ କେତେଜଣ ବ୍ୟକ୍ତି ନିଜକୁ ବିଧାୟକଙ୍କ ପ୍ରତିନିଧି ଭାବେ କହିବା ସହ ସାଙ୍ଗରେ ୧୦ରୁ ୧୨ ଜଣ ଲୋକ ଏକାଠି ହୋଇ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଉଦ୍‌ଘାଟନ କରିବାକୁ ଅଡି ବସିଥିଲେ। ସେଠାରେ ୧୪୪ ଧାରା ଜାରି ହୋଇଥିବାରୁ ସରପଞ୍ଚ ଏହାକୁ ବାରଣ କରିଥିଲେ। ସେମାନେ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ଅଢ଼େଇ ଦିନିଆ ଜିଲାପାଳ କହି ତାଚ୍ଛଲ୍ୟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଦାସ କହନ୍ତି, ଟିଏମ୍‌ସି ସେଣ୍ଟରରେ ଲାଗିଥିବା ଲାଇଟ୍ ଠିକ୍ ଭାବେ ଲାଗିଛି କି ନାହିଁ ସେଣ୍ଟର ବାହାରେ ରହି ତଦାରଖ କରୁଥିବା ବେଳେ ସରପଞ୍ଚ ଦୁର୍ବ୍ୟବହାର କରି ସେଠାରୁ ପଳାଇଯିବା ପାଇଁ କହିଥିଲେ। ସେମିତି କୌଣସି ଗଣ୍ଡଗୋଳ ହୋଇ ନ ଥିବା ପ୍ରକାଶ କରିଛନ୍ତି।

# ଟ୍ରେନ ଚାଲିଲେ ବଢ଼ିବ ସଂକ୍ରମଣ

**ଯୋଡ଼ା,୨୩।୫(ଡି.ଏନ.ଏ.)**

**ଆତଙ୍କିତ ଅଞ୍ଚଳବାସୀ**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ହେଉଛି ଏକ ଶ୍ରମିକ ବହୁଳ ବସ୍ତି ଓ ହଟିଂ ଉପତ୍ୟକା। ଏଠାକୁ ବିଭିନ୍ନ ରାଜ୍ୟ ତଥା ଅଞ୍ଚଳର ଶ୍ରମିକମାନେ ଆସି କାର୍ଯ୍ୟ କରିଥାନ୍ତି। ବିଭିନ୍ନ କାରଣରୁ ଖଣିଖାଦାନ ବନ୍ଦ ହେବା ପରେ ଏହି ଅଞ୍ଚଳରୁ ବହୁ ଶ୍ରମିକ ବାହାର ଅଞ୍ଚଳକୁ କାର୍ଯ୍ୟ କରିବାକୁ ଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ପ୍ରବାସୀମାନଙ୍କୁ ପଶ୍ଚିମବଙ୍ଗର କୋଲକାତାଠାରୁ ଯୋଡ଼ା ଓ ବଡବିଲ ଆଣିବା ପାଇଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ହୁଏ, ତାହେଲେ ବାହାର ଅଞ୍ଚଳରୁ ହଜାର ହଜାର ଲୋକ ଏହି ଅଞ୍ଚଳକୁ ଆସିବେ। ଫଳରେ କରୋନା ଭାଇରସ ସଂକ୍ରମଣ ବୃଦ୍ଧି ହେବା ଆଶଙ୍କା ରହିଛି। କାରଣ ଟ୍ରେନ୍‌ରେ ଆସୁଥିବା ଯାତ୍ରୀମାନଙ୍କୁ ବଡବିଲ୍ ଷ୍ଟେଶନରୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯିବ। ମାତ୍ର ବଡବିଲ୍ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ୨/୩ଟି ସ୍ଥାନରେ ଟ୍ରେନ୍‌ର ବେଗ ମନ୍ଥର ହୋଇଥାଏ। ଏହାର ଫାଇଦା ଉଠାଇ ବହୁଯାତ୍ରୀ ସେଠାରେ ଓହ୍ଲାଇ ନିଜ ନିଜ ଘରକୁ ଯିବେ। ଆଗରୁ ଏଭଳି ନଜିର ମଧ୍ୟ ରହିଛି। ଏ ସମ୍ପର୍କରେ ଯୋଡ଼ା ବିକାଶ ପରିଷଦର ସମ୍ପାଦକ ସୁଶାନ୍ତ କୁମାର ବାରିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଲକଡାଉନ୍‌ର ଅବଧି ଶେଷ ପରେ ଯଦି ବଡବିଲ୍‌କୁ ଜନଶତାବ୍ଦୀ ଟ୍ରେନ୍ ଚଳାଚଳ ହୁଏ, ତେବେ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଶ୍ରମିକଙ୍କ ଯୋଗୁ ଯୋଡ଼ା ବଡବିଲ୍ ଖଣି ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଇବ। ବର୍ତ୍ତମାନ ସୁଦ୍ଧା ଯୋଡ଼ା ବ୍ଲକର ବଡବିଲଠାରେ ପଶ୍ଚିମବଙ୍ଗରୁ ଆସିଥିବା ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବସ୍ ଓ ଟ୍ରେନ୍ ଚଳାଚଳ ଯୋଗୁ ସଂକ୍ରମଣର ମାତ୍ରା ବହୁ ଗୁଣ ବୃଦ୍ଧି ପାଇବ। ଏଣୁ ବଡବିଲ୍‌କୁ ବର୍ତ୍ତମାନ ଟ୍ରେନ୍ ଚଳାଚଳ ନ କରିବା ପାଇଁ ସେ ଦାବି କରିଛନ୍ତି। ସେହିପରି ଯୋଡ଼ା ଅଞ୍ଚଳର ବରିଷ୍ଠ ନାଗରିକ ସୋମନାଥ ମହାନ୍ତି, ଜୁରୁଡ଼ିର ସୁର ମହାନ୍ତି, ଯୁବ ସଂଗଠକ ମାନସ ଦାସ, ସୁବାଷ ସେନ୍ ଗୁପ୍ତା, ପ୍ରଭା ରାଉତ ପ୍ରମୁଖ ଅଞ୍ଚଳରେ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଦାବି କରିଛନ୍ତି। ଆସନ୍ତା ୧ ତାରିଖରୁ ଆରମ୍ଭ ହେବାକୁ ଥିବା ରେଳ ଚଳାଚଳ ଏହା ଉପରେ ପ୍ରଭାବ ପକାଇବ ବୋଲି ସେମାନେ କହିଛନ୍ତି। ଏଣୁ ଏହି ରେଳ ଚଳାଚଳକୁ ସାମୟିକ ସ୍ଥଗିତ ରଖିବା ପାଇଁ ସେମାନେ ଦାବି କରିଛନ୍ତି।

## ୨୫ ପଞ୍ଚାୟତରେ ଅତିରିକ୍ତ ସଙ୍ଗରୋଧ କେନ୍ଦ୍ର

**ବନ୍ତ,୨୩।୫(ଡି.ଏନ୍.ଏ.)**

କରୋନା ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ବାହାର ରାଜ୍ୟରୁ ଓଡ଼ିଶା ଫେରୁଥିବା ପ୍ରବାସୀମାନଙ୍କ ପାଇଁ ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ ପଞ୍ଚାୟତରେ ଅତିରିକ୍ତ ସଙ୍ଗରୋଧ କେନ୍ଦ୍ରର ବ୍ୟବସ୍ଥା କରାଯାଉଛି। ଉଲ୍ଲେଖ ଯେ, ବାହାର ରାଜ୍ୟରୁ ଓଡ଼ିଶା ଫେରିବା ପାଇଁ ୮ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପଞ୍ଜୀକରଣ କରିଛନ୍ତି। ଏହାରି ମଧ୍ୟରେ ବନ୍ତ ବ୍ଲକକୁ ପ୍ରାୟ ୧ହଜାର ୩ ଶହ ପ୍ରବାସୀ ଓଡ଼ିଆ ଫେରିଥିବା ଜଣାଯାଇଛି। ପୂର୍ବରୁ ପ୍ରତି ପଞ୍ଚାୟତରେ ୫୦ଟି କରି ୨୫ ପଞ୍ଚାୟତରେ ୧୨୫୦ ଶଯ୍ୟାର ବ୍ୟବସ୍ଥା କରାଯାଇଥିଲା। ଏବେ ଅଧିକ ଶଯ୍ୟାର ଆବଶ୍ୟକତା ପଡିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ୨ୟ ପର୍ଯ୍ୟାୟରେ ଅତିରିକ୍ତ ସଙ୍ଗରୋଧ କେନ୍ଦ୍ରର ବ୍ୟବସ୍ଥା କରାଯାଉଛି। ପ୍ରତି ଅତିରିକ୍ତ ସଙ୍ଗରୋଧ କେନ୍ଦ୍ରରେ ୫୦ଟି କରି ଶଯ୍ୟାର ବ୍ୟବସ୍ଥା କରାଯିବ। ପରବର୍ତ୍ତୀ ଅବସ୍ଥାରେ ପ୍ରବାସୀମାନଙ୍କ ସଂଖ୍ୟାକୁ ଦେଖି ପୁନଶ୍ଚ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବ୍ଲକ ପ୍ରଶାସନ ଠାରୁ ସୂଚନା ମିଳିଛି।

## ଅମ୍ଫାନ୍ ଭାଙ୍ଗିଦେଲା କୁଡ଼ିଆ, ଭୋକ ଉପାସରେ ପରିବାର


ବାତ୍ୟାରେ ନଷ୍ଟ ହୋଇଯାଇଥିବା କୁଡ଼ିଆ।

**ବନ୍ତ,୨୩।୫(ଡି.ଏନ୍.ଏ.)**

ବାତ୍ୟା ଅମ୍ଫାନ୍ ଭାଙ୍ଗି ଦେଇଛି କୁଡ଼ିଆ। ଏବେ ଭୋକ ଉପାସରେ ଖୋଲା ଆକାଶ ତଳେ ଆଦିବାସୀ ପରିବାରର ୧୫ ଜଣ ସଦସ୍ୟ ଦିନ କାଟୁଛନ୍ତି। ଏଭଳି ଦୃଶ୍ୟ ଭାଇରାଲ ହୋଇଛି ସୋସିଆଲ ମିଡିଆରେ। ଏହା ହେଉଛି ଭଦ୍ରକ ଜିଲା ବନ୍ତ ବ୍ଲକ ଜଗଦୀଶପୁର ଗ୍ରାମର ଦୃଶ୍ୟ। ଗୋଟିଏ ପରିବାରର ୧୫ ଜଣ ସଦସ୍ୟ କୁଡିଆ ତିଆରି କରି ଜଗଦୀଶପୁର ପୋଲ ନିକଟରେ ରହୁଥିଲେ। ବାତ୍ୟାରେ ସେମାନଙ୍କର କୁଡ଼ିଆ ଭାଙ୍ଗି ଯାଇଛି। ସେମାନେ ଏବେ ଭୋକ ଉପାସରେ ରହିଛନ୍ତି। ବନ୍ତସ୍ଥିତ ଶାନ୍ତି ୟୁଥ୍ କ୍ଲବର ସଦସ୍ୟ କାହ୍ନା ନାୟକ, ଜ୍ୟୋତି ରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ସୂତାର, ଶ୍ରୀକାନ୍ତ ନାୟକ ସମ୍ପୃକ୍ତ ପରିବାରକୁ ୨ ଦିନ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ସମ୍ପୃକ୍ତ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନେଇ ବିଡିଓ ଓ ତହସିଲଦାରଙ୍କୁ ଅବଗତ କରାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ କର୍ମୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ସହ ଯୋଗାଯୋଗ ହୋଇପାରି ନାହିଁ।

# ତୁଣ୍ଡୁରାରେ କ୍ଷୟକ୍ଷତି ଆକଳନ

**ରେମୁଣା, ୨୩।୫(ଡି.ଏନ୍.ଏ.)**

ବାତ୍ୟା ପ୍ରଭାବରେ ରେମୁଣା ବ୍ଲକ ତୁଣ୍ଡୁରା ପଞ୍ଚାୟତର ୩୦ଏକର ଚାଷ ଜମି ଉଜୁଡ଼ିଯାଇଛି। ଶନିବାର କୃଷି ଅଧିକାରିଣୀ କ୍ଷମାମୟୀ ଦାସ, ଆର୍‌ଆଇ ମଦନମୋହନ ଲେଙ୍କା, ସହକାରୀ ଆର୍‌ଆଇ ସୋମନାଥ ସିଂ ଏବଂ ତୁଣ୍ଡୁରା ସରପଞ୍ଚ ଅଜୟ କୁମାର ବାରିକ ଚାଷଜମି ପରିଦର୍ଶନରେ ଯାଇ କ୍ଷୟକ୍ଷତି ଆକଳନ କରିଥିଲେ। ପାଖାପାଖି ୮୦ରୁ ୮୫ ଭାଗ ଧାନ ନଷ୍ଟ ହୋଇଛି। ଏଥିପାଇଁ ଚାଷୀକୁଳକୁ ସରକାରଙ୍କ ତରଫରୁ ତୁରନ୍ତ ସାହାଯ୍ୟ କରିବା ପାଇଁ ଚାଷୀମାନେ ସରକାରୀ ଅଧିକାରୀଙ୍କୁ ନିବେଦନ କରିଥିଲେ।


ଅଧିକାରୀମାନେ କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖୁଛନ୍ତି।

# ତେଜିଲା ଟ୍ରକ ମାଲିକ ସଂଘ ବିବାଦ

**କେନ୍ଦୁଝର, ୨୩।୫ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରୁ ପାରଦୀପକୁ ଲୁହାପଥର ପରିବହନକୁ ନେଇ କେନ୍ଦୁଝର ଓ ପାରାଦୀପ ଟ୍ରକ ମାଲିକ ସଂଘମାନଙ୍କ ମଧ୍ୟରେ ବିବାଦ ତୀବ୍ର ରୂପ ଧାରଣ କରିଛି। କେନ୍ଦୁଝର ଜିଲାରୁ ଲୁହାପଥର ନେଇ ଯାଉଥିବା ଟ୍ରକ ଗୁଡିକୁ ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡା ଅଞ୍ଚଳର ଟ୍ରକ ମାଲିକମାନେ ବିଭିନ୍ନ ପ୍ରକାରର ହଇରାଣ କରୁଥିବାରୁ ଏହାର ପ୍ରତିବାଦରେ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ଗତ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳର ଟ୍ରକ ଗୁଡିକୁ ଏନଏଚ ୨୦ ରାଙ୍କି ନିକଟରେ ଅଟକାଇ ରଖିଛନ୍ତି। ଏହାକୁ ନେଇ ବିବାଦ ବଢୁଥିବାରୁ ଉଭୟ ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମାଧାନ କରିବାକୁ ଦାବି ହେଉଛି। ଏନେଇ କେନ୍ଦୁଝର ଜିଲା ଟ୍ରକ ମାଲିକ ପକ୍ଷରୁ ପାରାଦୀପ ଟ୍ରକ ମାଲିକ ସଂଘକୁ ଜଣାଇଥିଲେ ହେଁ କରୋନା କଟକଣା ଆଳରେ ସମାଧାନ ନ କରି ଦିନ ଗଡାଇବାରେ ଲାଗିଛନ୍ତି। ଏଣୁ ବାଧ ହୋଇ ଆମେ ଏଠାରେ ସାମାଜିକ ଦୂରତ୍ୱ ରକ୍ଷା କରି ତାଙ୍କ ଅଞ୍ଚଳର ଟ୍ରକ ଗୁଡିକୁ ଅଟକାଇ ପ୍ରତିବାଦ କରୁଛୁ ବୋଲି କେନ୍ଦୁଝର ଟ୍ରକ ମାଲିକ ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କର କହିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ, ଗୋଟିଏ ଟ୍ରିପ ଲୋଡ ପାଇଁ ୧୦ ଦିନ ଲାଗୁଛି। ଏଣୁ ଟ୍ରକ ମାଲିକ ମାନେ ଆର୍ଥିକ କ୍ଷତି ସହୁଥିବାରୁ ଗାଡି ଚାଳକମାନେ ଯିବାକୁ ଅରାଜି ହେଉଛନ୍ତି। ଏଣୁ ଏହାର ତୁରନ୍ତ ସମାଧାନ ନ ହେବା ପର୍ଯ୍ୟନ୍ତ ଟ୍ରକ ଗୁଡ଼ିକ ଛଡାଯିବ ନାହିଁ ବୋଲି ଟ୍ରକ ମାଲିକ ମାନେ କହିଛନ୍ତି।

# ବାଲିଆପାଳ ଅଞ୍ଚଳରେ ବ୍ୟାପକ କ୍ଷତି

**ବାଲିଆପାଳ, ୨୩।୫(ସ୍ୱ.ପ୍ର.)**

ବାତ୍ୟା ଅମ୍ଫାନ ପ୍ରଭାବରେ ବାଲିଆପାଳ ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ବାତ୍ୟା ଛାଡ଼ିଯାଇଛି ମାତ୍ର ତାର ପ୍ରଭାବରେ ଚାଷୀ ଏବଂ ଗରିବ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଶହ ଶହ ଏକରରେ ହୋଇଥିବା ରବିଧାନ ପାଣିରେ ଭାସୁଛି। ସେହିପରି ସମୁଦ୍ରକୂଳିଆ ଗାଁଗୁଡ଼ିକରେ ହୋଇଥିବା ଚିନାବାଦାମ, ମିଗ, ବିରି ଗଛ ପାଣିରେ ବୁଡିରହି ପଚିବାକୁ ବସିଲାଣି। ପାନବରଜ ସବୁ ଭାଙ୍ଗି ମାଟିରେ ମିଶିଛି। ଗଛ ପଡି ଲଙ୍ଗଳେଶ୍ୱର ଗ୍ରାମର ଅମୂଲ୍ୟ ଜେନାଙ୍କ ଘର ଭାଙ୍ଗିବା ସହିତ ୫୦ ହଜାରରୁ ଊର୍ଦ୍ଧ୍ୱ ସାମଗ୍ରୀ ନଷ୍ଟ ହୋଇଛି। ସେହିପରି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ସେ ଏବେ ସ୍କୁଲ ଘରେ ପରିବାର ସହିତ ଅଶ୍ରୟ ନେଇଛନ୍ତି। ବାତ୍ୟା ପ୍ରଭାବରେ ଚଉମୁଖ, ଡଗରା, ବେତଗଡିଆ, ଜମ୍ବିରାଇ, କଷାଫଳ ଆଦି ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ରୋପଣ କରାଯାଇଥିବା ଝାଉଁ ଜଙ୍ଗଲରେ ଶହ ଶହ ଗଛ ଭାଙ୍ଗି ଉପୁଡି ପଡିଛି। ଏହି ସୁଯୋଗରେ କେତେକ କାଠମାଫିଆ ସେଗୁଡିକୁ ନେଇଯାଉଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ଏହି ବ୍ଲକର ପାନଚାଷୀଙ୍କ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି। ଲକ୍‌ଡାଉନ ପାଇଁ ପାନ ବାହାରକୁ ଯାଇପାରୁନି ଏବଂ ଦୋକାନ ବନ୍ଦ ଥିବାରୁ ସ୍ଥାନୀୟ ବଜାରରେ ମଧ୍ୟ କେହି କିଣୁନାହାନ୍ତି। ଏବେ ଅମ୍ଫାନ ଯୋଗୁ ୭୫ ଶତାଂଶ ପାନବରଜ ମାଟିରେ ମିଶିଯାଇଛି। ସେମାନେ କରଜ କରି ପାନବରଜ କରିଥିବା ବେଳେ ଏବେ କିପରି ଋଣ ପରିଶୋଧ କରିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ସରକାର ଧାନ ଏବଂ ଅନ୍ୟାନ୍ୟ ଫସଲକୁ ଯେପରି କିଣୁଛନ୍ତି ଏବଂ କ୍ଷତିପୂରଣ ଦେଉଛନ୍ତି ସେହିପରି ପାନଚାଷୀଙ୍କୁ ଅନୁରୂପ ସହାୟତା ଦେବାକୁ ପାନଚାଷୀ ଅନନ୍ତ ଗିରି, ଶିବନାରାୟଣ ବାରିକ, ମନୋରଞ୍ଜନ ଦେ, ଜୟଦେବ ପ୍ରମାଣିକ, ଗଣେଶ ବିଶ୍ୱାଳ ପ୍ରମୁଖ ଦାବି ହେଉଛି।


ଜଣେ ଚାଷୀ ନଷ୍ଟ ହୋଇଥିବା ଧାନଗଛ ଦେଖାଉଛନ୍ତି।

## ସଂକ୍ଷେପରେ

### କନ୍ଧମାଳରେ ଆଉ ୨ କରୋନା ପଜିଟିଭ

**ଫୁଲବାଣୀ ଅଫିସ, ୨୩।୫:** କନ୍ଧମାଳରେ ପୁଣି ୨କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଜଣଙ୍କର ବୟସ ୨୧ ଓ ଅନ୍ୟ ଜଣଙ୍କର ୫୦। ଉଭୟ ଗତ ମେ' ୧୪ରେ ତେଲେଙ୍ଗାନାରୁ ଫେରିଥିଲେ। ଜିଲା ପ୍ରଶାସନ ସେମାନଙ୍କୁ ଟିକାବାଲି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲା। ଉଭୟଙ୍କ ନିକଟରେ କରୋନାର କୌଣସି ଲକ୍ଷଣ ଦେଖା ଦେଇ ନ ଥିଲେ ମଧ ବାହାର ରାଜ୍ୟରୁ ଫେରିଥିବାରୁ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠା ଯାଇଥିଲା। ସେମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ରାତିରେ ସେମାନଙ୍କୁ ଭୁବନେଶ୍ୱର କୋଭିଡ୍-୧୯ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏହି ୨ ଜଣଙ୍କୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫ରେ ପହଞ୍ଚିଛି।

### ପୂର୍ଣ୍ଣ ହତ୍ୟା ଉଦ୍ୟମ ଘଟଣା
### ଏଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ

**ବ୍ରହ୍ମପୁର ଅଫିସ,୨୩।୫:** ଅଶୋକ ଜେନା ହତ୍ୟା ମାମଲାର ସାକ୍ଷୀ ଥିବା ତାଙ୍କ ଭାଇ ପୂର୍ଣ୍ଣ ଜେନା ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ପୂର୍ଣ୍ଣଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ବର୍ଗ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସେମାନଙ୍କ ଅଭିଯୋଗ ଶୁଣିବା ସହ ଘଟଣାରେ ସଦର ଥାନା ପୋଲିସ ପୂର୍ବରୁ ୪ ଜଣଙ୍କୁ ଗିରଫ କରିଥିବା କହିଥିଲେ। ଏହାର ତଦନ୍ତ ଜାରି ରହିଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି କହିବା ସହ ଏହାର ଅଧିକ ତଦନ୍ତ ପାଇଁ ଏଏସ୍‌ପି ପ୍ରଭାତ ରାଉତରାୟଙ୍କୁ ଦାୟିତ୍ୱ ଦେଇଛନ୍ତି। ପ୍ରକାଶ ଯେ, ଗତ ୧୦ ତାରିଖରେ ସଦର ଥାନା ଅନ୍ତର୍ଗତ ରୋହିଗାଁର ପୂର୍ଣ୍ଣଙ୍କୁ ତାଙ୍କ ଭାଇ ଅଶୋକ ହତ୍ୟା ମାମଲାର ସାକ୍ଷୀ ନ ଦେବା ନେଇ ଧମକ ଦେବା ସହ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା ଉଦ୍ୟମ କରାଯାଇଥିଲା।

### ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

**ଛତ୍ରପୁର,୨୩।୫(ଡି.ଏନ୍.ଏ.):** ଗୋପାଳପୁର ପୋର୍ଟରେ ଶୁକ୍ରବାର ରାତି ସାଢେ ୧୦ ଟାରେ ଏକ ବାଇକ୍‌କୁ ମାଲ୍ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ସେଥିରେ କାମସାରି ଯାଉଥିବା ଜଣେ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ସେହେଲେ ଛତ୍ରପୁର ବ୍ଲକ କଣମଣ ପଞ୍ଚାୟତ ଚଷା କଣମଣ ଗାଁର ପର୍ଶୁରାମ ପ୍ରଧାନ। ଆର୍ଯ୍ୟପଲି ମେରାଇନ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ଗଞ୍ଜାମରେ ସୁସ୍ଥ ହେଲେଣି ୨୦୩ ଆକ୍ରାନ୍ତ

**ଛତ୍ରପୁର,୨୩।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଶନିବାର ପୁଣି ୪୧ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ପୂର୍ବରୁ ୧୬୨ ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ମୋଟ ୨୦୩ଜଣ ସୁସ୍ଥ ହୋଇ ଫେରିଲେଣି। ଅପରପକ୍ଷରେ ଦିନକୁ ଦିନ ଜିଲାରେ ପଜିଟିଭ୍‌ଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୁସ୍ଥମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଏମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ସ୍ୱାସ୍ଥ୍ୟ ଟିମ୍ ନିୟମିତ ସେମାନଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ତେବେ ପ୍ରାୟ ସମସ୍ତ ପଜିଟିଭ୍ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହେଉଛନ୍ତି। ଗୋଷ୍ଠୀ ସଂକ୍ରମଣ ହୋଇନି, ଏଣୁ କୌଣସି ଚିନ୍ତାର ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧମକୁ କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ଓ ଗ୍ଲୋବସ୍ ବ୍ୟବହାର କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ବ୍ରହ୍ମପୁର ଅଭିମୁଖେ ୬ ଟ୍ରେନ୍

**ବ୍ରହ୍ମପୁର ଅଫିସ,୨୩।୫**

### ବ୍ରହ୍ମପୁର ଷ୍ଟେଶନ ସ୍ଥିତି ଯାଞ୍ଚ କଲେ ଆର୍‌ଡିସି, ଜିଲାପାଳ



ଆର୍‌ଡିସିଙ୍କ ରେଳଷ୍ଟେଶନ ପରିଦର୍ଶନ ।

କୋଇମ୍ବାଟୁରରୁ ବାହାରିଥିବା ଗୋଟିଏ ଟ୍ରେନ ଶନିବାର ରାତି ପ୍ରାୟ ୨ଟା ବେଳେ ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିବ ବୋଲି ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି। ପରେ ସୁରଟରୁ ଆସୁଥିବା ୫ ଟ୍ରେନ୍ ପହଞ୍ଚିବାରେ ମିଳମ୍ବ ହୋଇପାରେ ବୋଲି ଷ୍ଟେଶନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା ସୂଚନା ଦେଇଛନ୍ତି। ବ୍ରହ୍ମପୁର ଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମରେ ଏହି ସବୁ ଟ୍ରେନ୍ ଲାଗିବ। କୋଇମ୍ବାଟୁରରୁ ଆସୁଥିବା ଟ୍ରେନରେ ଅଧା ଯାତ୍ରୀ ବ୍ରହ୍ମପୁରରେ ଓହ୍ଲାଇବେ ଓ ଅନ୍ୟ ଯାତ୍ରୀମାନଙ୍କୁ ନେଇ ଟ୍ରେନ୍‌ଟି ଯାଜପୁର ଯିବ। ସୁରଟରୁ ଆସୁଥିବା ଟ୍ରେନ୍ ପ୍ରତ୍ୟେକ ୨ ଘଣ୍ଟା ବ୍ୟବଧାନରେ ବ୍ରହ୍ମପୁରରେ ପହଞ୍ଚିବ ବୋଲି ମଧ୍ୟ ସେ କହିଛନ୍ତି। ଅନ୍ୟପଟେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି.ଆଓ ଷ୍ଟେଶନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ମଧ ଷ୍ଟେଶନରେ ପହଞ୍ଚି ସ୍ଥିତି ଦେଖିଥିଲେ। କରୋନା ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ କୋହଳ ହେବା ପରେ ଗତ ୩ ତାରିଖରୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଯୋଗେ ପ୍ରବାସୀମାନେ ଫେରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୧ ଟ୍ରେନରେ ପ୍ରାୟ ୪୯ ହଜାର ପ୍ରବାସୀ ଆସିଲେଣି। ବ୍ରହ୍ମପୁର ଷ୍ଟେଶନରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପରେ ପ୍ରବାସୀମାନଙ୍କୁ ବସ୍ ଯୋଗେ ବିଭିନ୍ନ ସ୍ଥାନକୁ ପଠାଯିବ। ବସ୍‌ଗୁଡିକ ଷ୍ଟେଶନରୁ ଗୁଡ୍‌ଶେଡ୍ ଓଭରବ୍ରିଜ ଦେଇ ଗୋଶାଣୀନୂଆଗାଁ ହୋଇ ହଳଦିଆପଦରକୁ ଯାଇ ଜାତୀୟ ରାଜପଥକୁ ଯିବ। ଶ୍ରମିକମାନେ ଟ୍ରେନରୁ ଓହ୍ଲାଇବା ପରେ ସାମାଜିକ ଦୂରତ୍ୱ ରକ୍ଷା କରି କିଭଳି ବସ୍ ପର୍ଯ୍ୟନ୍ତ ଯିବେ ସେ ଦିଗରେ ଧ୍ୟାନ ଦିଆଯାଉଛି। ୪ ନମ୍ବର ପ୍ଲାଟଫର୍ମର ବିଭିନ୍ନ ସ୍ଥାନରେ ବୃତ୍ତ ଚିହ୍ନ କରାଯାଇଛି। ପ୍ରତ୍ୟେକ ଟ୍ରେନରେ ୧୨୦୦ ରୁ ୧୩୦୦ ଯାତ୍ରୀ ଅସିବେ। ସେମାନେ ବ୍ରହ୍ମପୁର ପହଞ୍ଚିବା ପରେ ବିଭିନ୍ନ ଜିଲା ପାଇଁ ରହିଥିବା ବସ୍‌ରେ ପଠାଯିବ। ଏଥିପାଇଁ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସୂଚନାଯୋଗ୍ୟ, ଜଗନ୍ନାଥପୁର ଷ୍ଟେଶନରେ ସ୍ୱତନ୍ତ୍ର ଟ୍ରେନ ଲାଗୁଥିବା ବେଳେ ନିକଟରେ ଥିବା ଏଫସିଆଇ ଓ ଅନ୍ୟ ଡ଼ିପୋଗୁଡିକରେ ଚାଉଳ, ସାର ଓ ସିମେଣ୍ଟ ରେକ୍ ଲାଗିବାରେ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଳ ଷ୍ଟେଶନରେ ଟ୍ରେନ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା।

# କୋଚିଂ ସେଣ୍ଟରରେ ଚଢ଼ାଉ



କୋଚିଂ ସେଣ୍ଟରକୁ ସିଲ୍ କରାଯାଉଛି।

**କବିସୂର୍ଯ୍ୟନଗର,୨୩।୫(ଡି.ଏନ୍.ଏ.)**

କରୋନା ଯୋଗୁ ସରକାରଙ୍କ ତରଫରୁ ସ୍କୁଲ, କଲେଜ, କୋଚିଂ ସେଣ୍ଟର ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଇ-ଶିକ୍ଷାଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୃଦ୍ଧ ଓ କୋମଳମତି ପିଲା ବାହାରକୁ ବାହାରିବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। କିନ୍ତୁ ବହୁ କୋଚିଂ ସେଣ୍ଟର ଛୋଟ ପିଲାଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଅଭିଯୋଗକୁ ଭିତ୍ତିକରି ତହସିଲଦାର ପ୍ରକାଶ କୁମାର ମିଶ୍ର, ଷ୍ଟାଫ ଓ ପୋଲିସ ପଥରା ଗ୍ରାମ ମୁଖ୍ୟ ରାସ୍ତା କଡରେ ଚାଲୁଥିବା କୋଚିଂ ସେଣ୍ଟର ଉପରେ ଚଢ଼ାଉ କରିଥିଲେ। ଛାତ୍ରୀଛାତ୍ର ଓ ପଢ଼ାଉଥିବା ଶିକ୍ଷକ ପଛପଟ ଦେଇ ଫେରାର ହୋଇଯାଇଥିଲେ। ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ତାଗିଦ କରି ତହସିଲଦାର ମିଶ୍ର ଛାଡ଼ିଥିଲେ । ଏହାର ପୁରାନବୃତ୍ତି ଘଟିଲେ ଘର ସିଲ୍ ସହ ଦଣ୍ଡବିଧାନ କରାଯିବ ବୋଲି ଚେତାଇ ଦେଇଥିଲେ। ପ୍ରକାଶ ଯେ, କବିସୂର୍ଯ୍ୟନଗର ଏନ୍‌ଏସିର ଧୋବା ସାହି, ଗୋପୀନାଥପାଟଣା, ମାଳିସାହି, ଦେଶୀବେହେରା ସାହି, ପାଟସିଲା ସାହି, ବ୍ଲକ ପଛ, ଗାୟତ୍ରୀ ମନ୍ଦିର ନିକଟରେ କୋଚିଂ ସେଣ୍ଟର ଚାଲିଥିବା ଅଭିଯୋଗ ହେଉଛି। ସେହିପରି ସିଆଳିଆ, ବଡ଼ଆଗୁଳ ଛକ, ବାଲ୍ୟସରା, ବରିଡ଼ା ଓ ଆଠଗଡ଼ ଆଦି ପଞ୍ଚାୟତଗୁଡ଼ିକରେ ଟ୍ୟୁଶନ ହେଉଥିବା ଦେଖିବାକୁ ମିଳିଛି। ଏ ଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ପିଲାଙ୍କୁ କରୋନା ସଂକ୍ରମଣରୁ ରକ୍ଷା କରିବାକୁ ଦାବି ହେଉଛି।

# ଗାଁ ପୋଖରୀରେ ଗାଧୋଇଲେ ସୁରଟ ଫେରନ୍ତା

## ରାସ୍ତା, ପୋଖରୀ ସାନିଟାଇଜ୍ କରିବାକୁ ଦାବି

**ଖଜୁରିପଡା/ବଳସକୁମ୍ପା, ୨୩।୫(ଡି.ଏନ.ଏ.)**





ସ୍ନାନ ଶୌଚ ପାଇଁ ଯାଉଥିବା ପ୍ରବାସୀ ।

ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସୁଥିବା ଏକ ବସ୍ ଖଜୁରିପଡା ବ୍ଲକ ସମ୍ପେପଦର ଗ୍ରାମ ନିକଟସ୍ଥ ସମ୍ପେପଦର ଘାଇଠାରେ ଶନିବାର ସକାଳ ପ୍ରାୟ ୭ଟାରେ ଅଟକିଥିଲା। ଗାଡିରେ ଥିବା ବ୍ୟକ୍ତିମାନେ ରାସ୍ତା କଡ଼ରେ ସ୍ନାନ ଶୌଚ ଆଦି କରିଥିଲେ। ଏହାକୁ ଦେଖି ଗ୍ରାମବାସୀ କରୋନା ସଂକ୍ରମଣ ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି। କାରଣ ସେହି ରାସ୍ତାରେ ଗାଁ ଲୋକେ ଚଳପ୍ରଚଳ କରନ୍ତି। ପ୍ରଶାସନ ଏଭଳି ଘଟଣାକୁ ଦୃଷ୍ଟି ଦେବା ସହିତ ପ୍ରବାସୀ ଓଡ଼ିଆମାନେ ସ୍ନାନ ଶୌଚ ପାଇଁ ଯେପରି ଜନଗହଳି ସ୍ଥାନରେ ନ ରହିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେମାନେ ବ୍ୟବହାର କରିଥିବା ସ୍ଥାନ ଓ ପୋଖରିରେ ବିଶୋଧନ ସିଞ୍ଚନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଶିକ୍ଷକଙ୍କୁ ଆକ୍ରମଣ ଘଟଣା, ବିବାଦ ବଢୁଛି

**ଭଞ୍ଜନଗର,୨୩।୫(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ କ୍ଷେତମୁଣ୍ଡୁଳି ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ସମ୍ପୃକ୍ତ ଗ୍ରାମର କେତେଜଣ ଯୁବକ ଗତ ୧୯ ତାରିଖରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଗ୍ରାମର କେତେଜଣ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏହାପରେ ଉଭୟ ପକ୍ଷ ବସି ଆଲୋଚନା ପରେ ଲିଖିତ ଭାବେ ସମସ୍ୟା ସମାଧାନ ହୋଇଥିଲା। କିନ୍ତୁ ୨୦ ତାରିଖରେ ପ୍ରଧାନ ଶିକ୍ଷକ ପୁଣି ଏନେଇ ଜଗନ୍ନାଥପ୍ରସାଦ ବିଡ଼ିଓଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅପରପକ୍ଷେ ଗ୍ରାମବାସୀ ମଧ କାର୍ଯ୍ୟରେ ଅବହେଳା ଏବଂ ଧମକ ଚମକ ଦେଇଥିବାରୁ ପ୍ରଧାନ ଶିକ୍ଷକ ଏବଂ ନୋଡ଼ାଲ ଅଫିସରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶଯେ, ୧୮ ତାରିଖରେ ସୁରଟରୁ ଟ୍ରେନ ଯୋଗେ ଆସିଥିବା କିଛି ଲୋକଙ୍କୁ ଏକ ବସ୍ ଧରି ଜଗନ୍ନାଥପ୍ରସାଦ ବ୍ଲକ ବଡ଼ଗୁଣ୍ଡିରିବାଡ଼ି କ୍ୱାରାଣ୍ଟାଇନ୍ ସେଣ୍ଟର ଯାଉଥିଲା। ତିନିଛକିଆଠାରେ କ୍ଷେତମୁଣ୍ଡୁଳି ଅଞ୍ଚଳର ୪ଜଣ ଓହ୍ଲାଇ ଗ୍ରାମକୁ ଚାଲିଯାଇଥିଲେ। ଗ୍ରାମବାସୀ ବିରୋଧ କରିବାରୁ ସେମାନଙ୍କୁ ଗ୍ରାମ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଭଞ୍ଜନଗର,୨୩।୫(ଡି.ଏନ୍.ଏ.)**

ଭଞ୍ଜନଗର ଥାନା ଭାଲିଆଖାଇର ଲଣ୍ଡା ନାଇକଙ୍କର ଶନିବାର କାମ କରୁଥିବା ଜମିରେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶଯେ, ଲଣ୍ଡା ଶନିବାର ସକାଳ ପ୍ରାୟ ୮ଟାରେ ଅନ୍ୟ ଜଣଙ୍କ ଜମିକୁ କାମ କରିବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଅପରାହ୍ନ ୪ଟାରେ ଜମିରେ ତାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର



ପିଇଓମାନେ ଧାରଣାରେ ବସିଛନ୍ତି।

**ପୁରୁଷୋତ୍ତମପୁର,୨୩।୫(ଡି.ଏନ୍.ଏ.)**

### ପିଇଓଙ୍କୁ ଏପିଓଙ୍କ ଗାଳିଗୁଲଜ ଘଟଣା

ପୁରୁଷୋତ୍ତମପୁର ବ୍ଲକ ଟଙ୍କାଛାଇ ପଞ୍ଚାୟତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରତିକାନ୍ତ ସାହୁଙ୍କୁ ବ୍ଲକ ଏମ୍‌ଜିଏନଆରଇଜିଏସର ଏପିଓ ଗାଳିଗୁଲଜ କରିବା ଘଟଣାକୁ ପିଇଓ ସଂଘ ତୀବ୍ର ପ୍ରତିବାଦ କରିଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବ୍ଲକ କର୍ତ୍ତୃପକ୍ଷଙ୍କୁ ଶନିବାର ପ୍ରଦାନ କରି ସପ୍ତାହକ ମଧ୍ୟରେ ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଏନେଇ ଏପିଓ ଗୋପାଳ କୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ, ସରକାରୀ ନିୟମ ପ୍ରକାରେ ୮ ଦିନରେ ମଜୁରି ଦେବାକଥା। ସେ ବାରମ୍ବାର ଏଥିରେ ବିଳମ୍ବ କରୁଛନ୍ତି। ବହୁବାର କହିବା ସତ୍ତ୍ୱେ ଶୁଣୁନାହାନ୍ତି। ଯାହାଦ୍ୱାରା ବିରକ୍ତ ହୋଇ ଏଭଳି ଗାଳି ଦେଇଥିଲି। ଏନେଇ ମୁଁ ଦୁଃଖିତ ବୋଲି ଏପିଓ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଟଙ୍କାଛାଇ ପଞ୍ଚାୟତର ଗୁଣ୍ଡୁରିବାଡି ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ଚାଲିଥିଲା। ଏଥିରେ ୫୪ ଜଣ ନିୟୋଜିତ ଶ୍ରମିକଙ୍କ ମଜୁରି ସରକାରୀ ନିୟମ ପ୍ରକାରେ ୮ ଦିନ ମଧ୍ୟରେ ଛାଡିବା କଥା। ମାତ୍ର ଗୋଟିଏ ଦିନ ବିଳମ୍ବ ଘଟିଥିବାରୁ ଏପିଓ ପିଇଓ ସାହୁଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏହି ଅଡିଓ ବାର୍ତ୍ତାଳାପ ଭାଇରାଲ ହୋଇଥିଲା। ପିଇଓ ସାହୁ ତାଙ୍କ ସଂଘ ଓ ଏବିଡିଓ ମଧୁସୂଦନ ମହାରଣାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

# ମଧୁ ଆପ୍‌ରେ ପାଠ ପଢୁଛନ୍ତି ୧.୧ ଲକ୍ଷ ପିଲା





ମଧୁ ଆପ୍।

**ଛତ୍ରପୁର,୨୩।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ପିଲାମାନଙ୍କ ପାଇଁ ମଧୁ ଆପ୍ ଗତବର୍ଷରୁ ଆରମ୍ଭ ହୋଇଛି। ଜିଲାର ହାଇସ୍କୁଲ ଶିକ୍ଷକଙ୍କ ଦାରା ବିଭିନ୍ନ ପାଠ୍ୟ ବିଷୟ ଉପରେ ସ୍ୱତନ୍ତ୍ର ପାଠପଢ଼ାକୁ ଭିଡିଓ ରେକର୍ଡିଂ କରାଯାଉଛି। ପରେ ଏହାକୁ ମଧୁ ଆପ୍‌ରେ ଛଡାଯାଉଛି। ଯେକୌଣସି ନିଜ ପାଠ୍ୟ ବିଷୟରେ ପିଲାମାନେ ମଧୁ ଆପ୍ ଜରିଆରେ ପଢି ପାରୁଛନ୍ତି। ଗଣିତ, ବିଜ୍ଞାନ ଓ ଇଂଲିଶ ବିଷୟରେ ମୋବାଇଲ ଦ୍ୱାରା ଏହି ଆପ୍‌ରେ ପଢି ଉପକୃତ ହୋଇପାରୁଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। କରୋନା ନେଇ ଲକ୍‌ଡାଉନ ଯୋଗୁ ସ୍କୁଲ ବନ୍ଦ ରହିଛି। ଏଥିଲାଗି ଏହି ଆପ୍‌ର ଚାହିଦା ଆହୁରି ବଢିଯାଇଛି। ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୪ ହଜାର ସ୍କୁଲ ପିଲା ମୋବାଇଲରେ ଏହି ଆପ୍‌କୁ ଡାଉନ୍‌ଲୋଡ଼ କରିସାରିଲେଣି। ୧ ଲକ୍ଷ ୧ ହଜାର ସ୍କୁଲ ପିଲା ଆକ୍ଟିଭ ରହି ଏହି ଆପ୍ ଜରିଆରେ ପାଠ ପଢୁଛନ୍ତି । ଲକ୍‌ଡାଉନ ସମୟରେ ଦୈନିକ ୭୦ ହଜାର ପିଲା ଏହି ଆପ୍‌କୁ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି । ଶନିବାର ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି।

# ସୁନା ଅଳଙ୍କାର, ଟଙ୍କା ଚୋରି

**ଗଞ୍ଜାମ,୨୩।୫(ଡି.ଏନ.ଏ.)**

ଗଞ୍ଜାମ ଷ୍ଟେଶନ ରୋଡ୍‌ରେ ଥିବା ସୁଶାନ୍ତ ସେଠୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ସୁଶାନ୍ତ ପରିବାର ସହ ରାତି ପ୍ରାୟ ୧୦ଟାରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବାରିପଟ ଗ୍ରିଲ ଭାଙ୍ଗି ଘରେ ପଶି ଆଲମିରାରେ ଥିବା ୮ ଭରି ସୁନା ଅଳଙ୍କାର, ୩ହଜାର ଟଙ୍କା, ଜମିଜମା କାଗଜପତ୍ର ଆଦି ଚୋରି କରି ନେଇଯାଇଥିଲେ। ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ହାର କାଢିବା ବେଳେ ସେ ଉଠିପଡି ପାଟି କରିବାରୁ ଦୁର୍ବୃତ୍ତମାନେ ଦୌଡି ପଳାଇ ଯାଇଥିଲେ।

# ଶ୍ରମ ଆଇନ ପରିବର୍ତ୍ତନକୁ ବିରୋଧ





ଏଆଇୱାଇଏଫ୍‌ର ବିକ୍ଷୋଭ ସମାବେଶ ।

**ବ୍ରହ୍ମପୁର ଅଫିସ,୨୩।୫**

### ଏଆଇୱାଇଏଫ୍‌ର ବିକ୍ଷୋଭ

ଓଡିଶାରେ ଶ୍ରମ ଆଇନର ପରିବର୍ତ୍ତନକୁ ବିରୋଧ କରି ଶନିବାର ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ୍) ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶ୍ରମିକଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା। ଦେଶର ୨୦ କୋଟି ଗରିବ ଶ୍ରମିକ ପରିବାରଙ୍କୁ ମାସିକ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ, ବେକାର ଯୁବତୀଯୁବକଙ୍କୁ ମାସିକ ୧୦,୦୦୦ ଟଙ୍କା ସହାୟତା ସହିତ ଜାତୀୟ ଭଗତସିଂ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ଆଇନ ପ୍ରଣୟନ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହାବ୍ୟତୀତ ପ୍ରତିରକ୍ଷା, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ବିଦେଶ ପୁଞ୍ଜିନିବେଶକୁ ବିରୋଧ କରାଯିବା ସହ ଫେରିଥିବା ପ୍ରବାସୀଙ୍କୁ ଆଞ୍ଚଳିକସ୍ତରରେ କାମ ଯୋଗାଇବାକୁ ବିକ୍ଷୋଭ ସମାବେଶରେ ଦାବି କରାଯାଇଥିଲା। ଏଥିରେ ଏଆଇୱାଇଏଫର ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଜିଲା ସଭାପତି କାମଦେବ ନାହାକ, କୈଳାସ ଦାଶ, ମହେନ୍ଦ୍ର ପାତ୍ର, କୃଷ୍ଣ ବେହେରା, ରୋହିତ ବିଶୋୟୀ, ଦଣ୍ଡପାଣି ପାତ୍ର ଓ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପାତ୍ରପୁର ତହସିଲଦାରଙ୍କୁ ଆକ୍ରମଣ

**ଛତ୍ରପୁର,୨୩।୫(ଡି.ଏନ୍.ଏ.)**



ସଂଘ ପକ୍ଷରୁ କରାଯାଇଥିବା ବୈଠକ।

### ଏନ୍‌ଏସ୍‌ଏ ଲଗାଇବାକୁ ଓଏଏସ୍ ସଂଘର ଦାବି

ଗଞ୍ଜାମ ଜିଲାରେ କରୋନା ଯୋଦ୍ଧାଙ୍କୁ ଅସମ୍ମାନ ଏବଂ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେବାରେ ଲାଗିଛି। ଡାକ୍ତର, ଆଶାକର୍ମୀ, ଶିକ୍ଷକ, ମହିଳା ସଂଘ ସଦସ୍ୟ ଓ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ମଧ ହେଉଛି। ଓଏଏସ୍ ଅଫିସରଙ୍କ ଉପରେ ଆକ୍ରମଣ ମଧ ହେଉଛି। ଗତ କିଛି ଦିନ ତଳେ ଛତ୍ରପୁର ବିଡ଼ିଓଙ୍କ ଉପରେ ଆକ୍ରମଣ ହୋଇଥିବା ବେଳେ ଏବେ ପାତ୍ରପୁର ତହସିଲଦାର ଶ୍ରୀନିବାସ ବେହେରାଙ୍କ ଉପରେ ଆକ୍ରମଣ ହୋଇଥିବା ଜଣାପଡିଛି। ସେ ୨୧ ତାରିଖରେ ଗୋଠଗାଁ ଅଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଉଥିଲେ। ବାଟରେ ଟିକିଟି ଅଞ୍ଚଳର ନୂଆମିଶାଣପୁରର ଏକ ସଙ୍ଗରୋଧ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମାଜିକ ଦୂରତ୍ୱ ନ ରଖି ବାହାରେ ବୁଲୁଥିବା ଦେଖି ଏହାକୁ ବାରଣ କରିଥିଲେ। ଏପରିକି ସେଠାରେ କେତେଜଣ କ୍ରିକେଟ ଖେଳୁଥିଲେ। ଏହା ଆଇନ ଉଲ୍ଲଂଘନ ହେଉଥିବା ଏବଂ ଏଠାରେ ୧୪୪ ଧାରା ଲାଗୁ ହୋଇଛି ବୋଲି ସେ କହିଥିଲେ। ଅପରପକ୍ଷରେ ସେହି ଯୁବକମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଷ୍ଟମ୍ପରେ ଆକ୍ରମଣ କରିଥିଲେ। କେତେଜଣ ବାଇକ୍‌ଧରି ତହସିଲଦାରଙ୍କ ଚାରିପଟେ ବୁଲିଥିଲେ। ଏନେଇ ସେ ୨୨ ତାରିଖରେ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ନଂ. ୧୮୮/୨୦ରେ ମାମଲା ରୁଜୁ ହୋଇଛି। ଜିଲା ଓଏଏସ୍ ସଂଘ ତରଫରୁ ଛତ୍ରପୁର ସର୍କିଟ ହାଉସ୍‌ରେ ଶନିବାର ସଭାପତି ତଥା ଏଡ଼ିଏମ୍ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ଏହାକୁ ନିନ୍ଦା କରାଯାଇଥିଲା। ପରେ ଜିଲାପାଳ ଏବଂ ବ୍ରହ୍ମପୁର ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏଥିରେ ସମ୍ପୃକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ। ଅଭିଯୁକ୍ତଙ୍କ ଉପରେ ଏନ୍‌ଏସ୍‌ଏ ଲଗାଇବାକୁ ସଂଘ ଦାବି କରିଛି। ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ସରକାର ଓ ରାଜ୍ୟ ସଂଘକୁ ଜଣାଇବୁ ବୋଲି ଜିଲା ସଂଘ ସଭାପତି କହିଛନ୍ତି।

# ପାଠ୍ୟପୁସ୍ତକ ଅଭାବ, ଚିନ୍ତାରେ ଅଭିଭାବକ

ବିନିକା,୨୩।୫(ଡି.ଏନ୍.ଏ.)

କରୋନାକୁ ନେଇ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଜୁନ୍ ୧୭ ଯାଏ ବନ୍ଦ ରହିବା ଲାଗି ସରକାରୀ ନିର୍ଦ୍ଦେଶ ରହିଛି । ତଦନୁଯାୟୀ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ରହିଛି। ଏହାମଧ୍ୟରେ ସରକାରୀ, ଘରୋଇ ଛାତ୍ରୀଛାତ୍ରଙ୍କ ପାଇଁ ଅନଲାଇନ୍, ହ୍ୱାଟ୍ସଆପ୍ ଓ ଦୂରଦର୍ଶନ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ବ୍ୟବସ୍ଥା ହୋଇଛି । ମାତ୍ର ଏହିସବୁ ବ୍ୟବସ୍ଥାରୁ ବିନିକା ଅଞ୍ଚଳର ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି । ଅପରପକ୍ଷରେ ପାଠ୍ୟପୁସ୍ତକ ଅଭାବରୁ ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ ଜଟିଳ ହେଉଛି। ବିନିକାରେ ୧୪ଟି ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଏହିସବୁ ଶିକ୍ଷାନୁଷ୍ଠାନରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି।

ପାଠ୍ୟପୁସ୍ତକ ବିଏସ୍ଇ ସିଲାବସ ଅନୁଯାୟୀ ଓଡ଼ିଆ ମାଧ୍ୟମ ପାଇଁ ସରକାରୀ ସ୍କୁଲ, ଘରୋଇ ସ୍କୁଲରେ ପ୍ରଚଳିତ ହୁଏ।


ବିଦ୍ୟାର୍ଥୀମାନେ ପାଠପଢା ଛାଡି ଖେଳରେ ମାତିଛନ୍ତି।

ବିନିକା ଅଞ୍ଚଳର ସରକାରୀ ସ୍କୁଲର ଅଧିକାଂଶ ପିଲା ଏହି ସବୁ ପାଠ୍ୟପୁସ୍ତକ ଉଚିତ ସମୟରେ ପାଇ ସାରିଛନ୍ତି । ମାତ୍ର ପରିତାପର ବିଷୟ ଘରୋଇ ସ୍କୁଲଗୁଡିକର ଛାତ୍ରୀଛାତ୍ର ଅଦ୍ୟାବଧି ପାଠ୍ୟପୁସ୍ତକ ପାଇ ପାରିନାହାନ୍ତି । ଏହା କେବେ ମିଳିବ ତାର ଠିକ୍ ଉତ୍ତର ମଧ୍ୟ କାହାପାଖରେ ନାହିଁ । ଫଳରେ ପାଠ୍ୟ ପୁସ୍ତକରୁ ବଞ୍ଚିତ ଘରୋଇ ସ୍କୁଲର ଅନେକ ଛାତ୍ରୀଛାତ୍ର ପାଠ ପଢିବା ପରିବର୍ତ୍ତେ ଏବେ ଖେଳକୁଦରେ ମାତିଥିବା ଦେଖିବାକୁ ମିଳିଛି । ଫଳରେ ଅଭିଭାବକମାନେ ପିଲାଙ୍କ ପାଠପଢାକୁ ନେଇ ଚିନ୍ତିତ ହୋଇ ପଡିଛନ୍ତି । ଘରୋଇ ସ୍କୁଲ ପିଲାଙ୍କ ଅଭିଭାବକମାନେ ନଗଦ ଅର୍ଥ ଦେଇ ପାଠ୍ୟ ପୁସ୍ତକ କିଣିବା ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ତାହା ସରକାରଙ୍କ ତରଫରୁ ଉପଲବ୍ଧ ହେଉନାହିଁ। ଇତିମଧ୍ୟରେ ଚଳିତ ଶିକ୍ଷାବର୍ଷର ଦୁଇମାସ ବିତି ସାରିଲାଣି । ଯଥାଶୀଘ୍ର ପାଠ୍ୟ ପୁସ୍ତକ ବିକ୍ରୟ ପାଇଁ ସରକାର ବିହିତ ପଦକ୍ଷେପ ନେବାକୁ ବିନିକା ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି ।

### ସେମାନେ କୁହନ୍ତି.....

ଅନ୍‌ଲାଇନ, ହ୍ୱାଟ୍ସଆପ୍ ଏବଂ ଦୂରଦର୍ଶନ ମାଧ୍ୟମରେ ବିନିକା ଅଞ୍ଚଳର ବହୁ କମ୍ ସଂଖ୍ୟକ ଘରୋଇ ସ୍କୁଲ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି । ତୁରନ୍ତ ପାଠ୍ୟ ପୁସ୍ତକ କ୍ରୟ କରିବା ସୁଯୋଗ ସରକାରଙ୍କ ତରଫରୁ ଯୋଗାଇ ଦିଆଗଲେ ଅଧିକାଂଶ ଘରୋଇ ସ୍କୁଲ ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ ।

**- ଗଙ୍ଗାଧର ନାୟକ, ପ୍ରଧାନ ଆଚାର୍ଯ୍ୟ, ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିର**

ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି। ମାତ୍ର କରୋନା ପ୍ରଭାବ ଯୋଗୁ ରାଜ୍ୟ ମୁଖ୍ୟକେନ୍ଦ୍ରଠାରୁ ବହି ଆସି ପାରିନାହିଁ ।

**ଶଶିଭୂଷଣ ସେଠୀ, ବ୍ଲକ ଶିକ୍ଷା ଅଧିକାରୀ, ବିନିକା**

ପ୍ରତିବର୍ଷ ଘରୋଇ ସ୍କୁଲଗୁଡିକ ପାଇଁ ବହି ଠିକ୍ ସମୟରେ ପହଞ୍ଚିଯାଏ । ଉକ୍ତ ପାଠ୍ୟ ପୁସ୍ତକ ଘରୋଇ ସ୍କୁଲରୁ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ କ୍ରୟ କରିଥାନ୍ତି।ଚମାତ୍ର ଚଳିତବର୍ଷ ବହି ଘରୋଇ ସ୍କୁଲଗୁଡିକ ପାଇଁ ଆସିନାହିଁ । କାହିଁକି ଆସିଲା ନାହିଁ ସେ ନେଇ ଆମ ପାଖରେ କୌଣସି ତଥ୍ୟ ନାହିଁ ।

**ସ୍ମିତା ମିଶ୍ର, ସହ ସଂଯୋଜିକା, ଜିଲା ଡିପିଇପି ଏସ୍‌ସି/ଏସ୍‌ଟି**

ସରକାର ଘରୋଇ ସ୍କୁଲ ବିଦ୍ୟାର୍ଥୀମାନଙ୍କ ପାଇଁ ପାଠ୍ୟ ପୁସ୍ତକ ଯୋଗାଇ ନ ଥିବାରୁ ପିଲାଙ୍କ ପାଠପଢା ବ୍ୟାହତ ହେଉଛି । ସରକାର ପାଠ୍ୟ ପୁସ୍ତକ ଯୋଗାଇ ଦିଅନ୍ତୁ ନଚେତ୍ ଖୋଲା ବଜାରକୁ ବିକ୍ରି ପାଇଁ ଛାଡନ୍ତୁ ।

**ରଞ୍ଜନ ସାହୁ, ଅଭିଭାବକ, ବାଙ୍କିଘିର୍ଡି, ବିନିକା**

## ମୃତକଙ୍କ ନାମରେ ଉଠିଛି ଭତ୍ତା ଟଙ୍କା

ଲୋଇସିଂହା,୨୩।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟପାଲି ଗାଁର ମୃତ ବୃଦ୍ଧା ଶାନ୍ତି ସାହୁଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଛି। ମୃତାଙ୍କ ବୋହୂ ଅନୁସୟା ସାହୁ ଏ ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ଶାଶୁଙ୍କର ଗତ ଫେବୃୟାରୀ ୧୪ତାରିଖରେ ମୃତ୍ୟୁ ଘଟିଥିଲା । ଜନୈକ ପଡୋଶୀ କୌଶଳ କରି ଶାଶୁଙ୍କର ମଧୁବାବୁ ଭତ୍ତା ଖାତା ଓ ଆଧାର କାର୍ଡ ମାଗିଥିଲେ । ପରବର୍ତ୍ତୀ ସମୟରେ ଏହି କାଗଜାତ୍ ଫେରାଇ ଦେବାକୁ ତାଙ୍କୁ କହିଥିଲେ ମଧ୍ୟ ସେ ବିଭିନ୍ନ ଆଳ କରି ଦେଇ ନ ଥିଲେ। ହେଲେ ମାର୍ଚ୍ଚ ୨୬ରେ ସେହି ବହିରେ ଭତ୍ତା ଟଙ୍କା ଉଠାଯାଇଥିବା ଜଣାପଡିଥିଲା। ତେଣୁ ଭତ୍ତା ଟଙ୍କା ଉକ୍ତ ପଡୋଶୀ ଜଣକ ଉଠାଇ ଥାଇ ପାରନ୍ତି ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଏସଏସଓ ସ୍ନିଗ୍ଧାମୟୀ ବାରିକଙ୍କୁ ପଚାରିବାରୁ କିଏ ଓ କିପରିଭାବେ ମୃତକଙ୍କ ଟଙ୍କା ଉଠାଇଲେ ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

### ସଂକ୍ଷେପରେ

## ହାତୀ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ମୃତ

**ନାକଟିଦେଉଳ,୨୩।୫(ଡ଼ି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବେଠିଆବେର୍ଣ୍ଣା ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେଠିଆବେର୍ଣ୍ଣା ଗ୍ରାମର ଦଇମତୀ ଦେହୁରୀ (୬୨)। ନାକଟିଦେଉଳ ଥାନାଧିକାରୀ ଇସ୍ମାଇଲ ଏକ୍କା, ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଏବଂ ବାଟଗାଁ ଫରେଷ୍ଟର ଛବିଳ କୁମାର ପ୍ରଧାନ, ନାକଟିଦେଉଳ ଫରେଷ୍ଟର ସୌମ୍ୟରଞ୍ଜନ ଖିଲାର ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ସକାଳେ ଦଇମତୀ ଗ୍ରାମର ଅନ୍ୟ ମହିଳାମାନଙ୍କ ସହିତ ମିଶି ଗ୍ରାମଠାରୁ ପ୍ରାୟ ଦେଢ଼ କି.ମି ଦୂର କଣ୍ଟିଆଳି ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ । ଜଙ୍ଗଲରେ ସମସ୍ତେ ଭିନ୍ନ ଭିନ୍ନ ସ୍ଥାନରେ କେନ୍ଦୁପତ୍ର ତୋଳୁଥିବା ବେଳେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ । ଦଇମତୀ ସେଠାରୁ ଖସି ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଏମ୍‌ସିଏଲ୍ ପକ୍ଷରୁ ଭବିଷ୍ୟନିଧି, ପେନ୍‌ସନ ଅନ୍‌ଲାଇନ ଦେୟ ପ୍ରଚଳନ

**ସମ୍ବଲପୁର, ୨୩।୫ (ବ୍ୟୁରୋ):** କର୍ମଚାରୀଙ୍କ ଭବିଷ୍ୟନିଧି ଓ ପେନସନ ଅନ୍‌ଲାଇନ ଦେୟ ପ୍ରଣାଳୀ ଶନିବାର ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ନିର୍ଦ୍ଦେଶକ ଓ.ପି ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ବାବନ ସିଂ ଉପସ୍ଥିତ ଥିଲେ । ବୈଷୟିକ କାର୍ଯ୍ୟ ପ୍ରଣାଳୀରେ ଅଧିକ ସ୍ୱଚ୍ଛତା ଆଣିବାକୁ କମ୍ପାନୀ ଗୁରୁତ୍ୱ ଦେଇଛି ବୋଲି ଅଧକ୍ଷ ଭୋଳାନାଥ କହିଛନ୍ତି ।

## ୧୨ ଶ୍ରମିକଙ୍କୁ ଛତିଶଗଡ଼ ସୀମାରେ ଛାଡ଼ିଲା ପ୍ରଶାସନ

**ଖପ୍ରାଖୋଲ,୨୩।୫(ଡି.ଏନ.ଏ.):** ଛତିଶଗଡ଼ ଅଞ୍ଚଳର ୪ ଶିଶୁ ସମେତ ୧୨ ଜଣ ବଲାଙ୍ଗୀର ଅଞ୍ଚଳରେ ଫସି ରହିଥିଲେ। ସେମାନେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ ସେମାନଙ୍କୁ ଅଟକାଇ ଥିଲେ। ଲକ୍‌ଡାଉନ୍ ଯୋଗୁ ସେମାନେ ଏଠାରେ ରହିଲା ପରେ ଚାଲି ଚାଲି ଘରକୁ ଫେରୁଥିବା କହିଥିଲେ । ଏହା ପରେ ତହସିଲଦାର ସେମାନଙ୍କୁ ଏକ ଗାଡିରେ ନୂଆପଡା ଜିଲା ଦେଇ ଛତିଶଗଡ ସୀମାନ୍ତରେ ସମସ୍ତଙ୍କୁ ଛାଡିବାର ବ୍ୟବସ୍ଥା କରିଥିଲେ ।

## ଝାରସୁଗୁଡ଼ାରେ ପୁଣି ଦୁଇ କରୋନା ପଜିଟିଭ୍ ଚିହ୍ନଟ

ଝାରସୁଗୁଡ଼ା ଅଫିସ,୨୩।୫

ଝାରସୁଗୁଡ଼ା ଜିଲାରେ ଶନିବାର ଦୁଇ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାପାଳ ସରୋଜ କୁମାର ସାମଲ ଏ ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୂଚନା ମୁତାବକ ଝାରସୁଗୁଡ଼ା ସହର ମଙ୍ଗଳ ବଜାର ଅଞ୍ଚଳର ଜଣେ ୫ବର୍ଷର ଶିଶୁ କରୋନା ପଜିଟିଭ ଥିବା ଶୁକ୍ରବାର ସନ୍ଧ୍ୟାରେ ଜଣାପଡ଼ିଥିଲା। ଉକ୍ତ ଶିଶୁ ସଂସ୍ପର୍ଶରେ ଆସି ତାଙ୍କ ପରିବାରର ଜଣେ ବର୍ଷକର ଶିଶୁକନ୍ୟା କରୋନା ପଜିଟିଭ ଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ଏହି ଶିଶୁଙ୍କ ପରିବାର ୧୬ତାରିଖରେ ଆଗ୍ରାରୁ ଆସି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହି ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ଗତ ୧୯ତାରିଖରେ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ଏହି ପରିବାରର ଅନ୍ୟ ସଦସ୍ୟଙ୍କ ନମୁନା ନେଗେଟିଭ ଆସିଛି। ଅନ୍ୟଜଣେ କରୋନା ଆକ୍ରାନ୍ତ ହେଲେ ବ୍ରଜରାଜନଗରର ମହାରାଷ୍ଟ୍ର ଫେରନ୍ତା ୪୦ବର୍ଷର ବ୍ୟକ୍ତି। ସେ ବ୍ରଜରାଜନଗରର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର(ଟିଏମ୍‌ସି)ରେ ଥିଲେ। ପଜିଟିଭ ଚିହ୍ନଟ ପରେ ଆକ୍ରାନ୍ତଙ୍କୁ ସ୍ଥାନୀୟ କୋଭିଡ୍ ସେଣ୍ଟରରେ ଭର୍ତ୍ତି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଝାରସୁଗୁଡ଼ା ସହର ମଙ୍ଗଳ ବଜାରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ମୋହିନୀ ହୋଟେଲ ଛକ, ଆନ୍ଧ୍ରା ବ୍ୟାଙ୍କ ଛକରୁ ସାମ୍‌ସଙ୍ଗ ଛକ ଓ ବ୍ରଜରାଜନଗର ଟିଏମ୍‌ସି ସମେତ ହିଲ୍‌ଟପ୍ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି। ପ୍ରକାଶଥାଉ କି ଗତ ୩୦ ଏପ୍ରିଲ୍‌ରେ ବ୍ରଜରାଜନଗର ମ୍ୟୁନିସିପାଲିଟିର ବୁଢ଼ୀଜାମଠାରେ ଜଣେ ୧୭ ବର୍ଷୀୟା ଯୁବତୀ ଓ ୩ ତାରିଖରେ ଲଖନପୁର ବ୍ଲକ କୋଡାଲୋଇ ପଞ୍ଚାୟତର ଡହଲଡେରା ଗ୍ରାମର ଜଣେ ମହିଳାଙ୍କଠାରେ କରୋନା ପଜିଟିଭ ଚିହ୍ନଟ କରାଯାଇଥିଲା । ଉଭୟେ ଗତ ୧୧ ତାରିଖରେ ସୁସ୍ଥ ହେବା ପରେ ହୋମ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି।

### ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ବର୍ଷକର ଶିଶୁକନ୍ୟା



ଝାରସୁଗୁଡ଼ା ସହର ମଙ୍ଗଳ ବଜାରରେ ଚିହ୍ନଟ କଣ୍ଟେନମେଣ୍ଟ ଅଞ୍ଚଳର ମ୍ୟାପ।

## ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନର ସପ୍ତମ ବୈଠକ

ଝାରସୁଗୁଡ଼ା ଅଫିସ,୨୩।୫

ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନର ସପ୍ତମ ବୈଠକ ଡିଏମ୍‌ଏଫ ଅଡିଟୋରିୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲ ଏଥିରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଓ ସିଡିଏମ୍‌ଓ ଜଗଦୀଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ବ୍ୟାପକ ବୃକ୍ଷରୋପଣ ସହ ଏହାର ରକ୍ଷଣାବେକ୍ଷଣ ପାଇଁ ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଭୁକ୍ତ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପନ୍ନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ପାଣ୍ଠି ସହାୟତାରେ ଜିଲାର ୬୪ଟି ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ କରାଯିବା, ଆଲୋକୀକରଣ ଦ୍ୱାରା ରମ୍ପେଲା ବ୍ରିଜ୍, ବେଲପାହାଡ଼ ଓଭର ବ୍ରିଜ୍ ଓ ଝାରସୁଗୁଡ଼ା ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

## ସଙ୍ଗରୋଧ କେନ୍ଦ୍ରରେ ବୃଦ୍ଧଙ୍କ ମୃତ୍ୟୁ


ପରିବାର ଲୋକଙ୍କୁ ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ, ଏସ୍‌ଡିଏମ୍‌ଓ ଡାକ୍ତର ଦିଲୀପ ବିଶ୍ୱାଳ ବୁଝାଶୁଝା କରୁଛନ୍ତି।

ପାଟଣାଗଡ଼, ୨୩।୫(ଡି.ଏନ.ଏ.)

- ପରିବାର ଲୋକଙ୍କୁ ଅବଗତ କରାଯାଇ ନ ଥିବରୁ ଉତ୍ତେଜନା
- ଗାଁରେ ପହଞ୍ଚିଲା ପୋଲିସ ଫୋର୍ସ
- ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ସହାୟତା

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଖୁଣ୍ଟସମଲାଇ ଗ୍ରାମରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ଟିକେମଣି ତଅାଁଳା(୬୨)। ପ୍ରଶାସନିକ ଅବହେଳା ଯୋଗୁ ବୃଦ୍ଧଙ୍କ ମୃତ୍ୟୁ ଘଟିଛି ବୋଲି ତାଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟିକେମଣି ଏବଂ ତାଙ୍କ ସ୍ତ୍ରୀ ଛତିଶଗଡ଼ର ରାୟଗଡ଼ରୁ ଗତ ୧୭ ତାରିଖରେ ଗାଁକୁ ଫେରିବା ପରେ ସଙ୍ଗରୋଧ କେନ୍ଦ୍ରରେ ପଞ୍ଚାୟତ କର୍ତ୍ତୃପକ୍ଷ ରଖିଥିଲେ। ସେଠାରେ ରହଣି ସମୟରେ ୧୯ତାରିଖରେ ଟିକେମଣି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସରପଞ୍ଚ ଡାକ୍ତରୀ ଟିମ୍ ଡାକି ଚିକିତ୍ସା କରାଇବାକୁ ଘସିଏନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତିନିଦିନ ଘସିଏନରେ ରହିବା ପରେ ଗୁରୁତର ହୋଇପଡିଥିଲେ ଟିକେମଣି। ଶୁକ୍ରବାର ସକାଳେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ବିଳମ୍ବିତ ରାତିରେ ତାଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳୁ ଟିକେମଣିଙ୍କ ମୃତଦେହ ତାଙ୍କ ସ୍ତ୍ରୀ ବହୁ କଷ୍ଟରେ ବୁର୍ଲାରୁ ଆଣି ଖୁଣ୍ଟସମଲାଇରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜଣେ ସୁସ୍ଥ ବ୍ୟକ୍ତିର ମୃତ୍ୟୁକୁ ନେଇ ପ୍ରଶାସନ ତରଫରୁ ତାଙ୍କ ପରିବାର ଲୋକଙ୍କୁ କାହିଁକି ଖବର ଦିଆଗଲା ନାହିଁ ବୋଲି ଲୋକେ ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ଲକ୍ଷ୍ୟ କରି ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ, ଏସ୍‌ଡିଏମ୍‌ଓ ଡାକ୍ତର ଦିଲୀପ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଫୋର୍ସ ଗାଁରେ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ପରେ ରେଡ୍‌କ୍ରସ୍‌ରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ମିଳିଲା ପରେ ମୃତଦେହ ଅନ୍ତିମ ସଂସ୍କାର ଲାଗି ପଠାଯାଇଥିଲା। ତେବେ ଏସ୍‌ଡିଏମ୍‌ଓ ବିଶ୍ୱାଳ କହିଛନ୍ତି ଯେ, ଉକ୍ତ ବ୍ୟକ୍ତି ଜଣକ ପୂର୍ବରୁ ଅସୁସ୍ଥ ଥିଲେ ଏବଂ ସେପ୍‌ଟିସେମିଆରେ ତାଙ୍କର ମୃତ୍ୟୁ ହୋଇଛି।

## ବସ୍‌ଭଡ଼ାକୁ ନେଇ ରାସ୍ତାରେ ବୁଲିଲେ ପ୍ରବାସୀ

ଗୁଡ଼ଭେଲା,୨୩।୫(ଡି.ଏନ.ଏ.)

ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କୁ ବସ ଓ ଟ୍ରେନ ଯୋଗେ ଗନ୍ତବ୍ୟସ୍ଥଳକୁ ନିଆଯାଉଛି। ଗତ କିଛିଦିନ ହେଲା ବଲାଙ୍ଗୀର ଜିଲା ତୁଷୁରା ସହରର ମୁଖ୍ୟରାସ୍ତା ଦେଇ ତାମିଲନାଡୁ, ଗୁଜୁରାଟ, ପଶ୍ଚିମବଙ୍ଗରେ ଫଶି ରହିଥିବା ପ୍ରବାସୀଙ୍କୁ ଅଣାଯାଉଛି। ଏ ନେଇ ଆଗୁଆ ସୂଚନା ସ୍ଥାନୀୟ ପ୍ରଶାସନ ପାଖରେ ନ ଥିବାରୁ ଲୋକେ ଉକ୍ତ ଗାଡିକୁ ଦେଖି ଭୟଭୀତ ହେଉଛନ୍ତି। ଶୁକ୍ରବାର ବିଶାଖାପଟଣା ଅଞ୍ଚଳରୁ ଦୁଇଟି ବସ୍ (ନଂ.ଟିଏନ-୧୪-ଏଲ-୮୦୭୦ ଓ ଟିଏନ-୪୯-ଏଭି-୧୩୬୮)ରେ ଆସିଥିବା କେତେକ ପ୍ରବାସୀ ତୁଷୁରା ପ୍ରାଣୀ ଚିକିତ୍ସାଳୟ ପାଖରେ ବହୁ ସମୟ ଅଟକି ରହିଥିଲା। ଉକ୍ତ ବସ୍‌ରେ ଗୁଡଭେଲା ବ୍ଲକ ରୁଷୁଡା ଗ୍ରାମ ପଞ୍ଚାୟତର ୧୩ ଜଣ ଥିବା ବେଳେ ଅନ୍ୟ ସମସ୍ତେ ଲୋଇସିଂହା ବ୍ଲକ ଅଞ୍ଚଳର ବୋଲି ଜଣା ପଡିଥିଲା। ରୁଷୁଡାର ଯୁବକମାନଙ୍କୁ ଡ୍ରାଇଭର ଜଣ ପିଛା ୫ ହଜାର ଟଙ୍କା ଦାବି କରିବାରୁ ଦୀର୍ଘ ସମୟ ଧରି ବସ୍ ଅଟକି ରହିଥିବା ଜଣା ପଡିଥିଲା । ଖବର ପାଇ ତୁଷୁରା ଥାନା ଏଏସଆଇ ମୁରଲୀଧର ସେଠୀ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ସମସ୍ୟାର ସମାଧାନ ହୋଇଥିଲା। ତେବେ ଏହି ସମୟ ମଧ୍ୟରେ ପ୍ରବାସୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ବୁଲୁଥିବା ଲୋକେ ପ୍ରକାଶ କରିଛନ୍ତି। ଏହିସ୍ଥିତିରେ ବସ୍‌ଗୁଡିକ ଆସିବା ଓ ଗଲା ପରେ ଉକ୍ତ ରାସ୍ତାକୁ ସାନିଟାଇଜ କରିବାକୁ ସାଧାରଣରେ ଦାବି ହେଉଛି।


ବସ୍ ଡ୍ରାଇଭରଙ୍କୁ ତୁଷୁରା ଥାନା ପୋଲିସ ବୁଝାଶୁଝା କରୁଛି।

## କରୋନା ଆଗରୁ ମାରିବ ତାତି



ବରଗଡ଼ ଅଫିସ୍,୨୩।୫

ବରଗଡ଼ରେ ତାତି ବଢୁଛି । ପାରଦ ସାଧାରଣତଃ ୪୦ ଡିଗ୍ରୀରୁ ଉପରେ ରହୁଛି । ଗୋଟିଏ ପଟେ କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ଏବଂ ଅନ୍ୟପଟେ ତାପମାତ୍ରା ବୃଦ୍ଧି ଜନଜୀବନକୁ ଯଥେଷ୍ଟ ପ୍ରଭାବିତ କରିଛି । ଏଭଳି ସ୍ଥଳେ ଅଘୋଷିତ ବିଦ୍ୟୁତ ବିଭ୍ରାଟ ଲକ୍ ଡାଉନ୍‌ରେ ରହିଥିବା ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି । ତାତି ବଢ଼ିଚାଲିଥିବାବେଳେ କୌଣସି ଜାଗାରେ ଜଳଛତ୍ର କିମ୍ବା ଆଶ୍ରୟସ୍ଥଳୀ ଦେଖିବାକୁ ମିଳୁନାହିଁ। ଫଳରେ ଲୋକେ ପାଣି ହଇରାଣ ହେଉଛନ୍ତି। କରୋନା ଆଗରୁ ଅଂଶୁଘାତରେ ଲୋକଙ୍କ ଜୀବନ ଯିବା ଆଶଙ୍କା ପ୍ରକାଶ ପାଇଛି ।

### ସେମାନେ କୁହନ୍ତି.....

#### ବଢୁଛି ଜଙ୍ଗଲକ୍ଷୟ, ଥମୁନି ତାପମାତ୍ରା



ଲକ୍ ଡାଉନ ଯୋଗୁ ପରିବେଶ ପ୍ରଦୂଷଣ କମିଛି । ଏଥିପାଇଁ ଓଜୋନ ସ୍ତର ସାମାନ୍ୟ ହ୍ରାସ ପାଇଥିଲା। ଏହା ଏକ ସକରାତ୍ମକ ପ୍ରଭାବ। ହେଲେ ତାପମାତ୍ରା ଗତବର୍ଷ ଭଳି ରହିଛି। ମାତ୍ର ଜଙ୍ଗଲକ୍ଷୟ କମୁ ନ ଥିବା ଯୋଗୁ ତାପମାତ୍ରା ହ୍ରାସ ପାଉ ନାହିଁ। ରାସ୍ତାକଡରେ ମଧ୍ୟ ବଡ ଆଉ ଗଛ ଦେଖିବାକୁ ମିଳୁନାହିଁ । ଏଭଳି ତାପମାତ୍ରା ବଢ଼ି ଚାଲିଲେ ଅଂଶୁଘାତ ଆଶଙ୍କା ରହିଛି ।

**-ଜେଠୁ ଭୋଇ, ପରିବେଶବିତ୍**

#### ଜଳଛତ୍ର, ଆଶ୍ରୟସ୍ଥଳୀର ଦେଖାନାହିଁ



ତାତି ଏତେ ବଢ଼ିଲାଣି । ହେଲେ ଏଥର ଜଳଛତ୍ରଟିଏ ଦେଖିବାକୁ ମିଳୁନାହିଁ । ଆଗରୁ ଆଶ୍ରୟସ୍ଥଳୀ ଥିଲା, ତାହା ମଧ୍ୟ ପରିଲକ୍ଷିତ ହେଉନାହିଁ। ଆଗଭଳି ଗଛ ନ ଥିବା ଯୋଗୁ ରାସ୍ତାପାର୍ଶ୍ୱ ଶୂନଶାନ୍ ହୋଇ ପଡ଼ଲାଣି । ଲକ୍ ଡାଉନ୍ ହୋଇଥିଲେ ମଧ୍ୟ ଯେତେବେଳେ ଦୋକାନ ବଜାର ଖୋଲୁଛି, ଲୋକେ ସେତେବେଳେ ଆସୁଛନ୍ତି। ଅତିକମ୍‌ରେ ଜଳଛତ୍ର ଖୋଲାଯିବା ଦରକାର ।

**-ବେଣୁଧର ମେହେର, ଦୋକାନୀ**

#### ସମ୍ମାନର ସହ ବଞ୍ଚିବା ଶ୍ରମିକଙ୍କ ଅଧିକାର



ଶ୍ରମିକମାନେ ଯେଉଁ ରୋଜଗାର କରୁଛନ୍ତି, ତାହା କେବଳ ସେମାନଙ୍କ ସ୍ୱାର୍ଥ ପାଇଁ ନୁହେଁ। ଏଥିରେ ଉଭୟ ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧି ଘଟୁଛି । ଫଳରେ ଶ୍ରମିକମାନେ ସମ୍ମାନ ସହିତ ବଞ୍ଚିବା କଥା। ଏହା ସେମାନଙ୍କ ଅଧିକାର ଅଟେ। ହେଲେ ଏବେ ତାତିରେ ପ୍ରବାସୀ ଶ୍ରମିକମାନେ ଫେରିବା ବାଟରେ ପାଣି ଓ ଆଶ୍ରୟ ପାଇଁ ବହୁ ହଟହଟାର ସମ୍ମୁଖୀନ ହେବା ଦେଖିବାକୁ ମିଳୁଛି ।

**-ଅମିତାଭ ପାତ୍ର, ସାମାଜିକ କର୍ମୀ**

#### ସରକାର ଗୁରୁତ୍ୱ ଦେବା ଦରକାର



ଗ୍ରୀଷ୍ମର ଅର୍ଦ୍ଧାଧିକ ସମୟ ବିତିଗଲାଣି । ଗ୍ରୀଷ୍ମ ମୁକାବିଲା ପାଇଁ ପଞ୍ଚାୟତ, ପୌର ପରିଷଦ ପକ୍ଷରୁ ବାଟେଘାଟେ ଜଳଛତ୍ର ଖୋଲାଯିବାର ଆବଶ୍ୟକତା ରହିଛି। ହେଲେ ଏପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ । ଯେଉଁଠି ଲୋକଙ୍କୁ ଜଳଛତ୍ରର ପାଣି ଟିକିଏ ମିଳୁନାହିଁ। ସରକାର ଏହାକୁ ଗୁରୁତ୍ୱର ସହିତ ନେବା ଉଚିତ ।

**-ଲିପ୍‌ସିତ ମିଶ୍ର, ଆଡ଼ଭୋକେଟ୍**

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

## ସଂକ୍ଷେପରେ

### ତେଲେଙ୍ଗାନାରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ସଇଁତଲା/ଟିକ୍ରାପଡ଼ା, ୨୩।୫ (ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମର କନ୍ଦର୍ପ ତାଣ୍ଡି (୪୫) ସପରିବାର ଦାଦନ ଶ୍ରମିକ ଭାବେ ତେଲେଙ୍ଗାନା ଯାଇଥିଲେ। ଲକ୍‌ଡାଉନରେ୍ ଫସିଥିବା ଏହି ପରିବାର ଗାଁକୁ ଫେରିବା ପାଇଁ ପଞ୍ଜୀକରଣ କରିଥିଲେ। ତେବେ କନ୍ଦର୍ପ ଓ ତାଙ୍କ ପରିବାର ସଦସ୍ୟ ଘରକୁ ଫେରିବା ପାଇଁ ତେଲେଙ୍ଗାନାରୁ ବାହାରିବା ପୂର୍ବଦିନ ହିଁ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। କନ୍ଦର୍ପ ନୂଆଁଖାଇ ପରେ ତେଲେଙ୍ଗାନାର ଆଡ଼ିସିଲ୍ଲାପଲ୍ଲୀକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ଶ୍ରମିକମାନେ ଏକ ବସ ଯୋଗେ ଶନିବାର ସକାଳେ ବାହାରିବା ନିର୍ଦ୍ଧାରିତ ହୋଇଥିଲା। ହେଲେ ଶୁକ୍ରବାର ସନ୍ଧ୍ୟାରେ କନ୍ଦର୍ପ ଖାଇବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏକ ଟ୍ରାକ୍ଟର ଟ୍ରଲିରେ କ୍ୟାମ୍ପଠାରୁ ୪ କିମି ଦୂର ଏକ ଡାକ୍ତରଖାନା ଓ ପରେ ଅନ୍ୟ ଏକ ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ଡାକ୍ତର କନ୍ଦର୍ପଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଇଟାଭାଟିର ମାଲିକ କନ୍ଦର୍ପଙ୍କ ମୃତଦେହକୁ ରାତାରାତି ଟିକ୍ରାପଡ଼ା ପଠାଇବା ବ୍ୟବସ୍ଥା କରିଥିଲେ।

### ଅନ୍ୟ ଜିଲାର ପ୍ରବାସୀଙ୍କୁ ମହିଳାଙ୍କ ବିରୋଧ
#### -କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଛାଡ଼ିଲେ ନାହିଁ

**ଖପ୍ରାଖୋଲ,୨୩।୫(ଡି.ଏନ.ଏ.):** କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ୟ ଜିଲାର ପ୍ରବାସୀଙ୍କୁ ରଖିବା ନେଇ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କପସିପାଲି ଗାଁରେ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଅନ୍ୟ ରାଜ୍ୟରୁ ଫେରିଥିବା ପ୍ରବାସୀମାନେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଯାଇପାରି ନ ଥିଲେ। ପ୍ରଶାସନିକ ଅଧିକାରୀମାନେ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏମିତି ୩ ଘଣ୍ଟା ଧରି ପାଟିତୁଣ୍ଡ ଚାଲିବା ପରେ ପ୍ରବାସୀମାନଙ୍କୁ ସେଠାରୁ ଅନ୍ୟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା। ବ୍ଲକ ପ୍ରଶାସନ କପସିପାଲି ସ୍କୁଲରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ୬୯ ପ୍ରବାସୀଙ୍କୁ ରଖିବା ପାଇଁ ବ୍ୟବସ୍ଥା କରିଥିଲା। ସେମାନଙ୍କୁ ବସ୍‌ରେ ଆଣି ସେଣ୍ଟରରେ ଛାଡିବା ପରେ ଏହାକୁ ସ୍ଥାନୀୟ ମହିଳାମାନେ ବିରୋଧ କରିଥିଲେ। ଅନ୍ୟ ଜିଲାର ପ୍ରବାସୀମାନେ ଏଠାରେ ରହି ପାରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ଫଳରେ ପ୍ରବାସୀମାନେ ୩ ଘଣ୍ଟା ଧରି ସ୍କୁଲ ବାହାରେ ଅଟକି ରହିଥିଲେ। ପରେ ନୋଡାଲ ଅଫିସର ସୌମ୍ୟ କିଶୋର ଜଏପୁରିୟା ସେଠାରେ ପହଞ୍ଚି ସେମାନଙ୍କୁ ଖାଇବାକୁ ଦେଇଥିଲେ। ପରେ ବିଡିଓ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣି, ସରପଞ୍ଚ ଶାନ୍ତି ଛୁରା ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କଲାପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଦେଢ଼ବର୍ଷ ବିତିଲା, ପ୍ରତିଶ୍ରୁତି ପାଳନ ହେଲାନି

**ବିନିକା,୨୩।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ଗ୍ରାମ ପଞ୍ଚାୟତ ପ୍ରଦୂଷଣ ବଳୟରେ ରହିଛି । ଫଳରେ ଲୋକେ ବିଭିନ୍ନ ପ୍ରକାର ସମସ୍ୟାରେ ଛନ୍ଦି ହୋଇ ପଡିଛନ୍ତି। ଚାଷଜମିର ଫସଲ ନଷ୍ଟ ହେଉଛି । ଏହି ଅଞ୍ଚଳରେ ଥିବା ଏକ ରାଇସ୍ ମିଲ୍ ମନଇଚ୍ଛା ଚାଲିଥିଲେ ମଧ୍ୟ ଏଥିପ୍ରତି ସରକାରୀ କଳର ନିଘା ନାହିଁ। ମିଲ୍‌ର ବର୍ଜ୍ୟବସ୍ତୁ ପରିଚାଳନା ଅବ୍ୟବସ୍ଥା ନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବାରମ୍ବାର ମିଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି । ଏଥିସହ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇ ଆସୁଛନ୍ତି। ଏହାସତ୍ତ୍ୱେ ଏହି ରାଇସ୍ ମିଲ୍ କର୍ତ୍ତୃପକ୍ଷ ଦେଢବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରି ନିଜ ମନମୁଖୀ କାର୍ଯ୍ୟକଳାପ ଚଲାଇଛନ୍ତି। ଫଳରେ ଅଞ୍ଚଳର ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ।

ଗତ ୨୦୧୯ ଜାନୁୟାରୀ ୨୦ତାରିଖରେ ଜାମପାଳି ବୀରସୁରେନ୍ଦ୍ର ସାଏ ୟୁଥ କ୍ଲବ୍ ସଭାପତି ସୀତାରାମ ପଳିତା ଓ କ୍ଲବର ସଦସ୍ୟମାନଙ୍କ ପକ୍ଷରୁ ମିଲ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ରାଇସ ମିଲ୍ସରୁ ନିର୍ଗତ ହେଉଥିବା ରାଖଡ ଓ ପ୍ରଦୂଷିତ ପାଣି ଦ୍ୱାରା ଜାମପାଳି , ସାଲମାଟିକ୍ରା ଓ ସର୍ଗୁନା ଆଦି ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଥିଲା । ଉକ୍ତ ରାଇସ ମିଲ୍ସରେ ଜଳ ବିଶୁଦ୍ଧିକରଣ ବ୍ୟବସ୍ଥା ଥିଲେ ମଧ୍ୟ ଅଧିକ ଖର୍ଚ୍ଚ ରୋକିବା ପାଇଁ ମିଲର୍ସ ମେଶିନ ବ୍ୟବହାର କରୁ ନ ଥିବା ଅଭିଯୋଗ ମଧ୍ୟ ହୋଇଥିଲା । ଯଦି ସମସ୍ୟା ସମାଧାନ ନ ହୁଏ ତାହେଲେ ସ୍ଥାନୀୟ ଗ୍ରାମର ଯୁବଗୋଷ୍ଠୀ ଅନଶନ କରିବା ଲାଗି ଚେତାବନୀ ଦେଇଥିଲେ। ଫଳରେ ସେସମୟରେ ମିଲ୍ସ କର୍ତ୍ତୃପକ୍ଷ ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜାମପାଲି ଗାଁର ଯୁବଗୋଷ୍ଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାମଧ୍ୟରେ ଦେଢବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏବେ ବି ମିଲ୍ସ ସମ୍ମୁଖରେ ପୂର୍ବଭଳି କୁଢ କୁଢ ମଇଳା ରାଖଡ ଓ ମିଲ୍ସରୁ ନିର୍ଗତ ଦୂଷିତ ପାଣି ଜମି ରହୁଛି। ଏଥିଯୋଗୁ ପ୍ରାଣୀସମ୍ପଦ ,କୁନି କୁନି ପିଲା ପ୍ରଭାବିତ ହେବା ସହ ଆଖପାଖ ଅଞ୍ଚଳର ଚାଷ ଜମିର ଉର୍ବରତା ନଷ୍ଟ ହେଉଛି । ଏହି ରାଇସ ମିଲ୍ସ ସଂଲଗ୍ନ ୪୦ରୁ ଉର୍ଦ୍ଧ୍ୱ ସିଦ୍ରିଆ ସମାଜ ବହୁ ଦିନରୁ ଜାମପାଲି ଠାରେ ବସବାସ କରି ରହୁଛନ୍ତି । ଯାହାର ପ୍ରଭାବ ସିଧାସଳଖ ଆଦିବାସୀ ସଂପ୍ରଦାୟର ସିଦ୍ରିଆମାନଙ୍କ ଉପରେ ପଡୁଛି । ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ମିଲ୍ ସମ୍ମୁଖରେ କୁଢକୁଢ ରାଖଡ ଓ ପ୍ରଦୂଷିତ ପାଣି।

**ପ୍ରଦୂଷଣ ବଳୟରେ ସିଂଘିଯୁବା ଗ୍ରାମ ପଞ୍ଚାୟତ**

# କେନ୍ଦୁପତ୍ର ତୋଳାରୁ ବଞ୍ଚିତ ତୋଳାଳିଙ୍କ ବିକ୍ଷୋଭ

**ଦେଓଗାଁ,୨୩।୫( ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ କେନ୍ଦୁପତ୍ର ବିଭାଗ ୫୪ନଂ ରେଞ୍ଜ ଅଧୀନ ସାଲେପାଲିରେ କେନ୍ଦୁପତ୍ର ତୋଳାଳି ଚଳିତବର୍ଷ କେନ୍ଦୁପତ୍ର ତୋଳିବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ତାଙ୍କ ଅଞ୍ଚଳର କେନ୍ଦୁପତ୍ରକୁ ଅନ୍ୟ ଗାଁର ତୋଳାଳିମାନେ ତୋଳି ନେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବିକା ଉପରେ ପ୍ରଭାବ ପଡିଛି। ଅଭିଯୋଗ ଅନୁସାରେ ଚଳିତମାସ ୧ ତାରିଖରେ ସାଲେପାଲି ନିକଟ ଲିଖିରିଆ ଗାଁରେ ୨ଜଣ ଯୁବକ କରୋନା ଆକ୍ରାନ୍ତ ଚିହ୍ନଟ ପରେ ପ୍ରଶାସନ ତରଫରୁ ଆଖପାଖ ୨୧ଖଣ୍ଡ ଗାଁକୁ ବଫରଜୋନ ଓ ସାଲେପାଲିକୁ କଣ୍ଟେନମେଣ୍ଟ ଜୋନ ଭାବେ ଶଟଡାଉନ ଘୋଷଣା କରାଯାଇଥିଲା। ଦୀର୍ଘ ୧୭ ଦିନ ଧରି ସଟଡାଉନ ବଳବତ୍ତର ରହିବା ଦ୍ୱାରା ଏହି ସମୟ ମଧ୍ୟରେ ପାଖ କୁଲିଆବାହାଲ, ବଡ ଡୁଙ୍ଗୁରୀପାଲି ଆଦି ଗାଁର ତୋଳାଳିମାନେ ସାଲେପାଲି ଅଞ୍ଚଳର କେନ୍ଦୁପତ୍ରଗୁଡିକୁ ତୋଳି ନେଇଥିଲେ। ଶଟଡାଉନ ହଟିବା ପରେ ବିଭାଗୀୟ ଆଦେଶ ଅନୁସାରେ ସାଲେପାଲିର ତୋଳାଳିମାନେ ପତ୍ରତୋଳିବା ପାଇଁ ଗଲାବେଳକୁ କେନ୍ଦୁପତ୍ର ନଥିବାରୁ ନିରାଶ ହୋଇଥିଲେ। ଦେଓଗାଁ ରେଞ୍ଜରଙ୍କ ଏ ନେଇ ସହଯୋଗ କରିବା ପାଇଁ ମନା କରିବାରୁ ତୋଳାଳିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଶତାଧିକ ତୋଳାଳି ଗାଁରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଶାନ୍ତି ପଶାୟତ, ସୁକାନ୍ତି ଭାଟି, ସତ୍ୟ କଅଁର ପ୍ରମୁଖ ଚେତାବନୀ ଦେଇଛନ୍ତି।



କେନ୍ଦୁପତ୍ର ତୋଳାଳି ପରିଚୟ ପତ୍ର ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କରୋନା ଯୋଦ୍ଧା କରିଛ, ସମାନ ସୁବିଧା ଦିଅ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଆର୍‌ବିଏସ୍‌କେ ସଂଘ**

**ବଲାଙ୍ଗୀର ଅଫିସ, ୨୩।୫**

ଆଗଧାଡିର କରୋନା ଯୋଦ୍ଧାଭାବେ ସରକାରଙ୍କ ସବୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପାଳନ ଓ ଜନସାଧାରଣଙ୍କୁ ସେବା ଯୋଗାଇବାସତ୍ତ୍ୱେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ)ର କର୍ତ୍ତବ୍ୟରତ ଆୟୁଷ ଡାକ୍ତର, ଫର୍ମାଶିଷ୍ଟ, ଏଏନ୍‌ଏମମାନଙ୍କୁ ସରକାରୀ ସୁବିଧା ସୁଯୋଗ ମିଳୁ ନାହିଁ। ଏ ନେଇ ବଲାଙ୍ଗୀର ଜିଲା ଆରବିଏସ୍‌କେ ଷ୍ଟାଫ୍ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଶନିବାର ଏହି ସଂଘର ଆୟୁଷ ଡାକ୍ତର, ଫର୍ମାଶିଷ୍ଟ ଓ ଏଏନ୍‌ଏମ୍‌ମାନେ ସିଡିଏମ୍‌ଓ ଡା. ନାରାୟଣ ଥନାପତିଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ କୋଭିଡ-୧୯ ମୁକାବିଲାରେ ଆରବିଏସ୍‌କେ ଷ୍ଟାଫ୍‌ମାନେ ଆଗଧାଡି କରୋନା ଯୋଦ୍ଧା ହୋଇଥିଲେ ମଧ୍ୟ ସେମାନଙ୍କୁ କୋଭିଡ-୧୯ର ଇନ୍‌ସେନ୍‌ଟିଭ୍, ସ୍ୱାସ୍ଥ୍ୟବୀମା ଏବଂ ଅନ୍ୟ କରୋନା ଯୋଦ୍ଧାଙ୍କୁ ମିଳୁଥିବା ସୁବିଧା ସୁଯୋଗ ଦିଆଯାଉନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଆରବିଏସ୍‌କେ ଷ୍ଟାଫ୍‌ମାନେ କରୋନା ମୁକାବିଲାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, କଣ୍ଟେନମେଣ୍ଟ ଜୋନ୍, ପ୍ରବାସୀଙ୍କ ହୋମ ଆଇସୋଲେସନ୍, ସ୍ୱାବ୍ ପରୀକ୍ଷା ପାଇଁ ପଠାଇବା କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ସ୍ୱାସ୍ଥ୍ୟବୀମା, ଇନ୍‌ସେନ୍‌ଟିଭରୁ ବାଦ୍ ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରିତ ଦାବିପତ୍ରରେ ଅନ୍ୟ କରୋନା ଯୋଦ୍ଧା ଭାବେ ସରକାରଙ୍କ ଘୋଷିତ ସମାନ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟବୀମା, ଇନ୍‌ସେନ୍‌ଟିଭ ଯୋଗାଇବାକୁ ଦାବି କରିଛନ୍ତି। ଅନ୍ୟ ସରକାରୀ ବିଭାଗରେ ୬ ବର୍ଷ ଧରି କାର୍ଯ୍ୟ କରିବା ପରେ ସେମାନଙ୍କୁ ରେଗୁଲାର କରାଯାଉଥିବାବେଳେ ଏଠାରେ ଆରବିଏସ୍‌କେ ଟିମ୍‌ରେ ୬ ବର୍ଷରୁ ଉର୍ଦ୍ଧ୍ୱ କାମ କରିବା ପରେ ମଧ୍ୟ ସେମାନଙ୍କୁ ରେଗୁଲାର କରାଯାଉ ନଥିବା ଅଭିଯୋଗ କରି ତୁରନ୍ତ ଏଦିଗରେ ପକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଜଣାଇଛନ୍ତି। ସଂଘ ସଭାପତି ବିଶ୍ୱଜିତ ମିଶ୍ର, ସମ୍ପାଦକ ହୃଦାନନ୍ଦ ମେହେର, ଡା ମଧୁସ୍ମିତା ମେହେର, କିଶୋର ସାହୁ ସିଡିଏମ୍‌ଓ ଡା ଥନାପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ସେ ବିହିତ ପଦକ୍ଷେପ ନେବେ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ।



ଆର୍‌ବିଏସ୍‌କେ ଷ୍ଟାଫ୍‌ମାନେ ସିଡିଏମ୍‌ଓ ଅଫିସକୁ ଆସି ଦାବିପତ୍ର ଦେଉଛନ୍ତି।

## ଗତିକୃଷ୍ଣଙ୍କୁ ବଢ଼ିଲା ସହାୟତାର ହାତ

**ଲୋଇସିଂହା,୨୩।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡାର ଗତିକୃଷ୍ଣ ନାଏକ(୩୫)। ପୋଲିସ ଭ୍ୟାନକୁ ଦେଖି ଦୌଡି ପଳାଇବା ବେଳେ ଗାତରେ ପଡି ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ବୁର୍ଲା ମେଡିକାଲରେ ଅସ୍ତ୍ରୋପଚାର ପରେ ଘରେ ବସି ରହିଛନ୍ତି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଘରେ ବସି ରହିଥିବାରୁ ପରିବାର ଲୋକେ ଆର୍ଥିକ ଅନଟନରେ ଦିନ କାଟୁଛନ୍ତି। ଏ ସଂକ୍ରାନ୍ତରେ ଗତ ୨୨ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ସ୍ଥାନୀୟ ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ସହାୟତାର ହାତ ବଢାଇଛନ୍ତି। ସଂଗଠନ ସଭାପତି ଦେବାଶଷ ବିଷୋୟୀ ଶନିବାର ଗତିକୃଷ୍ଣଙ୍କ ଘରକୁ ଯାଇ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ଉକ୍ତ ପରିବାରକୁ ଆର୍ଥିକ ସହୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭାଲିଆମୁଣ୍ଡା ଗାଁର ଗତିକୃଷ୍ଣ ନାଏକ ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ଫ୍ୟାକ୍ଟ୍ରି ବନ୍ଦ ପରେ ସେ ଗାଁକୁ ଚାଲି ଆସିଥିଲେ । ଏପ୍ରିଲ ୨ତାରିଖ ସନ୍ଧ୍ୟାରେ କେତେଜଣ ସାଙ୍ଗଙ୍କ ସହ ଗାଁମୁଣ୍ଡ କଲଭର୍ଟ ପାଚେରିରେ ବସିଥିବା ବେଳ ପୋଲିସ ଭ୍ୟାନ ଦେଖି ଦୌଡି ପଳାଉଥିବା ବେଳେ ଗାତରେ ପଡି ଦୁର୍ଘଟଣାର ଶିକାର ହୋଇଥିଲେ।

# ବଲାଙ୍ଗୀରରେ ପ୍ରଥମ ମହିଳା କରୋନା ସଂକ୍ରମିତ ଚିହ୍ନଟ

- ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୯କୁ ବୃଦ୍ଧି
- ୨ ସୁସ୍ଥ, ୭ ସକ୍ରିୟ
- ଟିକ୍ରାପଡ଼ା ସଙ୍ଗରୋଧ କେନ୍ଦ୍ରରେ ୧୪୪ ଧାରା ଜାରି କଲେ ସରପଞ୍ଚ

**ବଲାଙ୍ଗୀର ଅଫିସ/ଟିକ୍ରାପଡ଼ା, ୨୩।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାରେ ପୁଣି ଜଣେ ପ୍ରବାସୀ ମହିଳା କରୋନା ପଜିଟିଭ ଚିହ୍ନଟ୍ ହୋଇଛନ୍ତି । ଗତ ୧୮ ତାରିଖ ଦିନ ସେ ତେଲେଙ୍ଗାନାରୁ ଫେରି ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଭୁବନେଶ୍ୱର କିମ୍‌ସ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସିଡିଏମ୍‌ଓ ଡା ନାରାୟଣ ଥନାପତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦିବ୍ୟକିଶୋର ପତି ଓ ମେଡିକାଲ ଟିମ୍ ଶନିବାର ଟିକ୍ରାପଡାରେ ପହଞ୍ଚି ସଙ୍ଗରୋଧ କେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ପଜିଟିଭ ଚିହ୍ନଟ ହୋଇଥିବା ମହିଳା ଥିବା ସଙ୍ଗରୋଧ କେନ୍ଦ୍ରରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ପ୍ରବାସୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ସିଡିଏମ୍‌ଓ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ ସେଠାରେ ସଙ୍ଗରୋଧରେ ଥିବା ପ୍ରବାସୀମାନଙ୍କୁ କୋଭିଡ-୧୯ ଗାଇଡଲାଇନ୍ ସମ୍ପର୍କରେ ଅବଗତ କରି କୌଣସି ପରିସ୍ଥିତିରେ ଭୟଭୀତ ନହେବାକୁ ପରାମର୍ଶ ଦେଇଥିଲେ। ଶନିବାର ପୁଣି ଜଣେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଅପରପକ୍ଷରେ ଏହି ସଙ୍ଗରୋଧ କେନ୍ଦ୍ରରେ ଜଣେ ମହିଳା ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ପରେ ଟିକ୍ରାପଡା ସରପଞ୍ଚ ଭାରତୀ ରାଜପଲିଆ ଶନିବାରଠାରୁ ସେଠାରେ ଥିବା ଦୁଇ ସଙ୍ଗରୋଧ କେନ୍ଦ୍ରରେ ୧୪୪ ଧାରା ଜାରି କରିଛନ୍ତି । ଏଥିସହିତ ରବିବାର ସକାଳ ୭ଟାରୁ ଟିକ୍ରାପଡା ପଞ୍ଚାୟତକୁ ୩୬ଘଣ୍ଟା ଲାଗି ଶଟଡାଉନ ଘୋଷଣା କରିଛନ୍ତି। ପ୍ରକାଶଥାଉକି ମେ ୧ତାରିଖ ଗୁଡଭେଲା ବ୍ଲକ ଲିଖିରିଆ ଗାଁର ତାମିଲନାଡୁ ଫେରନ୍ତା ଦୁଇ ପ୍ରବାସୀ ଯୁବକ ଜିଲାର ପ୍ରଥମ କରୋନା ସଂକ୍ରମିତ ଜଣାପଡିଥିଲା ।

## ଅନ୍‌ଲାଇନ ଶିକ୍ଷା ଗ୍ରହଣ କରୁଛନ୍ତି ଛାତ୍ରୀଛାତ୍ର

**ସରଣ୍ଡା,୨୩।୫(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲିସ୍ଥିତ କୋଶଲ ବିଦ୍ୟାଳୟର ପରୀକ୍ଷାଫଳ ଗତ ମାର୍ଚ୍ଚ ୧୯ତାରିଖରେ ପ୍ରକାଶ ପାଇଥିଲା। ନୂତନ ଶିକ୍ଷାବର୍ଷ ପାଇଁ ମାର୍ଚ୍ଚ ୨୦ତାରିଖରୁ ପାଠପଢ଼ା ଆରମ୍ଭ ହେବାର ଥିଲା। କିନ୍ତୁ କରୋନା ନିୟନ୍ତ୍ରଣ ପାଇଁ ନୂତନ ଶିକ୍ଷାବର୍ଷର ପାଠପଢ଼ା ନିର୍ଦ୍ଧାରିତ ସମୟରୁ ଆରମ୍ଭ ହୋଇପାରି ନ ଥିଲା। ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଅନଲାଇନ୍, ହ୍ୱାଟ୍ସଆପ୍ ଯୋଗେ ପାଠପଢ଼ା ବ୍ୟବସ୍ଥା ହୋଇଛି। ସେହିପରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ଛଡ଼ା ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ପାଇଁ ପିଲାମାନଙ୍କର ଅଭିଭାବକଙ୍କ ଜରିଆରେ ପ୍ରୋତ୍ସାହନ ଦିଆଯାଇଛି। କେତେକ ଅଭିଭାବକ ସେମାନଙ୍କ ଝିଅପୁଅଙ୍କ ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ଯଥା ଗୀତ, ସଙ୍ଗୀତ, ବାଦ୍ୟଯନ୍ତ୍ର, ନୃତ୍ୟର ଫଟୋ ଓ ଭିଡ଼ିଓ ସ୍କୁଲକୁ ପଠାଉଛନ୍ତି।

# ସୁନ୍ଦରଗଡ଼ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୩ ଛୁଇଁଲା

**ସୁନ୍ଦରଗଡ଼,୨୩।୫ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଶୁକ୍ରବାର ଜିଲାରେ ପୁଣି ୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ ସଂଖ୍ୟା ୩୩ରେ ପହଞ୍ଚିଛି। ଚିହ୍ନଟ ହୋଇଥିବା ୬ ଆକ୍ରାନ୍ତଙ୍କ ମଧ୍ୟରେ ରାଉରକେଲା କଣ୍ଟେନ୍‌ମେଣ୍ଟ ଜୋନ୍‌ର ଜଣେ ୭୧ବର୍ଷୀୟ ବୃଦ୍ଧ ଥିବା ବେଳେ ୩ ଜଣ ଟାଙ୍ଗରପାଲି ବ୍ଲକ ରତନପୁର କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ଅନ୍ୟ ୨ଜଣ ବଡଗାଁ ବ୍ଲକ ରୁନଗାଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ବୋଲି ଜିଲାପାଳ ନିଖିଲ ପବନ କଲ୍ୟାଣ ସୂଚନା ଦେଇଛନ୍ତି।

ବଡ଼ଗାଁଓ ଟାଙ୍ଗରପାଲିର ୫ ଆକ୍ରାନ୍ତଙ୍କ ମଧ୍ୟରେ ରତନପୁର ସଙ୍ଗରୋଧ କେନ୍ଦ୍ରରେ ଏକ ଦମ୍ପତି ଏବଂ ତାଙ୍କର ୪ବର୍ଷର ପୁଅ ଅଛନ୍ତି। ସେହିପରି ରୁନଗାଁ ସଙ୍ଗରୋଧ କେନ୍ଦ୍ରରେ ଜଣେ ଯୁବତୀ ଓ ଜଣେ ମହିଳା ଅଛନ୍ତି। ୬ ଆକ୍ରାନ୍ତଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍-୧୯ ହସ୍ପିଟାଲକୁ ପଠାଯାଇଛି। ଏହାପରେ ପ୍ରଶାସନ ପକ୍ଷରୁ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଶନିବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସରୋଜ କୁମାର ମିଶ୍ର, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଆରଆର ଟିଂ ଟିମ୍ ସହ ଉଭୟ ରତନପୁର ଓ ରୁନଗାଁ କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇ ସେଠାରେ ରହୁଥିବା ପ୍ରବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ବିଶେଷ କରି ସାମାଜିକ ଦୂରତ୍ୱ ବଜାୟ ରଖିବା, ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ସେମାନେ କାହା ସଂସ୍ପର୍ଶରେ ଆସିଛନ୍ତି ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ୫ଦିନ ପରେ ଉପରୋକ୍ତ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ପ୍ରବାସୀଙ୍କଠାରୁ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ବର୍ତ୍ତମାନ ସୁଦ୍ଧା ମୋଟ ୩୩ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ଜଣ ସୁସ୍ଥ ହୋଇଛନ୍ତି। ଆଗାମୀ ଦିନରେ ଟ୍ରେନ୍ ଚଳାଚଳ ଆରମ୍ଭ ହେଲେ ପ୍ରବାସୀ ଶ୍ରମିକ ଓ ଅନ୍ୟମାନେ ଫେରିବେ। ଜିଲାରେ ସଂକ୍ରମଣଙ୍କ ସଂଖ୍ୟା ଆହୁରି ବଢିବାର ଆଶଙ୍କା ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲାରେ ରାଉରକେଲା ହାଇଟେକ୍ ମେଡିକାଲ କଲେଜ କୋଭିଡ୍ ହସ୍ପିଟାଲ ଓ ସୁନ୍ଦରଗଡ ଏନ୍‌ଟିପିସି ମେଡିକାଲ କଲେଜ ପରିସରରେ ସ୍ୱତନ୍ତ୍ର କୋଭିଡ୍-୧୯ କେୟାର ସେଣ୍ଟର ସମେତ ଜିଲାରେ ୭ଟି କେୟାର ସେଣ୍ଟର ଖୋଲାଯାଇଛି। ରାଜ୍ୟ ବାହାରେ ଥିବା ୪୭ ହଜାର ପ୍ରବାସୀ ଶ୍ରମିକ ଜିଲାକୁ ଫେରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି।

## ୨ କରୋନା ରୋଗୀ ଚିହ୍ନଟ ପରେ ଆତଙ୍କ

**ବଡଗାଁ,୨୩।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତରେ ୨୪ ସଙ୍ଗରୋଧ କେନ୍ଦ୍ର ରହିଛି। ସେଥି ମଧ୍ୟରୁ ରୁନଗାଁ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜଣେ ଯୁବତୀ (୧୮) ଓ ଜଣେ ମହିଳା (୩୫)ଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଯାଇଥିଲା। ଶୁକ୍ରବାର ଉଭୟଙ୍କ ରିପୋର୍ଟ ପଜିଟିଭ ଆସିଛି। ଏ କଥା ଜଣାପଡିବା ପରେ ଉକ୍ତ ପଞ୍ଚାୟତରେ ଭୟ ସୃଷ୍ଟି ହୋଇଛି। ପରିସ୍ଥିତିକୁ ଦେଖି ରୁନାଗାଁ ପଞ୍ଚାୟତକୁ ସଟ୍ ଡାଉନ ଘୋଷଣା କରାଯାଇଥିବା ସରପଞ୍ଚ ରାଜିତ ଏକ୍କା କହିଛନ୍ତି।

# ରୀତିନୀତିରେ ପାଳନ ହେବ ଶୀତଳଷଷ୍ଠୀ, ରଥଯାତ୍ରା

- ସୁବର୍ଣ୍ଣପୁର ଜିଲା ଦେବୋତ୍ତର କମିଟି ବୈଠକରେ ନିଷ୍ପତ୍ତି
- ଶୋଭାଯାତ୍ରା ବନ୍ଦ, ପୂଜା ଓ ରଥଟଣା ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ

**ସୋନପୁର,୨୩।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ବର୍ତ୍ତମାନ ସୁଦ୍ଧା କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଗ୍ରୀନ୍ ଜୋନ୍‌ରେ ରହିଛି ଏହି ଜିଲା। ତେବେ କରୋନା ଭୂତାଣୁ ସଂକ୍ରମଣରୁ ଜନସାଧାରଣଙ୍କୁ ଦୂରେଇ ରଖିବା ପାଇଁ ଜିଲା ଦେବୋତ୍ତର କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୬ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ରସିଦ୍ଧ ଶୀତଳ ଷଷ୍ଠୀ ଓ ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ସମୟରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁରରେ ଚଳିତ ଯାତ୍ରା ରୀତିନୀତି ଅନୁଯାୟୀ ନିରାଡମ୍ବର ଭାବେ ପାଳନ କରାଯିବ। ପରମ୍ପରା ଅନୁଯାୟୀ ଏହି ଯାତ୍ରା ପାଇଁ ଆବଶ୍ୟକ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ସମସ୍ତ ଦେବ ରୀତିନୀତି ସେବାୟତମାନଙ୍କ ଦ୍ୱାରା ସାମାଜିକ ଦୂରତା ରକ୍ଷା କରାଯାଇ ସମ୍ପନ୍ନ କରାଯିବ। ସେବାୟତମାନେ ମାସ୍କ ପିନ୍ଧିବେ। ପରମ୍ପରା ଅନୁସାରେ ଶୀତଳ ଷଷ୍ଠୀ ଅବସରରେ ଜିଲା କୋଷାଗାରରୁ ପୂଜା ପାଇଁ ବାହାରୁଥିବା ୧୦୮ ଭରି ସ୍ୱର୍ଣ୍ଣର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବାବା ଚଳିତ ବର୍ଷ ବାହାରି ଥନାପତିପଡା ସ୍ୱମନ୍ଦିରକୁ ଯିବେ। ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି।

ସର୍କିଟ୍ ହାଉସ ସମ୍ମୁଖରେ କମିଟି ସଦସ୍ୟଙ୍କ ମଧ୍ୟରେ ହୋଇଥିବା ବୈଠକରେ ଜିଲା ଦେବୋତ୍ତର କମିଟି ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ୍ ଅରୁଣ କୁମାର ମଲ୍ଲିକ ଅଧ୍ୟକ୍ଷତା କରି ବର୍ତ୍ତମାନ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ଶୀତଳ ଷଷ୍ଠୀ ଯାତ୍ରା କେବଳ ରୀତିନୀତି ଅନୁଯାୟୀ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା ସମୟରେ ଦେବଦମ୍ପତ୍ତିଙ୍କ ଯୁଗଳ ମୂର୍ତ୍ତି ଶୋଭାଯାତ୍ରା କିମ୍ବା ବିବାହ ନୀତି ପାଇଁ କୌଣସି ଶୋଭାଯାତ୍ରା ଆୟୋଜନ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ରଥଯାତ୍ରା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ତିନି ଠାକୁରଙ୍କ ଦେବସ୍ନାନ ନୀତି ସାମାଜିକ ଦୂରତା ରକ୍ଷା କରାଯାଇ ସମ୍ପନ୍ନ କରାଯିବ। ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରଥଟଣା ସମୟରେ ସରକାର ଧାର୍ଯ୍ୟ କରିଥିବା କଟକଣା ତଥା ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ ବୈଠକରେ ସ୍ଥିର କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଏସ୍‌ପି ଦେବୀପ୍ରସାଦ ଦାଶ, ସବ୍‌ଜଜ୍ କମଳାକାନ୍ତ ନାୟକ, ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, କମିଟି ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ପ୍ରମୋଦ ମହାପାତ୍ର, ବୈକୁଣ୍ଠ ଶତପଥୀ, ସତ୍ୟନାରାୟଣ ତ୍ରିପାଠୀ, ରାମଶଙ୍କର ସାହୁ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସୁଧୀର ପୂଜାରୀ, ସମଶେ ଥନାପତି, ଲକ୍ଷ୍ମୀନାରାୟଣ ଥନାପତି, ଗିରିଗୋବର୍ଦ୍ଧନ ଥନାପତି, ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସହ ବିଭିନ୍ନ ମନ୍ଦିରର ପୂଜକ ଓ ସେବାୟତମାନେ ଯୋଗ ଦେଇଥିଲେ।



ସର୍କିଟ୍ ହାଉସ୍ ସମ୍ମୁଖରେ ଅନୁଷ୍ଠିତ ଦେବୋତ୍ତର କମିଟିର ବୈଠକ।

## ଜିଲ୍ଲାରେ ପ୍ରବେଶ କଲେଣି ୨୦ ହଜାର ପ୍ରବାସୀ

ମାଲକାନଗିରି,(ଡି.ଏନ୍.ଏ.)- କୋଭିଡ୍-୧୯ ସାରା ବିଶ୍ୱରେ ଭୟ ଖେଳାଇଛି। ଓଡ଼ିଶାରେ ମଧ ସଂକ୍ରମିତ ସଂଖ୍ୟା ବଢ଼ୁଛି। ଏପରି ସ୍ଥିତିରେ ମାଲକାନଗିରି ଜିଲା ସୀମାନ୍ତ ମୋଟୁ କାଲେରୁ ପୋଲ ଦେଇ ପ୍ରତ୍ୟେହ ନିଜ ଗ୍ରାମକୁ ପ୍ରବାସୀଙ୍କ ସୁଅ ଛୁଟିଛି। ୧୨ହଜାର ୩୬୦ ଶ୍ରମିକ ସଙ୍ଗରୋଧରେ ଅଛନ୍ତି। ତେବେ ମାଲକାନଗିରି ଜିଲାକୁ ଏଯାବତ୍ ୨୦ହଜାର ୭୪ ଜଣ ପ୍ରବାସୀ ଶ୍ରମିକ ପ୍ରବେଶ କରିଛନ୍ତି। ଶନିବାର ସୁଦ୍ଧା ଜିଲାରେ ୨୮୪୧ଟି ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସେଥିରୁ ୨୪୧୦ଟି ନମୁନାର ଫଳାଫଳ ଆସିଛି। ଏଥିରୁ ୨୪୦୨ଟି ନେଗେଟିଭ୍ ଥିବାବେଳେ ୮ଟି ପଜିଟିଭ୍ ରହିଛି।

# ନବରଙ୍ଗପୁର, ଗଜପତି ଜିଲାକୁ ଛୁଇଁଲା କରୋନା

- ଗଜପତିରେ ୪ ପଜିଟିଭ
- ଚିହ୍ନଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ପାରଳାଖେମୁଣ୍ଡି/କାଶୀନଗର/ଗୁମ୍ମା, ୨୩।୫(ସ୍ୱ.ପ୍ର./ଡି.ଏନ୍.ଏ.):

ରାଜ୍ୟରେ କରୋନା କାୟା ମେଲାଇବାରେ ଲାଗିଛି। ଗ୍ରୀନ୍ ଜୋନ୍‌ରେ ଥିବା ଦକ୍ଷିଣ ଓଡ଼ିଶାର ୨ ନୂଆ ଜିଲା କରୋନା ତାଲିକାରେ ସାମିଲ ହୋଇଛି। ଗଜପତି ଜିଲାରେ ୪ ଜଣ ଏବଂ ନବରଙ୍ଗପୁରର ଜିଲାରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

ଗଜପତି ଜିଲାର ଗୁମ୍ମା ବ୍ଲକ୍‌ରୁ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ କାଶୀନଗର ଏବଂ ଗୋଷାଣୀ ବ୍ଲକରୁ ଜଣେ ଲେଖାଏ ରହିଥିବା ଗଜପତି ଜିଲାପାଳ ଅନୁପମ ଶାହା ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। କାଶୀନଗର ବ୍ଲକ୍ ଶିଆଳି ପଞ୍ଚାୟତ ଅଧୀନ ମାଣ୍ଟିଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେ ଆନ୍ଧ୍ରପ୍ରଦେଶର ନେଲୋରରୁ ଫେରି ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ସେହିପରି ଗୋଷାଣୀ ବ୍ଲକ୍ ଅଧୀନ ତାଟିପେଟି ଗ୍ରାମର ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଜଣେ ଟ୍ୟାକ୍ସି ଡ୍ରାଇଭର ଏବଂ ବାରମ୍ବାର ଆନ୍ଧ୍ରପ୍ରଦେଶକୁ ଯିବା ଆସିବା କରୁଥିଲେ। ତାଙ୍କର ହୃଦ୍‌ରୋଗ ମଧ ରହିଥିବା ଜଣାପଡ଼ିଛି। ସେହିପରି ଗୁମ୍ମା ବ୍ଲକ୍ କୁଜାସିଂ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ରହିଛି। ଗୁମ୍ମା ବ୍ଲକ୍ ଆଶ୍ରୟଗଡ଼ ପଞ୍ଚାୟତ ଅଧୀନ ବନମୁଣ୍ଡା ଗ୍ରାମର ଜଣେ ଯୁବକଙ୍କଠାରେ ମଧ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେ ଗତ ମେ ୧୧ରେ ଟ୍ରେନ୍‌ରେ ମୁମ୍ବାଇରୁ ଫେରି ସଙ୍ଗରୋଧରେ ଥିବା ଜଣାପଡ଼ିଛି। ସଂକ୍ରମିତ ୪ ବ୍ୟକ୍ତି ପୁରୁଷ ହୋଇଥିବାବେଳେ ଏମାନଙ୍କ ବୟସ ୩୫ରୁ ୫୦ ବର୍ଷ ମଧ୍ୟରେ ରହିଛି। ଉଲ୍ଲେଖଯୋଗ୍ୟ, ମେ ୧୩ରେ ୪ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଏମାନଙ୍କୁ ଆର୍. ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି। ସେହିପରି ପରିବାର ଲୋକଙ୍କୁ ମଧ ଆଇସୋଲେଶନରେ ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରେ ୪ ପଜିଟିଭ ଚିହ୍ନଟ ପରେ ଜିଲା ପ୍ରଶାସନ ଅଧିକ ସତର୍କ ହୋଇଛି। ପଜିଟିଭ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି। ତେବେ ଗୁମ୍ମା ବ୍ଲକ୍ ଅଧୀନ ବନମୁଣ୍ଡାଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାରୁ ସେହି ଅଞ୍ଚଳ ପୂର୍ବରୁ ହିଁ ଆବଦ୍ଧ ଅଞ୍ଚଳ ଘୋଷଣା ହୋଇଛି। ଜିଲାରେ ପଜିଟିଭ୍ ଚିହ୍ନଟ ହେବାପରେ ଦକ୍ଷିଣାଞ୍ଚଳ ଆରଡ଼ିସି ଟି. ଆଓ ଏବଂ ଏସ୍‌ପି ସାରା ଶର୍ମା କାଶୀନଗର ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରିବା ସହ ଅଞ୍ଚଳରେ କଣ୍ଟେନମେଣ୍ଟ ଓ ବଫର୍ ଜୋନ୍ ପାଇଁ ସୀମା ନିର୍ଦ୍ଧାରଣ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ରାତି ସୁଦ୍ଧା ବାହାର ରାଜ୍ୟରୁ ଗଜପତି ଜିଲାକୁ ୫୨୪୫ ଜଣ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ୫୧୯୨ ଜଣ ସଙ୍ଗରୋଧରେ ରହିଛନ୍ତି। ସେହିପରି ଶୁକ୍ରବାର ରାତି ସୁଦ୍ଧା ଜିଲାରୁ ୧୬୮୯ ସ୍ୱାବ୍ ନମୁନା ସଂଗ୍ରହ ହୋଇଛି। ଏଥିରୁ ୯୭୨ ରିପୋର୍ଟ ହସ୍ତଗତ ହୋଇଥିବାବେଳେ ସମସ୍ତ ରିପୋର୍ଟ ନେଗେଟିଭ ରହିଛି। ବଳକା ରିପୋର୍ଟ ପହଞ୍ଚି ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ନବରଙ୍ଗପୁରରେ ଜଣେ ପଜିଟିଭ

ନବରଙ୍ଗପୁର/ଚନ୍ଦାହାଣ୍ଡି, ୨୩।୫ (ବି.ପ୍ର./ଡି.ଏନ.ଏ.)



ବଫରଜୋନ୍‌ରେ ମୁତୟନ ହୋଇଥିବା ପୋଲିସ ।

ନବରଙ୍ଗପୁର ଜିଲାକୁ ଛୁଇଁଲା କରୋନା। ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତର ବନ୍ଧକୋନା ସଙ୍ଗରୋଧ କେନ୍ଦ୍ରରେ ଜଣେ ଯୁବକ (୨୦) କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କୁ ଜିଲା ପ୍ରଶାସନ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ ସମ୍ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିଛି। ଏ ସମ୍ପର୍କରେ ନବରଙ୍ଗପୁର ଜିଲା ପ୍ରଶାସନ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ମାସ ୧୪ ତାରିଖରେ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ୪୬ ଜଣ ଏକ ବସ୍ ଯୋଗେ ନବରଙ୍ଗପୁର ଆସିଥିଲେ। କରୋନା ଆକ୍ରାନ୍ତ ଡାବୁଗାଁ ବ୍ଲକର ଉକ୍ତ ଯୁବକ ଜଣକ ମଧ ସେମାନଙ୍କ ସହ ଆସିଥିଲେ। ଜିଲା ପ୍ରଶାସନ ସେମାନଙ୍କୁ ନେଇ ଚନ୍ଦାହାଣ୍ଡି ବ୍ଲକ ବନ୍ଧକୋଣା ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ଚଳିତ ମାସ ୨୦ ତାରିଖରେ ସେମାନଙ୍କ ସ୍ୱାବ୍ ନିଆଯାଇ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପରୀକ୍ଷା ପାଇଁ ପଠାଯାଇଥିଲା। ଶୁକ୍ରବାର ରାତିରେ ୪୬ ଜଣଙ୍କ ମଧ୍ୟରୁ ୪୫ ଜଣଙ୍କ ନେଗେଟିଭ ଆସିଥିବା ବେଳେ ଜଣକ କରୋନା ପଜିଟିଭ ରିପୋର୍ଟ ଆସିଥିଲା। ଶନିବାର ଜିଲାପାଳ ଅଜିତ କୁମାର ମିଶ୍ର, ଏସ୍‌ପି ନୀତୀଶ କୁଶଲକର, ସିଡିଏମ୍‌ଓ ସନ୍ତୋଷ କୁମାର ସ୍ୱାଇଁ, ବିଡିଓ ଧର୍ମରାଜ ମାଝି, ତହସିଲଦାର ହୃଦାନନ୍ଦ ସିଂ ମାଝି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କଳ୍ପେଶ ସୁନା, ଥାନା ଅଧିକାରୀ ଅଭୟ ବେହେରା ପ୍ରମୁଖ ପହଞ୍ଚି ଜନସାଧାରଣଙ୍କୁ ଭୟ ନ କରିବାକୁ ପରାମର୍ଶ ଦେବା ସହ ଘରୁ ନ ବାହାରିବାକୁ କହିଛନ୍ତି। ବର୍ତ୍ତମାନ ବନ୍ଧକୋଣା ସଙ୍ଗରୋଧ କେନ୍ଦ୍ରକୁ ବଫର ଜୋନ ଘୋଷଣା କରାଯାଇଛି। ସେଣ୍ଟର ନିକଟଠାରୁ ୧୦୦ ମିଟର ଦୂରରୁ କେହି ପ୍ରବେଶ କରିବେ ନାହିଁ ବୋଲି ଜିଲାପାଳ କହିଛନ୍ତି। ପୋଲିସ, ଆଇଆରବି ଯବାନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ନବରଙ୍ଗପୁର ଜିଲାରୁ ୨୩୧୬ ଜଣଙ୍କ ନମୁନା ପରୀକ୍ଷା ପାଇଁ ଯାଇଥିବା ବେଳେ ୨୧୨୪ ଙ୍କ ନମୁନା ନେଗେଟିଭ ଆସିଛି। ଜଣକ ନମୁନା ପଜିଟିଭ ଆସିଛି। ୪୭୯୪ ପ୍ରବାସୀ ନବରଙ୍ଗପୁରକୁ ଆସିଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଅସମ୍ପୂର୍ଣ୍ଣ ପ୍ରକଳ୍ପ ସାରିବାକୁ ଏମ୍‌ପିଙ୍କ ପରାମର୍ଶ

ଚିତ୍ରକୋଣ୍ଡା,୨୩।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାକୁ ଶନିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଗସ୍ତକରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ପ୍ରଥମେ ଚିତ୍ରକୋଣ୍ଡା ଦୁର୍ଗାମନ୍ଦିର ପାଖରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଚାଲିଥିବା ଜଳ ଯୋଗାଣ ପ୍ରକଳ୍ପ ସେ ବୁଲି ଦେଖିଥିଲେ। ଏହି ପ୍ରକଳ୍ପ ୨ବର୍ଷ ତଳେ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ସରି ନ ଥିବାରୁ ତୁରନ୍ତ ଏହାର କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ସରୁ ନ ଥିବାରୁ ଚିତ୍ରକୋଣ୍ଡାବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନାହିଁ। ପରେ ସେ ଆରଙ୍ଗି ଡଙ୍ଗାଘାଟକୁ ଯାଇ ଡଙ୍ଗା ସମସ୍ୟା ଦୂର ପାଇଁ ଘାଟକୁ ନୂଆ ଡଙ୍ଗା ଯୋଗାଇଦେବାକୁ ବିଡିଓ ଲଳିମନ ଖରସେଲଙ୍କୁ ପରାମର୍ଶ ଦେଇଥିଲେ। ଗୁଣ୍ଠାୱାଡା ପଞ୍ଚାୟତବାସୀ ଉକ୍ତ ଘାଟରେ ନୂଆ ପୋଲ ନିର୍ମାଣ ପାଇଁ ଏମ୍‌ପି ମାଝିଙ୍କୁ ଅନୁରୋଧ କରିଥିଲେ। ବଡପଦର ପଞ୍ଚାୟତ ଆଞ୍ଜେରିଆଗୁଡା ଗ୍ରାମରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଦେଖିବାକୁ ଯାଇଥିଲେ। ଜନସାଧାରଣଙ୍କୁ ବହୁ ମାତ୍ରାରେ କାମ ଯୋଗାଇବାକୁ ସେ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଚିତ୍ରକୋଣ୍ଡା ସହର ତଥା କଲୋନିବାସୀଙ୍କ ଘରବାରି ପଟ୍ଟା ନ ଥିବାରୁ ଅନେକେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କଲୋନିବାସୀ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପିଙ୍କ ସହ ନୃସିଂହ ଚରଣ ମହାନ୍ତି, ରାଜେନ୍ଦ୍ର ପଣ୍ଡା, ଜଗନ୍ନାଥ ମାଝି, ହରିମୋହନ ଖିଲ, ପୀତାମ୍ବର ଖେମୁଡୁ, ମଙ୍ଗଳା ପାଙ୍ଗୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖୋଲାଖୋଲି ଚାଲିଛି ବିଷାକ୍ତ ମଦ କାରବାର

ବୈପାରିଗୁଡ଼ା, ୨୩।୫ (ଡି.ଏନ୍.ଏ.)-ସମଗ୍ର ରାଜ୍ୟରେ ଲକ୍‌ଡାଉନ୍ ଯୋଗୁ ସରକାରୀ ଲାଇସେନ୍ସପ୍ରାପ୍ତ ମଦଦୋକାନଗୁଡ଼ିକ ବନ୍ଦ ରହିଛି। କିନ୍ତୁ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଗଳିକନ୍ଦିରେ ଦେଶୀ ମଦ ଖୋଲାଖୋଲି ଭାବେ ବିକ୍ରିଚାଲଛି। ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଅନୁକରଣ କରି ବ୍ୟବସାୟୀମାନେ ମଦ ପାଉଚ ତିଆରି କରି ବିକ୍ରି କରୁଛନ୍ତି। ଏଥିରେ ପ୍ରସ୍ତୁତ ତାରିଖ, ଏକ୍ସପାଏରି ଡେଟ୍ ଓ ଆଲକହଲ୍‌ର ମାତ୍ରା ଆଦି ଉଲ୍ଲେଖ ରହୁନି। ବେଆଇନଭାବେ ପ୍ରସ୍ତୁତ ହେଉଥିବା ଏହି ଦେଶୀ ମଦ ଏଭଳି ବିଷାକ୍ତ ଯେ ଯାହାକି ସାଇଲେଣ୍ଟ କିଲର ଭବେ କାମ କରୁଛି। ମହୁଲରୁ ଏହି ମଦ ପ୍ରସ୍ତୁତ କରାଯାଉଛି। ଏହି ମଦ ଯେପରି ଭାବେ ପ୍ରସ୍ତୁତ କରାଯାଉଛି ତାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ମଦକୁ କଡ଼ା କରିବା ପାଇଁ ଏଥିରେ ଆମୋନିଆ ଏବଂ ୟୁରିଆ ପରି ରାସାୟନିକ ସାର ଓ ବ୍ୟାଟେରି ଭିତରେ ଥିବା କାର୍ବନ ବ୍ୟବହାର କରାଯାଉଛି। ମାତ୍ର ୨ରୁ ୩ ଦିନରେ ମଦ ପ୍ରସ୍ତୁତ କରାଯାଉଛି। ରାସାୟନିକ ସାର ପ୍ରୟୋଗ କାରଣରୁ ଯେଉଁମାନେ ଏହାକୁ ନିୟମିତ ପିଉଛନ୍ତି ସେମାନଙ୍କ କିଡ୍‌ନୀ ଓ ଲିଭର ସମସ୍ୟା ଦେଖାଯାଉଛି। ମାତ୍ର ୧୦ ଟଙ୍କାରେ ମଦ ପାଉଚ ମିଳୁଥିବାରୁ ଗରିବ ଶ୍ରେଣୀର ଲୋକେ ଏହାକୁ ବହୁଳ ଭାବେ ବ୍ୟବହାର କରୁଛନ୍ତି। ବୈପାରିଗୁଡ଼ା ବ୍ଲକ ସୀମାନ୍ତବର୍ତ୍ତୀ ଇଲାକାରେ ଏସବୁ ମଦ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ସ୍ଥାନକୁ ମଧ ପଠାଯାଉଛି। ବୈପାରିଗୁଡ଼ାଠାରେ ଏକ ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ତେବେ ସମ୍ପୃକ୍ତ ଉପନିରୀକ୍ଷକ ସ୍ୱାସ୍ଥ୍ୟଗତ କାରଣରୁ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଜୟପୁର ଉପନିରୀକ୍ଷକ ଏହା ଦାୟିତ୍ୱରେ ଅଛନ୍ତି। ଫଳରେ ଅବକାରୀ କାର୍ଯ୍ୟାଳୟ ଦୀର୍ଘ ସମୟ ତାଲା ଝୁଲଛି। ଅବକାରୀ ବିଭାଗ ପକ୍ଷରୁ ମଦଭାଟି ଉପରେ ନିୟମିତ ଚଢ଼ାଉ କରାଯାଉ ନାହିଁ ସେହିପରି ବଜାରରେ ଖୋଲାଖୋଲି ଭାବେ ମଦ କାରବାର ହେଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ଜୟପୁର ଅବକାରୀ ନିରୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ୧ କୁଇଣ୍ଟାଲ ୬୪୦ କେଜି ଗଞ୍ଜେଇ ଜବତ

ସେମିଳିଗୁଡା,୨୩।୫(ସ୍ୱ.ପ୍ର.)-ସେମିଳିଗୁଡା ପୋଲିସ ପକ୍ଷରୁ ପାଟ୍ରୋଲିଂ ବେଳେ ଏକ କଣ୍ଟେନରରୁ ଗଞ୍ଜେଇ ଜବତ ହୋଇଛି। ଏହାର ପରିମାଣ ୧କୁଇଣ୍ଟାଲ ୬୪୦ କେଜି। ଶନିବାର ଭୋର ୫ଟାରେ ମାଳି ଦୋଳିଆମ୍ବ ଛକ ନିକଟରେ ପୋଲିସ ପେଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ କଣ୍ଟେନର ସେମିଳିଗୁଡାରୁ ପଟ୍ଟାଙ୍ଗି ଅଭିମୁଖେ ଯାଉଥିଲା। ଏହାକୁ ପୋଲିସ ସନ୍ଦେହରେ ଅଟକାଇ ଥିଲା। ଗାଡ଼ିଛାଡ଼ି ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ଗାଡି ଯାଞ୍ଚ କରି ସେଥିରୁ ୧କୁଇଣ୍ଟାଲ ୬୪୦ କେଜି ଗଞ୍ଜେଇ ଜବତ କରିଥିଲା। କଣ୍ଟେନରକୁ ମଧ ଜବତ କରାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏହି ଗଞ୍ଜେଇ ଚୋରା ଚାଲାଣରେ କେଉଁମାନେ ସାମିଲ ଅଛନ୍ତି ପୋଲିସ ଖୋଳତାଡ କରୁଛି। ଏନେଇ ୪୨/୨୦ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି।

### କରୋନା ମୁକାବିଲା ସମ୍ପର୍କରେ ଆଲୋଚନା କଲେ ଦକ୍ଷିଣାଞ୍ଚଳ ଆରଡ଼ିସି



ପାରଳାଖେମୁଣ୍ଡି,୨୩।୫(ସ୍ୱ.ପ୍ର.)- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ଶନିବାର ଗଜପତି ଜିଲା ଗସ୍ତ କରିଛନ୍ତି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ପହଞ୍ଚି ସର୍କିଟ ହାଉସ ଠାରେ ଜିଲାପାଳ ଅନୁପମ ସାହାଙ୍କ ସହ କରୋନା ମୁକାବିଲାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଜିଲାରେ ୪ କରୋନା ପଜିଟିଭ୍ ଜଣାପଡିଥିବାରୁ ଏଥିପ୍ରତି ବ୍ୟସ୍ତ ନ ହୋଇ କଣ୍ଟେନମେଣ୍ଟ ଉପରେ ଗୁରୁତ୍ୱ ଦେବାପାଇଁ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଚୌଧୁରୀ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା ଉପସ୍ଥିତ ଥିଲେ। ପରେ ଦେବିତୀ ଠାରେ ଆରମ୍ଭ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଦେଖିବା ସହ ସେଠାରେ ଥିବା ଆନ୍ତଃରାଜ୍ୟ ନାକା କେନ୍ଦ୍ରକୁ ମଧ ବୁଲିଥିଲେ।

## କରୋନା ପରୀକ୍ଷାଗାର ଉଦ୍‌ଘାଟନ କଲେ ଜିଲାପାଳ

ଜୟପୁର,୨୩।୫ (ନି.ପ୍ର.)


ପରୀକ୍ଷାଗାର ଉଦ୍‌ଘାଟନ ପରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ବୁଲି ଦେଖୁଛନ୍ତି ।

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ କରୋନା ପରୀକ୍ଷା କେନ୍ଦ୍ରକୁ ଜିଲାପାଳ ମଧୁସୂଦନ ମିଶ୍ର ଶନିବାର ଉଦ୍‌ଘାଟନ କରିଛନ୍ତି। କଲେଜର ଏକ କକ୍ଷରେ କରୋନା ନମୁନା ପରୀକ୍ଷା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସୁବିଧା କରାଯାଇଛି। ଚେନ୍ନାଇରୁ ଏକ ବିଶେଷଜ୍ଞ ଟମ୍ ଆସି ଏହି ଯନ୍ତ୍ରପାତି ସ୍ଥାପନ କରିଥିଲେ। ଏଠାରେ ୬ଟି ସାମ୍ପଲ ଟେଷ୍ଟ କରାଯାଇପାରିବ ବୋଲି ମେଡିକାଲ କଲେଜ ଡିନ୍ କେ.ସି. ବିଶ୍ୱାଳ ସୂଚନା ଦେଇଛନ୍ତି। ଉଚ୍ଚ କ୍ଷମତାସମ୍ପନ୍ନ ମେସିନ ଆସିଲେ ପରବର୍ତ୍ତୀ ସମୟରେ ପରୀକ୍ଷା ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ,ପିଡି ପ୍ରବୀର ନାୟକଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୧୮ରେ କୋରାପୁଟ ମହିଳା ମହାବିଦ୍ୟାଳୟରେ କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ ହୋଇଥିଲା।

## ବର୍ଷା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୨୩।୫:


ସମୀକ୍ଷା ବୈଠକରେ ମନ୍ତ୍ରୀ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ରାୟଗଡ଼ା ଅଫିସ,୨୩।୫: ରାୟଗଡ଼ା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଶନିବାର ସ୍ଥାନୀୟ ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ପ୍ରାକୃତିକ ବିପର୍ଯ୍ୟୟ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ବର୍ଷାଦିନରେ ବନ୍ୟା ପରିସ୍ଥିତି ଏଡ଼ାଇବା ପାଇଁ ବିଭିନ୍ନ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଜିଲାର ନାଗାବଳୀ ଓ ବଂଶଧାରା ନଦୀରେ ସୃଷ୍ଟି ହୋଇଥିବା ବନ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ବର୍ଷାଦିନ ପାଇଁ ପ୍ରସ୍ତୁତ ରହିବାକୁ ଆଲୋଚନା କରାଯାଇଛି। ପ୍ରକଳ୍ପଗୁଡ଼ିକୁ ବର୍ଷାଦିନ ପୂର୍ବରୁ ସାରିବା ଏବଂ ନୂତନ ପ୍ରକଳ୍ପ ପାଇଁ ତୁରନ୍ତ ଡିପିଆର୍ ପ୍ରସ୍ତୁତ ଓ ଅନୁମୋଦନ କରାଇ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ଆପାତ୍‌କାଳୀନ ଯୋଜନା ପ୍ରସ୍ତୁତ କରିବାକୁ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆର୍‌ଡିଏ ଅମୃତ ଋତୁରାଜ, ଗୁଣପୁର ଉପଜିଲାପାଳ ବି. ଏସ୍. ବଳିରାମ, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରତିନିଧି ଦୁର୍ଗା ପଣ୍ଡା ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସେହିପରି ଜିଲାରେ ସଫଳ କରୋନା ମୁକାବିଲା ନେଇ ମନ୍ତ୍ରୀ ଓ ଜିଲାପରିଷଦ ଅଧ୍ୟକ୍ଷ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ସାଙ୍ଗଠନିକ ଆଲୋଚନା ପାଇଁ କୋରାପୁଟ, ମାଲକାନଗିରିରେ ବିଜେଡିର ୨ନେତା

ଜୟପୁର/ମାଲକାନଗିରି, ୨୩।୫(ଡି.ଏନ.ଏ. )

ସାଙ୍ଗଠନିକ ଆଲୋଚନା ପାଇଁ ଶନିବାର ବିଜେଡିର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ପର୍ଯ୍ୟବେକ୍ଷକ ବିଧାୟକ ଚନ୍ଦ୍ରସାରଥି ବେହେରା କୋରାପୁଟରେ ପହଞ୍ଚିଛନ୍ତି। ଜିଲା ସଦରସ୍ଥିତ ସର୍କିଟ ହାଉସଠାରେ ଉଭୟେ ଜିଲାର ୩୦ ଜଣ ବରିଷ୍ଠ ସଦସ୍ୟଙ୍କ ସହିତ କୋଭିଡ୍-୧୯ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଯୋଜନା ଓ ସହାୟତା ନେଇ ଆଲୋଚନା କରିଥିଲେ। ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ବିଧାୟକ ରଘୁରାମ ପଡାଲ, ପ୍ରୀତମ ପାଢୀ, ପ୍ରଭୁ ଜାନି, ଡା.ଇନ୍ଦିରା ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ମାଲକାନଗିରି ଜିଲାର ସାଙ୍ଗଠନିକ ବୈଠକ କରିବାକୁ ଉଭୟ ନେତା ଯାଇଥିଲେ। ସେଠାରେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଉଭୟ ନେତା ଜିଲାରେ ଦଳୀୟସ୍ଥିତି ନେଇ ସମୀକ୍ଷା କରିଥିଲେ। ଗତ ନିର୍ବାଚନରେ ଦଳ ଭିତରେ କନ୍ଦଳ ଯୋଗୁ ଜିଲାରେ ଦଳର ବିପର୍ଯ୍ୟୟ ଘଟିଲା। ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ମିଳିବନାହିଁ ବୋଲି କର୍ମୀଙ୍କୁ ସତର୍କ କରାଇଦେଇଥିଲେ। ପୂର୍ବତନ ବିଧାୟକ ମାନସ ମାଡକାମି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଆଡମା ରାବା, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ରାଜେନ୍ଦ୍ର ପଣ୍ଡାଙ୍କ ସହ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେଠାରୁ କୋରାପୁଟ ଫେରିବେ। ରବିବାର ସର୍କିଟ ହାଉସଠାରେ ଜିଲାର କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରିବେ।

## ମାଲକାନଗିରି ଜିଲାରୁ ଚିହ୍ନଟ ହେଲେ ୫ କରୋନା ଆକ୍ରାନ୍ତ

**କାଲିମେଲାରୁ ୪, ଖଇରପୁଟରୁ ଜଣେ**

- ଜିଲାରେ ସଂଖ୍ୟା ୮ରେ ପହଞ୍ଚିଲା
- ଗ୍ରାମରେ କଣ୍ଟେନମେଣ୍ଟ ଜୋନ ଘୋଷଣା
- ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛି ଗଠିତ ଟିମ୍

କାଲିମେଲା/ମାଲକାନଗିରି, ୨୩।୫(ଡି.ଏନ.ଏ)

ମାଲକାନଗିରି ଜିଲାରେ ଦିନକୁ ଦିନ କରୋନା ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଜିଲାର କାଲିମେଲା ବ୍ଲକରେ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ଶନିବାର ପୁଣି ଥରେ ଜିଲାରୁ ୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମାଲକାନଗିରି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଜିଲାରେ ପୂର୍ବରୁ ୩ ଜଣ ଚିହ୍ନଟ ହୋଇଥିଲେ। ନୂତନଭାବେ ଚିହ୍ନଟ ୫ ଜଣଙ୍କ ମଧ୍ୟରେ ୪ ଜଣ ପୁରୁଷ ଏବଂ ଜଣେ ମହିଳା ରହିଛନ୍ତି। ସେଥିରୁ କାଲିମେଲା ବ୍ଲକର ୪ ଜଣ ଥିବା ବେଳେ ଖଇରପୁଟ ବ୍ଲକର ଜଣେ। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। କାଲିମେଲାର ନୂଆ ୪ ଚିହ୍ନଟଙ୍କ ମଧ୍ୟରେ ଏମଭି-୭୨ ସଙ୍ଗରୋଧ ଗୃହରୁ ୩ ଜଣ ଥିବା ବେଳେ ପୁଶୁଗୁଡା ପଞ୍ଚାୟତ ଅଞ୍ଚଳର ଜଣେ ସ୍ୱାସ୍ଥ୍ୟକର୍ମୀ ରହିଥିବା ଜଣାପଡିଛି। ତେବେ ପଞ୍ଚାୟତରେ କରୋନା ରୋଗୀ ବାହାରିବା ପରେ ଲୋକଙ୍କ ମଧ୍ୟରେ ଭୟ ପ୍ରକାଶ ପାଇଛି। ପୁଶୁଗୁଡା ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ଗ୍ରାମକୁ କଣ୍ଟନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ଜଣକ କେଉଁଆଡେ ଯାଇଛନ୍ତି, କାହା ସଂସ୍ପର୍ଶରେ ଆସିଛନ୍ତି ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ତଦାରଖ କରୁଛନ୍ତି। ଗ୍ରାମକୁ ଅଗ୍ନିଶମ ବିଭାଗ ଦ୍ୱାରା ସାଇନିଟାଇଜ କରାଯିବା ସହ ଆଶାକର୍ମୀ ଅଙ୍ଗନୱାଡି ଓ ଏଏନଏମଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଜିଲା ପ୍ରଶାସନ ଗ୍ରାମ ଉପରେ ନଜର ରଖିଛି। ଗ୍ରାମରେ କାହାକୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି। ପୁଶୁଗୁଡା ସରପଞ୍ଚ ରାମା ରାବା ସମ୍ପୃକ୍ତ ଗ୍ରାମକୁ ଯାଇ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଣିବା ପାଇଁ ପରିବାରର ଜଣେ ବାହାରକୁ ଯାଇ ସାମଗ୍ରୀ ଆଣିବାକୁ କହିଛନ୍ତି।

## ମାଲକାନଗିରିରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଲା

ମାଲକାନଗିର,୨୩।୫(ଡି.ଏନ୍.ଏ.)

ମାଲକାନଗିରିଜିଲାରେ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଶନିବାର ତାପମାତ୍ରା ୪୫ ଡିଗ୍ରୀରେ ପହଞ୍ଚିଛି। ଲୋକେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ଏଥିଯୋଗୁ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସତୀଗୁଡା ଜଳଭଣ୍ଡାରର ଜଳସ୍ତର କମିବା ଦ୍ୱାରା ସଦର ମହକୁମାରେ ଜଳ ଯୋଗାଣରେ ବାଦା ସୃଷ୍ଟି ହେଉଛି। ବହୁ ସ୍ଥାନରେ ନଳକୂପଗୁଡିକ ଅଚଳ ହୋଇ ପଡିଛି। ଗ୍ରାମାଞ୍ଚଳରେ ଚୁଆ ପାଣି ହିଁ ଲୋକଙ୍କ ଭରସା ପାଲଟିଛି।

## ଥାନା ଭିତରେ ପଶି ଅଭିଯୁକ୍ତଙ୍କୁ ଧମକଚମକ

**ଅଭିଯୋଗ କଲେ ଏଆଇସିସି ସଦସ୍ୟ**

ଜୟପୁର,୨୩।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଟାଉନ ଥାନାରେ ଏକ ମିଥ୍ୟା ଅପପ୍ରଚାର ଅଭିଯୋଗରେ ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏହି ଅବସରରେ କେତେଜଣ ଭାଜପା ଏବଂ କଂଗ୍ରେସ ସମର୍ଥକ ଥାନା ଭିତରେ ପଶି ଅଭିଯୁକ୍ତଙ୍କୁ ଧମକଚମକ ଦେଇଛନ୍ତି। ଏନେଇ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ଘଟଣାକୁ ନେଇ ମିଥ୍ୟା ପ୍ରଚାର ଯୋଗୁ ୩ଜଣଙ୍କ ନାମରେ ମଙ୍ଗଳବାର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏଆଇସିସି ସଦସ୍ୟ ମହାପାତ୍ରଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ସେହିଦିନ ଅପରାହ୍ନରେ ଭାଜପାର କେତେଜଣ ସମର୍ଥକ ଏବଂ ତାଙ୍କ ବିରୋଧୀ କଂଗ୍ରେସର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଥାନା ଭିତରେ ପଶି ପୋଲିସ ସମ୍ମୁଖରେ ମହାପାତ୍ରଙ୍କୁ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ତାଙ୍କୁ ଆକ୍ରମଣ କରିବା ପାଇଁ ସେମାନେ ଆସିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ପୋଲିସ ସିସି କ୍ୟାମେରା ମଧ ଯାଞ୍ଚ କରିପାରିବ ବୋଲି ସେ କହିଛନ୍ତି। ଏନେଇ ଥାନା ଅଧିକାରୀ ବାଲେଶ୍ୱର ଗିଡ଼ିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏଆଇସିସି ସଦସ୍ୟ ମହାପାତ୍ର ଅଭିଯୋଗ କରିଛନ୍ତି। ତଦନ୍ତ ଏବଂ ଯାଞ୍ଚ ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ମହାପାତ୍ର ମୁଖ୍ୟମନ୍ତ୍ରୀ ଓ ଡିଜିଙ୍କୁ ଟୁଇଟ୍ ଯୋଗେ ଜଣାଇଥିଲେ। ଏନେଇ ସେଠାରୁ ନିର୍ଦ୍ଦେଶ ଆସିଛି। କୋରାପୁଟ ଏସ୍‌ପି ଏହି ଘଟଣାର ତଦନ୍ତ ଲାଗି ଆଇଆଇସି ଗିଡ଼ିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେସ୍ ନଂ. ୧୫୬/୨୦ରେ ମାମଲା ରୁଜୁ ହୋଇଛି। ବାହାର ରାଜ୍ୟରୁ ଫେରିଥିବା ଜଣେ ବ୍ୟକ୍ତିଙ୍କ ବିରୋଧରେ ଅପପ୍ରଚାର କରିବା ନେଇ ୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଏଆଇସିସି ସଦସ୍ୟ ମହାପାତ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

## ଅସମତିଙ୍କ କାନ୍ଧରେ ୪ ଭଉଣୀଭାଇଙ୍କ ଦାୟିତ୍ୱ

**ସଂଘର୍ଷ ଆଗରେ ହାର ମାନିଛି ଦାରିଦ୍ର୍ୟ**

- ୪ବର୍ଷ ତଳେ ଚାଲିଯାଇଥିଲେ ବାପା
- ଲକ୍‌ଡାଉନ ବେଳେ ଚାଲିଗଲେ ମାଆ

କୁନ୍ଦୁରା,୨୩।୫(ଡି.ଏନ.ଏ.)



ଅସହାୟ ୫ ଭଉଣୀଭାଇ ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ବାନ୍ଧିଆଗୁଡ଼ା ଗ୍ରାମରେ ବୈଶାଗୁ ମରିଚପୁଲିଆଙ୍କ ପରିବାର ବସବାସ କରନ୍ତି। ସୁରୁଖୁରୁରେ ପରିବାର ଚଳୁଥିବା ବେଳେ ପ୍ରଥମେ ୪ବର୍ଷ ତଳେ ବୈଶାଗୁଙ୍କ ମୃତ୍ୟୁ ହୋଇଥିଲା। ମାଆ ରଇଲା ମରିଚପୁଲିଆ (୩୦) କଷ୍ଟରେ ପିଲାଙ୍କୁ ଚଳାଉଥିଲେ। ଏବେ ନିକଟରେ ମାଆ ରଇଲାଙ୍କ ମୃତ୍ୟୁ ହୋଇଛି। ମାଆବାପାଙ୍କୁ ହରାଇ ୫ଝିଅପୁଅ ଅସମତି(୧୪), ଭଗବତୀ(୧୨), ମଧୁ(୧୦), ବଳରାମ(୮) ଏବଂ ସାନଝିଅ ସମାରୀ (୬) ବେସାହାରା ହୋଇପଡିଛନ୍ତି। ଏହି ଶିଶୁମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ୫ ଭଉଣୀଭାଇଙ୍କ ମଧ୍ୟରୁ ମଧୁ ଶାରୀରିକ ଭିନ୍ନକ୍ଷମ ସହ ମୂକ ଏବଂ ବଧିର। ବଡ ଭଉଣୀ ଅସମତିଙ୍କ କାନ୍ଧରେ ପଡିଛି ଏହି ୪ ଭଉଣୀଭାଇଙ୍କ ଭରଣପୋଷଣ ଦାୟିତ୍ୱ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଗୃହ ଅର୍ଦ୍ଧନିର୍ମିତ ହୋଇପଡିଛି। ସେମାନେ ପୈତୃକ ପୁରୁଣା ଜରାଜୀର୍ଣ୍ଣ ଘରେ ରହୁଛନ୍ତି। ୫ ଭଉଣୀଭାଇ ବାପାଙ୍କ ମୃତ୍ୟୁ ପରେ କେହି ପାଠପଢି ଯାଇନାହାନ୍ତି। ତେବେ ସାନଭଉଣୀଭାଇଙ୍କୁ ପାଠ ପଢାଇବାକୁ ମନସ୍ଥ କରିଛନ୍ତି ଅସମତି। ଏହି ପରିବାର ସମ୍ପର୍କରେ ଜାଣି ଶନିବାର କୁନ୍ଦୁରା ବ୍ଲକ ଭାଜପା ସଭାପତି ବଦ୍ରିନାରାୟଣ ଆଚାର୍ଯ୍ୟ, ଲିମା ସରପଞ୍ଚ ଧନପତି ପରିଜା, ଗୋପାଳ ସାବତ, ତରୁଣୀ ବିଷୋୟୀ ପ୍ରମୁଖ ସେମାନଙ୍କ ନିକଟରେ ପହଞ୍ଚି ସହାୟତା କରିଛନ୍ତି। ସେମାନଙ୍କୁ ୨୫ କେ.ଜି. ଚାଉଳ, ୧୨ଶହ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଦେଇଛନ୍ତି। କୌଣସି ଅସୁବିଧା ହେଲେ ସେମାନଙ୍କୁ କହିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏହି ନିଃସହାୟ ପରିବାରର ୫ ଭଉଣୀଭାଇଙ୍କୁ ସହାୟତା କରିବା ଲାଗି ସାଧାରଣରେ ମତ ପ୍ରକାଶ ପାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ମେ ୨୪/୨୦୨୦ Sunday, May 24/2020




## ବିଏମ୍‌ଡବ୍ଲ୍ୟୁ ଆଣିଲା ନୂଆ ବାଇକ୍

**ନୂଆଦିଲ୍ଲୀ,୨୩।୫:** ବିଏମ୍‌ଡବ୍ଲ୍ୟୁ ମୋଟରାଡ୍ ଇଣ୍ଡିଆ ପକ୍ଷରୁ ନୂଆ ବିଏମ୍‌ଡବ୍ଲ୍ୟୁ ଏଫ୍୯୦୦ ଆର୍ ଏବଂ ବିଏମ୍‌ଡବ୍ଲ୍ୟୁ ଏଫ୍ ୯୦୦ ଏକ୍ସଆର୍ ମଡେଲକୁ ଭାରତ ବଜାରରେ ପ୍ରବେଶ କରାଇଛି। କମ୍ପାନୀର ଏହି ବହୁ ପ୍ରତୀକ୍ଷିତ ମଡେଲ ବିଏମ୍‌ଡବ୍ଲ୍ୟୁ ମୋଟରାଡ ଡିଲର ନେଟ୍‌ୱର୍କ ଦ୍ୱାରା ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ। ଫ୍ରିଡମ, ମଡର୍ନ ଲାଇଫ ଷ୍ଟାଇଲ, ଡାଇନାମିକ ଭଳି ପ୍ରମୁଖ ଦିଗକୁ ବିଚାରକରି କମ୍ପାନୀ ଏହି ମଡେଲକୁ ପ୍ରସ୍ତୁତ କରିଛି। ମଡେଲଗୁଡିକରେ ସ୍ପୋର୍ଟ ଷ୍ଟାଇଲ ଡିଜାଇନ, ଡାଇନାମିକ କପଲ୍ଡ ଏବଂ ପରଫରମାନ୍ସ ଗ୍ରାହକ ଲାଭ କରିପାରିବେ। ମଡେଲଗୁଡିକର ବଜାର ଦର ୯.୯୦ ଲକ୍ଷ ଟଙ୍କାରୁ ୧୧.୫୦ ଲକ୍ଷ ଟଙ୍କା ରହିଛି। ନୂଆ ମଡେଲଗୁଡିକ ମୋଟର ସାଇକେଲ ଉତ୍ସାହୀଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ଆକ୍ଟିଂ ସଭାପତି ଅର୍ଲାଣ୍ଡୋ ଟେଇଜେଇରା ସୂଚନା ଦେଇଛନ୍ତି।

# ବଢୁଛି ଆମେରିକା ଅତି ଧନୀଙ୍କ ସମ୍ପତ୍ତି



- ମହାମାରୀର ପ୍ରଭାବ ନାହିଁ
- ଟେକ୍ନୋଲୋଜି କମ୍ପାନୀଗୁଡ଼ିକର ପ୍ରତିଷ୍ଠାତା ସାମିଲ
- ସମ୍ପତ୍ତିରେ ପ୍ରାୟ ୧୦% ବୃଦ୍ଧି

**ନୂଆଦିଲ୍ଲୀ,୨୩।୫**

କରୋନା ପାଇଁ ସାରା ବିଶ୍ୱ ଏବେ ସଙ୍କଟ ସମୟ ଦେଇ ଗତି କରୁଛି। ଭୂତାଣୁକୁ ରୋକିବା ଲାଗି ବିଭିନ୍ନ ଦେଶ ଲକ୍‌ଡାଉନ ହେବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ପଡ଼ିଛି। କରୋନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମହାମାରୀ ଘୋଷଣା କରିଛି। ଏଭଳି ସମୟରେ ବାଣିଜ୍ୟ କାରବାର କ୍ଷତି ହେଉଥିବା ବେଳେ ଛଟେଇ ଭଳି ଘଟଣା ସାମ୍ନାକୁ ଆସିଛି। ମାତ୍ର ଆମେରିକାର ଅତି ଧନୀଙ୍କ ମୋଟ ମିଳିତ ସମ୍ପତ୍ତି କଥା ବିଚାରକୁ ନେଲେ ଏଥିରେ ବୃଦ୍ଧି ଘଟୁଥିବା ଜଣାପଡ଼ିଛି। ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ ଏବଂ ଟେସ୍‌ଲାର ମୁଖ୍ୟ ଏଲୋନ ମସ୍କଙ୍କ ଭଳି ବ୍ୟକ୍ତିବିଶେଷଙ୍କ ସମ୍ପତ୍ତି ପ୍ରାୟ ୧୦% ବୃଦ୍ଧି ଘଟିଛି। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପଲିସି ଷ୍ଟଡିଜ୍ (ଆଇପିଏସ୍) ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ତଥ୍ୟ ରହିଥିବା ଜଣାପଡ଼ିଛି।

ଗୋଟିଏ ପଟେ ଆମେରିକାର ଅତି ଧନୀଙ୍କ ସମ୍ପତ୍ତି ବଢୁଥିବା ବେଳେ ପ୍ରାୟ ୨୨ ନିୟୁତ ଲୋକ ବେକାରି ପାଇଁ ସରକାର ସୁବିଧା ସୁଯୋଗ ପ୍ରଦାନ କରନ୍ତୁ ବୋଲି ଫାଇଲିଂ କରିଥିବା ରଏଟର୍ସ ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ବିଶ୍ୱ ମାନ୍ଦାବସ୍ଥା ସହ ଜୁଝୁଥିବା ବେଳେ କରୋନା ଏହି ସମସ୍ୟାକୁ ଆହୁରି ବଢାଇ ଦେଇଛି। ଲୋକମାନେ ବର୍ତ୍ତମାନ ଘରୁ କାମ କରୁଛନ୍ତି। ଟେକ୍ନୋଲୋଜି ଏବଂ ଭିଡିଓ କନ୍‌ଫରେନ୍ସିଂ ଆପ୍‌ଗୁଡ଼ିକର ଚାହିଦା ବଢ଼ିଛି। ଫଳରେ କମ୍ପାନୀଗୁଡ଼ିକର ବିଲିୟନେୟାର ପ୍ରତିଷ୍ଠାତାଙ୍କ ନେଟ୍‌ୱର୍ଥ ବଢୁଥିବା ଦେଖାଯାଉଛି। ଚଳିତ ବର୍ଷ ଜାନୁୟାରୀରୁ ଏପ୍ରିଲ ଯାଏ ଆମେରିକାର ୩୪ ବିଲିୟନାରୀଙ୍କ ସମ୍ପତ୍ତିରେ ଏଭଳି ବୃଦ୍ଧି ଦେଖାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଆଇପିଏସ୍ ରିପୋର୍ଟ ମୁତାବକ, ୮ ବିଲିୟନେୟାରଙ୍କ ମୋଟ ସମ୍ପତ୍ତିରେ ୧ ବିଲିୟନ ଲେଖାଏ ବୃଦ୍ଧି ଘଟିଛି। ଜେଫ୍ ବେଜୋସ, ଜୁମ୍ ଭିଡିଓ କମ୍ୟୁନିକେଶନ୍ସ ଇଙ୍କ୍‌ର ପ୍ରତିଷ୍ଠାତା ଏରିକ୍ ଉଆନ, ଏଲନ ମସ୍କ ରହିଛନ୍ତି। ଟେସ୍‌ଲାରେ ୧୮.୫% ଅଂଶଧନ ରହିଛି । ଚଳିତ ବର୍ଷ ଆରମ୍ଭରୁ କମ୍ପାନୀର ଶେୟାରରେ ୭୩% ବୃଦ୍ଧି ଘଟିଛି। ଜେଫ୍ ବେଜୋସ ଆମାଜନର ୧୫.୧% ଷ୍ଟକ୍ ହାସଲ କରିଥିବା ବେଳେ ଏଥିରେ ୩୧% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଲୋକମାନେ ବର୍ତ୍ତମାନ ଘରେ ରହୁଥିବାରୁ ଅନ୍‌ଲାଇନ ଅର୍ଡରରେ ବୃଦ୍ଧି ଦେଖାଯାଇଛି। ଗତ ଦଶନ୍ଧିରେ ୟୁଏସ୍ ବିଲିୟନେୟାରଙ୍କ ସମ୍ପତ୍ତିରେ ୮୦.୬% ବୃଦ୍ଧି ହୋଇଥିଲା।

## ଅଗଷ୍ଟ ପୂର୍ବରୁ ମିଳିପାରେ ଅନ୍ତର୍ଜାତୀୟ ବିମାନ ସେବା

**ନୂଆଦିଲ୍ଲୀ,୨୩।୫:** କରୋନା ପାଇଁ ବର୍ତ୍ତମାନ ସାରା ଦେଶରେ ବିମାନ ସେବା ବନ୍ଦ ରହିଛି। ଚଳିତ ମାସ ୨୫ ତାରିଖରୁ ଘରୋଇ ବଜାରରେ ବିମାନ ସେବା ପୁଣି ଥରେ ଶୁଭାରମ୍ଭ କରିବା ଲାଗି ସରକାର ନିକଟରେ ଘୋଷଣା କରିଛନ୍ତି। ସେହିଭଳି ଅଗଷ୍ଟ ପୂର୍ବରୁ ଅନ୍ତର୍ଜାତୀୟ ବିମାନ ସେବା ଲୋକଙ୍କୁ ମିଳିପାରେ। ଏହାପୂର୍ବରୁ ଉକ୍ତ ସେବା ଯୋଗାଇଦେବାକୁ ସରକାର ଚେଷ୍ଟା କରିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର ସୂଚନା ଦେଇଛନ୍ତି। ସ୍ଥିତିକୁ ଦେଖି ସରକାର ସବୁ ପ୍ରକାର ପଦକ୍ଷେପ ନେବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। କରୋନା ଭାଇରସ୍ ଜନିତ ଲକ୍‌ଡାଉନ ଲାଗି ସରକାର ମାର୍ଚ୍ଚ ୨୫ଠାରୁ ସବୁ ଫ୍ଲାଇଟ ସେବାକୁ ବନ୍ଦ କରିଦେଇଛନ୍ତି। ବନ୍ଦେ ଭାରତ ମିଶନ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୫୦ ହଜାର ଲୋକଙ୍କୁ ବିଦେଶରୁ ଫେରାଇ ଅଣାଯାଇଛି। ପରିବର୍ତ୍ତିତ ଆଇନ ଅନୁସାରେ ଲୋକଙ୍କୁ ବିମାନ ସେବା ଉପଲବ୍ଧ ହେଉଛି।

## ୨.୯ କୋଟି ଭାରତୀୟଙ୍କ ଡାଟା ଚୋରି



**ନୂଆଦିଲ୍ଲୀ,୨୩।୫:** ଦିନକୁ ଦିନ ସାଇବର କ୍ରିମିନାଲଙ୍କ ପ୍ରାଦୁର୍ଭାବ ବୃଦ୍ଧି ହେଉଛି। ସାବଧାନ ନ ହେଲେ ଅନେକ କ୍ଷତି ସହିବାକୁ ପଡୁଥିବା ଦେଖାଯାଇଛି। ନିକଟରେ ଆଉ ଏକ ବଡ ଧରଣର ଡାଟା ଚୋରି ଘଟଣା ସାମ୍ନାକୁ ଆସିଛି। ନିଯୁକ୍ତି ସନ୍ଧାନରେ ରହିଥିବା ୨.୯ କୋଟି ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ସାଇବର ଅପରାଧୀମାନେ ଚୋରି କରିଥିବା ଜଣାପଡିଛି। ଡାର୍କୱେବ୍‌ରୁ ଏହି ଡାଟା ଚୋରି ହୋଇଥିବା ଅନ୍‌ଲାଇନ ଇଣ୍ଟେଲିଜେନ୍ସ ଫାର୍ମ ସାଇବଲ ପକ୍ଷରୁ ସୂଚନା ଦିଆଯାଇଛି। ଫେସ୍‌ବୁକ୍ ଏବଂ ଭାରତୀୟ ଟେକ୍ନୋଲୋଜି ଫାର୍ମ ଅନଆକାଡେମି କମ୍ପାନୀ ଉପରେ ହ୍ୟାକିଂ ହୋଇଥିବା ସାଇବଲ ନିକଟରେ ସ୍ପଷ୍ଟ କରିଥିଲା। ଡାଟା ଚୋରି ଘଟଣା ବିଭିନ୍ନ ସମୟରେ ଦେଖାଯାଇଥାଏ। ହେଲେ ଏହି ଘଟଣାରେ ବିଶେଷକରି ଶିକ୍ଷା ଏବଂ ଠିକଣାକୁ ସାଇବର କ୍ରିମିନାଲମାନେ ଚୋରି କରିଥିବା ସାଇବଲ ଏହାର ବ୍ଲଗ୍‌ରେ ଉଲ୍ଲେଖ କରିଛି। କେଉଁ ସୋର୍ସରୁ ଡାଟା ଲିକ୍ ହୋଇଛି ସେ ଉପରେ କମ୍ପାନୀ ବର୍ତ୍ତମାନ ବିଚାର କରୁଛି।

## ଆଇବିଏମ୍‌ରୁ ହଜାରେ ଛଟେଇ

**ନୂଆଦିଲ୍ଲୀ, ୨୩।୫:** ସାରା ବିଶ୍ୱରେ କରୋନା ମହାମାରୀ କାୟାବିସ୍ତାର କରିଚାଲିଛି। ଏହି ମହାମାରୀର ପ୍ରଭାବ ସବୁ ସ୍ତରରେ ଦେଖିବାକୁ ମିଳିଛି। ଆମେରିକାର ପ୍ରମୁଖ ଟେକ୍ନୋଲଜି କମ୍ପାନୀ ଆଇବିଏମ୍ ଏହା ଦ୍ୱାରା ପ୍ରଭାବିତ ହୋଇଛି। ୨ମାସ ତଳେ ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା କମ୍ପାନୀର ସିଇଓ ଅରବିନ୍ଦ କ୍ରିଷ୍ଣା ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କମ୍ପାନୀ କୋଭିଡ୍-୧୯ ମହାମାରୀ ପାଇଁ କମ୍ପାନୀ ବାଣିଜ୍ୟିକ କ୍ଷତି ମଧ୍ୟ ସହୁଛି। ଏହି କାରଣରୁ କମ୍ପାନୀ ତା'ର ଏକ ହଜାର କର୍ମଚାରୀଙ୍କୁ ଛଟେଇ କରିଥିବା ସୂଚନା ଦେଇଛି। ଛଟେଇର ପ୍ରଭାବ ଭାରତ ଉପରେ ମଧ୍ୟ ପଡିବ ବୋଲି ଜଣାପଡିଛି।

## ହିରୋ କୋଲାବ୍ସ ଡିଜାଇନ ଚ୍ୟାଲେଞ୍ଜ ବିଜେତା

**ନୂଆଦିଲ୍ଲୀ,୨୩।୫:** ହିରୋ ମୋଟୋକର୍ପ ପକ୍ଷରୁ ଏହାର ହିରୋ କୋଲାବ୍ସ ଦି ଡିଜାଇନ ଚ୍ୟାଲେଞ୍ଜର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ବାଙ୍ଗାଲୋରର ରେସ୍‌ମା କେଡି ଚ୍ୟାଲେଞ୍ଜର ୧ର ବିଜେତା ହୋଇଥିବା ବେଳେ ନାଗେରକୋଏଲର ଭେଙ୍କଟେଶ ଆର୍ ଚ୍ୟାଲେଞ୍ଜ-୨ ବିଜେତା ହୋଇଛନ୍ତି। ଉଭୟ ବିଜେତାଙ୍କୁ ଗ୍ରାଣ୍ଡ ପୁରସ୍କାର ଭାବେ ହିରୋ ଏକ୍ସପଲସ ୨୦୦ ମଡେଲ ପ୍ରଦାନ କରାଯିବ। ଏପ୍ରିଲ ୭ରେ ଆରମ୍ଭ ହୋଇଥିବା ଏହି ଚ୍ୟାଲେଞ୍ଜ ପ୍ରଫେଶନାଲ, ଛାତ୍ରୀଛାତ୍ର, ବ୍ରାଣ୍ଡ ଫ୍ୟାନ ଏବଂ ଉତ୍ସାହୀଙ୍କୁ ଡିଜାଇନ କୌଶଳ ଏବଂ ସୃଜନୀ ଦେଖାଇବାକୁ ସୁଯୋଗ ଦେଇଥିଲେ। ମୋଟ ୧୦ ହଜାର ପଞ୍ଜୀକରଣ ଏହା ଲାଭ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ବିଜେତା ଚୟନ କରାଯାଇଛି।

# ଖେଳ ଖବର

## ପ୍ରଥମେ ଟ୍ରେନିଂ ଆରମ୍ଭ କଲେ ଶାର୍ଦ୍ଦୁଳ



**ପାଲ୍‌ଘର୍ (ମହାରାଷ୍ଟ୍ର), ୨୩।୫:** ପେସ୍ ବୋଲର ଶାର୍ଦ୍ଦୁଳ ଠାକୁର ଶନିବାର ଆଉଟ୍‌ଡୋର୍ ଟ୍ରେନିଂ ଆରମ୍ଭ କରିଛନ୍ତି। ଲକ୍‌ଡାଉନ୍‌ରେ ଦୁଇମାସ ଘରେ ରହିବା ପରେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ସେ ଟ୍ରେନିଂ ଆରମ୍ଭ କରିଛନ୍ତି। ଠାକୁର ଭାରତ ତରଫରୁ ଗୋଟିଏ ଟେଷ୍ଟ, ୧୧ ଅନ୍ତର୍ଜାତୀୟ ଦିନିକିଆ ଓ ୧୫ ଟି୨୦ ଖେଳିଛନ୍ତି। ମହାରାଷ୍ଟ୍ରର ପାଲ୍‌ଘର୍ ଜିଲା ଅନ୍ତର୍ଗତ ସ୍ଥାନୀୟ ବୈସାର ଗ୍ରାଉଣ୍ଡରେ କେତେଜଣ ଘରୋଇ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିଛନ୍ତି। ଗ୍ରୀନ ଓ ଅରେଞ୍ଜ ଜୋନ୍‌ରେ ବିନା ଦର୍ଶକଙ୍କ ଉପସ୍ଥିତିରେ ଷ୍ଟାଡିୟମରେ ଖେଳାଳିମାନଙ୍କୁ ବ୍ୟକ୍ତିଗତ ଭାବେ ଟ୍ରେନିଂ ପାଇଁ ଅନୁମତି ଦେଇଛନ୍ତି ମହାରାଷ୍ଟ୍ର ସରକାର। ଏଠାରେ ପ୍ରୋଟୋକଲକୁ କଡାକଡ଼ି ଭାବେ ଅନୁପାଳନ କରାଯାଉଛି। ପ୍ରତ୍ୟେକ ବୋଲରଙ୍କୁ ନିଜସ୍ୱ କୀଟାଣୁମୁକ୍ତ ବଲ୍ ବ୍ୟବହାର କରିବା ଲାଗି କୁହାଯାଇଛି। ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଭ୍ୟାସ କରିବାକୁ ଆସୁଥିବା ବୋଲରମାନେ କୀଟାଣୁମୁକ୍ତ ବଲ୍ ଆଣୁଛନ୍ତି କି ନା ତାହା ପରୀକ୍ଷା କରାଯାଉଛି। ଖେଳାଳିମାନଙ୍କ ଶରୀର ତାପମାତ୍ରା ମଧ୍ୟ ଯାଞ୍ଚ କରାଯାଉଛି ବୋଲି ଅଫିସିଆଲ ଜଣକ କହିଛନ୍ତି।

## 'ବିସିସିଆଇର ବିଜୟ ହେବ'

**ନୂଆଦିଲ୍ଲୀ,୨୩।୫**



କରୋନା ଭାଇରସ ସଂକ୍ରମଣ ଜନିତ ପ୍ରଭାବରୁ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକ ସ୍ଥଗିତ ରହିଛି କିମ୍ବା ବାତିଲ ହୋଇଛି। ନିର୍ଦ୍ଧାରିତ ସମୟରେ ହୋଇ ନ ପାରିବାରୁ ଆଇସିସି ଟି୨୦ ବିଶ୍ୱକପ୍ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏହା ମଧ୍ୟରୁ ଆସନ୍ତା ଅକ୍ଟୋବର-ନଭେମ୍ବରରେ ଗୋଟିଏ ପ୍ରତିଯୋଗିତା ଆୟୋଜନ ସମ୍ଭବ ହେବ। ଅର୍ଥାତ୍ ଟି୨୦ ବିଶ୍ୱକପ ବାତିଲ ହେଲେ ଯାଇ ଆଇପିଏଲ ସମ୍ଭବ ହୋଇପାରିବ। ଏ କ୍ଷେତ୍ରରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବିଜୟ ହେବ ଏବଂ ଟି୨୦ ବିଶ୍ୱକପ ପରିବର୍ତ୍ତେ ଆଇପିଏଲ ହିଁ ଆୟୋଜନ ହେବ ବୋଲି ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକର ଏକ ସପ୍ତାହ ପୂର୍ବରୁ ଏଭଳି ମତ ଦେଇଛନ୍ତି ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଇଆନ ଚାପେଲ। ଆଗାମୀ ଆଇସିସି ବୈଠକରେ ଟି୨୦ ବିଶ୍ୱକପ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବିସିସିଆଇ ବିରୋଧରେ କଡ଼ା ଆଭିମୁଖ୍ୟକୁ ଅପରିବର୍ତ୍ତିତ ରଖିଛନ୍ତି ଚାପେଲ। ବିଶ୍ୱକପରେ ୧୬ ଦଳ ଭାଗନେବାକୁ ଥିବାରୁ ଯୁକ୍ତିଯୁକ୍ତଭାବେ ଦେଖିଲେ ସାମ୍ପ୍ରତିକ ସ୍ଥିତିରେ ଆଇସିସି ପାଇଁ ନିଶ୍ଚିତ କଷ୍ଟକର ହେବ। ବିସିସିଆଇ ଯଦି ଅକ୍ଟୋବରରେ ଆଇପିଏଲ କରାଇବାକୁ ମନସ୍ଥ କରିଥାଏ ତେବେ ନିଶ୍ଚିତ ଏହାର ବାଟ ପାଇଯିବ ବୋଲି ଚାପେଲ କହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱକପ ସ୍ଥଗିତ ରଖିବାକୁ ବିସିସିଆଇ ଚାପ ପକାଇବ ନାହିଁ ବୋଲି ଏହାର କୋଷାଧ୍ୟକ୍ଷ ଅରୁଣ ଧୁମାଲ ପ୍ରକାଶ କରିଛନ୍ତି। ଆମେ ବୈଠକରେ ସବିଶେଷ ଆଲୋଚନା କରିବୁ। ଚୂଡ଼ାନ୍ତ ନିଷ୍ପତ୍ତି ଆଇସିସି ନେବ। ଯଦି ଅଷ୍ଟ୍ରେଲିଆ ସରକାର ବିଶ୍ୱକପ ଆୟୋଜନ ପାଇଁ ଘୋଷଣା କରନ୍ତି ଏବଂ କ୍ରିକେଟ ଅଷ୍ଟ୍ରେଲିଆ ଆତ୍ମବିଶ୍ୱାସର ସହ ଏହା ହୋଇ ପାରିବ ବୋଲି ଅନୁଭବ କରେ ତେବେ ବିସିସିଆଇ ଅନ୍ୟ କିଛି ପ୍ରସ୍ତାବ ଦେବନାହିଁ ବୋଲି ସେ କହିଛନ୍ତି।

## ଏଭରେଷ୍ଟ ଆରୋହୀ କଳ୍ପନାଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୩।୫(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହୀ କଳ୍ପନା ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୨୦୧୯ ମେ'ରେ ଦ୍ୱିତୀୟ ଥର ପାଇଁ ଏଭରେଷ୍ଟ ଆରୋହଣ ଅଭିଯାନରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଓଡ଼ିଶାର ଅନ୍ୟତମ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, ନିବେଦିତା ଆଚାର୍ଯ୍ୟ, ଚିନ୍ମୟ ମହାରଣା ଓ କଳ୍ପନାଙ୍କ ସହଯୋଗୀ ରଞ୍ଜିତ କଳିଙ୍ଗ ଷ୍ଟାଡିୟମ ସମ୍ମୁଖରେ ଏକତ୍ରିତ ହୋଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଢେଙ୍କାନାଳର କଳ୍ପନା ଓଡ଼ିଶାର ପ୍ରଥମ ମହିଳାଭାବେ ଶାଢ଼ି ପିନ୍ଧି ହିମାଳୟ ପର୍ବତ ଆରୋହଣ କରି ସୁନାମ ସାଉଁଟିଥିଲେ।

## ମନେ ପଡ଼ନ୍ତି

### ୩୧ ବର୍ଷ ସ୍ମୃତିରେ



ଁ ଶାରଦା ପ୍ରସାଦ ମିଶ୍ର
ଆରକ୍ଷୀ ଉପ-ଅଧୀକ୍ଷକ(ଓ.ପି.ଏସ୍)
ପ୍ଲଟ ନଂ.-୫, ଜାତୀୟ ରାଜପଥ, ଭୁବନେଶ୍ୱର-ପୁରୀ ରାସ୍ତା
ପ୍ଲଟ ନଂ. ୫୧୯/୨୦୧୬, ମହାବୀରନଗର, ସାମନ୍ତରାପୁର
ପ୍ଲଟ ନଂ. ୫୧୫, ମହାବୀରବଜାର, ସାମନ୍ତରାପୁର
ଆବିର୍ଭାବ: ୦୫.୦୬.୧୯୩୫, ବ୍ରାହ୍ମଣଶାସନ,ତାଳଚେର
ତିରୋଧାନ: ୦୫.୦୬.୧୯୮୯,ଭୁବନେଶ୍ୱର
ପିତା : ଁଶ୍ରୀନାଥ ମିଶ୍ର, ମାତା : ଁଅବନ୍ତୀ ଦେବୀ
ଆଜି ପବିତ୍ର ଦ୍ୱିତୀୟା ତିଥିରେ କରୁଣାମୟ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ଲୋତକଭରା ଶ୍ରଦ୍ଧାଞ୍ଜଳି।
ପତ୍ନୀ: ପଦ୍ମାବତୀ ମିଶ୍ର, ପୁତ୍ର: ବିଦ୍ୟୁ, ଆଲୋକ, ମାନସ ଓ ଆଶିଷ, ବୋହୂ: ମମତା, ଦିପ୍ତୀ ଓ ଜ୍ୟୋତ୍ସ୍ନା,ଝିଅ - ଜ୍ୱାଇଁ: ନିଭା-ବସନ୍ତ ଓ ଆଭା-ସୁବାସ, ନାତିନାତୁଣୀ, : ଗୁଡୁ, ସୋମା, ଗୁଗୁଲ, ସୋନୁ, ଶତାବ୍ଦୀ, ବିଶାଳ, ଆଦିତ୍ୟ, ମାମା-ମିଲୁ, ସୀମା-ଆଶିଷ (ନାତୁଣୀ ଜ୍ୱାଇଁ), ଅଣନାତୁଣୀ-ଡ଼ୋନା ବନ୍ଧୁ ଓ ପରିବାରବର୍ଗ। ପଦ୍ମା କାର ମାର୍ଟ-୫-କଟକ ରୋଡ,ପଦ୍ମା କମ୍ପ୍ଲେକ୍ସ-୫-ଭୁବନେଶ୍ୱର ପୁରୀ ରୋଡ୍
ଧ-୬୯୩୧୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପଙ୍କଜିନୀ ପାଢୀ
ଯାଁଳା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୯।୧୯୪୦ (ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମା)
ତିରୋଧାନ: ୧୩।୦୫।୨୦୨୦ (ଜ୍ୟେଷ୍ଠ କୃଷ୍ଣ ସପ୍ତମୀ)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଚାହୁଁ ଚାହୁଁ ବାରଦିନ ବିତିଗଲା, ତୁମର ସେହି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ଓ ସୌଜନ୍ୟତା:-
ପୁତ୍ର: ସିଲୁ, ମାମୁ ପୁଅ ଭାଇ: ଟୁଲୁ ।
ଧ-୧୭୩୩୩

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋକନାଥ ରଥ
ଆବିର୍ଭାବ: ୨୭।୦୩।୧୯୪୩
ତିରୋଧାନ: ୦୯।୦୬।୨୦୧୩
ଆଜି ୭ମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ, ଯେଉଁଠି ଥାଅ ଭଲରେ ରୁହ।
-:ଆପଣଙ୍କର:-
ସ୍ତ୍ରୀ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୬୮୮୨୪

## ସେରେନାଙ୍କୁ ପଛରେ ପକାଇଲେ ଓସାକା

**ନ୍ୟୁୟର୍କ, ୨୩।୫:** ଜାପାନର ମହିଳା ଟେନିସ ତାରକା ନାଓମି ଓସାକା ବିଶ୍ୱର ସବୁଠାରୁ ଅଧିକ ଆୟକାରୀ ମହିଳା ଆଥଲେଟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ଆମେରିକାର ଅଭିଜ୍ଞ ମହିଳା ଟେନିସ ତାରକା ସେରେନା ୱିଲିୟମ୍ସଙ୍କୁ ପଛରେ ପକାଇଛନ୍ତି। ୨୦୧୮ରେ ୟୁଏସ୍ ଓପନ୍ ଓ ୨୦୧୯ରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ଜିତିଥିବା ୨୨ ବର୍ଷୀୟା ଓସାକା ଗତବର୍ଷ ପୁରସ୍କାର ରାଶି ତଥା ବିଜ୍ଞାପନ ମାଧ୍ୟମରେ ୩୭.୪ ମିଲିୟନ ଆମେରିକୀୟ ଡଲାର ବା ୨୮୪ କୋଟି ଟଙ୍କା ଆୟ କରିଥିଲେ। ସର୍ବାଧିକ ଆୟକାରୀ ଆଥଲେଟମାନଙ୍କୁ ନେଇ ଜଣାଶୁଣା ପତ୍ରିକା ଫୋର୍ବ୍ସ ମାଗାଜିନ୍ ଏକ ତାଲିକା ପ୍ରକାଶ କରିଛି। ଗତ ୧୨ ମାସ ମଧ୍ୟରେ ଓସାକା ସର୍ବାଧିକ ଆୟ କରିଛନ୍ତି। ଗତ ୪ ବର୍ଷଧରି ସେରେନା ଶୀର୍ଷରେ ରହିଆସୁଥିଲେ। ତେବେ ସେରେନାଙ୍କଠାରୁ ଓସାକା ଅଧିକ ୧.୪ ମିଲିୟନ ଡଲାର ଅର୍ଥ ଉପାର୍ଜନ କରିଛନ୍ତି। ୨୦୧୫ରେ ରୁଷିଆର ମାରିଆ ସାରାପୋଭା ୨୯.୭ ମିଲିୟନ ଆମେରିକୀୟ ଡଲାର ଆୟ କରି ରେକର୍ଡ କରିଥିଲେ। ତେବେ ସେରେନା ଓ ଓସାକା ସାରାପୋଭାଙ୍କ ରେକର୍ଡକୁ ଭାଙ୍ଗିବାରେ ସକ୍ଷମ ହୋଇଛନ୍ତି। ୧୯୯୦ରୁ ଫୋର୍ବ୍ସ ମାଗାଜିନ୍‌ରେ ସେରେନା ଏବଂ ୨୦୦୪ରୁ ସାରାପୋଭା ଶୀର୍ଷରେ ରହିଆସୁଥିଲେ। ୨୦୧୮ ୟୁଏସ୍ ଓପନ୍ ଫାଇନାଲରେ ସେରେନାଙ୍କୁ ହରାଇ ଟାଇଟଲ ଜିତିବା ସହ ଓସାକା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେରେନା ଏପର୍ଯ୍ୟନ୍ତ ୨୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

## ଗାଙ୍ଗୁଲି, ଶାହାଙ୍କ ପାଇଁ ସୁପ୍ରିମକୋର୍ଟରେ ବିସିସିଆଇ



**ନୂଆଦିଲ୍ଲୀ,୨୩।୫:** ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ କାର୍ଯ୍ୟକାଳକୁ ପୂରା ୩ ବର୍ଷକୁ ବୃଦ୍ଧି କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରୟାସ ଆରମ୍ଭ କରିଛି। ଜଷ୍ଟିସ୍ ଆର୍.ଏମ୍. ଲୋଧା ପ୍ୟାନେଲର ସଂସ୍କାରମୂଳକ ପ୍ରସ୍ତାବ ଅନୁସାରେ ଗାଙ୍ଗୁଲି ଓ ଶାହାଙ୍କୁ ଏବେ ୩ ବର୍ଷୀୟ କୁଲିଂ ଅଫ୍ ପିରିୟଡ ଦେଇ ଗତିକରିବାକୁ ହେବ। ବିସିସିଆଇର ପରିବର୍ତ୍ତିତ ସଂସ୍କାରମୂଳକ ସମ୍ବିଧାନ ଅନୁସାରେ ଗାଙ୍ଗୁଲିଙ୍କୁ ଜୁଲାଇ ଓ ଶାହାଙ୍କୁ ଜୁନ୍‌ରେ ଏହି ପିରିୟଡକୁ ଯିବାର କାର୍ଯ୍ୟକ୍ରମ ରହିଛି। ତେବେ ସମ୍ବିଧାନ ପରିବର୍ତ୍ତନ କରିବାକୁ ଓ ଏହି ଦୁଇଜଣ କ୍ରିକେଟ ପ୍ରଶାସକଙ୍କ କାର୍ଯ୍ୟକାଳ ପୂରା ୩ ବର୍ଷକୁ ବଢାଇବାକୁ ବିସିସିଆଇ ଏବେ ସୁପ୍ରିମକୋର୍ଟ ଯାଇଛି।

ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ସିଂ ଧୁମାଲ ଗତବର୍ଷ ଡିସେମ୍ବର ୧ ତାରିଖରେ କୁଲିଂ ଅଫ୍ ପିରିୟଡ ନେଇ ବୋର୍ଡ ସମ୍ବିଧାନରେ ପରିବର୍ତ୍ତନ କରାଯାଇଛି ବୋଲି ଦର୍ଶାଇଛନ୍ତି ଓ ସେ ଏ ନେଇ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି।

### ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



(ଜିନୁ)
ଶ୍ରେୟାଲିନ୍ ରାଉତ
ଇମାମ୍ ନଗର, ଜଗତପୁର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଈ, ମାମୁ, ଜେଜେ, ଜେଜେ ମାଆ, ବାବା, ମାମା, ଟିଟୁନ୍ ଦାଦା, ନାନା, ପିଇସା, ମଝିଆ ଜେଜେ, ମଝିଆ ମାଆ, ସାନ ଜେଜେ, ସାନ ମାଆ, ଲୁସି, ସୁସିଆ, ଗୁଡୁଲ୍, ପିଙ୍କନ୍, ଶ୍ରୀ, ସାଇନା ଓ ମାଧବ
ଧ-୧୭୩୨୪

### ୨୭ତମ ଜନ୍ମଦିନ ଶୁଭେଚ୍ଛା



ଅର୍ଚ୍ଚନା ବେହେରା
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର
ଆଜି ତୁମର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୬୬୬୩୮

### ଦ୍ୱିତୀୟ ଜନ୍ମଦିବସ ଶୁଭେଚ୍ଛା



ପରୀ ଗର୍ଗ
ରାଧାରାଣୀପଡ଼ା, ବଲାଙ୍ଗୀର
ସ୍ୱର୍ଗତ ବୀରବଳ ଅଗ୍ରୱାଲଙ୍କ ଅଣ ନାତୁଣୀ ପରୀ ଗର୍ଗଙ୍କ ଦ୍ୱିତୀୟ ଜନ୍ମଦିବସରେ ଅଗ୍ରୱାଲ ପରିବାର ତରଫରୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ। ତୋର ଚଲାପଥ କୁସୁମିତ ହେଉ ଏହାହିଁ ଭଗବାନଙ୍କଠାରେ ପ୍ରାର୍ଥନା।
ଧ-୧୭୩୩୭



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ